# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୮/୨୦୨୬ (୧୬ ପୃଷ୍ଠା) | Bhubaneswar, Wednesday, April 8/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 133 | ମୂଲ୍ୟ ₹୭/-




## ମୁକେଶଙ୍କୁ ସ୍ୱର୍ଣ୍ଣ ପଦକ

ୱାର୍ଲ୍ଡକପ୍ ମିକ୍ସଡ ଟିମ୍ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ପ୍ରତିଯୋଗିତାରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଭାରତୀୟ ଶୁଟର ପଲକ ଓ ମୁକେଶ ନିଲାଭାଲି।

୧୪

୧୨

## ଚର୍ଚ୍ଚାରେ ସଲମାନଙ୍କ ଫଟା ଜୋତା

ବଲିଉଡ୍ ସୁପରଷ୍ଟାର ସଲମନ ଖାଁ ପିନ୍ଧିଥିବା ଫଟା ଓ ପଲିସ୍ ହୋଇ ନ ଥିବା ଭଳି ଦିଶୁଥିବା ଜୋତାକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି।





ରାୟଗଡ଼ା ଜିଲା ଶାଗବାରି ଗ୍ରାମରେ ମଙ୍ଗଳବାର ପୋଲିସ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି।

# ବେଦାନ୍ତ ପାଇଁ ଲୋକଙ୍କୁ ଦମନ

ରାୟଗଡ଼ା ଜିଲା କାଶିପୁର ବ୍ଲକ ସିଜିମାଳି ବକ୍ସାଇଟ୍ ଖଣିକୁ ୨୦୨୩ ଫେବୃଆରୀ ୨୧ରେ ବେଦାନ୍ତ ଲିଜ୍ ନେବା ପରଠାରୁ ଏହାକୁ ସ୍ଥାନୀୟ ଆଦିବାସୀ ବିରୋଧ କରି ଆସୁଛନ୍ତି। ହେଲେ ଏହି ବିରୋଧକୁ ବେଦାନ୍ତ କମ୍ପାନୀ ଖାତିର ନ କରି ଜିଲା ପ୍ରଶାସନ ଏବଂ ପୋଲିସ ସହାୟତାରେ ସେଠାରେ ଜୋରଜବରଦସ୍ତ ରାସ୍ତା ନିର୍ମାଣ କରିବାକୁ ଚେଷ୍ଟା ଚଳାଇଛି, ଯାହାକି ମଙ୍ଗଳବାର ହିଂସା ସ୍ଥିତି ସୃଷ୍ଟି କରିଛି। ସକାଳେ ଜିଲା ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ଉପସ୍ଥିତିରେ ଶାଗବାରି ଗ୍ରାମଠାରୁ ୩ କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ସମୟରେ ପୋଲିସ-ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ଆନ୍ଦୋଳନକାରୀଙ୍କୁ ଦମନ କରିବାକୁ ଚେଷ୍ଟା କରିବା ବେଳେ ସେମାନେ କିଛି ନ ଶୁଣି ଏଇଟା ଆମ ଭିଟାମାଟି, ଆମ ମାଟିକୁ ବକ୍ସାଇଟ୍ ଖଣି ପାଇଁ ଆମେ ଦେଇପାରିବୁ ନାହିଁ ବୋଲି ସ୍ଲୋଗାନ୍ ଦେଇଥିଲେ। ପୋଲିସ ଲୋକଙ୍କୁ ଦମନ କରିବା ପାଇଁ ଲୁହବୁହା ଗ୍ୟାସ ବ୍ୟବହାର କରିଥିଲା। ଏପରିକି ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ୫୦ରୁ ଉର୍ଦ୍ଧ୍ୱ ଆନ୍ଦୋଳନକାରୀ ଆହତ ହୋଇଛନ୍ତି। ଅପରପକ୍ଷରେ ଲୋକଙ୍କ ଟେକାପଥର ମାଡ଼ରେ ଅନେକ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଶାଗବାରି ଅଞ୍ଚଳରେ ବିଏନ୍ଏସ୍ଏସ୍‌ର ୧୬୩ ଧାରା ଜାରି କରାଯାଇଛି।



ପୋଲିସ ଲାଠି ମାଡ଼ରେ ଆହତ ମହିଳା।

**୫୮ ପୋଲିସ, ୫୦ରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ ଆହତ**

" ସିଜିମାଳି ବକ୍ସାଇଟ୍ ଖଣି ପାଇଁ ଭିଟାମାଟି ଛାଡ଼ିବୁନାହିଁ

ରାୟଗଡ଼ା,୭।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଥିବା ସିଜିମାଳି ଖଣି ଅଞ୍ଚଳର ପୁରୁଲାଙ୍ଗଠାରୁ ଶାଗବାରି ଘାଟି ପର୍ଯ୍ୟନ୍ତ ପ୍ରାୟ ୩ କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ବେଦାନ୍ତ କମ୍ପାନୀ ପକ୍ଷରୁ କରାଯାଉଛି। ତେବେ ଏହି ନିର୍ମାଣ କାର୍ଯ୍ୟକୁ ସିଜିମାଳି ପାହାଡ଼ ଚତୁଃପାର୍ଶ୍ୱରେ ଥିବା ଗ୍ରାମବାସୀ ବିରୋଧ କରିଆସୁଛନ୍ତି। ମଙ୍ଗଳବାର ଭୋର ସମୟରେ ଜିଲା ପ୍ରଶାସନର ଅଧିକାରୀ ଏବଂ ପୋଲିସ ଶାଗବାରି ଗାଁରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଲୋକମାନେ ☞ପୃଷ୍ଠା-୪

# ଆଜି ସବୁ ଜିଲାରେ ବର୍ଷା

ଭୁବନେଶ୍ୱର,୭।୪(ବନ୍ଦନା ସେଠୀ)

ଓଡ଼ିଶା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଉପରବାୟୁ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଘୂର୍ଣ୍ଣିବଳୟଟି ସମୁଦ୍ର ପଉନଠାରୁ ୦.୯ କିମି ଉଚ୍ଚତାରେ ରହିଛି। ଏହାସହ ଏକ ଟ୍ରଫ୍‌ଲାଇନ ମଧ୍ୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସାରା ରାଜ୍ୟରେ ବର୍ଷା, ପବନ, ଘଡ଼ଘଡ଼ି ସହିତ କେତେକ ସ୍ଥାନରେ କୁଆପଥର ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବିଶେଷକରି ବୁଧବାର ମୟୂରଭଞ୍ଜ, କେନ୍ଦୁଝର ଏବଂ ଯାଜପୁର ଜିଲାରେ ଘଡ଼ଘଡ଼ି ବିଜୁଳି ସହ ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ବର୍ଷା ସମୟରେ ୫୦ରୁ ୬୦ କି.ମି. ବେଗରେ ପବନ ବୋହିବା ସମ୍ଭାବନା ଥିବାରୁ ଏହି ସମୟରେ ଆବଶ୍ୟକ ନ ପଡ଼ିଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ☞ପୃଷ୍ଠା-୪


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ସମ୍ପୂର୍ଣ୍ଣ ସଭ୍ୟତା ଧ୍ୱଂସ ହୋଇଯିବ

**ଇରାନକୁ ଟ୍ରମ୍ପଙ୍କ ଚେତାବନୀ**



ଡୋନାଲ୍ଡ ଟ୍ରମ୍ପ

ୱାଶିଂଟନ,୭।୪

ଇରାନ ଯୁଦ୍ଧବିରତି ଡିଲ୍ ନ କରିବା ଏବଂ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ନ ଖୋଲିବାର ଭୟାନକ ପରିଣାମ ହେବାକୁ ଯାଉଛି। ଦିବସ ଶେଷ ସୁଦ୍ଧା ଇରାନ ସଭ୍ୟତା ସମ୍ପୂର୍ଣ୍ଣ ଲୋପ ପାଇଯାଇପାରେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଛନ୍ତି। ସେ ଲେଖିଛନ୍ତି, ମଙ୍ଗଳବାର ରାତିରେ ସମ୍ପୂର୍ଣ୍ଣ ସଭ୍ୟତା ମରିଯିବ ଓ ଆଉ କେବେ ଫେରିବ ନାହିଁ। ତେବେ ସେ ତାହା ହେବାକୁ ଚାହୁଁ ନାହାନ୍ତି, କିନ୍ତୁ ସମ୍ଭବତଃ ଘଟିବାକୁ ଯାଉଛି ବୋଲି କହିଛନ୍ତି। ସ୍ଥିତିକୁ ଦେଖି ଶେଷ ମୁହୂର୍ତ୍ତରେ ଆକ୍ରମଣକୁ ସ୍ଥଗିତ ରଖାଯାଇପାରେ। ବିଶ୍ୱର ଦୀର୍ଘ ତଥା ଜଟିଳ ଇତିହାସରେ ମଙ୍ଗଳବାର ରାତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ଟ୍ରମ୍ପ କହିଛନ୍ତି।

ଇତିମଧ୍ୟରେ ଆମେରିକା ସେନା ଇରାନ ଉପରେ ଆକ୍ରମଣକୁ ଜୋର୍‌ଦାର କରିଛି। ମଙ୍ଗଳବାର ଆମେରିକାର ଏୟାରଷ୍ଟ୍ରାଇକ୍‌ରେ ଇରାନ୍‌ର ୨ଟି ବ୍ରିଜ୍ ଓ ଗୋଟିଏ ରେଳଷ୍ଟେଶନ କ୍ଷତିଗ୍ରସ୍ତ ହୋଇଛି। ଇରାନର ତୈଳ ହବ୍ ଖାର୍ଗ ଦ୍ୱୀପରେ ଥିବା ସାମରିକ ଟାର୍ଗେଟ୍‌ଗୁଡ଼ିକ ଉପରେ ଆମେରିକା ଆକ୍ରମଣ କରିଛି। ଏହି ଦ୍ୱୀପ ଉପରେ ଆମେରିକା ସେନାର ଏହା ଦ୍ୱିତୀୟ ଆକ୍ରମଣ। ପୂର୍ବରୁ ଇରାନକୁ ଦିଆଯାଇଥିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ମଣିପୁର ପାଇଁ ସମୟ ନାହିଁ


10001/20/2627

ଓଡ଼ିଆ ପକ୍ଷ ୨୦୨୬

ଓଡ଼ିଆ ପକ୍ଷ ୨୦୨୬ ରକ୍ତଦାନ ଅଭିଯାନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଜୟ ଜଗନ୍ନାଥ

ରକ୍ତଦାନ ଜୀବନ ଦାନ। ଗୋଟିଏ ଜୀବନ ବଞ୍ଚାଇବାର ଅନୁଭବ ଆମର ମଣିଷତ୍ୱକୁ ସାର୍ଥକ କରିଥାଏ। ଜଣେ ସୁସ୍ଥ ବ୍ୟକ୍ତି ରକ୍ତ ଦାନ କଲେ ସେହି ରକ୍ତ ଅନ୍ୟ ଜଣେ ଗ୍ରହଣ କରି ବଞ୍ଚିପାରିବ। ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା ଏପରି ଏକ ମହାନ୍ କାର୍ଯ୍ୟରେ ସାମିଲ୍ ହୋଇ ରକ୍ତଦାନର ପରମ୍ପରାକୁ ଆଗେଇ ନେବାକୁ ପ୍ରତ୍ୟେକ ଭାଇ ଓ ଭଉଣୀମାନଙ୍କୁ ମୋର ଅନୁରୋଧ।

ଓଡ଼ିଆ ପକ୍ଷ ପାଳନ ଅବସରରେ ଆସନ୍ତୁ, ଆମେ ସମସ୍ତେ ଶପଥ ନେଇ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରି ରକ୍ତର ଅଭାବରେ ଝରିପଡୁଥିବା ଅମୂଲ୍ୟ ଜୀବନ ବଞ୍ଚାଇବାରେ ସହାୟକ ହେବା।

ବନ୍ଦେ ଉତ୍କଳ ଜନନୀ

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-10001/10001/2/26-27/0001

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/



10001/21/2627

ଓଡ଼ିଆ ପକ୍ଷ ୨୦୨୬



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଆ ପକ୍ଷ ୨୦୨୬
୧-୧୪ ଅପ୍ରେଲ ୨୦୨୬

ରକ୍ତଦାନ ଅଭିଯାନ
୮ ଅପ୍ରେଲ ୨୦୨୬

ରକ୍ତଦାନ ଜୀବନ ଦାନ
ଆସନ୍ତୁ, ସ୍ୱେଚ୍ଛାକୃତ ରକ୍ତଦାନ କରି ଅମୂଲ୍ୟ ଜୀବନ ବଞ୍ଚାଇବାର ପୁଣ୍ୟ ଅର୍ଜନ କରିବା



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10001/ 10001/2/26-27/0002

# ୧୬ ବିଭାଗର ଖର୍ଚ୍ଚ ନୈରାଶ୍ୟଜନକ

- ଯୁବ ଓ କ୍ରୀଡ଼ା, ଇସ୍ପାତ ଏବଂ ଖଣି ଛୁଇଁନାହିଁ ୩୦%
- ୨୦ ହଜାର କୋଟି ଟଙ୍କା ବଢ଼ିଛି ବଜେଟ ଖର୍ଚ୍ଚ

ଭୁବନେଶ୍ୱର,୭।୪(ରବିନାରାୟଣ ଜେନା)

ଓଡ଼ିଶାକୁ ୨୦୩୬ ସୁଦ୍ଧା ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ଟିମ୍ ଲାଗିପଡ଼ିଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ସହିତ ବଜେଟ ଆକାର ମଧ୍ୟ ବୃଦ୍ଧି କରୁଛନ୍ତି। କେତେକ ବିଭାଗ ସରକାରଙ୍କ ନୀତିକୁ ଅନୁସରଣ କରି ଆଗକୁ ବଢୁଥିବାବେଳେ ୧୬ଟି ବିଭାଗ ସରକାରଙ୍କ ଗୋଡ଼ ପଛକୁ ଟାଣୁଛନ୍ତି। ବଜେଟ ବ୍ୟବସ୍ଥାବେଳେ ବିପୁଳ ଅର୍ଥର ବ୍ୟୟ ଅଟକଳ କରାଉଛନ୍ତି, ହେଲେ ତାହାକୁ ବର୍ଷକ ଭିତରେ ଖର୍ଚ୍ଚ କରିପାରୁନାହାନ୍ତି। ଏପରି କି କେତେକ ବିଭାଗ ୩୦% ଅର୍ଥ ମଧ୍ୟ ଖର୍ଚ୍ଚ କରିପାରୁନାହାନ୍ତି। ଫଳରେ ସରକାରଙ୍କ ସଫଳତା ଯେଉଁ ହାରରେ ରହିବା କଥା, ତାହା ରହୁନାହିଁ। ପୂର୍ବବର୍ଷ(୨୦୨୪-୨୫) ମାର୍ଚ୍ଚ ସୁଦ୍ଧା ୨ ଲକ୍ଷ ୩୧ ହଜାର ୬୧୩ କୋଟି ଖର୍ଚ୍ଚ ହୋଇଥିବାବେଳେ ୨୦୨୫-୨୬ ବର୍ଷରେ ଏହା ୨ ଲକ୍ଷ ୫୧ ହଜାର ୯୦୮ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ୨୦ ହଜାର କୋଟି ଟଙ୍କାରୁ ଅଧିକ ତଥା ପୂର୍ବବର୍ଷ ୭୮.୮% ବଜେଟ ଅର୍ଥ ଖର୍ଚ୍ଚ ତୁଳନାରେ ଗତବର୍ଷ ୨.୨ପ୍ରତିଶତ ଅଧିକ ଅର୍ଥ ଖର୍ଚ୍ଚ ହୋଇଛି। ଯଦି ସମ୍ପୃକ୍ତ ୧୬ ବିଭାଗ ଅନୁରୂପ ପରିମାଣର ବଜେଟ ଅର୍ଥ ଖର୍ଚ୍ଚ କରିଥାନ୍ତେ ତେବେ ଏହା ରାଜ୍ୟର ଭିତ୍ତିଭୂମି ସୁଦୃଢ଼ଠାରୁ ଆରମ୍ଭକରି ଅନ୍ୟାନ୍ୟ ଦିଗରେ ବିଶେଷ ସହାୟକ ହୋଇପାରିଥାନ୍ତା ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ଏପ୍ରିଲ ୪ରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକର ତଥ୍ୟ ଅନୁଯାୟୀ, ୨୦୨୫-୨୬ ଆର୍ଥିକବର୍ଷରେ ସବୁଠୁ ନୈରାଶ୍ୟଜନକ ପ୍ରଦର୍ଶନ କରିଛି ଇସ୍ପାତ ଓ ଖଣି ବିଭାଗ। ଏହି ବିଭାଗ ଗତ ବଜେଟରେ ୩୬୪.୫୩ କୋଟି ଖର୍ଚ୍ଚ କରିବାକୁ ବ୍ୟୟ ଅଟକଳ କରିଥିବାବେଳେ ସେଥିମଧ୍ୟରୁ ମାତ୍ର ୭୨ କୋଟି ଟଙ୍କା ଖର୍ଚ୍ଚ କରିଛି, ଯାହାକି ମାତ୍ର ୨୩.୭୮%। ସେହିପରି ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ ୨୭.୬୩% ଅର୍ଥ ଖର୍ଚ୍ଚ କରିଛି। ବିଭାଗ ପାଇଁ ଏହି ଅବଧି ମଧ୍ୟରେ ୧୧୪୨ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାବେଳେ ବିଭାଗ ମାତ୍ର ୧୭୪.୪୪ କୋଟି ଖର୍ଚ୍ଚ କରିଛି। ଏଥିରୁ ରାଜ୍ୟର କ୍ରୀଡ଼ା ଭିତ୍ତିଭୂମି କେତେ ସୁଦୃଢ଼ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଦୁଇ ବିଭାଗ ବଜେଟ ଅର୍ଥର ୩୦ପ୍ରତିଶତ ଖର୍ଚ୍ଚ କରିବାକୁ ସକ୍ଷମ ହୋଇ ନ ଥିବାବେଳେ ଗ୍ରାମ୍ୟ ଭିତ୍ତିଭୂମି ସୁଦୃଢ଼ କରିବା ଲାଗି ପଞ୍ଚାୟତିରାଜ ବିଭାଗ ମଧ୍ୟ ଅନୁରୂପ ପ୍ରଦର୍ଶନ ଦେଖାଇଛି। ବିଭାଗରେ ମାତ୍ର ୫୦ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। ଏହି ଅବଧି ମଧ୍ୟରେ ବିଭାଗ ପାଇଁ ୨୦ ହଜାର ୬୫୬ କୋଟିର ବଜେଟ ବ୍ୟବସ୍ଥା କରାଯାଇଥିବାବେଳେ ସେଥିରୁ ମାତ୍ର ୧୧ ହଜାର ୬୩୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ଶ୍ରମ ବିଭାଗ

୪୭.୪୮% ବଜେଟ ଅର୍ଥ ଖର୍ଚ୍ଚ କରିଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୬୭%, ଶିଳ୍ପ ବିଭାଗ ୫୪%, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୬୯%, ଏମ୍‌ଏସ୍‌ଏମ୍‌ଇ ବିଭାଗ ୪୫%, ରାଜସ୍ୱ ବିଭାଗ ୫୫% ଅର୍ଥ ଖର୍ଚ୍ଚ କରିଛି। ଏହାବାଦ୍ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଉଚ୍ଚଶିକ୍ଷା, ଜଳସମ୍ପଦ, ଅନୁସୂଚିତ ଜାତି ଓ ଜନଜାତି, ଗୃହ, ଜଙ୍ଗଲ ଓ ପରିବେଶ ବିଭାଗ ସରକାରଙ୍କ ହାରାହାରି ସଫଳତା ଛୁଇଁପାରି ନାହାନ୍ତି।

ଅନ୍ୟପକ୍ଷରେ ବାଣିଜ୍ୟ ବିଭାଗ ସର୍ବାଧିକ ୯୯.୯୮% ବଜେଟ ଅର୍ଥ ଖର୍ଚ୍ଚ କରିଥିବାବେଳେ ବିପର୍ଯ୍ୟୟ ଓ ପ୍ରଶମନ ବିଭାଗ ୯୯.୪୨%, ପରିବହନ ବିଭାଗ ୯୯.୧୯% ବଜେଟ ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛନ୍ତି। ଏହାବାଦ୍ ଅନ୍ୟାନ୍ୟ ବିଭାଗ ସରକାରଙ୍କ ବାର୍ଷିକ ଖର୍ଚ୍ଚ ହାରଠାରୁ ଆଗରେ ରହିଥିବା ଜଣାପଡ଼ିଛି।

# ବଜେଟରେ ୩୧ ନୂଆ ପଦକ୍ଷେପ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୪ (ସୁନିତ୍ ମିଶ୍ର)

ବଜେଟ କେବଳ ଆୟବ୍ୟୟର ତାଲିକା ନୁହେଁ ବରଂ ଏହା ଓଡ଼ିଶାର ସମଗ୍ର ଉନ୍ନତି ସହ ପ୍ରତ୍ୟେକ ନାଗରିକଙ୍କ ସ୍ୱପ୍ନ ପୂରଣର ଏକ ସୁଦୃଢ଼ ରୋଡ୍‌ମ୍ୟାପ୍ ବୋଲି ରାଜ୍ୟସ୍ତରୀୟ ବଜେଟ ସଚେତନତା କର୍ମଶାଳା ‘ଆମେ ଜାଣିବା, ଆମ ବଜେଟ’ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରଠାରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ଭିଜନ ସହ ତାଳ ମିଳାଇ ଆମ ସରକାର ୨୦୪୭ ସୁଦ୍ଧା ମୁଣ୍ଡ ପିଛା ଆୟ ୧.୮ ଲକ୍ଷ ଟଙ୍କାରୁ ୩୨ ଲକ୍ଷକୁ ବୃଦ୍ଧି କରିବା, ଜୀବନଧାରଣର ମାନରେ ଉନ୍ନତି ଆଣିବା, ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ ହ୍ରାସ କରିବା, ମହିଳା ଶ୍ରମିକଙ୍କ ଅଂଶଗ୍ରହଣକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା, ହାରାହାରି ଆୟୁଷକୁ ୮୦ ବର୍ଷରୁ ଅଧିକ କରିବା ଏବଂ ରକ୍ତହୀନତା ଓ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ଦୂର କରିବାକୁ ଲକ୍ଷ୍ୟ ରଖାଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ରାଜ୍ୟର ଦୀର୍ଘମିଆଦୀ ଭିଜନ୍ ସହ ସମନ୍ୱିତ ହୋଇ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ମୂଳଭିତ୍ତିକୁ ସୁଦୃଢ଼ କରିବ। ଚଳିତ ବଜେଟରେ କାର୍ଯ୍ୟକ୍ରମ ଓ ଯୋଜନା ମିଶି ୩୧ଟି ନୂଆ ପଦକ୍ଷେପ ନିଆଯାଇଛି। ଏହି ବଜେଟରେ ମୋଟ୍ ୩ ଲକ୍ଷ ୧୦ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ପୁଞ୍ଜି ବ୍ୟୟକୁ ବିଶେଷ ଗୁରୁତ୍ୱ ଦିଆଯାଇଥିବା ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଚଳିତ ବର୍ଷର ବଜେଟ ବିଗତ ବର୍ଷର ବଜେଟ ଆକଳନଠାରୁ ୭% ଅଧିକ । ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଆମେରିକୀୟ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଅସମ୍ଭବ ଲାଗୁଥିଲେ ମଧ୍ୟ ଏହାକୁ ସମ୍ଭବ କରିବାର ସାମର୍ଥ୍ୟ ଓଡ଼ିଆମାନଙ୍କ ପାଖରେ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଏହା ନିଶ୍ଚିତ ସମ୍ଭବ ହେବ। ଏହି ବଜେଟର ଭିତ୍ତିଭୂମି, ଶିଳ୍ପ, ପର୍ଯ୍ୟଟନ, କୃଷି, ନାରୀ ସଶକ୍ତୀକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଆଯାଇଛି। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର, ଜାତୀୟ ଜଳପଥ-୫ ଏବଂ ବିଭିନ୍ନ ନୂତନ କରିଡର ଓ ପୋର୍ଟ ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାକୁ ଏକ ଶକ୍ତିଶାଳୀ ଲଜିଷ୍ଟିକ ହବ୍‌ରେ ପରିଣତ କରାଯିବ। ପୁରୀରେ ଶାମୁକା ପ୍ରକଳ୍ପ ଏବଂ ଚିଲିକା ପୁନରୁଦ୍ଧାର ଯୋଜନା ରାଜ୍ୟର ପର୍ଯ୍ୟଟନକୁ ନୂତନ ଦିଗ ଦେବ ବୋଲି ସେ କହିଛନ୍ତି। ବଜେଟରେ ଗ୍ରାମୀଣ ଉନ୍ନୟନ, ରୋଜଗାର ସୃଷ୍ଟି ଓ ଦାଦନ ସମସ୍ୟାର ସମାଧାନ ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି। ମହିଳାଙ୍କ ପାଇଁ ବିଶେଷ ବ୍ୟୟବରାଦ ସହ ‘ସୁଭଦ୍ରା’ ଯୋଜନା, ଲକ୍ଷପତି ଦିଦି ଏବଂ ମୁଖ୍ୟମନ୍ତ୍ରୀ ସୁକନ୍ୟା ସୁମଙ୍ଗଳ ଭଳି ପଦକ୍ଷେପ ନିଆଯାଇଛି। ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ନୂତନ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ଓ ଆଇସିୟୁ ସୁବିଧା ସୃଷ୍ଟି ମାଧ୍ୟମରେ ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯିବ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ରାଜ୍ୟ ସରକାରଙ୍କ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ହେଉଛି ନାଗରିକ କେନ୍ଦ୍ରିକ। ସାଧାରଣ ଲୋକଙ୍କୁ ଦୃଷ୍ଟିରେ ରଖି ଏହି ବଜେଟ ପ୍ରସ୍ତୁତ ହୋଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ କଲେ କାର୍ଯ୍ୟାନୁଷ୍ଠାନ : ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୭।୪ (ରବିନାରାୟଣ ଜେନା)

ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଯଦି କୌଣସି ବ୍ୟବସାୟୀ ମହଜୁଦ କରି ରଖନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ରାଜ୍ୟ ଯୋଗାଣ ନିଗମ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବିଭିନ୍ନ ଜିଲା ବ୍ୟବସାୟୀ ସଂଘର ପ୍ରତିନିଧିମାନଙ୍କ ସହ ଆଲୋଚନା ଅବସରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ସବୁ ସମୟରେ ଖାଉଟିମାନଙ୍କ ଲାଗି ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ କରାଇବା ଓ ଯୋଗାଣ ଶୃଙ୍ଖଳକୁ ଅବ୍ୟାହତ ରଖିବା ଦିଗରେ ସମସ୍ତଙ୍କ ସହଯୋଗ ଲୋଡ଼ା। ସେହିପରି ବିଭିନ୍ନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି କିଭଳି ନିୟନ୍ତ୍ରଣରେ ରହିବ ଏବଂ ଖାଦ୍ୟସାମଗ୍ରୀର ବଜାର ଉପଲବ୍ଧତା ହେବ ତାହା ଉପରେ ଆଲୋଚନା କରିବା ସହିତ ସାମଗ୍ରୀର ଅନାବଶ୍ୟକ ମହଜୁଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ କୁବେରପୁରୀ ବ୍ୟବସାୟୀ ସଂଘ ସମ୍ପାଦକ ଶକ୍ତିଶଙ୍କର ମିଶ୍ର କହିଛନ୍ତି, ରାଜ୍ୟର ପ୍ରତ୍ୟେକ ଜିଲାରେ ପରିବା ମଣ୍ଡି ପ୍ରତିଷ୍ଠା ସହିତ ସ୍ୱତନ୍ତ୍ର ବ୍ୟବସାୟିକ ପେଣ୍ଠସ୍ଥଳ ନିର୍ମାଣ ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ଗୁରୁତ୍ୱର ଭାବେ ଗ୍ରହଣକରି ପଦକ୍ଷେପ ନେବାକୁ ମନ୍ତ୍ରୀ ପାତ୍ର ପ୍ରତିଶ୍ରୁତି ଦେଇଛନ୍ତି। ତେବେ ବୈଠକର ଆଲୋଚନା ଅନୁଯାୟୀ, ରାଜ୍ୟରେ ଚଳିତବର୍ଷ ଆଳୁସଙ୍କଟ ଦେଖାଦେବ ନାହିଁ। ମାତ୍ର କୁବେରପୁରୀରେ ଏବେ ଆଳୁ କେ.ଜି. ୫ ଟଙ୍କା ରହିଥିବାବେଳେ ଖୋଲା ବଜାରରେ ଏହା ୧୦ରୁ ୧୨ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ସରକାର ଏହା ଉପରେ କୌଣସି ଆଇନ ଆଣୁନାହାନ୍ତି, ଫଳରେ ଚାଷୀ କ୍ଷତିର ସମ୍ମୁଖୀନ ହେଉଥିବାବେଳେ ଅସାଧୁ ବେପାରୀ ଏହାର ଫାଇଦା ଉଠାଉଛନ୍ତି। କେଉଁ ପରିବା କେତେ ଦର୍‌ରେ, କେଉଁଠାରେ ବିକ୍ରି ହେବ ସେନେଇ ସରକାର ନିଶ୍ଚିତ କରିବାର ଆବଶ୍ୟକତା ରହିଛି ବୋଲି ଶକ୍ତିଶଙ୍କର କହିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ପୁରନ୍ଦର ଧରୁଆ, ବିପ୍ଳଣୀ ଗୁପ୍ତବାର୍ତ୍ତା ଉପନିର୍ଦ୍ଦେଶକ ଦୀପକ ଶତପଥୀ, ରାଜ୍ୟର ବିଭିନ୍ନ ବ୍ୟବସାୟୀ ସଂଘର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।


ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

## ବ୍ୟବସାୟୀଙ୍କ ଲାଭର ପ୍ରତିଶତ ନିର୍ଦ୍ଧାରିତ ହେଉ: ଶକ୍ତିଶଙ୍କର

# ୨୮୮ ଅଦରକାରୀ ଏବଂ ୮ ପ୍ରମୁଖ ଆଇନ ପ୍ରତ୍ୟାହାର ହେବ

ଭୁବନେଶ୍ୱର, ୭।୪ (ରବିନାରାୟଣ ଜେନା)

ଦେଶ ସ୍ୱାଧୀନତାକୁ ବହୁ ବର୍ଷ ବିତିଥିଲେ ମଧ୍ୟ ଅନେକ ଅଦରକାରୀ ଆଇନ ଏବେ ବି ବଳବତ୍ତର ରହିଛି। ମାତ୍ର ମଧ୍ୟସ୍ଥତା ଆଇନ ପ୍ରଣୟନ, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦିର ପ୍ରଣୟନ ଯୁଗୋପଯୋଗୀ ହୋଇପାରିଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ମଙ୍ଗଳବାର ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନର ଏକ ବର୍ଷ ପୂର୍ତ୍ତି ଅବସରରେ ବାର୍ଷିକ ରିପୋର୍ଟ ଉନ୍ମୋଚନ କରି ମନ୍ତ୍ରୀ କହିଛନ୍ତି, ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନ ପରେ ୨୮୮ଟି ଅଦରକାରୀ ଆଇନ ପ୍ରତ୍ୟାହାର ସହ ୮ଟି ପ୍ରମୁଖ ଆଇନର ସଂଶୋଧନ ପାଇଁ ପ୍ରସ୍ତାବ ଆସିଛି। ଏହାଦ୍ୱାରା ଆଇନ ବ୍ୟବସ୍ଥାରେ ସୁଧାର ଆସିବା ସହ ବିକଶିତ ଓଡ଼ିଶା ଗଠନ ସ୍ୱପ୍ନକୁ ପୂରଣ କରି ଓଡ଼ିଆ ଅସ୍ମିତାକୁ ଏକ ନୂଆ ଦିଗ ପ୍ରଦାନ କରିବ। ଏହି ଅବସରରେ ମନ୍ତ୍ରୀ ହରିଚନ୍ଦନ ଆଇନ ଆୟୋଗଙ୍କ ନୂତନ ୱେବ୍‌ସାଇଟ୍ https://law.odisha.gov.in/or/odisha-state-law-commissionର ଉଦ୍‌ଘାଟନ କରି କହିଥିଲେ, ଏହି ୱେବ୍‌ସାଇଟ୍ ପାରଦର୍ଶିତା ସୁନିଶ୍ଚିତ କରିବ ଏବଂ ଆଇନ ସଂଶୋଧନରେ ସାଧାରଣ ଲୋକଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେବ। ଏଥିସହିତ ଏହା ରାଜ୍ୟ ଆଇନଗୁଡ଼ିକର ଆଧୁନିକୀକରଣକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ସେହିପରି ବାର୍ଷିକ ରିପୋର୍ଟ ହେଉଛି ଆୟୋଗର ସତ୍ୟନିଷ୍ଠ ପ୍ରୟାସ ଏବଂ ସମର୍ପଣର ପ୍ରତିଫଳନ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ। ଏହି ଅବସରରେ ଲ’ କମିଶନ ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନ, କାର୍ଯ୍ୟଧାରା ଏବଂ ଲକ୍ଷ୍ୟ ପୂରଣ ଦିଗରେ କରିଥିବା କାର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଆଇନ ଆୟୋଗର ସଦସ୍ୟ ସୂର୍ଯ୍ୟପ୍ରସାଦ ମିଶ୍ର, ସୌରଚନ୍ଦ୍ର ମହାପାତ୍ର, ପ୍ରଫେସର ଲଳିତ କୁମାର ଦେବ ଏବଂ ସଦସ୍ୟ ସଚିବ ଗଙ୍ଗାଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ଆଇନ ଆୟୋଗଙ୍କ ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ

# ଲୋକଙ୍କୁ ଅବହେଳା ପଡ଼ିବ ମହଙ୍ଗା

- ଅଶାଳୀନ ଭାଷା ବ୍ୟବହାର କଲେ ଦଣ୍ଡିତ ହେବେ
- ସରକାରଙ୍କୁ ଲ’ କମିଶନଙ୍କ ପ୍ରସ୍ତାବ

ଭୁବନେଶ୍ୱର, ୭।୪ (ରବିନାରାୟଣ ଜେନା)

ସାଧାରଣ ଲୋକଙ୍କ ଦରଖାସ୍ତକୁ ଏଣିକି ଅଧିକାରୀମାନେ ଅଣଦେଖା କରିପାରିବେ ନାହିଁ। ଦରଖାସ୍ତ ପାଇ ଖାଲି ରସିଦ୍ ଦେଇ ଚୁପ୍ ବସିପଡ଼ିବେ ନାହିଁ। ଏଥିପାଇଁ ଏକ ଆଇନ ‘ରାଇଟ୍ ଟୁ ଆକ୍‌ନଲେଜ୍‌ମେଣ୍ଟ ଆକ୍ଟ’ ଅଣାଯିବ, ଯେଉଁଥିରେ ଦରଖାସ୍ତ ମିଳିବାର ୧୫ ଦିନ ମଧ୍ୟରେ ଏହାର ସମାଧାନ ହେବ। ଯଦି ଏହା ସମ୍ପୃକ୍ତ ଅଧିକାରୀଙ୍କ ଅଧୀନରେ ହେବନାହିଁ ତେବେ ଦର୍ଶାଇବେ, ନଚେତ୍ ଏହାକୁ ତାଙ୍କ ଅଧିକାରୀଙ୍କ ଚରିତ୍ର ପଞ୍ଜିକା(ସିସିଆର୍)ରେ ଦର୍ଶାଯିବ। ଏଭଳି ଭାବେ ଲୋକଙ୍କ ଦରଖାସ୍ତକୁ ଲ’ କମିଶନ ଗୁରୁତ୍ୱ ଦେଇ ଆଇନ ଆଣିବାକୁ ପ୍ରସ୍ତାବ ରଖିଛି ବୋଲି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି। ମଙ୍ଗଳବାର ରାଜ୍ୟ ଲ’ କମିଶନଙ୍କ ବର୍ଷପୂର୍ତ୍ତି ଅବସରରେ ଜଷ୍ଟିସ୍ ରଥ କହିଛନ୍ତି, ୭ ସପ୍ତାହ ଭିତରେ ଗୋଟିଏ ଦରଖାସ୍ତର ସମାଧାନ କରିବାକୁ ହେବ। ଯଦି ସାତ ସପ୍ତାହ ମଧ୍ୟରେ ଅଧିକାରୀ ଏହା ନ କରନ୍ତି, ତେବେ ସିସିଆର୍‌ରେ ଲେଖାଯିବ। ଜଣେ ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ଏହି ଦାୟିତ୍ୱ ଦିଆଯିବ। ସେ ଏସବୁର ତଦାରଖ କରିବେ। ବାସ୍ତବରେ ବିଚାର ହେଉଛି ନା ନାହିଁ। ଗ୍ରାମପଞ୍ଚାୟତ ଆକ୍ଟ, ପଞ୍ଚାୟତ ସମିତି ଆକ୍ଟ ଏବଂ ଜିଲା ପରିଷଦ ଆକ୍ଟ ରହିଛି। ଏଥିରେ ଯେଉଁ ଇଲେକ୍ସନ ଡିସ୍‌ପୁଟ୍ ଫାଇଲ କରିବେ ସେଇଟା ୧୫ ଦିନ ରହିଛି। ଏହାକୁ ୩୦ ଦିନ ବୃଦ୍ଧି ପାଇଁ ସରକାରଙ୍କୁ ସୁପାରିସ୍ କରାଯାଇଛି। ଜଷ୍ଟିସ୍ ରଥ କହିଛନ୍ତି, ସାମାଜିକ ଗଣମାଧ୍ୟମ କିମ୍ବା ସର୍ବସାଧାରଣରେ ଯଦି କେହି ଅଶ୍ଳୀଳ ଭାଷା ବ୍ୟବହାର କରୁଛନ୍ତି, ତେବେ ସେମାନେ ଦଣ୍ଡିତ ହେବେ। ଏଥିପାଇଁ ନୂଆ ଆଇନ ଆସିବାକୁ ପ୍ରସ୍ତାବ ରହିଛି। ‘ପ୍ରିଭେନ୍‌ଶନ ଅଫ୍ ହେଟ୍ କ୍ରାଇମ୍ ଆଣ୍ଡ ହେଟ୍ ସ୍ପିଚ୍ ଆକ୍ଟ’ରେ ସର୍ବସାଧାରଣ ସ୍ଥାନ ଏବଂ ସୋସିଆଲ ମିଡିଆରେ ଅଶ୍ଳୀଳ ଭାଷା ବ୍ୟବହାର କଲେ ଦଣ୍ଡିତ ହେବେ। ଲ’ କମିଶନ ବର୍ଷକ ଭିତରେ ୩ଟି ଦିଗକୁ ଗୁରୁତ୍ୱ ଦେଇଛନ୍ତି। ଲୋକଙ୍କ ଅନୁରୋଧ, ଆଉ କିଛି ନିଜଆଡୁ ଓ ସରକାରଙ୍କ ଆଡୁ କିଛି ପ୍ରସ୍ତାବ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ଜଷ୍ଟିସ୍ କହିଛନ୍ତି।

# ଆଗରୁ ବିରୋଧ କରୁଥିଲା, ଏବେ ଦୋମୁହାଁ ନୀତି: ବିଜେଡି

## ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃ ନିଯୁକ୍ତି ପ୍ରସଙ୍ଗ

ଭୁବନେଶ୍ୱର, ୭।୪(ସୁନିତ୍ ମିଶ୍ର)

ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ପୁନଃ ନିଯୁକ୍ତି ଦେବା କଥାରେ ଭାଜପା ବହୁବାର ବିରୋଧ କରିଆସୁଥିଲା। ରାଜ୍ୟରେ ଯେତେବେଳେ ଭାଜପା ସରକାରକୁ ଆସିଲା ଅଧିକରୁ ଅଧିକ ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃ ନିଯୁକ୍ତି ଦେବା ଲାଗି ବାଟ ଖୋଜୁଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ୨୦୨୪ ନିର୍ବାଚନ ପୂର୍ବରୁ ଭାଜପା ତା’ର ନିର୍ବାଚନୀ ଇସ୍ତାହାରରେ ୫ ବର୍ଷ ଭିତରେ ରାଜ୍ୟରେ ଖାଲି ପଡ଼ିଥିବା ସାଢେ ୩ ଲକ୍ଷ ପଦବୀରେ ରାଜ୍ୟର ଯୁବକମାନଙ୍କୁ ନିଯୁକ୍ତି ଦେବ ବୋଲି ଦେଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ୨୦୨୪ ସେପ୍ଟେମ୍ବର ୧୨ରେ ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ପୁନଃ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗତ ୨ ତାରିଖରେ ଆଉ ଏକ ବିଜ୍ଞପ୍ତି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପ୍ରକାଶ କରିଛି, ଯେଉଁଥିରେ ଅବସରପ୍ରାପ୍ତ ଅଧିକାରୀଙ୍କ ପୁନଃ ନିଯୁକ୍ତି ପ୍ରକ୍ରିୟାକୁ ଆହୁରି କୋହଳ କରାଯାଇଛି। ଭାଜପା ସରକାରରେ ନ ଥିବା ସମୟରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଠିକାରେ ରଖିବାକୁ ବିରୋଧ କରୁଥିଲା। କ୍ଷମତାକୁ ଆସିଯିବା ପରେ ଅଧିକରୁ ଅଧିକ ଅବସରପ୍ରାପ୍ତ ଅଧିକାରୀ କିପରି ନିଯୁକ୍ତି ପାଇବେ ସେଥିଲାଗି ପଦକ୍ଷେପ ନେବାରେ ଲାଗିଛି। ଏହା ଡବଲ ଇଞ୍ଜିନ ସରକାରର ଦୋମୁହାଁ ନୀତି ବୋଲି ଲେନିନ୍ କହିଛନ୍ତି।

# ପ୍ରବାସୀ ଶ୍ରମିକଙ୍କୁ ମିଳିବ ଅଧିକ ଏଫ୍‌ଟିଏଲ୍ ସିଲିଣ୍ଡର

ଭୁବନେଶ୍ୱର, ୭।୪ (ରବିନାରାୟଣ ଜେନା)

ପ୍ରବାସୀ ଶ୍ରମିକମାନଙ୍କୁ ବଣ୍ଟନ ପାଇଁ ଉପଲବ୍ଧ ୫ କେଜି ଫ୍ରି ଟ୍ରେଡ୍ ଏଲ୍‌ପିଜି(ଏଫ୍‌ଟିଏଲ୍) ସିଲିଣ୍ଡରର ଦୈନିକ ପରିମାଣକୁ ଦୁଇଗୁଣ ବୃଦ୍ଧି କରାଯାଇଛି। ଏ ସଂକ୍ରାନ୍ତରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ସଚିବ ଡ. ନିରଜ ମିତ୍ତଲ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ମିତ୍ତଲ ଏପ୍ରିଲ ୬ରେ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ପ୍ରବାସୀ ଶ୍ରମିକଙ୍କୁ ଏଣିକି ଦୁଇଗୁଣା ଏଫ୍‌ଟିଏଲ୍ ସିଲିଣ୍ଡର ମିଳିପାରିବ। ଏହି ସିଲିଣ୍ଡରଗୁଡ଼ିକ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ନିୟନ୍ତ୍ରଣରେ ରହିବ। ତୈଳ କମ୍ପାନୀଗୁଡ଼ିକର ସହଯୋଗରେ ରାଜ୍ୟରେ କେବଳ ପ୍ରବାସୀ ଶ୍ରମିକମାନଙ୍କୁ ଏହା ଯୋଗାଣ କରାଯିବ ବୋଲି ମିତ୍ତଲ ଦର୍ଶାଇଛନ୍ତି।

# ୧୦ରେ ସରିବ ଅଗ୍ନିପଥ, ନିୟମିତ କ୍ୟାଡର ଆବେଦନ

କଟକ,୭।୪(କାର୍ତ୍ତିକ ସାହୁ)

ଭାରତୀୟ ସେନାରେ ଅଗ୍ନିପଥ ଓ ନିୟମିତ କ୍ୟାଡରରେ ନିଯୁକ୍ତି ପ୍ରବେଶିକା ପରୀକ୍ଷା ନିମନ୍ତେ ଗତ ଫେବୃଆରୀ ୧୩ ରୁ ଆରମ୍ଭ ହୋଇଥିବା ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଆସନ୍ତା ୧୦ ତାରିଖରେ ଶେଷ ହେବ। ଏହି ଆବେଦନର ସମୟସୀମା ଏପ୍ରିଲ ୧ ତାରିଖ ଥିବା ବେଳେ ତାହା ପୁଣି ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯୋଗ୍ୟ ପ୍ରାର୍ଥୀମାନେ www.joinindianarmy.nic.in ୱେବସାଇଟ୍‌ରେ ଆବେଦନ କରିପାରିବେ। କଟକ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଜିଲାର ପ୍ରାର୍ଥୀମାନେ ଏ ସଂକ୍ରାନ୍ତରେ କଟକସ୍ଥିତ ସେନା ନିଯୁକ୍ତି କାର୍ଯ୍ୟାଳୟ ସହ ଫୋନ୍ ନମ୍ବର ୦୬୭୧୨୩୦୫୮୮୦ ଓ ୯୪୩୭୧୬୨୨୮୦ରେ ଯୋଗାଯୋଗ କରିପାରିବେ।

C. V. Raman Global University
ODISHA BHUBANESWAR INDIA
www.cgu-odisha.ac.in
CGU ODISHA

ADMISSION OPEN
CGET 2026
for UG, PG and Ph.D. programs
(No Application Fee/No Exam Fee)

SCHOLARSHIP
- For CBSE AND CISCE :
  - 20% on tuition fees for scoring 95% or above in 12th exam
  - 10% on tuition fees for scoring 90% or above in 12th exam
- For MILITARY Personnel :
  - 100% tuition fee exemptions for the girl child of personnel who lost their lives in service.
  - 40% tuition fee concessions for the girl child of serving or retired Personnel.
- For "SAFAL" :
  - 100% tuition fee exemptions for the girl child from economically weaker sections.

AGRICULTURE & ALLIED SC
• B.Sc. AG, • M.Sc. in - Zoology, Botany, Bio-tech
FORENSIC SCIENCES
• B.Sc. • M.Sc. • Certificate Courses
PHARMACY
• B.Pharm • B.Pharm (LE)
TOURISM & HOSPITALITY
• BHMCT • M.Sc. in Hotel Admin
MANAGEMENT
• B.Com • BBA • MBA
COMPUTER APPLICATION
• BCA • MCA
MA / M.Sc.
• English • Chemistry • Physics • Mathematics

ENGINEERING & TECHNOLOGY
B.TECH. PROGRAMS
• Computer Sc.
- CSE
- CSE &IT
- CSE (AI & ML)
- CSE (Data Sc.)
- IoT & Cyber Security
- Robotics & AI
- AI & Data Sc.
• Chemical
• Civil
• Electrical
• Electronics & Commun.
• Mechanical
• Marine

M. TECH. PROGRAMS
• CSE. • Chemical
• Civil Engg. • Electrical
• Mechatronics Engg. • Heat Power
• Mechanical • M.Sc in Comp. Sc
• Electronics & Communication Engg. (Signal Processing & Commun.)
DIPLOMA PROGRAMS
• Civil • CSE
• Electrical • Mechanical
• Mining
• Electronics & Telecommunication
MARINE ENGINEERING
• B. Tech • GME • GP Rating • STCW
Ph.D. and Integrated Ph.D : All programs

APPROVAL & RECOGNITION
PCI
Among Top 100 Engineering Institutions in India by NIRF
06 NBA Accredited Engineering Branches
25 Centres of Excellence across various domains
Recognised as SIRO by DSIR, Govt. of India
Scan to APPLY ONLINE

CAMPUS :
C. V. Raman Global University,
Bidyanagar, Janla, Bhubaneswar-752054, Odisha
For detail information, Contact :
+91-9040021100 / 101 / 102 / 103
admission@cgu-odisha.ac.in

ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ବୁଧବାର, ଏପ୍ରିଲ ୮/୨୦୨୬ Bhubaneswar, Wednesday, April 8/2026




ମଣିପୁରର ବିଷ୍ଣୁପୁରରେ ବୋମାମାଡ଼ରେ ୨ ଶିଶୁଙ୍କ ମୃତ୍ୟୁ ଘଟିବା ପରେ ଲୋକେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ: ପି.ଟି.)

# ମଣିପୁରକୁ ଫେରିଲା ହିଂସା: ୪ ମୃତ

- **ଉଗ୍ରପନ୍ଥୀଙ୍କ ବୋମାମାଡ଼ରେ ୨ ଶିଶୁ ମୃତ**
- **ପୋଲିସ ଗୁଳିରେ ୨ ବିକ୍ଷୋଭକାରୀ ନିହତ, ୫ ଆହତ**
- **୫ ଜିଲାରେ ମୋବାଇଲ, ଇଣ୍ଟରନେଟ୍ ବନ୍ଦ**

**କିଛିଦିନର ନୀରବତା ପରେ ମଣିପୁରକୁ ପୁଣି ଫେରିଛି ହିଂସା। ଜାତିଆଣ ନିଆଁର ସଂଘର୍ଷରେ ଜଳୁଥିବା ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ କ୍ଷମତା ପରିବର୍ତ୍ତନ ହୋଇଛି, କିନ୍ତୁ ଉଗ୍ରପନ୍ଥୀଙ୍କ ଦୌରାତ୍ମ୍ୟ କମିନାହିଁ। ବିଷ୍ଣୁପୁର ଜିଲାରେ ସୋମବାର ବିଳମ୍ବିତ ରାତିରେ ଉଗ୍ରପନ୍ଥୀଙ୍କ ବୋମାମାଡ଼ରେ ମା'ଙ୍କ ସହ ଶୋଇଥିବା ଜଣେ ୫ ବର୍ଷର ବାଳକ ଓ ୬ ବର୍ଷୀୟା ନାବାଳିକା ପ୍ରାଣ ହରାଇଛନ୍ତି। ଏହାର ପ୍ରତିବାଦରେ ଉପତ୍ୟକାବାସୀ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭ ବେଳେ ବ୍ୟାପକ ପୋଡ଼ାଜଳା, ଭଙ୍ଗାରୁଜା ଦେଖିବାକୁ ମିଳିଛି। ବିକ୍ଷୋଭକାରୀମାନେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଶିବିରକୁ ଧସେଇ ପଶିବାରୁ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ସୁରକ୍ଷା ବଳ ଗୁଳି ଚଳାଇଛି। ଗୁଳିମାଡ଼ରେ ୨ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୫ ଆହତ ହୋଇଛନ୍ତି। ଏହା ପରେ ଗୁଜବ ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ୫ ଜିଲାରେ ମୋବାଇଲ, ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ଏହି ଘଟଣା ୪ ଫେବୃଆରୀ ୨୦୨୬ରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଥିବା ୟୁମ୍‌ନାମ ଖେମଚନ୍ଦ ସିଂଙ୍କ ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି।**

**ଇମ୍ଫାଲ,୭।୪(ପି.ଟି./ଏଜେନ୍ସି)**

ମଣିପୁର ହାଇକୋର୍ଟଙ୍କ ଏକ ରାୟକୁ ନେଇ ୨୦୨୩ ମେ' ୩ରେ ଏହି ଉତ୍ତରପୂର୍ବ ରାଜ୍ୟରେ ଜାତିଆଣ ହିଂସାର ସୂତ୍ରପାତ ହୋଇଥିଲା। କୁକି ଓ ମେଇତି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ପ୍ରାୟ ଅଢ଼େଇ ବର୍ଷ ଧରି ସମଗ୍ର ରାଜ୍ୟରେ ଜଳାପୋଡ଼ା, ଭଙ୍ଗାରୁଜା ଦେଖିବାକୁ ମିଳିଥିଲା। ଏହି ହିଂସାର ନିଆଁରେ ୨୬୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିବାବେଳେ ପ୍ରାୟ ୧,୦୦୦ ଜଣ ଆହତ ହୋଇଥିଲେ। ସ୍ଥିତି ଏପରି ହୋଇଥିଲା ଯେ, ଶେଷରେ ଏନ୍. ବୀରେନ୍ ସିଂଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ପଡ଼ିଥିଲା ଏବଂ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା। ଇତିମଧ୍ୟରେ ଗତ ଫେବୃଆରୀରେ ମଣିପୁରରୁ ରାଷ୍ଟ୍ରପତି ଶାସନ ହଟାଯାଇ ଭାଜପାର ୟୁ. ଖେମ୍‌ଚନ୍ଦ ସିଂଙ୍କୁ ନୂଆ ମୁଖ୍ୟମନ୍ତ୍ରୀ କରାଯାଇଛି। କିନ୍ତୁ ସ୍ଥିତିରେ କୌଣସି ପରିବର୍ତ୍ତନ ଆସିଥିବା ଭଳି ମନେହେଉନାହିଁ। କାରଣ ମଣିପୁରକୁ ଏବେ ପୁଣି ବଢ଼ଧରଣର ହିଂସା ଫେରିଛି।

ସୋମବାର ରାତି ପ୍ରାୟ ଗୋଟାଏ ବେଳେ ୬ରୁ ୭ ଜଣ କୁକି ଉଗ୍ରପନ୍ଥୀ ବିଷ୍ଣୁପୁର ଜିଲାର ମୋଇରଙ୍ଗ ଥ୍ରୋଙ୍ଗଲାଓବି ଅଞ୍ଚଳର ଏକ ଘରକୁ ବୋମା ଫିଙ୍ଗିଥିଲେ। ବୋମାମାଡ଼ରେ ଉକ୍ତ ଘରେ ନିଜ ମା'ଙ୍କ ସହ ଶୋଇଥିବା ୨ ଜଣ ଶିଶୁଙ୍କର ମୃତ୍ୟୁ ଘଟିଛି। ପୁଅଙ୍କ ବୟସ ୫ ବର୍ଷ ହୋଇଥିବାବେଳେ ଝିଅଙ୍କ ବୟସ ୭ ବର୍ଷ। ଏହି ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଏକ ପେଟ୍ରୋଲ ପମ୍ପରେ ପୋଡ଼ାଜଳା କରିଥିଲେ। ସେମାନେ ୨ଟି ତୈଳ ଟ୍ୟାଙ୍କର ଓ ଗୋଟିଏ ଟ୍ରକ୍‌ରେ ନିଆଁ ଲଗାଇଦେଇଥିଲେ। ଏପରି କି ବହୁ ସଂଖ୍ୟକ ମହିଳା ଓ ଯୁବକ ଘଟଣାସ୍ଥଳରୁ ୧୦୦ ମିଟର ଦୂର ଜେଲମୋଲସ୍ଥିତ ସିଆର୍‌ପିଏଫ୍ ଶିବିରକୁ ଧସେଇ ପଶିଥିଲେ। ସିଆର୍‌ପିଏଫ୍ ଯବାନ ଓ ପୋଲିସ ସେମାନଙ୍କୁ ଆୟତ୍ତ କରିବାକୁ ଯାଇ ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୫ ଜଣ ଆହତ ହୋଇଥିବା ମଣିପୁର ଗୃହମନ୍ତ୍ରୀ ଗୋବିନ୍ଦ ଦାସ କୋନ୍ଥୋଉଜାମ୍ ସୂଚନା ଦେଇଛନ୍ତି। ଗୃହମନ୍ତ୍ରୀ କହିଛନ୍ତି, ଉଗ୍ରପନ୍ଥୀଙ୍କୁ ଧରିବା ପାଇଁ ସିଆର୍‌ପିଏଫ୍‌କୁ ସମୟ ଦିଆଯାଉ ଏବଂ ଶିବିର ଭିତରକୁ ନ ଯାଆନ୍ତୁ ବୋଲି ସେ ବିକ୍ଷୋଭକାରୀମାନଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ତାଙ୍କ କଥା କେହି ଶୁଣି ନ ଥିଲେ। ସିଆର୍‌ପିଏଫ୍ ଶିବିର ଓ ଗାଡ଼ିଗୁଡ଼ିକରେ ଉତ୍ତ୍ୟକ୍ତ ଲୋକେ ନିଆଁ ଲଗାଇ ଦେଇଥିଲେ। ଫଳରେ ଯବାନମାନେ ଆତ୍ମରକ୍ଷା ପାଇଁ ହେଉ ଅଥବା କ୍ରୋଧିତ ହୋଇ ଗୁଳି ଚଳାଇଥିଲେ।

ମୁଖ୍ୟମନ୍ତ୍ରୀ ୱାଇ. ଖେମ୍‌ଚନ୍ଦ ସିଂ ମଙ୍ଗଳବାର ସଚିବାଳୟରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ସ୍ଥିତି ସମୀକ୍ଷା କରିଛନ୍ତି। ଉତ୍ତେଜନା ହ୍ରାସ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା Xରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ୨ ଶିଶୁଙ୍କୁ ହତ୍ୟା କରାଯିବା ଘଟଣାକୁ ମୁଖ୍ୟମନ୍ତ୍ରୀ 'ବର୍ବର କାର୍ଯ୍ୟ' ବୋଲି ଅଭିହିତ କରିବା ସହ ଦୃଢ଼ନିନ୍ଦା କରିଛନ୍ତି। ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ତେବେ ବିଷ୍ଣୁପୁର ଓ ଇମ୍ଫାଲ ସମେତ ବିଭିନ୍ନ ସ୍ଥାନରେ ଲୋକେ ରାସ୍ତାରେ ଟାୟାର ଜାଳି ବିକ୍ଷୋଭ ଜାରି ରଖିଥିବାରୁ ଦୋକାନ ବଜାର, ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଇମ୍ଫାଲ ୱେଷ୍ଟ, ଇମ୍ଫାଲ ଇଷ୍ଟ, ଥୋଉବାଲ୍, କାକ୍‌ଚିଙ୍ଗ୍ ଓ ବିଷ୍ଣୁପୁର ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଅପପ୍ରଚାର ଓ ଗୁଜବ ରୋକିବା ପାଇଁ ମୋବାଇଲ ଓ ଇଣ୍ଟରନେଟ୍ ସେବାକୁ ବନ୍ଦ କରି ଦିଆଯାଇଛି।

# ୧ ଡଲାର= ୯୩ ଟଙ୍କା

**ମୁମ୍ବାଇ,୭।୪**

ଆମେରିକୀୟ ଡଲାର ତୁଳନାରେ ମଙ୍ଗଳବାର ଭାରତୀୟ ଟଙ୍କା ପୁଣି ୧୦ ପଇସା ଦୁର୍ବଳ ହୋଇଛି। ୧ ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୩ଟଙ୍କା ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀ ଖୋଲିବା ନେଇ ଇରାନ୍‌କୁ ଦେଇଥିବା ମହଲତ ପାଖେଇ ଆସୁଥିବାରୁ ନିବେଶକମାନେ ଭାରତୀୟ ବଜାରରୁ ପୁଣି ମୁହଁ ଫେରାଉଥିବାବେଳେ ଟଙ୍କାର ଏଭଳି ଦୁର୍ବଳତା ଦେଖିବାକୁ ମିଳିଛି। ଭୂରାଜନୈତିକ ଉତ୍ତେଜନା ବଢ଼ିବାରେ ଲାଗିଥିବାବେଳେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୦,୮୮ ଟଙ୍କା ହୋଇଛି। ଭାରତ ଏହି ଅର୍ଥ ଡଲାର ଆକାରରେ ପଇଠ କରୁଥିବାରୁ ଟଙ୍କାର ଅବମୂଲ୍ୟାଙ୍କନ ଜାରି ରହିଥିବା ଫରେକ୍ସ ଟ୍ରେଡରମାନେ କହିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ ମାର୍କେଟରେ ମଙ୍ଗଳବାର ସେସନ୍‌ରେ ଟଙ୍କା ୯୩.୦୫ରେ ଖୋଲିଥିଲା। ପରେ ଏହା ୯୩.୦୭କୁ ଖସିଥିଲା। ତେବେ କାରବାର ଶେଷରେ ଟଙ୍କାର ମୂଲ୍ୟ ୯୩.୦୦ରେ ସ୍ଥିର ରହିଥିଲା।

# 'ଅମୃତ ୨.୦' କାର୍ଯ୍ୟକାରିତା: ଦେଶରେ ଓଡ଼ିଶା ପ୍ରଥମ

**ଭୁବନେଶ୍ୱର, ୭।୪**
**(ବନ୍ଦନା ସେଠୀ)**

ସହରାଞ୍ଚଳ ବିକାଶ କ୍ଷେତ୍ରରେ ଓଡ଼ିଶା ଆଉ ଏକ ସଫଳତା ହାସଲ କରିଛି। 'ଅଟଳ ମିଶନ ଫର୍ ରିଜୁଭେନେଶନ ଆଣ୍ଡ ଅର୍ବାନ ଟ୍ରାନ୍ସଫର୍ମେଶନ'(ଅମୃତ) ୨.୦ର ସଫଳ କାର୍ଯ୍ୟକାରିତାରେ ସମଗ୍ର ଦେଶରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରି ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ସହରାଞ୍ଚଳର ପ୍ରତିଟି ପରିବାରକୁ ପାନୀୟଜଳ ଯୋଗାଣ ଓ ଜଳାଶୟଗୁଡ଼ିକର ପୁନରୁଦ୍ଧାର କ୍ଷେତ୍ରରେ ଓଡ଼ିଶାର ଏହି ପ୍ରଦର୍ଶନ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ୨୦୨୧ ଅକ୍ଟୋବରରେ ଆରମ୍ଭ ହୋଇଥିବା ଏହି ମିଶନ ମାଧ୍ୟମରେ ରାଜ୍ୟର ୮୯ଟି ପୌରସଂସ୍ଥାରେ ବ୍ୟାପକ ପ୍ରଗତି ପରିଲକ୍ଷିତ ହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୦୩୦.୧୮ କୋଟି ଟଙ୍କା ବ୍ୟୟ ଅଟକଳରେ ୩୪୫ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଥିମଧ୍ୟରୁ ୯୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ଅନ୍ୟଗୁଡ଼ିକର କାର୍ଯ୍ୟ ଜାରି ରହିଛି।

**ସହରାଞ୍ଚଳ ଜଳ ଭିତ୍ତିଭୂମି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା**

ଆର୍ଥିକ ପରିଚାଳନା କ୍ଷେତ୍ରରେ ମଧ୍ୟ ଓଡ଼ିଶା ଉନ୍ନତ ପ୍ରଦର୍ଶନ ସହ ଅନୁଦାନ ଅର୍ଥ ଠିକ୍ ଭାବେ ବିନିଯୋଗ କରିବାରେ ସଫଳ ହୋଇଛି। ଅମୃତ ୨.୦ ଜରିଆରେ ରାଜ୍ୟର ଜଳ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। ୭ଟି ଜଳ ବିଶୋଧନ ପ୍ଲାଣ୍ଟ ମାଧ୍ୟମରେ ଦୈନିକ ୪୩ ଏମ୍ଏଲ୍‌ଡି ଜଳ ବିଶୋଧନ କ୍ଷମତା ସୃଷ୍ଟି କରାଯାଇଛି। ଏହାଦ୍ୱାରା ପ୍ରାୟ ୨.୮୩ ଲକ୍ଷ ନାଗରିକ ଉପକୃତ ହୋଇଛନ୍ତି। ପ୍ରମୁଖ ସହରଗୁଡ଼ିକରେ ୨୪x୭ ଜଳଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ ହେବା ସହ ୨.୭ ଲକ୍ଷରୁ ଅଧିକ ପରିବାରକୁ ପାଇପ୍ ଯୋଗେ ଜଳ ସଂଯୋଗ କରାଯାଇଛି। ୫ ଲକ୍ଷରୁ ଅଧିକ ସହରବାସୀ ଏହି ସେବା ଦ୍ୱାରା ସିଧାସଳଖ ଉପକୃତ ହୋଇଛନ୍ତି। ଏନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଅମୃତ ୨.୦ର ଶୀର୍ଷ ମାନ୍ୟତା ☞ପୃଷ୍ଠା-୧୧

# ୧୬୧ ସିଲିଣ୍ଡର ଜବତ



ରାଉରକେଲାରେ ଜବତ ହୋଇଥିବା ଗ୍ୟାସ୍ ସିଲିଣ୍ଡର।

**ରାଉରକେଲା,୭।୪**
**(ବିପ୍ଳବ ରଞ୍ଜନ ଦାଶ)**

**ରନ୍ଧନ ଗ୍ୟାସ୍ କଳାବଜାର**

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଭାରତରେ ରନ୍ଧନ ଗ୍ୟାସ୍ ସଙ୍କଟ ଦେଖାଦେଇଛି। ଏଭଳି ପରିସ୍ଥିତିରେ ଗ୍ୟାସ୍ କଳାବଜାର ବଢ଼ିବାରେ ଲାଗିଛି। ମଙ୍ଗଳବାର ରାଉରକେଲା ସେକ୍ଟର-୭ ଥାନା ଅଧୀନ ସେକ୍ଟର-୯ ଅଞ୍ଚଳର ଇ-ବ୍ଲକ୍‌ରେ ଥିବା ଏକ ଗ୍ୟାରେଜରେ ଯୋଗାଣ ବିଭାଗ ଏବଂ ପୋଲିସ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରି ୧୬୧ଟି ଗ୍ୟାସ ସିଲିଣ୍ଡର ଜବତ କରିଛି। ଜବତ ହୋଇଥିବା ସିଲିଣ୍ଡର ମଧ୍ୟରେ ୧୦୩ଟି କମର୍ସିଆଲ ଏବଂ ୫୮ଟି ଘରୋଇ ଏଲ୍‌ପିଜି ରହିଛି। ଏହି ଘଟଣାରେ ରାଉରକେଲା ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀ ଏବଂ ପୋଲିସ ଅଧିକାରୀ ତଦନ୍ତ କରୁଛନ୍ତି। ଏହି ଚଢ଼ାଉ ପରେ ଗ୍ୟାସ୍ ସିଲିଣ୍ଡର କଳାବଜାରୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

# ବିଧାନସଭା ଭୋଟ ପରେ ୨୨ ରାଜ୍ୟରେ ଏସ୍ଆଇଆର୍

**ନୂଆଦିଲ୍ଲୀ,୭।୪ (ପି.ଟି.)**

ଚଳିତ ମାସରେ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ଶେଷ ହେବା ପରେ ନିର୍ବାଚନ କମିଶନ ଅବଶିଷ୍ଟ ୨୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)ର ତୃତୀୟ ଓ ଚୂଡ଼ାନ୍ତ ପର୍ଯ୍ୟାୟ ଆରମ୍ଭ କରିପାରନ୍ତି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଚଳିତ ମାସରେ କେରଳ, ଆସାମ, ପଣ୍ଡିଚେରୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଥିବାବେଳେ ମେ' ୪ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ତେବେ ଏପ୍ରିଲ ୨୯ରେ ନିର୍ବାଚନ ଶେଷ ହେବା ପରେ କିମ୍ବା ଫଳାଫଳ ପ୍ରକାଶ ପାଇବା ପରେ ଏସ୍ଆଇଆର୍ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି।

ବର୍ତ୍ତମାନ ସୁଦ୍ଧା ୧୦ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର୍ ଶେଷ ହୋଇଛି। ଆସାମରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ହୋଇଥିଲା। ଉତ୍ତରପ୍ରଦେଶକୁ ବାଦ୍‌ଦେଲେ ଅନ୍ୟ ଯେଉଁ ରାଜ୍ୟରେ ଏସ୍ଆଇଆର୍ ଶେଷ ହୋଇଛି, ସେଠାରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ପାଖାପାଖି ୯୯ କୋଟି ଭୋଟରଙ୍କ ମଧ୍ୟରୁ ୬୦ କୋଟି ଭାଗ ନେଇଥିଲେ। ୧୭ ରାଜ୍ୟ ଓ ୫ କେନ୍ଦ୍ରଶାସିତ ଅଞ୍ଚଳରେ ରହିଥିବା ଅବଶିଷ୍ଟ ୩୯ କୋଟି ଭୋଟର ଆଗକୁ ହେବାକୁ ଥିବା ଏସ୍ଆଇଆର୍‌ରେ ସାମିଲ ହେବେ। ଏପ୍ରିଲରେ ଏସ୍ଆଇଆର୍ ଆରମ୍ଭ ହେବାକୁ ଥିବାରୁ ଯଥାଶୀଘ୍ର ପ୍ରସ୍ତୁତି ଶେଷ କରିବାକୁ ଗତ ଫେବୃଆରୀ ୧୯ରେ ନିର୍ବାଚନ କମିଶନ ୨୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କହିଥିଲେ। ସାରା ଦେଶର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ନିର୍ବାଚନ କମିଶନ ଗତବର୍ଷ ଜୁନ୍‌ରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପତ୍ର ଲେଖି ☞ପୃଷ୍ଠା-୧୧

# ଗୋଚାଲାଣକାରୀଙ୍କ ଘରେ ରାତିଅଧିଆ ଚଢ଼ାଉ

- **ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଜିଲାର ୩୨ ସ୍ଥାନରେ ଧରପଗଡ଼**
- **ମିଳିଲା ବିପୁଳ ପରିମାଣର ଟଙ୍କା, ସୁନା, ରୁପା ଅଳଙ୍କାର, ମାରଣାସ୍ତ୍ର**

**ବାଲେଶ୍ୱର(ମୃତ୍ୟୁଞ୍ଜୟ ପଟ୍ଟନାୟକ/ବାଞ୍ଛାନିଧି ଦେ)/ ଭଦ୍ରକ(ସନାତନ ରାଉତ/ରବିନାରାୟଣ ଖିଲାର)/ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ), ୭।୪**

ଗୋମାଫିଆଙ୍କୁ ସାବାଡ଼୍ କରିବା ଲାଗି ପୋଲିସ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଜୋରସୋର ଧରପଗଡ଼। ପୂର୍ବାଞ୍ଚଳ ରେଞ୍ଜ ଅଧୀନ ୩ଟି ଜିଲା ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜର ୩୨ଟି ସ୍ଥାନରେ ସୋମବାର ମଧ୍ୟରାତ୍ରିରୁ ଆରମ୍ଭ ହୋଇଥିଲା ଚଢ଼ାଉ। ପୂର୍ବାଞ୍ଚଳ ରେଞ୍ଜ ଡିଆଇଜି ପିନାକ ମିଶ୍ରଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲାର ୯ଟି ସ୍ଥାନରେ, ମୟୂରଭଞ୍ଜ ଜିଲାର ୧୫ ଓ ଭଦ୍ରକ ଜିଲାର ୮ଟି ସ୍ଥାନରେ ଏହି ଚଢ଼ାଉ କରାଯାଇଛି। ମାଫିଆଙ୍କ ଘରୁ ଜବତ ହୋଇଛି ବିପୁଳ ପରିମାଣର ଟଙ୍କା, ସୁନା ଓ ରୁପା ଅଳଙ୍କାର। ଗୋ-ଚାଲାଣରେ ବ୍ୟବହୃତ ବହୁ ବାଇକ୍ ଓ ଭ୍ୟାନ୍ ମଧ୍ୟ ଜବତ କରାଯାଇଛି। ଏପରିକି ଗୋ ମାଫିଆଙ୍କ ଘରୁ ବନ୍ଧୁକ ଓ ମାରଣାସ୍ତ୍ର ମିଳିଥିବା ଡିଆଇଜି ମିଶ୍ର ସୂଚନା ଦେଇଛନ୍ତି।

ଉପରୋକ୍ତ ୩ଟି ଜିଲାର ମୋଟ ୩୨ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି ଅପରେଶନରେ ୧୮ ପ୍ଲାଟୁନ ଫୋର୍ସ, ୮ ଅତିରିକ୍ତ ଏସ୍‌ପି, ୧୭ ଡିଏସ୍‌ପି, ୨୫ ଇନ୍ସପେକ୍ଟର, ୬୭ ସବ୍ ଇନ୍ସପେକ୍ଟରଙ୍କ ସମେତ ଶହେରୁ ଊର୍ଦ୍ଧ୍ୱ ପୋଲିସ ସାମିଲ ହୋଇଥିଲେ। ଚଢ଼ାଉ ସମୟରେ ଭଦ୍ରକରୁ ୬, ମୟୂରଭଞ୍ଜରୁ ୬ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ବାଲେଶ୍ୱର ଟାଉନ ଥାନାର ୩ ଅଞ୍ଚଳ, ସଦର ଥାନାର ୩ ଅଞ୍ଚଳ, ☞ପୃଷ୍ଠା-୧୧



ଖଇରା ଅଞ୍ଚଳର ଗୋରୁ ମାଫିଆଙ୍କ ଘରେ ପୋଲିସ ଯାଞ୍ଚ କରୁଛି।

# ପୋଖରୀରେ ବୁଡ଼ିଗଲେ ୨ ନାବାଳିକା ଛାତ୍ରୀ



ପ୍ରାଞ୍ଜଳି ଦୋରା



ମାନିନୀ ଦୋରା

**ଦିଗପହଣ୍ଡି, ୭।୪**
**(ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତ ପତାଣ୍ଡ ଗ୍ରାମ ପୋଖରୀରେ ବୁଡ଼ି ୨ ନାବାଳିକା ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏହି ଦୁଃଖଦ ଘଟଣା ଘଟିଛି। ମୃତା ଛାତ୍ରୀଦ୍ୱୟ ହେଲେ ଗ୍ରାମର ଏସ.ଦୀନବନ୍ଧୁ ଦୋରାଙ୍କ ଏକମାତ୍ର ଝିଅ ପ୍ରାଞ୍ଜଳି ଦୋରା (୧୧) ଓ ଏସ. ପ୍ରକାଶ ଦୋରାଙ୍କ ଝିଅ ମାନିନୀ ଦୋରା(୧୨)। ୬ଷ୍ଠ ଶ୍ରେଣୀ ଛାତ୍ରୀ ପ୍ରାଞ୍ଜଳି ଓ ୭ମ ଶ୍ରେଣୀ ଛାତ୍ରୀ ମାନିନୀ ସ୍କୁଲରୁ ଫେରି ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାରୁ ଉଭୟେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ପୋଖରୀର ଅନ୍ୟ ତୁଠରେ ଗାଧୋଉଥିବା କେତେଜଣ ବ୍ୟକ୍ତି ଏହା ଦେଖି ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ନ ପାରିବାରୁ ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ପାଣିରୁ ଛାତ୍ରୀଦ୍ୱୟଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ☞ପୃଷ୍ଠା-୧୧

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ୫ କେଜି ଏଲ୍‌ପିଜି ଖୋଲାବଜାରରେ ମିଳିବ ନାହିଁକୁ ବିରୋଧ କରି ସିପିଆଇ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ୩୯ତମ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ମହାବିଦ୍ୟାଳୟ ପରିସର, ତପୋବନ, ଖଣ୍ଡଗିରି, ସମୟ: ସନ୍ଧ୍ୟା ୬ଟା।
- ସାଙ୍ଗ ସାଥୀ ଥିଏଟର୍ ପକ୍ଷରୁ 'ବୋଉ ଲୋ' ପରିବେଷଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**କଟକ**
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହ, ସ୍ଥାନ: ବିଦ୍ୟାମନ୍ଦିର ପରିସର, ବିନ୍ଧାଣିମା, ତିଗିରିଆ, ସମୟ: ଅପରାହ୍ନ ୧ଟା।

**ଖୋର୍ଦ୍ଧା**
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନୂତନ ଶିଳ୍ପ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଭୁଇଁପୁର, ବେଗୁନିଆ, ସମୟ: ପୂର୍ବାହ୍ନ ୧୦ଟା।

**ବାଲେଶ୍ୱର**
- ସହର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ, ସ୍ଥାନ: ଫାଣ୍ଡି ବଜାର, ବାଲେଶ୍ୱର, ସମୟ: ସକାଳ ୭ଟା।
- ଏଫଏମୟୁରେ ୨୩ତମ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ : ସକାଳ ୮ଟା ୩୦।
- ଭୁଜାଖିଆ ପୀର ବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ସୁନହଟ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ଓଡ଼ିଆ ପକ୍ଷ ଓ ରକ୍ତଦାନ ଶିବିର, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ସମୟ : ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ, ସ୍ଥାନ: ବାଟି, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**
- ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ଭଦ୍ରକ, ସମୟ: ସକାଳ ୯ଟା।
- ସାମୁଦାୟିକ ପୋଲିସକରଣ ସଚେତନତା ସଭା, ସ୍ଥାନ: କଷିଆ ସାମୁଦ୍ରିକ ଥାନା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଚଇତି ପର୍ବ ଉଦ୍‌ଯାପନୀ, ସ୍ଥାନ: ଚର୍ତ୍ତୁଭୁଜପୁର, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର, ସ୍ଥାନ: କେନ୍ଦୁଝର ଦରବାର ହଲ୍, ଡି ଡି ବିଶ୍ୱବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ରକ୍ତଭଣ୍ଡାର, ସମୟ: ସକାଳ ୯ଟା।
- ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ଜଗନ୍ନାଥପୁରର ହୀରକ ଜୟନ୍ତୀ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ଚମ୍ପୁଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମଧୁ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଜେଏମ୍‌ଏଫ୍‌ସି କୋର୍ଟ ବାର୍ ହଲ୍, ବଡ଼ବିଲ୍, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବାଦିପାଲା, ସ୍ଥାନ: ଖୋଜୁରିଜିଆଣୀ, ଢେଙ୍କିକୋଟ, ସମୟ: ସନ୍ଧ୍ୟା ୭ଟା।

**ମୟୂରଭଞ୍ଜ**
- ରକ୍ତଦାନ ଶିବିର, ସ୍ଥାନ: ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବଡ଼ସାହି ଓ ସରକାରୀ ମହିଳା ମହାବିଦ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ନାଟକ 'ଗ୍ରେଟ ନୁଙ୍ଗୁରା' ଓ 'ମିଛୁଆ ରାଧୁଆ', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।

**ଗଞ୍ଜାମ**
- ରକ୍ତଦାନ ଶିବିର, ସ୍ଥାନ: ବୁଗୁଡ଼ା ପିପୁଲ୍ସ କଲେଜ, ସମୟ: ସକାଳ ୯ଟା।

**କନ୍ଧମାଳ**
- ରକ୍ତଦାନ ଶିବିର, ସ୍ଥାନ: ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ସକାଳ ୯ଟା।
- ପଞ୍ଚଦଣ୍ଡ ମିଳନ, ସ୍ଥାନ: ଦାରିଙ୍ଗବାଡି ବ୍ଲକ ସିମନବାଡି,ସମୟ: ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ଜିଲାସ୍ତରୀୟ କ୍ରେତା, ବିକ୍ରେତା ସମ୍ମିଳନୀ, ସ୍ଥାନ: ଫୁଲବାଣୀସ୍ଥିତ ପଞ୍ଚାୟତ ଭବନ, ସମୟ: ପୂର୍ବାହ୍ନ ୧୧ଟା।

**ଅନୁଗୋଳ**
- ଓଡ଼ିଆ ଭାଷା, ସଂସ୍କୃତି ଉପରେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟ ନିକଟସ୍ଥ କଲ୍ୟାଣୀ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଜଗତ୍‌ସିଂହପୁର**
- ପାରାଦୀପ ବନ୍ଦର ଆନ୍ତଃବିଭାଗୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

**କେନ୍ଦ୍ରାପଡ଼ା**
- ମାଇଁ ଏନ୍‌ସିସି ଆସୋସିଏଶନର ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରଘୁନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ଓ ରାମଗାଥ ଅଭିନୟ, ସ୍ଥାନ: ମୁକୁନ୍ଦପୁର, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀମହାବୀର ମନ୍ଦିର, ବବକରପୁର, ଅଳାଇଲୋ, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଜିଲାପାଳଙ୍କ ଦ୍ୱାରା ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା, ସ୍ଥାନ: ଜିଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ରୁ ଆରମ୍ଭ।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୩୬ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଐତିହାସିକ ଲଙ୍କାପୋଡି ଯାତ୍ରାର ଦ୍ୱାଦଶ ଦିବସରେ ଶ୍ରୀରାମଙ୍କ ରାଜ୍ୟାଭିଷେକ, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ସକାଳ ୬ଟା।
- ଓଡ଼ିଆ ପକ୍ଷ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ଗଣିଆ କଲେଜ, ସମୟ:ପୂର୍ବାହ୍ନ ୧୦ଟା।
- ୧୫୬ ପାଟଦଣ୍ଡ ମେଳଣ, ସ୍ଥାନ:ଖଣ୍ଡପଡା ବ୍ଲକ ବେଣାଗାଡିଆ କାଦୁଆର ଗଡିଶ୍ୱର ମହାଦେବ ପୀଠ, ସମୟ:ଅପରାହ୍ନ ୧ଟା ୩୦।
- ୧୭ ଦଣ୍ଡ ମେଳଣ, ସ୍ଥାନ:ନୟାଗଡ଼ ବ୍ଲକ ନବଘନପୁରି, ସମୟ:ଅପରାହ୍ନ ୨ଟା।
- ଦଣ୍ଡପର୍ବର ଦ୍ୱାଦଶ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଢୋଲମରା, କଣ୍ଟିଲୋ,ବେଣାଗାଡିଆ, ସିଦ୍ଧାମୂଳା, କୁମ୍ଭାରପଡାଙ୍କ ଶୈବପୀଠ, ସମୟ:ଅପରାହ୍ନ ୨ଟା।

**ରାୟଗଡ଼ା**
- ବଂଶଧାରା ଜଳ ବିବାଦକୁ ନେଇ ବିଜେଡିର ପ୍ରେସ୍‌ମିଟ, ସ୍ଥାନ: ପୂର୍ତ୍ତ ବିଭାଗ ବଙ୍ଗଳା, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ରାଜଇନ୍ଦ୍ରା ଚାରିଟେବୁଲ ଟ୍ରଷ୍ଟର ଯୋଗକେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଦେଓନଗର ଲେନ -୪, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନବରଙ୍ଗପୁର**
- ରକ୍ତଦାନ ଶିବିର, ସ୍ଥାନ: ନବରଙ୍ଗପୁର କଲେଜ, ସମୟ : ପୂର୍ବାହ୍ନ ୧୦ଟା।
- ଦକ୍ଷତା ଶିବିର, ସ୍ଥାନ: ମିଶନ ଶକ୍ତି ବୈଠକ ଗୃହ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: କୁଜା ଜାନୀଗୁଡ଼ା, ତେନ୍ତୁଳିଖୁଣ୍ଟି ବ୍ଲକ୍, ସମୟ: ଅପରାହ୍ନ ୫ଟା।

**କୋରାପୁଟ**
- ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସମିତି ବୈଠକ, ସ୍ଥାନ: କୋଟପାଡ଼, ସମୟ: ସକାଳ ୯ଟା।
- ମାଳି ପର୍ବତ ସୁରକ୍ଷା ସମିତି ପକ୍ଷରୁ ଚଇତ ପରବ ଯାତ୍ରା, ସ୍ଥାନ: ମାଳି ପର୍ବତ ପରିସର, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର, ସ୍ଥାନ: ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ପରିସର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ସେମିଳିଗୁଡ଼ା ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମିଗ ୪ ବିଦ୍ୟାଳୟ ବାର୍ଷିକ ଉତ୍ସବ ସହ ଓଭିଇପି କାର୍ଯ୍ୟକ୍ରମ, ସ୍ଥାନ: ବିଦ୍ୟାଳୟ ପରିସର, ସୁନାବେଢ଼ା, ସମୟ: ପୂର୍ବାହ୍ନ ୧୧ଟା
- ସରକାରୀ ମହିଳା ମହାବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ଜୟପୁର, ସମୟ: ଅପରାହ୍ନ ୪ଟା।

**ସମ୍ବଲପୁର**
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆୟୋଜିତ ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତାର ଥ୍ରୋ ଇଭେଣ୍ଟ, ସ୍ଥାନ : ଅମୃତ ବିହାର ପରିସରସ୍ଥ ଖେଳ ପଡିଆ, ସମୟ : ସକାଳ ୬ଟା।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପାଳନ ଅବସରରେ ରକ୍ତଦାନ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ବଲାଙ୍ଗୀର**
- ଆଗଲପୁର ପଞ୍ଚାୟତ ସମିତି କଲେଜରେ ରକ୍ତଦାନ ଶିବିର, ସ୍ଥାନ: ରୋତ, ଆଗଲପୁର ବ୍ଲକ, ସମୟ: ସକାଳ ୯ଟା।
- ଯୁବ କଳାକାରମାନଙ୍କ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ ଓ ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ଆରମ୍ଭ ପୂର୍ବାହ୍ନ ୯ଟା, ଉଦ୍‌ଯାପନୀ ଅପରାହ୍ନ ୫ଟା।

**ସୁନ୍ଦରଗଡ଼**
- ଜିଲାସ୍ତରୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ, ସୁନ୍ଦରଗଡ଼, ସମୟ: ସକାଳ ୯ଟା।

**ବରଗଡ଼**
- ନାମଯଜ୍ଞ ଅବସରରେ କଳସଯାତ୍ରା, ସ୍ଥାନ:ସିନ୍ଧୁଡିପା କୋତନା, ଝାରବନ୍ଧ,ସମୟ: ସକାଳ ୯ଟା।
- ଓଡ଼ିଆ ପକ୍ଷ ପାଳନରେ ରକ୍ତଦାନ ଅଭିଯାନ,ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବରଗଡ଼,ସମୟ:ସକାଳ ୯ଟା ୩୦।
- ସ୍ୱରାଜ ସଂଗ୍ରାମ ସର୍ବୋଦୟ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନରେ ୧୦ଟା।
- ଶିବପୁରାଣ ପଠନ (କାର୍ତ୍ତିକ ଜନ୍ମ ବିବରଣୀ), ସ୍ଥାନ:ମହାପାତ୍ର କଲ୍ୟାଣ ମଣ୍ଡପ, ସରଣ୍ଡା,ସମୟ:ଅପରାହ୍ନ ୨ଟା।
- ତୁଳସୀ ରାମାୟଣ ନବାହ ପାରାୟଣ (ଶ୍ରୀରାମ ସୀତା ବିବାହ),ସ୍ଥାନ:ସଙ୍କଟ ମୋଚନ ହନୁମାନ ମନ୍ଦିର, ଅତାବିରା, ସମୟ:ସନ୍ଧ୍ୟା ୫ଟା।
- ରାମଲୀଳା ମହୋତ୍ସବ,ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ସନ୍ଧ୍ୟା ୭ଟା।

**କଳାହାଣ୍ଡି**
- ପରିବେଶ ସୁରକ୍ଷା ସମିତି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ରକ୍ତଦାନ ଅଭିଯାନ, ସ୍ଥାନ: ଜିଲା ରକ୍ତଭଣ୍ଡାର ବୌଦ୍ଧ, ସମୟ: ସକାଳ ୯ଟା ୩୦।
- ବୌଦ୍ଧ ଗଡଜାତର ପବିତ୍ର ଗଣପର୍ବ ଶ୍ରୀରାମଲୀଳା ଯାତ୍ରାର ତ୍ରୟୋଦଶ ଦିବସ, ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ: ରାତି ୯ଟା।

**ଦେବଗଡ଼**
- ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଜିଲା ପୁରୁଣା ଚିକିତ୍ସାଳୟ, ସମୟ: ସକାଳ ୮ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଓଡିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ରକ୍ତ କେନ୍ଦ୍ର, ସମୟ: ପୂର୍ବାହ୍ନ: ୧୦ଟା।
- ରକ୍ତଦାନ ଅଭିଯାନ, ସ୍ଥାନ: ଯାଲୋଏ ଡ଼ିଗ୍ରୀ କଲେଜ, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ବଣ୍ଟନ, ସ୍ଥାନ: ଏନଏସି ଅଫିସ ବିନିକା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଧାନସଭାସ୍ତରୀୟ (ଏସିଡିସି) ଉନ୍ନୟନ କମିଟି ବୈଠକ, ସ୍ଥାନ: ବ୍ଲକ କନଫରେନ୍ସ ହଲ ବିନିକା, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବର୍ଦ୍ଧନା ସଭା, ସ୍ଥାନ: ଯାଲୋଏ,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ରାମଲୀଳା ଉତ୍ସବରେ ବାଳୀବଧ ଦୃଶ୍ୟ ପରିବେଷଣ, ସ୍ଥାନ: ଉର୍ଲେ ରଘୁନାଥ ମନ୍ଦିର ପ୍ରାଙ୍ଗଣ, ବିନିକା, ସମୟ: ରାତି ୮ଟା।

**ନୂଆପଡ଼ା**
- ଷୋହଳ ପ୍ରହର ଅଖଣ୍ଡ ବିଶ୍ୱଶାନ୍ତି ନାମଯଜ୍ଞ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ, ସ୍ଥାନ: କୋମନା ବ୍ଲକ ଗୋଇଯୋର ଗାଁ, ସମୟ: ସକାଳ ୭ଟା ୩୦।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଚାନ୍ଦୋପଲା ଗାଁ, ସମୟ: ସକାଳ ୮ଟା ୪୫।
- ଆଶାରାମ ବାପୁଙ୍କ ଅବତରଣ ଦିବସ ଉପଲକ୍ଷେ ସଂକୀର୍ତ୍ତନ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକତା ଛକ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ ଲହୋଣ୍ଡୋପାଲି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ସମ୍ପନ୍ନ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ପଣ୍ଡରାପଥର ପାଇକପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଯୋଗବେଦାନ୍ତ ସେବା ସମିତି ନୂଆପଡ଼ା ପକ୍ଷରୁ ସର୍ବତ ବଣ୍ଟନ, ସ୍ଥାନ: ନୂତନ ବସ୍‌ଷ୍ଟାଣ୍ଡ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ଖଡିଆଳ ବ୍ଲକ ବାଦୀ ଗାଁ, ସମୟ: ଅପରାହ୍ନ ୩ଟା ୪୦।
- ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ନୂଆଗାଁ, ସମୟ: ଅପରାହ୍ନ ୪ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ କୋଟ୍ରିବାହାଲ ଗାଁ, ସମୟ: ସନ୍ଧ୍ୟା ୬ଟା ୫୭।

**ଝାରସୁଗୁଡ଼ା**
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ରେମତା, ହରିଜନପଡ଼ା, ସମୟ: ସକାଳ ୭ଟା।
- ୧୬ ପ୍ରହର ନାମଯଜ୍ଞ, ସ୍ଥାନ: ଜାମଗାଁ, ସମୟ: ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଏମ୍. କଟାପାଳି, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଅଷ୍ଟମଚନ୍ଦ୍ର ଆର୍ଥିକ ଅଭିବୃଦ୍ଧି କଲେ ମଧ ମାନସିକ ଶାନ୍ତିଠାରୁ ଦୂରେଇ ରଖିପାରନ୍ତି। ପାରିବାରିକ ସଦ୍‌ଭାବ ଅକ୍ଷୁଣ୍ଣ ରହିଲେ ମଧ କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଉପୁଜିପାରେ। କୌଣସି କଥାକୁ ଠିକ୍ ଭାବରେ ନ ବୁଝି ଅଯଥା ବିରକ୍ତି ପ୍ରକାଶ କରିପାରନ୍ତି। ନୂତନ ଯାନ୍ତ୍ରିକ ଜିନିଷ କିମ୍ବା ଗୃହୋପକରଣ କ୍ରୟ କରିବାର ସମ୍ଭାବନା ରହିଛି।

**ବୃଷ** ଆଜି ଦୂରଯାତ୍ରା, ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ଭଲ ରହିବ। କିନ୍ତୁ ବ୍ୟୟାଧିକ୍ୟ ଏବଂ ବିବାଦୀୟ ସ୍ଥିତି ମନରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିପାରେ। ପରିବାରରେ ପାରସ୍ପରିକ ବୁଝାମଣା ମଧ୍ୟରେ ପରିବାରରେ ଶାନ୍ତି ଫେରି ଆସିବ। କର୍ମକ୍ଷେତ୍ରରେ କେହି ଜଣେ ପ୍ରତିବାଦର ସ୍ୱର ଉଠାଇ କାମରେ ବିଘ୍ନ ଘଟାଇପାରନ୍ତି।

**ମିଥୁନ** ରାହୁଙ୍କ ଦ୍ୱାରା ବୃହସ୍ପତି ପ୍ରଭାବିତ ହୋଇଥିବାରୁ ଆପଣଙ୍କ ଚେଷ୍ଟା ସଫଳ ଆଶା ଦୁରୂହ ହୋଇପାରେ। ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ମନ୍ଦ ନ ହେଲେ ମଧ ପାରିବାରିକ ସ୍ଥିତି ସନ୍ତୋଷଜନକ ହେବନାହିଁ। ଆବଶ୍ୟକତା ପୂରଣ ସକାଶେ କରଜ କରିପାରନ୍ତି। ଆନୁଷ୍ଠାନିକ କାମରେ ସ୍ୱଳ୍ପ ସାହାଯ୍ୟ, ସହଯୋଗର ଆଶା କରାଯାଇପାରେ।

**କର୍କଟ** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ରଙ୍କ ସ୍ଥିତି ଯୋଗୁ କର୍ମକ୍ଷେତ୍ରରେ ଅସ୍ଥିରତା ଲାଗି ରହିବ। ଏଣେ ପରିବାରରେ ମଧ ଛୋଟ ଛୋଟ କଥାକୁ ନେଇ ବାକ୍‌ଯୁଦ୍ଧ ଲାଗିପାରେ। ଅଶ୍ଳେଷା ନକ୍ଷତ୍ର ପ୍ରଶଂସା ଓ ପ୍ରୋତ୍ସାହନ ପାଇ କାର୍ଯ୍ୟ ହାସଲରେ ସମର୍ଥ ହେବେ। ଇଚ୍ଛା ନ ଥିଲେ ମଧ ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ସିଂହ** ଭାଗ୍ୟାଧିପତି ଦୁଃସ୍ଥାନରେ ଆପଣଙ୍କ ଉଦ୍ୟମକୁ ପଣ୍ଡ କରିଦେଇପାରନ୍ତି। ଅବଶ୍ୟ ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ପଦସ୍ଥ ବ୍ୟକ୍ତିବିଶେଷଙ୍କ ସାହାଯ୍ୟ ଓ ସମର୍ଥନ ଦ୍ୱାରା ଅଭିଳାଷ ପୂରଣ ହୋଇପାରିବ। ଅଧିକାଂଶ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ। ଆତ୍ମୀୟ ସ୍ୱଜନଙ୍କ ଭୁଲ୍ ବୁଝାମଣା ଯୋଗୁ କେତେକ ଘରୋଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା** ବ୍ୟୟସ୍ଥାନରେ କେତୁଗ୍ରହ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ନୀଚଜାତିର ବ୍ୟକ୍ତିଙ୍କ ସହ ବିବାଦ ଆଶଙ୍କା ରହିଛି। ଟେନ୍ସନ ଲାଗି ରହିଲେ ମଧ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରିବେ। ତଥାପି ସାହିତ୍ୟ, କ୍ରୀଡ଼ା, ବ୍ୟବସାୟ ଓ ଯାତ୍ରା କ୍ଷେତ୍ରରେ ସଫଳତା ମିଳିପାରେ।

**ତୁଳା** ଶୁକ୍ରଙ୍କ ଶୁଭଦୃଷ୍ଟି ପ୍ରଭାବରେ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ପ୍ରତିଷ୍ଠାର ସହ କାର୍ଯ୍ୟ ହାସଲ କରିବେ। ଷଷ୍ଠଭାବସ୍ଥ ଶୁଭ ଶନି ସମସ୍ୟା ସମାଧାନ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିପାରନ୍ତି। ବନ୍ଧୁ ରାଗ ଶୁଝାଇବାକୁ ଯାଇ ଦୋଷୀସାବ୍ୟସ୍ତ କରିପାରନ୍ତି। ଫେରନ୍ତା ବାଟରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ବିଛା** ଚତୁର୍ଥଭାବକୁ ବୃହସ୍ପତିଙ୍କ ଦୃଷ୍ଟି ପାରିବାରିକ ଜୀବନକୁ ସରସ ସୁନ୍ଦର କରାଇବା ଦିଗରେ ଅନୁକୂଳ ପରିବେଶ ସୃଷ୍ଟି କରିବ। ବିଶିଷ୍ଟବ୍ୟକ୍ତିମାନଙ୍କ ସାନ୍ନିଧ୍ୟରେ ଅଭିଳାଷକୁ ପୂରଣ କରିବା ପାଇଁ ବାଟ ଫିଟିଯାଇପାରେ। ପରିବହନ, ଜମିଜମା, ନିର୍ମାଣାଧୀନ କାର୍ଯ୍ୟ, ଗାଡିମୋଟର ସମ୍ପର୍କୀୟ ସମସ୍ୟା ଦୁଶ୍ଚିନ୍ତା ବୃଦ୍ଧି କରିବ।

**ଧନୁ** କେନ୍ଦ୍ରକୋଣରେ ଗୁରୁଶୁକ୍ର ଥିବାରୁ ଅର୍ଥନୈତିକ ସ୍ଥିତି, ରାଜନୈତିକ ପରିସ୍ଥିତି, ସଂଗଠନ, ଆଇନ ସହାୟତା ପାଇପାରିବେ। ଯାତ୍ରାରେ ଅଭିଳଷିତ ଫଳ ପାଇବା ସକାଶେ ହଇରାଣ ହେବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଆମୋଦ ପ୍ରମୋଦର ମଉକା ଜୁଟିବ। ପଡ଼ୋଶୀଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟାର ସମାଧାନ ହୋଇଯିବ।

**ମକର** ଆଜିର ଗ୍ରହସ୍ଥିତି ଆପଣଙ୍କ ଅନ୍ତର୍ନିହିତ ଲୁକ୍କାୟିତ ଅଭିଳାଷକୁ ସହଜରେ ପୂରଣ କରିପାରିବେ। ସାଙ୍ଗସାଥୀ, ପଡ଼ୋଶୀ ତଥା ସମ୍ପର୍କୀୟଙ୍କ ସହ ମିତ୍ରତା ବୃଦ୍ଧି ଘଟିବ। କର୍ମକ୍ଷେତ୍ରରେ ମନ ଦେଇ କାମକଲେ ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ରର ବିବାଦୀୟ ପରିସ୍ଥିତି ସାମୟିକ ଭାବରେ ମାନସିକ ଅସ୍ଥିରତା ସୃଷ୍ଟି କରିପାରେ।

**କୁମ୍ଭ** ଶୁକ୍ରଙ୍କ ଦୃଷ୍ଟିର ସୁପ୍ରଭାବରେ ଯାହା ଆଶା କରୁଛନ୍ତି ତାହା ନିଶ୍ଚିତ ପାଇବେ। ଚନ୍ଦ୍ରଙ୍କ ଦ୍ୱାରା ଆତ୍ମୀୟଙ୍କ ସହ ବିବାଦୀୟ ସ୍ଥିତି ସୃଷ୍ଟି କରିପାରନ୍ତି। ଆଲୋଚନା ପରିସରରେ ସତ୍ୟ ପ୍ରକାଶ କରି ବନ୍ଧୁମାନଙ୍କ ବିରାଗ ଭାଜନ ହେବେ। ସତର୍କତା ଅଭାବରୁ ଧନହାନି ସଙ୍ଗକୁ ହାତ, ପାଦରେ ଆଘାତ ଲାଗିବାର ଆଶଙ୍କା ରହିଛି।

**ମୀନ** ଆଜିର କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସହ ବିବାଦ ସୃଷ୍ଟି କରିପାରନ୍ତି। ରବି ଓ ରାହୁ ରାଜନୈତିକ ଗ୍ରହ ହେତୁ ଏହାର ପୃଷ୍ଠଭୂମିରେ ସମସ୍ୟା ସମାଧାନର ସୂତ୍ର ବାହାରିବ। ବିଭିନ୍ନ ପାରିବାରିକ ସମସ୍ୟା ମଧ୍ୟରେ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ଆପଣ ଉପସ୍ଥିତ ବୁଦ୍ଧି ଓ ମନୋବଳ ଯୋଗୁ ବହୁ ବିପଦରୁ ରକ୍ଷା ପାଇପାରିବେ।

ଆଜି ଏପ୍ରିଲ ୮ ତାରିଖ, ବିଶ୍ୱ ପରମ୍ପରା ଦିବସ, ବୈଶାଖ କୃଷ୍ଣ ଷଷ୍ଠୀ ବୁଧବାର। ରାଶି ନକ୍ଷତ୍ର-ତୁଳା/ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ସର୍ବବେଦୀ ବ୍ରତୋପନୟନ। ଦିବା ଘ.୦୫।୩୩ମି. ଗତେ ଘ.୦୭।୧୭ମି. ମଧ୍ୟେ, ଘ.୧୦।୧୬ମି. ଗତେ ଘ.୧୧।୨୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧।୪୮ମି. ଗତେ ଘ.୦୧।୨୧ମି. ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜହ୍ନି ଫୁଲ ଫୁଟିଲା
ଯାମିନୀ ନାନୀ ଗାଧେଇ ଯାଇ
ବାପ ଘରେ ଉଠିଲା।**

ବିବାହ ହୋଇସାରିଥିଲେ ମଧ କେତେକ ଝିଅ ସେମାନଙ୍କ ବାପଘର ପ୍ରତି ଥିବା ସ୍ନେହ ମମତା ତଥା ଭଲପାଇବାକୁ ଭୁଲି ପାରି ନଥାନ୍ତି। ବାହା ହୋଇ ସାରିବା ପରେ ବୋହୂ ହିସାବରେ ଶାଶୁ ଘର ପ୍ରତି କିଛି ଦାୟିତ୍ୱ, ତ୍ୟାଗ ଓ ବଳିଦାନ ରହିବା ଶୋଭନୀୟ ହୋଇଥିବାବେଳେ ବାପଘର ପ୍ରତି ଦୁର୍ବଳତା କାରଣରୁ ବୁଲି ଆସିବା ବାହାନା କରି ସେଠାକୁ ଧାଉଁଥିବା ଝିଅ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯବଧାନ
ଆଗ ଭାରିଯାକୁ ଛାଡ଼ପତର
ପଛ ଭାରିଯାକୁ ସାବଧାନ।**

କିଛି ବ୍ୟକ୍ତି ପରକୀୟା ପ୍ରୀତିରେ ପଡ଼ି ବୈଦିକ ରୀତିନୀତି ଅନୁଯାୟୀ ବିବାହ କରିଥିବା ନିଜ ସ୍ତ୍ରୀକୁ ତ୍ୟାଗକରି ବସୁଥିବା ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ ପ୍ରେମ ଆସକ୍ତିରେ ପଡ଼ି ପୁନଶ୍ଚ ବିବାହ କରୁଥିବା ବ୍ୟକ୍ତି ଦ୍ୱିତୀୟ ସ୍ତ୍ରୀର ଆନ୍ତରିକତା ପ୍ରତି ଅଧିକ ସଚେତନ ହେବା ବିଧେୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରମିଳାଙ୍କ ଘରେ ବୈଠକ ପରେ ନବୀନ ନିବାସରେ ଯାଜପୁର ନେତା

## ଆଗକୁ ଜିଲା ସ୍ତରରେ ଯୁବ, ଛାତ୍ର, ମହିଳାଙ୍କ ବୈଠକ

ଭୁବନେଶ୍ୱର,୭।୪(ସୁନିତ୍ ମିଶ୍ର)

ଯାଜପୁର ଜିଲାର ବିଜେଡି ନେତାମାନେ ମଙ୍ଗଳବାର ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ସରକାରୀ ବାସଭବନଠାରେ ଏକାଠି ହୋଇଥିଲେ। ପ୍ରମିଳାଙ୍କ ଘରେ ଏଥରକୁ ମିଶାଇ ୨ୟ ଥର ଲାଗି ଯାଜପୁର ନେତାମାନେ ଏକାଠି ହୋଇଥିବା ଦେଖିବାକୁ ମିଳିଛି। ଯାଜପୁରରେ ଦଳର ସ୍ଥିତି ପୂର୍ବାପେକ୍ଷା ବହୁ ଦୁର୍ବଳ ହେଉଥିବାରୁ ଜିଲା ନେତାମାନେ ବାରମ୍ବାର ଏକାଠି ହେଉଥିବା ଚର୍ଚ୍ଚା ହେଉଛି। ଜିଲାର ଅନେକ ନେତାଙ୍କ ମଧ୍ୟରେ ମତପାର୍ଥକ୍ୟ ରହିଥିବା ଯୋଗୁ ସମସ୍ତେ ପ୍ରମିଳାଙ୍କ ଘରେ ଏକାଠିହେବାକୁ ନିର୍ଦ୍ଦେଶ ରହିଛି ବୋଲି ଅନେକ ସମୟରେ ଶୁଣିବାକୁ ମିଳିଥାଏ। ତେବେ ପ୍ରମିଳାଙ୍କ ଘରେ ବୈଠକ ସରିବା ପରେ ଯାଜପୁର ଜିଲାର ନେତାମାନେ ନବୀନ ନିବାସ ଯାଇ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ଅବସରରେ ଜିଲାର ରାଜନୈତିକ ପରିସ୍ଥିତି ଓ ବିକାଶ କାମ ସମ୍ପର୍କରେ ଆଲୋଚନା ହୋଇଛି। ପଞ୍ଚାୟତ ଓ ପୌରାଞ୍ଚଳରେ ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତା ଭାଜପା ସରକାରରେ ସଙ୍କୁଚିତ କରିଦେଇଥିବାରୁ ପରିସ୍ଥିତି କିପରି ଅଧିକ ଗମ୍ଭୀର ହୋଇଛି ସେନେଇ ନବୀନଙ୍କୁ ସମସ୍ତେ ଅବଗତ କରାଇଛନ୍ତି। ଜିଲାରେ ବିଜେଡି ସାଙ୍ଗଠନିକ ସ୍ଥିତିକୁ କିପରି ଅଧିକ ମଜଭୁତ କରିହେବ ସେନେଇ ଆଲୋଚନା ହୋଇଥିବା ଜଣାପଡିଛି। ବୈଠକ ପରେ ଗଣମାଧ୍ୟମରେ ପ୍ରମିଳା କହିଛନ୍ତି, ଆଗକୁ ଜିଲାସ୍ତରରେ ବୈଠକ ହେବ। ଯାଜପୁରରେ ଛାତ୍ର, ଯୁବ ଓ ମହିଳା ସଙ୍ଗଠନକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦିଆଯାଇଛି। ଯେପରି ଜିଲାରେ କାର୍ଯ୍ୟକ୍ରମ ହେବ ତା'ର ପ୍ରସ୍ତୁତି ସମ୍ପର୍କରେ ସଭାପତିଙ୍କୁ ଜଣାଇଛନ୍ତି। ବିଜେଡି ଏକ ବିରାଟ ଦଳ, ଜଣେ ଗଲେ ଆଉ ୧୦ ଜଣ ଆସିବେ। ଆଗକୁ ବହୁ ଲୋକ ବିଜେଡିକୁ ଫେରିବେ ବୋଲି ପ୍ରମିଳା କହିଛନ୍ତି।

## ବେଦାନ୍ତ ପାଇଁ...

ପ୍ରଥମ ପୃଷ୍ଠାରୁ...

ସେମାନଙ୍କ ଭିଟାମାଟି ଛାଡ଼ିବାକୁ ଦେବେନାହିଁ ବୋଲି ଜିଦ୍ ଧରିଥିଲେ। ଏହି ସମୟରେ ଉତ୍ତ୍ୟକ୍ତ କେତେଜଣ ବିକ୍ଷୋଭକାରୀ ପୋଲିସ ଉପରକୁ ପଥରମାଡ଼ କରିଥିଲେ। ଆନ୍ଦୋଳନକାରୀଙ୍କ ଆକ୍ରମଣରେ ରାୟଗଡ଼ା ଅତିରିକ୍ତ ଏସ୍‌ପି ଅମୂଲ୍ୟ ଧର, ରାୟଗଡ଼ା ଏସ୍‌ଡିପିଓ ଗୌରହରି ସାହୁ, କାଶୀପୁର ଆଇଆଇସି ଦେବଦତ୍ତ ମଲ୍ଲିକ, ଏସ୍‌ଆଇ ସନ୍ଧ୍ୟାରାଣୀ ତିର୍କୀଙ୍କ ସମେତ ଅନେକ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ୭ ଜଣ ପୋଲିସ କର୍ମଚାରୀ ଗୁରୁତର ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗ୍ରାମରେ ଉତ୍ତେଜନାପୂର୍ଣ୍ଣ ବାତାବରଣ ରହିଥିବାରୁ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ଡିଆଇଜି କନୱର ବିଶାଳ ସିଂ, ଏସ୍‌ପି ସ୍ୱାଥୀ ଏସ୍. କୁମାର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ଅନ୍ୟପଟେ ପୋଲିସ ପକ୍ଷରୁ ପାଲଟା ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ଅନେକ ଗ୍ରାମବାସୀ ଆହତ ହୋଇଥିବା ନେଇ ସୂଚନା ମିଳିଛି। ଏ ସମ୍ପର୍କରେ ଏସ୍‌ପି ସ୍ୱାଥୀ ଏସ୍. କୁମାର କହିଛନ୍ତି, ସୁବାସ ସିଂ ମାଝୀ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ପୋଲିସ କଣ୍ଟାମାଳ ଯାଇଥିଲେ। ହେଲେ ପ୍ରାୟ ୨୫୦ ଲୋକ ମାରଣାସ୍ତ୍ର ଧରି ପୋଲିସକୁ ଘେରି ଆକ୍ରମଣ କରିବା ସହିତ ପଥରମାଡ଼ କରିଥିଲେ। ଫଳରେ ପୋଲିସ କର୍ମୀ ଆହତ ହୋଇଥିଲେ। ଆହତ ପୋଲିସଙ୍କୁ ମେଡିକାଲ ନେବା ସହିତ ଲୁହବୁହା ଗ୍ୟାସ୍ ଛାଡ଼ିବା ପରେ ଲୋକେ ସେଠାରୁ ପଳାଇଥିଲେ। ଅପରପକ୍ଷରେ ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି, ପୋଲିସର ପାଲଟା ଆକ୍ରମଣରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆହତ ହୋଇଛନ୍ତି। ସୁବାସ ସିଂ ମାଝୀ ଜଣେ ଆତଙ୍କବାଦୀ ନୁହନ୍ତି ଯେ ପୋଲିସ ତାଙ୍କୁ ଏଭଳି ରାତିଅଧିଆ ଗିରଫ କରିବାକୁ ଯାଇଥିଲା। ପୋଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ସାମନ୍ତରା ଦୃଢ଼ ନିନ୍ଦା କରିବା ସହ ପୋଲିସ କମ୍ପାନୀଙ୍କ ନିକଟରେ ବିକ୍ରି ହୋଇଯାଇଛି ବୋଲି ସାମନ୍ତରା କହିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଶାଗବାରି ଅଞ୍ଚଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍‌ଏସ୍‌ଏସ୍) ର୧୬୩ ଧାରା ଜାରି କରାଯାଇଛି। ଆକ୍ରମଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଡିଜି ସଞ୍ଜୟ କୁମାର କହିଛନ୍ତି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଅଧିକ ପୋଲିସ ପଠାଇବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

ପ୍ରକାଶଥାଉ କି, ଗତ ୩ ତାରିଖରେ ଉପଜିଲାପାଳଙ୍କ ଆଦେଶ ଅନୁଯାୟୀ ବିଏନ୍‌ଏସ୍‌ଏସ୍ ଧାରା ୧୬୩ରେ ଉକ୍ତ ଅଞ୍ଚଳରେ ନିଷେଧାଜ୍ଞା ଜାରି କରାଯାଇଛି। ରାସ୍ତାଠାରୁ ୧୦୦ ମିଟର ଦୂରତା ମଧ୍ୟରେ ୪ ଜଣରୁ ଅଧିକ ଲୋକ ଏକତ୍ରିତ ହୋଇପାରିବେ ନାହିଁ ବୋଲି ଏକ ମାସ ପର୍ଯ୍ୟନ୍ତ ନିଷେଧାଜ୍ଞା ଜାରି ହୋଇଛି।

## ସମ୍ପୂର୍ଣ୍ଣ ସଭ୍ୟତା...

ଡେଡ୍‌ଲାଇନ୍‌କୁ ବଢ଼ାଯାଇଥିଲା। ତେବେ ମଙ୍ଗଳବାର ରାତି ୮ଟା ଡେଡ୍‌ଲାଇନ୍ ଚୂଡ଼ାନ୍ତ ବୋଲି ଟ୍ରମ୍ପ୍ କହିଛନ୍ତି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଜାହାଜ ଚଳାଚଳ ପାଇଁ ଇରାନ ଅନୁମତି ନ ଦେଲେ ଏହାର ସମସ୍ତ ବିଦ୍ୟୁତ୍ ପ୍ରକଳ୍ପ ଏବଂ ବ୍ରିଜ୍‌କୁ ଧ୍ୱଂସ କରିଦିଆଯିବବୋଲିଟ୍ରମ୍ପ୍‌ପୂର୍ବରୁଧମକଦେଇଥିଲେ। ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକର ସୁରକ୍ଷା ପାଇଁ ଇରାନ ମାନବ ଶୃଙ୍ଖଳ କରିବାକୁ ଦେଶର ଯୁବବର୍ଗଙ୍କୁ ନିବେଦନ କରିଛି। ଦେଶର ୧୪ ନିୟୁତ ଲୋକ ସ୍ୱେଚ୍ଛାକୃତ ଭାବେ ଲଢ଼ିବା ପାଇଁ ପ୍ରସ୍ତୁତ ବୋଲି ଇରାନ ରାଷ୍ଟ୍ରପତି ମାସୌଦ ପେଜେସ୍‌କିଆନ୍ କହିଛନ୍ତି।

## ଆଜି ସବୁ...

ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ବଲାଙ୍ଗୀର, ସୋନପୁର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବରଗଡ଼ ଏବଂ ଝାରସୁଗୁଡ଼ା ଜିଲାକୁ ବର୍ଷା ପବନ ଓ ଘଡ଼ଘଡ଼ି ବିଜୁଳି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗୁରୁବାର ବେଳକୁ ବର୍ଷାର ପରିମାଣ ସାମାନ୍ୟ କମିବ ବୋଲି ପୂର୍ବାନୁମାନ କରାଯାଇଛି।

ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୨୪ ଘଣ୍ଟାରେ ଗଞ୍ଜାମ ଜିଲା ଶେରଗଡ଼ରେ ସର୍ବାଧିକ ୧୦୫ ମି.ମି ବର୍ଷା ରେକର୍ଡ ହୋଇଛି। ସେହିପରି ବରଗଡ଼ ଜିଲା ଅତାବିରାରେ ୭୫ ମି.ମି., ମୟୂରଭଞ୍ଜ ଜିଲା ଶୁକ୍ରୁଲିରେ ୪୬ ମି.ମି., ରରୁଆଁରେ ୪୫ ମି.ମି., କଟକ ଜିଲା ଆଠଗଡ଼ରେ ୪୧ ମି.ମି., ମୟୂରଭଞ୍ଜ ଜିଲା ଯଶୀପୁରରେ ୩୭.୨ ମି.ମି., ସାରସକଣାରେ ୩୪ ମି.ମି. ବର୍ଷା ହୋଇଯାଇଛି। ରାଜ୍ୟରେ କାଳବୈଶାଖୀ ପାଇଁ ଏବେ ଦିନ ତାପମାତ୍ରା ହ୍ରାସ ପାଇଛି। ତେବେ ଆସନ୍ତା ୩ଦିନ ପରେ ରାଜ୍ୟରେ ପୁଣି ପାଗ ବଦଳିବା ସହ ଦିନ ତାପମାତ୍ରା ୪ରୁ ୬ ଡିଗ୍ରୀ ବୃଦ୍ଧି ପାଇବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୩୭.୭ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଭବାନୀପାଟଣାରେ ୩୭.୫, ନୂଆପଡ଼ାରେ ୩୭.୨ ଓ ପାରଳାଖେମୁଣ୍ଡିରେ ୩୭ ଡିଗ୍ରୀ ଦିନ ତାପମାତ୍ରା ରହିଥିବା ସୂଚନା ମିଳିଛି।

14001/5/2627

ODISHA
NEW OPPORTUNITIES





**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ସମୃଦ୍ଧ ଓଡ଼ିଶା ଗଢୁଛନ୍ତି ଲୋକଙ୍କ ସରକାର
## ସବୁ ଜିଲ୍ଲାରେ ଏବେ ଶିଳ୍ପାୟନ ସହ ରୋଜଗାର

# ୪୦,୮୧୧ କୋଟି ଟଙ୍କା ମୂଲ୍ୟରେ ୩୬ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ

## ୫୯,୦୫୦ ନିଯୁକ୍ତି ସୁଯୋଗର ନୂଆ ଅଧ୍ୟାୟ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା, ଓଡ଼ିଶା

**ଶ୍ରୀ ପ୍ରଶାନ୍ତ ଜଗଦ୍ଦେବ**
ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ, ଖୋର୍ଦ୍ଧା

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ପ୍ରଦୀପ କୁମାର ସାହୁ**
ବିଧାୟକ, ବେଗୁନିଆ

**ଉଦ୍‌ଘାଟନ**

ଆମ୍ପିନ୍ ସୋଲାର୍ ଓ୍ୱାନ୍ ପ୍ରାଇଭେଟ୍ ଲିମିଟେଡ୍ | କାଲଡ଼ରିସ୍ ଇଣ୍ଡିଆ ରିଫ୍ରାକ୍ଟୋରିଜ୍ ଲିମିଟେଡ୍ | ପେକ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ | ଆଇ.ଡ଼ି.ଭି.ବି. ରିସାଇକ୍ଲିଙ୍ଗ ଅପରେସନ୍ସ ପ୍ରାଇଭେଟ୍ ଲିମିଟେଡ୍
ଟ୍ରାଇମେଟ୍ରୋ ଗାର୍ମେଣ୍ଟ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ | ଶ୍ରୀଜୟ ଫଏଲ୍ସ ଲିମିଟେଡ୍ | ବିରେନ୍ଦ୍ର ହୋଟେଲ୍ସ ଏଣ୍ଡ ବାଙ୍କୁଏଟ୍ସ ପ୍ରାଇଭେଟ୍ ଲିମିଟେଡ୍ | ଜଷ୍ଟସ୍ମାଇଭ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍
ଆନାଡ୍ରୋନ୍ ସିଷ୍ଟମ୍ ପ୍ରାଇଭେଟ୍ ଲିମିଟେଡ୍ | ଡ଼ାନିଏଲି କୋରସ୍ ରିଫ୍ରାକ୍ଟୋରି ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ | ଓରିବେକ୍ ପ୍ରାଇଭେଟ୍ ଲିମିଟେଡ୍

**ଭିତ୍ତିପ୍ରସ୍ତର ସ୍ଥାପନ**

ଓଡ଼ିଶା ଥର୍ମାଲ୍ ଏନର୍ଜି ଲିମିଟେଡ୍ | ଅମ୍ବୁଜା କଙ୍କ୍ରିଟ୍ ନର୍ଥ ପ୍ରାଇଭେଟ୍ ଲିମିଟେଡ୍ | ସ୍ୱୋର୍ଟକିଙ୍ଗ ଇଣ୍ଡିଆ ଲିମିଟେଡ୍ | ଜୁପିଟର୍ ଟାଟ୍ରାଭାଗୋଙ୍କା ରେଲଓ୍ୱିଲ୍ ଫ୍ୟାକ୍ଟ୍ରୀ ପ୍ରାଇଭେଟ୍ ଲିମିଟେଡ୍
ଏଟିସି ଟାୟାର୍ସ ଏପି ପ୍ରାଇଭେଟ୍ ଲିମିଟେଡ୍ | ଏମଏଏସ ଇଣ୍ଡିଆ କ୍ଲୋଥ୍ସ ପ୍ରାଇଭେଟ୍ ଲିମିଟେଡ୍ | ଲୁମିନସ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ | ବନ୍‌ଭି ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍
ଏବିଆଇ ଶୋଟେକ୍ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ | ରାହି ଟ୍ରାକ୍ ଟେକ୍ନୋଲୋଜିଜ୍ ପ୍ରାଇଭେଟ୍ ଲିମିଟେଡ୍ | ଷ୍ଟାରକ୍ୟାପ୍ସ ଗ୍ଲୋବାଲ୍ ଏଲ୍‌ଏଲ୍‌ପି
ଗ୍ରୀନ୍‌ୱେଭ ସର୍କ୍ୟୁଲାରିଟି ପ୍ରାଇଭେଟ୍ ଲିମିଟେଡ୍ | ଅଦାନି ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ | ସାଜି ନ୍ୟୁଟ୍ରିସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍ | କେପିଆର ମିଲ ଲିମିଟେଡ୍
ପେଜ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ୟୁନିଟ-୨ | ଲାଇଫ୍ ଉତ୍ତମପୁର ବାଇ ୱାର୍ଲ୍ଡ ହୋଟେଲ ପ୍ରାଇଭେଟ୍ ଲିମିଟେଡ୍ | ନୁଭୋ ଏଓନ୍ ଡ଼ାଇମଣ୍ଡ ଏଣ୍ଡ ଜୁଏଲେରି ପ୍ରାଇଭେଟ୍ ଲିମିଟେଡ୍
ନନ୍ଦରାଜ ଏଗ୍ରୋ | ସୂର୍ଯ୍ୟା ଇଣ୍ଟରନ୍ୟାଶନାଲ୍ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ | ପଣ୍ଡା ରିଜୋର୍ଟ ପ୍ରାଇଭେଟ ଲିମିଟେଡ୍ | ଅଶୋକ ସ୍କାଇ ମେଟାଲସ୍ ପ୍ରାଇଭେଟ ଲିମିଟେଡ୍
ଆର୍କଶ୍ରୀ ହସ୍ପିଟାଲିଟି ଆଣ୍ଡ ଟୁରିଜିମ୍ ପ୍ରାଇଭେଟ ଲିମିଟେଡ୍ | ନିର୍ମଳ ୱାୟର୍ସ ପ୍ରାଇଭେଟ୍ ଲିମିଟେଡ୍ | ୱୋଭିନୋଭା ପ୍ରାଇଭେଟ ଲିମିଟେଡ୍

**ରାଜ୍ୟସ୍ତରୀୟ ସମାରୋହ**

୮ ଅପ୍ରେଲ ୨୦୨୬ | ଦିବା ୧୦ ଘଟିକା | ଭୁଇଁପୁର, ଖୋର୍ଦ୍ଧା

**ଶିଳ୍ପ ବିଭାଗ, ଓଡ଼ିଶା ସରକାର**

OIPR-14001/14005/2/26-27/0002

ସାଂପ୍ରଦାୟିକ ବିବାଦ ହେଲା- କଳସମାନଙ୍କ ଭିତରେ ବିବାଦ। କୋଉ କଳସରେ ଅମୃତ ରହିବ- ତାହା ନେଇ ବିବାଦ। କିନ୍ତୁ ଆମର କାର୍ଯ୍ୟ ହେଲା ଅମୃତ -ରସ ସଂଗ୍ରହ କରିବା। ତାହା ଯେଉଁ କଳସରେ ଥାଉ। ଅନ୍ୟକାର୍ଯ୍ୟଟି ହେଲା ଅମୃତତ୍ୱ ଅର୍ଜନ କରିବା। -ଶ୍ରୀଅରବିନ୍ଦ



# ମଣିପୁର ପାଇଁ ସମୟ ନାହିଁ

କିଛି ଦିନର ବ୍ୟବଧାନ ପରେ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ସଦ୍ୟ ହିଂସା ଦେଖାଦେଇଛି। ବିଷ୍ଣୁପୁର ଜିଲାର ମୋଇରାଙ୍ଗ ଟ୍ରୋଙ୍ଗଲାଓବି ଅଞ୍ଚଳରେ ୬ ଏପ୍ରିଲରେ ଉଗ୍ରବାଦୀଙ୍କ ବୋମା ମାଡ଼ରେ ଜଣେ ୫ ବର୍ଷର ବାଳକ ଓ ଜଣେ ୬ ମାସର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ଉଗ୍ରବାଦୀମାନେ କୁକି ସମ୍ପ୍ରଦାୟର ବୋଲି କୁହାଯାଉଛି। ବୋମା ମାଡ଼ ଓ ଶିଶୁଙ୍କ ଜୀବନ ଯିବା ପ୍ରତିବାଦରେ ସମ୍ପୃକ୍ତ ଜିଲାରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୋଇରାଙ୍ଗ ଟ୍ରୋଙ୍ଗଲାଓବ ଅଞ୍ଚଳ ପେଟ୍ରୋଲ ପମ୍ପ ନିକଟରେ ଥିବା ତୈଳ ଟ୍ୟାଙ୍କ ଓ ଟ୍ରକ୍ ଜାଳି ଦେଇଛନ୍ତି। କେନ୍ଦ୍ରୀୟ ସଶସ୍ତ୍ର ବଳ ଶିବିର ଆଡ଼କୁ ଉତ୍ତ୍ୟକ୍ତ ଲୋକେ ଧସେଇ ପଶିବାରୁ ପୋଲିସ ଗୁଳିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ବଡ଼ ଧରଣର ହିଂସା ଘଟିବା ଆଶଙ୍କା କରି ପ୍ରଶାସନ ପକ୍ଷରୁ ୫ ଜିଲାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି।

ଏଠାରେ ମନେପକାଇ ଦିଆଯାଇପାରେ ଯେ, ୨୦୨୩ ମେ'ରୁ ମେଇତି ଓ କୁକିଙ୍କ ମଧ୍ୟରେ ଜାତିଗତ ସଂଘର୍ଷ ଦେଖାଦେଇଥିଲା, ଯେଉଁଥିରେ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧,୫୦୦ ଲୋକ ଆହତ ହୋଇଥିଲେ। ଏଥିଯୋଗୁ ପ୍ରାୟ ୭୦ ହଜାର ଲୋକ ବିସ୍ଥାପିତ ହୋଇଛନ୍ତି। ହିଂସା ଅଣାୟତ୍ତ ହେବାରୁ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା। ସେହି ସମୟରେ ହିଂସା ସାମାନ୍ୟ ଆୟତ୍ତ ଭିତରକୁ ଆସିଥିଲା। ତେବେ ୪ ଫେବୃଆରୀ ୨୦୨୬ରେ ମୁଖ୍ୟମନ୍ତ୍ରୀ ୟୁମ୍‌ନାମ୍ ଖେମ୍‌ଚାନ୍ଦ ସିଂଙ୍କ ନେତୃତ୍ୱରେ ନୂଆ ସରକାର ଗଠନ ହେବା ପରେ ଏବେ ସେଠାରେ ଯେଉଁଭଳି ହିଂସା ଦେଖାଦେଇଛି, ତାହା ଉଗ୍ର ରୂପ ଧାରଣ କରିବାର ସଙ୍କେତ ମିଳିଲାଣି। କାରଣ କୁକି ଓ ମେଇତିଙ୍କ ମଧ୍ୟରେ ଭୂମି ଓ ସଂରକ୍ଷଣକୁ ନେଇ ଅଦ୍ୟାବଧି କୌଣସି ସମାଧାନ ଆସିପାରି ନାହିଁ। ବିବାଦ ଜାରି ରହିଥିବା ବେଳେ କେବଳ ତାଳିପକା କାର୍ଯ୍ୟ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ରେ ମଣିପୁରରେ ମେଇତି ସମ୍ପ୍ରଦାୟକୁ ହାଇକୋର୍ଟ ଆଦିବାସୀ ମାନ୍ୟତା ସୁପାରିସ ସଂକ୍ରାନ୍ତ ଆଦେଶ ଦେବା ପରେ ଏହାକୁ ବିରୋଧ କରି ନାଗା, କୁକି ଓ ଆଦିବାସୀ ସମ୍ପ୍ରଦାୟ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନଙ୍କ ଅଧିକାରକୁ ସଂଖ୍ୟାଗରିଷ୍ଠ ମେଇତିମାନେ ଛଡ଼ାଇ ନେଉଥିବା ଆଦିବାସୀମାନେ ଅଭିଯୋଗ କରିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ଘୋର ହିଂସା ଉପୁଜିଥିଲା।

> **ମଣିପୁରରେ ୨୦୨୩ରେ ଦେଖାଦେଇଥିବା ହିଂସା ବେଳେ କର୍ନାଟକ ବିଧାନସଭା ନିର୍ବାଚନ ଥିଲା। ସେତେବେଳେ କେନ୍ଦ୍ରୀୟ ନେତୃତ୍ୱ ମଣିପୁର ନିଆଁକୁ ଲିଭାଇବା ଅପେକ୍ଷା ନିର୍ବାଚନ ପ୍ରଚାରରେ ଲାଗିପଡ଼ିଥିଲେ। ଏହାର ୩ ବର୍ଷ ପରେ ଆସାମ ସମେତ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଏପ୍ରିଲ ୯ରୁ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏବେ ମଧ୍ୟ ଏହି ସମସ୍ୟାର ସମାଧାନ ବାହାର କରିବା ପାଇଁ ନେତୃବୃନ୍ଦଙ୍କ ସମୟ ହେଉନାହିଁ।**

ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ଉତ୍ତର ପୂର୍ବାଞ୍ଚଳ ଭାରତ ଭୂଖଣ୍ଡର ଏକ ବିବାଦୀୟ ଅଞ୍ଚଳ ଭାବେ ସବୁବେଳେ ରହିଆସିଛି। ସୀମାନ୍ତ ଅଞ୍ଚଳ ପ୍ରତି ବାହ୍ୟ ରାଷ୍ଟ୍ରର ହସ୍ତକ୍ଷେପ ରହୁଥିବାରୁ ଅନେକ ସମୟରେ ଉଗ୍ରବାଦୀ କାର୍ଯ୍ୟକଳାପ ବଢ଼ିଥାଏ। ଏ ବିଷୟକୁ କେନ୍ଦ୍ର ସରକାର ଭଲ ଭାବେ ବୁଝିଥାଆନ୍ତି। କିନ୍ତୁ ରାଜନୈତିକ ସ୍ୱାର୍ଥ ସ୍ଥିତିରେ ପରିବର୍ତ୍ତନ ଆଣିପାରୁ ନାହିଁ। ସେଠାରେ ଭାଜପା କ୍ଷମତାରେ ରହିଆସିଥିବା ବେଳେ ଏନ୍. ବୀରେନ୍ ସିଂଙ୍କ ମୁଖ୍ୟମନ୍ତ୍ରିତ୍ୱ ବଦଳରେ ଶିରପା ୟୁମ୍‌ନାମ ଖେମଚାନ୍ଦ ସିଂଙ୍କ ହାତକୁ ଯାଇଛି। ଆଶା କରାଯାଉଥିଲା ନୂଆ ମୁଖ୍ୟମନ୍ତ୍ରୀ ଆସିବା ପରେ ସ୍ଥିତି ସ୍ୱାଭାବିକ ହେବ। କିନ୍ତୁ ବିବାଦ ସମାଧାନ କରିବାକୁ ରାଜ୍ୟ କିମ୍ବା କେନ୍ଦ୍ର ଚାହୁଁ ନ ଥିବା ଭଳି ମନେହେଉଛି। ମନେପଡ଼େ ମଣିପୁରରେ ୨୦୨୩ରେ ଦେଖାଦେଇଥିବା ହିଂସା ବେଳେ କର୍ନାଟକ ବିଧାନସଭା ନିର୍ବାଚନ ଥିଲା। ସେତେବେଳେ କେନ୍ଦ୍ରୀୟ ନେତୃତ୍ୱ ମଣିପୁର ନିଆଁକୁ ଲିଭାଇବା ଅପେକ୍ଷା ନିର୍ବାଚନ ପ୍ରଚାରରେ ଲାଗିପଡ଼ିଥିଲେ। ଏହାର ୩ ବର୍ଷ ପରେ ଆସାମ ସମେତ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଏପ୍ରିଲ ୯ରୁ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ବର୍ତ୍ତମାନ ନିର୍ବାଚନ ପ୍ରଚାର ଜୋରସୋର ଚାଲିଛି। ଏବେ ମଧ୍ୟ ଏହି ସମସ୍ୟାର ସମାଧାନ ବାହାର କରିବା ପାଇଁ ନେତୃବୃନ୍ଦଙ୍କ ସମୟ ହେଉନାହିଁ।

# ସଭ୍ୟତାର ସୁରକ୍ଷା, ଜଳର ଗୁଣବତ୍ତା



ଶ୍ରୀବତ୍ସ ନାୟକ

କୌଣସି ସଭ୍ୟତାର ଅଭ୍ୟୁଦୟ ଓ ବିନାଶର କାହାଣୀ ସେହି ସମୟର ଜଳସମ୍ପଦ ସହିତ ଜଡ଼ିତ। ମାନବ ଜାତିର ଅସ୍ତିତ୍ୱ ତଥା ସଂରକ୍ଷଣ ପାଇଁ ଜଳର ଗୁଣବତ୍ତା (ଶୁଦ୍ଧ ଓ ସୁରକ୍ଷିତ), ବିଶେଷକରି ପାନୀୟଜଳର ମାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜୀବନ ଧାରଣ ନିମନ୍ତେ ଜଳର ଅନନ୍ୟ ଭୂମିକା ସତ୍ତ୍ୱେ, ବିଶ୍ୱବ୍ୟାପୀ ପାନୀୟଜଳର ଗୁଣବତ୍ତା ସନ୍ତୋଷଜନକ ନୁହେଁ। ଜଳ ଗୁଣବତ୍ତାର ମାନ ଭୌଗୋଳିକ ସ୍ଥିତି ଅନୁସାରେ ଭିନ୍ନ ଭିନ୍ନ ହୋଇଥିବାବେଳେ ଏହା ବିଭିନ୍ନ ପ୍ରାକୃତିକ ଓ ମନୁଷ୍ୟକୃତ ପରିବେଶର କାରକ ଦ୍ୱାରା ପ୍ରଭାବିତ ହୋଇଥାଏ। ଭାରତ ଏକ ବିଶାଳ ଜନସଂଖ୍ୟାର ଦେଶ ହେତୁ ଏଠାରେ ଜଳ ସମ୍ପଦର ଚାହିଦା ବହୁତ ଅଧିକ। ଗତ ତିନି ଦଶନ୍ଧିକୁ ଲକ୍ଷ୍ୟକଲେ ଏହା ସ୍ପଷ୍ଟ ଅନୁମେୟ ଯେ ; ଭାରତରେ ପାନୀୟଜଳର ପ୍ରାପ୍ୟତା ବୃଦ୍ଧି ପାଇଥିଲେ ମଧ୍ୟ ଜଳର ଗୁଣବତ୍ତା ଏକ ସମସ୍ୟା ଭାବେ ଉଭା ହୋଇଛି। ଆଜି ଭାରତ ଯେତେବେଳେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହେବାର ଗୌରବ ଅର୍ଜନ କରୁଛି ବୋଲି କୁହାଯାଉଛି, ସେତେବେଳେ ଭାରତ, 'ନିରାପଦ ପାନୀୟ ଜଳ' ଭଳି ଏକ ମୌଳିକ ଆବଶ୍ୟକତା ପୂରଣ ନ କରିପାରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଭାରତରେ ଜଳର ଗୁଣବତ୍ତାଜନିତ ସମସ୍ୟା ଦୀର୍ଘଦିନ ଧରି ଚାଲୁଥିବା ଏକ ପରିବେଶୀୟ ଓ ସାମାଜିକ ସମସ୍ୟା ରୂପେ ଉତ୍କଟ ହୋଇଛି।

୨୦୨୬ ମସିହା, 'ବିଶ୍ୱ ଜଳ ଗୁଣବତ୍ତା ସୂଚକାଙ୍କ', 'ସମ୍ମିଳିତ ଜଳ ପରିଚାଳନା ସୂଚକାଙ୍କ'ଏବଂ 'ପରିବେଶ ପ୍ରଦର୍ଶନ ସୂଚକାଙ୍କ'ରେ ଭାରତର ମାନ୍ୟତା ଏକ ଗମ୍ଭୀର ଚିନ୍ତାର ବିଷୟ ହୋଇଛି। ନିକଟରେ ପ୍ରକାଶ ପାଇଥିବା ବିଶ୍ୱ ଜଳ ଗୁଣବତ୍ତା ସୂଚକାଙ୍କରେ ୧୨୨ଟି ଦେଶ ମଧ୍ୟରୁ ଭାରତ ୧୨୦ତମ ସ୍ଥାନରେ ରହିବା ଓ ସମ୍ମିଳିତ ଜଳ ପରିଚାଳନାରେ ବିଫଳ ହେବା କେବଳ ଏକ ପରିସଂଖ୍ୟାନ ନୁହେଁ, ବରଂ ଏହା ଆମର ନ୍ୟାୟ, ନୈତିକ ଦାୟିତ୍ୱବୋଧ, ଶାସନତନ୍ତ୍ର ଓ ବିକାଶର ମଡେଲ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭାରତ ପୃଥିବୀର ମୋଟ ଭୂଭାଗର ପ୍ରାୟ ୨.୪ ପ୍ରତିଶତ ଅଂଶ ଦଖଲ କରିଥିଲେ ମଧ୍ୟ ଏଠାରେ ପୃଥିବୀର ପ୍ରାୟ ୧୮ ପ୍ରତିଶତ ଲୋକ ବାସ କରନ୍ତି। କିନ୍ତୁ ଭାରତରେ ମୋଟ ମଧୁର ଜଳସମ୍ପଦ ପୃଥିବୀର କେବଳ ୪ ପ୍ରତିଶତ ଅର୍ଥାତ୍ ଭାରତରେ ଜଳସମ୍ପଦ ଉପରେ ଚାପ ବହୁତ ପଡୁଛି। ନୀତି ଆୟୋଗ ଓ ବିଶ୍ୱବ୍ୟାଙ୍କର ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ଭାରତର ପ୍ରାୟ ୭୦ ପ୍ରତିଶତ ପୃଷ୍ଠଭାଗ (ନଦୀ, ହ୍ରଦ ଓ ଜଳାଶୟ)ଜଳ ପ୍ରଦୂଷିତ। ଦିନକୁ ଦିନ ଏହାର ଗୁଣବତ୍ତା ହ୍ରାସ ପାଇବାରେ ଲାଗିଛି, ଯାହା ସିଧାସଳଖ ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମତରେ ଜଳରେ ଜୈବିକ



ଉପାଦାନ (ବ୍ୟାକ୍ଟେରିଆ,ଭୂତାଣୁ, ପରଜୀବୀ, ଶୈବାଳ), ରାସାୟନିକ ଉପାଦାନ (ନାଇଟ୍ରେଟ ଓ ଫସ୍‌ଫେଟ), କୀଟନାଶକ (ଫ୍ଲୋରାଇଡ ଓ ଆର୍ସେନିକ), ଭାରିଧାତୁ (ସୀସା,ପାରଦ ଓ କ୍ରୋମିଅମ), ଭୌତିକ ଉପାଦାନ (ମାଟି, କାଦୁଅ, ପ୍ଲାଷ୍ଟିକ, ତୈଳ ପଦାର୍ଥ ଓ ପଥର) ଆଦି ମିଶି ଜଳର ଗୁଣବତ୍ତାକୁ ହ୍ରାସ କରିଥାଏ। ସାଧାରଣରେ ବୁଝିବାକୁ ଗଲେ ଜଳରେ ଯେତେବେଳେ କଠିନ ପଦାର୍ଥ (ଟିଡିଏସ୍), ଅମ୍ଳତା (ପିଏଚ) ଏବଂ କ୍ଷାରର ମାତ୍ରା ସୀମା ବାହାରକୁ ଚାଲିଯାଏ, ସେତେବେଳେ ସେହି ଜଳ ବ୍ୟବହାର ପାଇଁ ଅନୁପଯୁକ୍ତ ହୁଏ। ଏକ ସର୍ଭେରୁ ଜଣାପଡିଛି, ଭାରତର ମାତ୍ର ୧୫ ପ୍ରତିଶତ ଲୋକ ଜଳକୁ ବିଶୁଦ୍ଧ କରିବା ପାଇଁ ଫିଲ୍ଟର୍ ବ୍ୟବହାର କରୁଥିବା ବେଳେ ୧୦ ପ୍ରତିଶତ ଲୋକ ଜଳକୁ ଫୁଟାଇ ବ୍ୟବହାର କରିଥାନ୍ତି। ଅବଶିଷ୍ଟ ଲୋକ ଜଳକୁ ସିଧାସଳଖ ବ୍ୟବହାର କରୁଛନ୍ତି।

ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ଅନୁଯାୟୀ ବ୍ୟବହାର ଅନୁପଯୋଗୀ ଜଳକୁ ଦୈନନ୍ଦିନ ଜୀବନରେ ବ୍ୟବହାର କରି ପ୍ରତିବର୍ଷ ଲକ୍ଷାଧିକ ଲୋକ ଜଳଜନିତ ରୋଗ (ଡାଇରିଆ, କଲେରା, ଜଣ୍ଡିସ,ଟାଇଫଏଡ୍ ଓ ହେପାଟାଇଟିସ)ରେ ପୀଡ଼ିତ ହୁଅନ୍ତି ଓ ବାର୍ଷିକ ହାରାହାରି ପ୍ରାୟ ୨ ଲକ୍ଷ ଲୋକଙ୍କର ପ୍ରାଣହାନି ଘଟିଥାଏ। ବିଶେଷ କରି ଭାରତର ଶ୍ରମଶକ୍ତିର ମେରୁଦଣ୍ଡ ସାଜିଥିବା ବସ୍ତି ବା ଅଣଆନୁଷ୍ଠାନିକ ବସତିଗୁଡ଼ିକ ଓ ଗ୍ରାମାଞ୍ଚଳରେ ରହୁଥିବା ଲୋକମାନେ ସିଧାସଳଖ ଭୂପୃଷ୍ଠର ଏହି ଦୂଷିତ ଜଳକୁ ବ୍ୟବହାର କରି ନାନା ରୋଗରେ ପୀଡ଼ିତ ହେଉଛନ୍ତି। କେବଳ ଏତିକି ନୁହେଁ, ଭୂତଳ ଜଳରେ ପ୍ରଦୂଷଣର ମାତ୍ରା ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି । ଭାରତ ବିଶ୍ୱର ସବୁଠାରୁ ଅଧିକ ଭୂତଳ ଜଳ ବ୍ୟବହାରକାରୀ ଦେଶ ହୋଇଥିବାରୁ ଜଳଜନିତ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଉଛି।

ବିଡ଼ମ୍ବନାର ବିଷୟ ଯେ ଭାରତ ଯେତେବେଳେ ମେଗା-ପ୍ରୋଜେକ୍ଟ, ହାଇ-ସ୍ପିଡ କରିଡର ଏବଂ ଅନ୍ତର୍ଜାତୀୟ ଶିଖର ସମ୍ମିଳନୀ ପାଳନ କରୁଛି, ସେତେବେଳେ ଜଳ ଭିତ୍ତିଭୂମି ସେହିପରି ପୁରୁଣା କାଳିଆ ହୋଇ ରହିଛି କିମ୍ବା ଆଦୌ ନାହିଁ। ଜଳ ଶାସନ ବିଭିନ୍ନ ମନ୍ତ୍ରଣାଳୟ, ରାଜ୍ୟ ଏବଂ ସଂସ୍ଥା ମଧ୍ୟରେ ବିଭକ୍ତ ହୋଇ ରହିଛି, ଯେଉଁଠି ଉତ୍ତରଦାୟିତ୍ୱ କମ୍ ଏବଂ ସମନ୍ୱୟ ତା'ଠାରୁ ବି କମ। ସରକାରଙ୍କର ସାର୍ବଜନୀନ ଜଳ ବ୍ୟବସ୍ଥା ପ୍ରତି ଅନେକ ଦଶନ୍ଧି ଧରି ଅବହେଳା, ସ୍ଥାୟୀ ସମାଧାନ ନ କରିବା, ସାର୍ବଜନୀନ ପୁଞ୍ଜି ବିନିଯୋଗ ନ କରିବା, ବିକେନ୍ଦ୍ରୀକୃତ ଜଳ ପରିଚାଳନା ବ୍ୟବସ୍ଥା, ପ୍ରଦୂଷଣ ନିୟନ୍ତ୍ରଣ ବାହାରକୁ ଚାଲିଯିବା, ଭୂତଳ ଜଳ ସୁରକ୍ଷା ନ କରିପାରିବା, ଆୟୋଜିତ ସହରୀକରଣ, ଶିଳ୍ପ ପ୍ରଦୂଷଣ, ନଦୀ ପରିଚାଳନାରେ ତ୍ରୁଟି, ବର୍ଜ୍ୟବସ୍ତୁ ପରିଚାଳନାର ଅଭାବ ଏବଂ ଜଳବାୟୁ ପ୍ରତି ଅଜ୍ଞତା ଯୋଗୁ ଆଜି ଆମଦେଶରେ ଏକ ପୂର୍ଣ୍ଣକାଳୀନ ଜଳ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ତଥାପି, ଜଳକୁ ଏକ ସାର୍ବଜନୀନ ସମ୍ପଦ ଏବଂ ସାମ୍ବିଧାନିକ ଅଧିକାର ଭାବେ ବିଚାର କରିବା ପରିବର୍ତ୍ତେ, ଏହାକୁ ଏକ ବ୍ୟବସାୟିକ ପଣ୍ୟ ଦ୍ରବ୍ୟରେ ପରିଣତ କରାଯାଇଛି, ଯାହାର ମୂଲ୍ୟ ଧାର୍ଯ୍ୟ କରାଯାଉଛି, ଘରୋଇକରଣ ହେଉଛି ଏବଂ ବଣ୍ଟନ ଅସମାନ ହେଉଛି। ଜଳର ଗୁଣବତ୍ତା ବୃଦ୍ଧି କରିବା ତଥା ଶୁଦ୍ଧ ପାନୀୟଜଳ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାର 'ଜଳ ଜୀବନ ମିଶନ' ଏବଂ 'ଅମୃତ ୨.୦' ଭଳି ପଦକ୍ଷେପ ଗ୍ରହଣ କରିଥିଲେ ମଧ୍ୟ ଜଳର ଗୁଣବତ୍ତା ବୃଦ୍ଧି କରିବାରେ ସକ୍ଷମ ହୋଇପାରିନାହାନ୍ତି। ଯେତେବେଳେ ଲୋକେ ନିରାପଦ ପାନୀୟ ଜଳ ପାଇପାରୁ ନାହାନ୍ତି, ସେତେବେଳେ 'ଆର୍ଥିକ ମହାନତା'ର କ'ଣ ପ୍ରୟୋଜନ ଅଛି !! ଭାରତର ଅଭିବୃଦ୍ଧିର କାହାଣୀ କେତେ ଅସାର, ତାହା ଜଳସଙ୍କଟ ଯେପରି ଭାବେ ପଦାରେ ପକାଉଛି, ତାହା ଅନ୍ୟ କୌଣସି ସୂଚକାଙ୍କ କରିପାରିବ ନାହିଁ। ଏହିଠାରେ ହିଁ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହେବାର ଦାବି ନିଜ ଭାରରେ ନିଜେ ଭୁଶୁଡ଼ି ପଡୁଛି।

ଜଳ କୌଣସି ରାଜନୈତିକ ସ୍ଲୋଗାନ କିମ୍ବା ପରିସଂଖ୍ୟାନର ବିଷୟ ନୁହେଁ, ବରଂ ଏହା ମାନବ ଅଧିକାର। ଯେପର୍ଯ୍ୟନ୍ତ ଦେଶର ନାଗରିକ ନିରାପଦ ପାନୀୟ ଜଳ ପାଇଁ ସଂଗ୍ରାମ କରୁଥିବ, ସେପର୍ଯ୍ୟନ୍ତ ଆମର ଆର୍ଥିକ ମହାନତା ଅସମ୍ପୂର୍ଣ୍ଣ। ସମୟ ଆସିଛି, ବିକାଶର ସଂଜ୍ଞାକୁ କେବଳ ଉପରିସ୍ଥ ଚମକରେ ନୁହେଁ, ବରଂ ନିମ୍ନସ୍ଥ ଜଳସ୍ତରର ସୁରକ୍ଷାରେ ମାପିବା। ଜଳର ଗୁଣବତ୍ତା ମାପକ ସୂଚକାଙ୍କରେ ଭାରତର ସ୍ଥିତି ଆମ ପାଇଁ ଏକ 'ଚେତାବନୀ' ସଦୃଶ୍ୟ। ଏ ବିଷୟରେ ଚିନ୍ତା କରିବାକୁ ପଡ଼ିବ। ଖାଲି ବ୍ୟବସ୍ଥା ଉପରେ ଦୋଷ ଲଦି ନ ଦେଇ ଜନସାଧାରଣଙ୍କୁ ମଧ୍ୟ ଏ ଦିଗରେ ସଚେତନ ହେବାକୁ ପଡ଼ିବ। ଜଳର ସୁରକ୍ଷା ଓ ସଂରକ୍ଷଣ ପ୍ରତ୍ୟେକ ନାଗରିକର ଦାୟିତ୍ୱ ହେବା ବିଧେୟ। ଜଳର ଗୁଣବତ୍ତା ଓ ସୁରକ୍ଷା ପାଇଁ ସରକାର, ଶିଳ୍ପ ସଂସ୍ଥା ଓ ଜନସାଧାରଣଙ୍କ ମିଳିତ ପ୍ରୟାସ ଆବଶ୍ୟକ ନଚେତ୍ ମାନବ ସଭ୍ୟତା ନିଶ୍ଚିହ୍ନ ହୋଇଯିବ।

**ଅଧ୍ୟାପକ, ବାଣିଜ୍ୟ ବିଭାଗ,**
**ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ**
**ମୋ:୯୪୩୮୦୭୦୮୪୯**

# ଆହ୍ୱାନକାରୀ ଜେନ୍ ଜି ପ୍ରାର୍ଥୀ

ଚଳିତ ମାସ ୯ ତାରିଖରେ ଆସାମ ବିଧାନସଭାର ୧୨୬ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ସେଠାକାର ଯେଉଁ କେତୋଟି ହାଇପ୍ରୋଫାଇଲ ଆସନ ରହିଛି ତନ୍ମଧ୍ୟରୁ ଚର୍ଚ୍ଚିତ ସିଟ୍‌ଦ୍ୱୟ ହେଲା ଜାଲୁକବାରି ଓ ଗୁଆହାଟୀ କେନ୍ଦ୍ରୀୟ (ଗୁଆହାଟୀ ସେଣ୍ଟ୍ରାଲ)। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଜାଲୁକବାରି ଆସନରୁ ପ୍ରାୟ ୨୫ ବର୍ଷ ଧରି ପ୍ରତିନିଧିତ୍ୱ କରିଆସୁଛନ୍ତି। ଭାରତୀୟ ଜାତୀୟ କଂଗ୍ରେସରୁ ୩ ଥର ଓ ଭାରତୀୟ ଜନତା ପାର୍ଟିରୁ ୨ ଥର ଏହିପରି ୫ ଥର କ୍ରମାଗତ ଏହି ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇ ସେ ରେକର୍ଡ ସୃଷ୍ଟି କରିଛନ୍ତି। ଭୋଟଗ୍ରହଣ ହେବାକୁ ଥିବା ଜାଲୁକବାରି ନିର୍ବାଚନମଣ୍ଡଳୀରୁ ମୁଖ୍ୟମନ୍ତ୍ରୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଯେତିକି ଗୁରୁତ୍ୱ ବହନ କରୁଛି କଂଗ୍ରେସର ନବାଗତ ମହିଳା ପ୍ରାର୍ଥୀ ବିଦିଶା ନିୟୋଗଙ୍କ ଉପସ୍ଥିତି ଏହାକୁ ସମପରିମାଣରେ ଚର୍ଚ୍ଚାକୁ ଆଣିଛି। ବର୍ଷେ ତଳେ କଂଗ୍ରେସରେ ଯୋଗ ଦେଇଥିବା ବିଦିଶା ମୁଖ୍ୟମନ୍ତ୍ରୀଙ୍କ ଶାସନରେ ଥିବା ଅସଙ୍ଗତିକୁ ଲୋକଲୋଚନକୁ ଆଣିବାକୁ ଯାଇ ବିଭିନ୍ନ ପ୍ରସଙ୍ଗକୁ ନିର୍ବାଚନୀ ପ୍ରଚାରରେ ସାମିଲ କରି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଲାଗିଛନ୍ତି। ତେବେ ବିଦିଶାଙ୍କ ଠାରୁ ଯିଏ ଆସାମ ରାଜନୀତିରେ ଆହୁରି ଖୁବ୍ ଆଲୋଚନାକୁ ଆସିଛନ୍ତି ସେ ହେଲେ ୨୭ ବର୍ଷୀୟା କୁଙ୍କି ଚୌଧୁରୀ । ସେ ସବୁଠାରୁ ଯୁବ ପ୍ରାର୍ଥୀ ଭାବେ ଉଭା ହୋଇଛନ୍ତି, ଯିଏ ବନ୍ୟା, ଚାକିରି ଓ ପାର୍କିଂ ପରି ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢୁଛନ୍ତି। ଆସାମ ବିଧାନସଭା ନିର୍ବାଚନର ଶେଷ ଆଡ଼କୁ ଗୁଆହାଟୀ କେନ୍ଦ୍ରୀୟ ନିର୍ବାଚନ କ୍ଷେତ୍ରରେ କୁଙ୍କିଙ୍କ ପ୍ରଚାର ଖୁବ୍ ଧ୍ୟାନ ଆକର୍ଷଣ କରିଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏକ ପ୍ରଚାର କାର୍ଯ୍ୟକ୍ରମରେ ଅଭିଯୋଗ କରିଥିଲେ ଯେ କୁଙ୍କିଙ୍କ ପରିବାର ସୋସିଆଲ ମିଡିଆରେ ଗୋମାଂସ ଖାଇବାର ଫଟୋ ଶେୟାର କରିଛନ୍ତି। ସେ ଭାଷଣ ଦେବାବେଳେ ଓ ଗଣମାଧ୍ୟମ ସହ କଥାବାର୍ତ୍ତା ସମୟରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ବିଷୟଟି ଆହୁରି ସ୍ଫୀତ ହୋଇଥିଲା ଯେତେବେଳେ ସେ ଆସାମର ଗୋ-ରକ୍ଷା ଆଇନ ଅନୁଯାୟୀ ସମ୍ଭାବ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାର ଚେତାବନୀ ଦେଇଥିଲେ ଓ ନିର୍ବାଚନୀ ଶୋଭାଯାତ୍ରାରେ ଏହାକୁ ଉଲ୍ଲେଖ କରିଥିଲେ। କୁଙ୍କି ଏହାର ଜବାବ ଦେବାକୁ ଯାଇ କହିଛନ୍ତି ଯେ, ତାଙ୍କୁ ଟାର୍ଗେଟ କରି ଏକ ଏଆଇ ଜେନେରେଟେଡ୍ ଭିଡିଓ ଅନଲାଇନ୍ ଘୂରୁଛି ଏବଂ ସେ ଏହା ବିରୋଧରେ ଅଭିଯୋଗ ଦାଖଲ କରିଛନ୍ତି। ଏସବୁ ବାକ୍‌ଯୁଦ୍ଧ ପ୍ରତିଦ୍ୱନ୍ଦ୍ୱିତାକୁ ରୋଚକ ସ୍ତରରେ ନେଇ ପହଞ୍ଚାଇଛି।

କୁଙ୍କିଙ୍କ ପ୍ରଚାର ଶୈଳୀରେ ବ୍ୟତିବ୍ୟସ୍ତ ହୋଇ ହିମନ୍ତ ଏଭଳି ମନ୍ତବ୍ୟ ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ଖୋଦ୍ ମୁଖ୍ୟମନ୍ତ୍ରୀ ତାଙ୍କୁ ଟାର୍ଗେଟ କରିଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବ୍ୟାପକ ହେବାରେ ଲାଗିଛି। ଏଭଳି ସ୍ଥଳେ କୁଙ୍କି ଚୌଧୁରୀ କିଏ ଓ ତାଙ୍କ ପ୍ରଚାର ଶୈଳୀ କେଉଁଭଳି ଦୃଷ୍ଟି ଆକର୍ଷଣ କରୁଛି ବୋଲି ଅନେକେ ଜାଣିବାକୁ ଚାହିଁବା ସ୍ୱାଭାବିକ।

**ବ୍ୟକ୍ତିତ୍ୱ**



କୁଙ୍କି ଚୌଧୁରୀ

କୁଙ୍କି ଗୁଆହାଟୀ କେନ୍ଦ୍ରୀୟ ନିର୍ବାଚନମଣ୍ଡଳୀରୁ ଆସାମ ଜାତୀୟ ପରିଷଦ (ଏଜେପି) ତରଫରୁ ପ୍ରାର୍ଥୀ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଏଜେପି ରାଜ୍ୟରେ କଂଗ୍ରେସ ସହ ମେଣ୍ଟ କରିଛି। ନିର୍ବାଚନରେ ସବୁଠାରୁ ଯୁବ ପ୍ରାର୍ଥୀ ଭାବେ କୁଙ୍କି ଅଭିଜ୍ଞ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବିଜୟ କୁମାର ଗୁପ୍ତାଙ୍କ ବିରୋଧରେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। କୁଙ୍କି ଗୁଆହାଟୀର ଶ୍ରୀମନ୍ତ ଶଙ୍କର ଏକାଡେମୀରେ ସ୍କୁଲ ଶିକ୍ଷା ସମାପ୍ତ କରିବା ପରେ ମୁମ୍ବାଇରେ ସ୍ନାତକ ଡିଗ୍ରୀ କରିଥିଲେ। ଏହା ପରେ ଉଚ୍ଚଶିକ୍ଷା ପାଇଁ ବ୍ରିଟେନ ଯାଇଥିଲେ। ୟୁନିଭର୍ସିଟି କଲେଜ ଲଣ୍ଡନ (ୟୁସିଏଲ)ରୁ ଏଜୁକେଶନାଲ ଲିଡରଶିପ୍ (ଶିକ୍ଷାଗତ ନେତୃତ୍ୱ)ରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ଶିକ୍ଷା ସମାପ୍ତ କରିବା ପରେ ସେ ଆସାମକୁ ଫେରି ପରିବାରର ବ୍ୟବସାୟିକ କାର୍ଯ୍ୟରେ ଯୋଗ ଦେଇଥିଲେ। ହେଲେ ରାଜ୍ୟ ସରକାର ଲୋକଙ୍କ ପ୍ରତି ଅନ୍ୟାୟ କରୁଥିବା ଦେଖିବା ପରେ ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ କରିଥିଲେ। ସେ ପ୍ରଥମ ଥର ପାଇଁ ନିର୍ବାଚନକୁ ଓହ୍ଲାଇ ଭାଜପା ନେତା ତଥା ବର୍ତ୍ତମାନର ବିଧାୟକ ବିଜୟଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କୁଙ୍କିଙ୍କ ଶୈକ୍ଷିକ ପୃଷ୍ଠଭୂମି ଓ ଅନ୍ତର୍ଜାତୀୟ ଅନୁଭୂତି ତାଙ୍କ ନିର୍ବାଚନୀ ପ୍ରଚାରରେ ଭିନ୍ନତା ଆଣିଦେଇଛି। ତାଙ୍କ ପ୍ରଚାର ଗୁଆହାଟୀ କେନ୍ଦ୍ରୀୟର ସହରୀ ନାଗରିକ ପ୍ରସଙ୍ଗଗୁଡ଼ିକ ଉପରେ କେନ୍ଦ୍ରିତ। ତାଙ୍କ ଘୋଷିତ ପ୍ରାଥମିକତା ମଧ୍ୟରେ ଡ୍ରେନେଜ ବ୍ୟବସ୍ଥାର ଉନ୍ନତି, ସହରୀ ବନ୍ୟାର ମୁକାବିଲା, ପାର୍କିଂ ଭିତ୍ତିଭୂମି ସମ୍ପ୍ରସାରଣ, ଆବର୍ଜନା ପରିଚାଳନାକୁ ସୁଦୃଢ଼ କରିବା ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ସମର୍ଥନ କରିବା ଆଦି ଅନ୍ତର୍ଭୁକ୍ତ। ସେ ଜଳ ଯୋଗାଣ, ଶିକ୍ଷା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ମଧ୍ୟ ଅଗ୍ରପ୍ରାଧାନ୍ୟ ଦେଉଛନ୍ତି।

ଅନେକ ରାଜନୀତି ବିଶେଷଜ୍ଞ ଏହି ନିର୍ବାଚନକୁ ନବାଗତ ବନାମ ଅଭିଜ୍ଞ ନେତା ମଧ୍ୟରେ ସିଧା ପ୍ରତିଦ୍ୱନ୍ଦ୍ୱିତା ପିଢ଼ି ପରିବର୍ତ୍ତନ (ଜେନେରେଶନାଲ ଚେଞ୍ଜ୍) ବନାମ ରାଜନୈତିକ ଧାରାବାହିକତା (ପଲିଟିକାଲ କଣ୍ଟିନିୟୁଟି)ର କାହାଣୀ ଗଢୁଛି ବୋଲି ଅଭିହିତ କଲେଣି। କୁଙ୍କି ଜେନ୍ ଜି ବର୍ଗରେ ଆସୁଥିବାରୁ ଭାରତୀୟ ଯୁବ ଭୋଟରଙ୍କ ମଧ୍ୟରେ ନୂଆ ଉତ୍ସାହ ଭରିଦେଇଛି। ଏହି ପ୍ରାର୍ଥିତ୍ୱ ନିର୍ବାଚନରେ ଯୁବ ପ୍ରାର୍ଥୀଙ୍କ ଉପସ୍ଥିତିକୁ ପ୍ରତିଫଳିତ କରୁଛି, ଯେଉଁମାନେ ପ୍ରଥମ ଥର ଭୋଟର ଏବଂ ସହରୀ ଯୁବବର୍ଗଙ୍କ ସହ ଯୋଗାଯୋଗ କରୁଛନ୍ତି। କୁଙ୍କିଙ୍କ ପ୍ରଚାର ଶିକ୍ଷା, ଡିଜିଟାଲ ଏକ୍ସପୋଜର୍ ଏବଂ ଚାକିରି, ଭିତ୍ତିଭୂମି ଓ ସହର ପରିଚାଳନା ପରି ପ୍ରସଙ୍ଗକୁ ମଧ୍ୟ ପ୍ରତିଫଳିତ କରେ। ୯ ଏପ୍ରିଲ ୨୦୨୬ରେ ମତଦାନ ହେବାକୁ ଥିବାରୁ ଏହି ଆସନର ଫଳାଫଳ ସମଗ୍ର ଆସାମ ନିର୍ବାଚନର ଗତି କେଉଁ ଆଡ଼କୁ ଯାଉଛି ତାହା ସ୍ପଷ୍ଟ କରିବ ବୋଲି କୁହାଯାଉଛି।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଅନେକ ଗାଁରେ ଗ୍ରାମପଞ୍ଚାୟତ ବା ଗ୍ରାମସଭା ଥାଏ, ଯାହା ଗ୍ରାମବାସୀଙ୍କ ବିବାଦର ସମାଧାନ କରିବା ସହ ଗ୍ରାମର ବିକାଶ ଲାଗି ବିଭିନ୍ନ ଗଠନମୂଳକ ନିଷ୍ପତ୍ତି ନେଇଥାଏ। ହେଲେ ମହାରାଷ୍ଟ୍ରର କୋଲେଗାଁଓର ଗ୍ରାମପଞ୍ଚାୟତ ଏକ ଅଜବ ନିୟମ ଲାଗୁ କରିଥିବା ଦେଖିବାକୁ ମିଳିଛି। ଅହଲ୍ୟାନଗର ଜିଲା ଶ୍ରୀଗୋଣ୍ଡା ବ୍ଲକ୍‌ର ଏହି ଗାଁରେ କୌଣସି ମହିଳାଙ୍କୁ ଲକ୍ଷ୍ୟକରି ଯଦି କେହି ଖରାପ ଭାଷା ପ୍ରୟୋଗ କିମ୍ବା ଅସମ୍ମାନିତ କରନ୍ତି, ତେବେ ତାଙ୍କୁ ଦଣ୍ଡସ୍ୱରୂପ ୫୦୦ ଟଙ୍କା ଜରିମାନା ଦେବାକୁ ପଡୁଛି। ଖରାପ ଭାଷା ପିଲାଙ୍କୁ ପ୍ରଭାବିତ କରେ ଏବଂ ସେମାନେ ତାହାର ଅର୍ଥ ବୁଝନ୍ତୁ କି ନ ବୁଝନ୍ତୁ, କହିଚାଲନ୍ତି। ଫଳରେ ଖରାପ ଭାଷାର ପ୍ରୟୋଗ ଯୋଗୁ ପିଢ଼ି ପରେ ପିଢ଼ି ପ୍ରଭାବିତ ହେଉଥିବାରୁ ତାହାକୁ ବନ୍ଦ କରିବା ପାଇଁ ଗାଁ ତରଫରୁ ଏଭଳି ପଦକ୍ଷେପ ନିଆଯାଇଛି। କୋଲେଗାଁଓର ସ୍ୱୟଂ ସହାୟିକା ଗୋଷ୍ଠୀର ଜଣେ ମହିଳା ଏଭଳି ଜରିମାନା ପାଇଁ ପ୍ରଥମେ ପ୍ରସ୍ତାବ ଦେଇଥିଲେ ଏବଂ ପରେ ତାହା ଗ୍ରାମସଭା ଦ୍ୱାରା ଲାଗୁ କରାଯାଇଛି। ଖରାପ ଭାଷା ପ୍ରୟୋଗର ଯୁକ୍ତିଯୁକ୍ତ ପ୍ରମାଣ(ବହୁ ସମୟରେ ଡିଜିଟାଲ) ମିଳିବା ପରେ ହିଁ ଜରିମାନା ଲାଗୁ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଏପ୍ରିଲ ୧୯୭୬

- ଜାତୀୟ ରିମୋଟ ସେନ୍ସିଂ ଏଜେନ୍ସିର ଏକ ଡାକୋଟା ସର୍ଭେ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୫ ଜଣ ବୈଜ୍ଞାନିକଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ।
- ଲୋକ ସଭା ଓ ରାଜ୍ୟ ବିଧାନସଭା ସମୂହର କାର୍ଯ୍ୟକାଳକୁ ପୂର୍ବପରି ପାଞ୍ଚ ବର୍ଷ ରଖିବା ଉଦ୍ଦେଶ୍ୟରେ କେନ୍ଦ୍ର ଆଇନ ମନ୍ତ୍ରୀ ଶାନ୍ତିଭୂଷଣ ଲୋକ ସଭାରେ ୪୩ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | | 2 | | |
| 7 | 9 | | | 2 | 6 | | | |
| 8 | 6 | | | 7 | | | | |
| | | | | 3 | | | 1 | |
| | | | 1 | | | 5 | 7 | |
| | | | | | 7 | 8 | | 9 |
| | 8 | | | | | 9 | 3 | |
| 5 | 2 | | | | 4 | 7 | | |
| | | | | | 8 | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 1 | 2 | 8 | 9 | 5 | 7 | 4 |
| 7 | 2 | 8 | 5 | 3 | 4 | 6 | 9 | 1 |
| 4 | 9 | 5 | 7 | 1 | 6 | 8 | 2 | 3 |
| 5 | 1 | 3 | 9 | 6 | 7 | 2 | 4 | 8 |
| 9 | 7 | 2 | 8 | 4 | 3 | 1 | 6 | 5 |
| 8 | 4 | 6 | 1 | 5 | 2 | 7 | 3 | 9 |
| 3 | 8 | 4 | 6 | 2 | 1 | 9 | 5 | 7 |
| 2 | 5 | 7 | 4 | 9 | 8 | 3 | 1 | 6 |
| 1 | 6 | 9 | 3 | 7 | 5 | 4 | 8 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମାତୃଭାଷାର ବିକାଶ ପାଇଁ ଆନ୍ତରିକତା ଲୋଡ଼ା

ମହାଶୟ,

ସମ୍ପ୍ରତି ସଭାସମିତି ଓ ଗଣମାଧ୍ୟମରେ ବକ୍ତା ତଥା ଲେଖକଙ୍କ ଓଡ଼ିଆ ଭାଷା ସୁରକ୍ଷା ସମ୍ବନ୍ଧୀୟ ମତ ଓ ମନ୍ତବ୍ୟ ପଢ଼ି, ଶୁଣି ମନେହେଉଛି ଶାସ୍ତ୍ରୀୟ ସ୍ୱୀକୃତିପ୍ରାପ୍ତ ଆମ ମାତୃଭାଷା ସତେ ଯେମିତି ଘୋର ସଙ୍କଟରେ । ଭାଷାକୁ ନେଇ ଉଦ୍‌ବେଗ ପ୍ରକାଶ କରୁଥିବା ବକ୍ତାଙ୍କ ଓଡ଼ିଆ ପ୍ରୀତି ପ୍ରକୃତରେ କେତେ, ତାହା ସେମାନେ ଭଲଭାବେ ଜାଣନ୍ତି। ଦେହରୁ ଏଯାଏ ବି ବିଲାତିବାବୁଙ୍କ ସାହେବୀ ଚଳଣିର ଛିଟା ଯାଇନାହିଁ। ଯେଉଁ କେତେଜଣ ବିଶାରଦ ଓଡ଼ିଆ ଭାଷାକୁ ନେଇ କିଛି କିଛି ଲେଖୁଛନ୍ତି, ତାକୁ ପଢୁଛନ୍ତି କେତେ ଜଣ ? ଆମ ଚାଲିଚଳଣିରେ, କଥାବାର୍ତ୍ତାରେ, ଆଚାର ବ୍ୟବହାରରେ ଓ କାର୍ଯ୍ୟକଳାପରେ ଓଡ଼ିଆ ଭାଷା ପ୍ରୀତିର ଲକ୍ଷଣ ପ୍ରକାଶ ପାଉନାହିଁ। ଭାଷା ଭିତ୍ତିରେ ଗଠନ ହୋଇଥିବା ସ୍ୱତନ୍ତ୍ର ଓଡ଼ିଶାର ପରିଚୟ କେବଳ ସତେ ଯେମିତି ସେହି ଭାଷାରେ ସୀମିତ ବୋଲି ଆମେ ଆଜିଯାଏ ଭାବୁଛେ। ଅତୀତର ସଫଳତାକୁ କେବଳ ଗୁଣଗାନ କରିବା ବା ପୂର୍ବସୂରୀଙ୍କ କଥା, ବ୍ୟଥା ଓ ଗାଥାକୁ ସ୍ମରଣ କରିବାର ଅର୍ଥ କିଛି ନାହିଁ। ସମୟ ଆଜି ଉପନୀତ। ମାତୃଭାଷାର ଶ୍ରୀବୃଦ୍ଧି ନିମନ୍ତେ ସମସ୍ତେ ନିଜ ନିଜ ସ୍ତରରେ ଆନ୍ତରିକ ଉଦ୍ୟମ କରିବା ଉଚିତ।

**-ଶ୍ରୀକାନ୍ତ ନାୟକ, ସିଂହପୁର, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପକ୍ଷୀ ଡାକେ ମୋତେ ବନେ
କେତେ ଡାକରା ଆସେ ପବନେ
କେତେ ଆବାହନ ଭୁବନୁ ଆସିଛି
ମେଣ୍ଟାଇବି ପ୍ରାଣ କ୍ଷୁଧା
ମୁଁ ତ ପିଇଛି ସ୍ୱପନ ସୁଧା ।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରାଜଧାନୀରେ ସ୍ତ୍ରୀ ସହ ମିଶି ସୁନାଚେନ୍ ଲୁଟ୍

■ଲୁଟେରା ଦମ୍ପତି ସମେତ ୩ ଗିରଫ

■ ପୋଲିସ ସ୍କାନରରୁ ବର୍ତ୍ତିବା ପାଇଁ ସ୍ତ୍ରୀକୁ ଢାଲ କରୁଥିଲେ

■ ୮ ସୁନାଚେନ୍ ଏବଂ କାର୍, ବାଇକ୍‌କୁ ଜବତ କଲା ପୋଲିସ

ଭୁବନେଶ୍ୱର,୭।୪
(ତ୍ରିନାଥ ମହାନ୍ତି)



ଗିରଫ ରାକେଶ ରାଉତ ଓ ଗୋଲଖ ଚନ୍ଦ୍ର ସାଠୁଆ।



ଜବତ ସୁନା ଚେନ୍।

ରାଜଧାନୀରେ ସ୍ତ୍ରୀକୁ ଢାଲ କରି ସୁନାଚେନ୍ ଲୁଟ୍‌ପାଟ କରୁଥିବା ଜଣେ ଲୁଟେରା ଏବଂ ତାଙ୍କ ସ୍ତ୍ରୀ ସମେତ ୩ ଜଣଙ୍କୁ ଚନ୍ଦ୍ରଶେଖରପୁର ପୋଲିସ ଏବଂ ସ୍ପେଶାଲ ସ୍କାଡ୍ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନିଶ୍ଚିନ୍ତକୋଇଲିର ରାକେଶ ରାଉତ, ତାଙ୍କ ସ୍ତ୍ରୀ ଶ୍ୱେତାଲିନା ବେହେରା। ରାକେଶଙ୍କଠାରୁ ସୁନା ଚେନ୍ ନେଉଥିବା ଗୋଲଖ ଚନ୍ଦ୍ର ସାଠୁଆ ନାମକ ଜଣେ ବୃଦ୍ଧଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ରାକେଶ ଓ ଶ୍ୱେତାଲିନା ଭୁବନେଶ୍ୱରର ଭରତପୁର ଥାନା ଅଞ୍ଚଳରେ ରହୁଥିବାବେଳେ ଗୋଲଖ ହେଉଛନ୍ତି କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଗୋପପୁର ଗାଁର ବାସିନ୍ଦା। ଗିରଫ ଅଭିଯୁକ୍ତଙ୍କଠାରୁ ୮ଟି ସୁନା ଚେନ, ଗୋଟିଏ କାର୍ ଏବଂ ଗୋଟିଏ ବାଇକ୍ ଜବତ କରାଯାଇଛି। ସେମାନଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୯ଟି ମାମଲା ରହିଛି।

ଗତ ଡିସେମ୍ବର ୨୪ ତାରିଖରେ ଅଭିଯୋଗକାରୀ ରଞ୍ଜନ କୁମାର ପୃଷ୍ଟିଙ୍କ ମା' ସଂଯୁକ୍ତା ପୃଷ୍ଟି ନୀଳାଦ୍ରି ବିହାରର ଏକ ଗହଣା ଦୋକାନକୁ ଯାଇଥିଲେ। ସେ ଦୋକାନ ସମ୍ମୁଖରେ ବସିଥିବାବେଳେ ଅଭିଯୁକ୍ତ ରାକେଶ ଆସି ତାଙ୍କଠାରୁ ସୁନା ଚେନ୍ ଲୁଟି ଫେରାର ହୋଇଯାଇଥିଲେ। ଏନେଇ ରଞ୍ଜନ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏନେଇ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଲା ଯେ, ରାକେଶ ବରମୁଣ୍ଡାରୁ ଭଡ଼ାରେ ବାଇକ୍ ନେଇଥାନ୍ତି। ଲୁଟ୍ ପରେ ସହଜରେ ଧରା ନ ପଡ଼ିବା ପାଇଁ ବାଇକ୍‌ର ନମ୍ବର ପ୍ଲେଟ୍‌କୁ କପଡ଼ା ସାହାଯ୍ୟରେ ଘୋଡ଼ାଇ ଦେଇଥାନ୍ତି। ଏପରି କି ଲୁଟ୍ ପରେ ସେ ତାଙ୍କ ପୋଷାକ ମଧ୍ୟ ବଦଳାଇ ଦିଅନ୍ତି। ଆହୁରି ମଧ୍ୟ ପୋଲିସ ନଜରରୁ ବର୍ତ୍ତିବା ପାଇଁ ସ୍ତ୍ରୀଙ୍କୁ ଲୁଟ୍‌ରେ ବ୍ୟବହାର କରୁଥିଲେ। ରାକେଶ ଭଡ଼ାରେ ବାଇକ୍ ନେଇ ଲୁଟ୍ ସ୍ଥାନକୁ ଯିବାବେଳେ ଅଧା ବାଟରେ ସ୍ତ୍ରୀଙ୍କୁ ଛାଡ଼ି ଦେଉଥିଲେ। ପରେ ସେ ନିଜେ ବାଇକ୍ ନେଇ ଲୁଟ୍ ପାଇଁ ବାହାରି ଯାଉଥିଲେ। ଲୁଟ୍ ପରେ ସେ ସିସିଟିଭି ଲାଗିଥିବା ସ୍ଥାନ ପୂର୍ବରୁ ବାଇକ୍‌ରେ ସ୍ତ୍ରୀଙ୍କୁ ବସାଇ ପୁଣି ଘରକୁ ଯାଉଥିଲେ। ଲୁଟ୍ ପରେ ପୋଲିସ ସିସିଟିଭି ଯାଞ୍ଚ କରିଥିଲେ ମଧ୍ୟ ଲୁଟେରା ଉପରେ ସନ୍ଦେହ ହେଉ ନ ଥିଲା। ସ୍ତ୍ରୀଙ୍କୁ ବସାଇ ଯାଉଥିବାରୁ ଭଦ୍ର ପରିବାର ଲୋକ ଭଳି ଲାଗୁଥିଲେ, ଯାହାର ଫାଇଦା ନେଇ ରାକେଶ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରୁ ୯ଟି ସୁନା ଚେନ୍ ଝାମ୍ପି ନେଇଥିଲେ। ଚୋରି ସୁନାକୁ ନେଇ ସେ ନିଶ୍ଚିନ୍ତକୋଇଲିର ଗୋଲଖଙ୍କୁ ବିକ୍ରି କରୁଥିଲେ। ରାକେଶଙ୍କ ନାଁରେ ପୂର୍ବରୁ ଚନ୍ଦ୍ରଶେଖରପୁର, ନୟାପଲ୍ଲୀ, ଇନ୍‌ଫୋସିଟି ଓ ଭରତପୁର ଥାନା ଅଞ୍ଚଳରେ ଅନେକ ସୁନା ଚେନ୍ ଲୁଟ କରିଥିବା ସ୍ୱୀକାର କରିଥିବା ପୋଲିସ କହିଛି। ରାକେଶ ଜଣେ ପେସାଦାର ଲୁଟେରା। ୨୦୧୦ରୁ ୨୦୧୫ ପର୍ଯ୍ୟନ୍ତ ସେ ସହରରେ ବୁଲି ବୁଲି ସୁନାଚେନ୍ ଲୁଟ୍ କରୁଥିଲେ। ତେବେ ପରେ ସହରର ସବୁ ସ୍ଥାନରେ ସିସିଟିଭି ଲାଗିବା ସହ ପୋଲିସ କଡ଼ା ପାଟ୍ରୋଲିଂ ପାଇଁ ଲୁଟ୍ କରିବା ସମ୍ଭବ ହୋଇ ନ ଥିଲା। ଶେଷରେ ରାକେଶ ୨୦୧୫ରେ ଲୁଟ୍ ଛାଡ଼ି ଏକ ପାନ ଦୋକାନ କରିବା ସହ ଡ୍ରାଇଭର କାମ କରୁଥିଲେ। କିନ୍ତୁ ବିବାହ କରିବା ପରେ ତାର ଆର୍ଥିକ ସଙ୍କଟ ଦେଖାଦେଇଥିଲା। ଆଉ ଟଙ୍କା ଲୋଭରେ ସ୍ତ୍ରୀ ସହିତ ମିଶି ଗତ ବର୍ଷରୁ ପୁଣି ସୁନା ଚେନ ଲୁଟ୍ କରିଥିଲେ। ସେମାନେ ଲୁଟ କରିଥିବା ସୁନା ଚେନ ମଧ୍ୟରୁ ୪ଟିକୁ ଏକ ବ୍ୟାଙ୍କରେ ବନ୍ଧା ରଖିଥିଲେ। ଆଉ ୨ଟି ଗୋଲଖ ଚନ୍ଦ୍ର ସାଠୁଆଙ୍କଠାରୁ ଜବତ କରାଯାଇଛି। ଗୋଲଖ ଏହି ଦମ୍ପତିଙ୍କଠାରୁ ଲୁଟ୍ ସୁନା ଚେନ୍ କିଣିଥିବାବେଳେ ଆଉ ଦୁଇଟି ଅଭିଯୁକ୍ତ ରାକେଶ ନିଜ ନିକଟରେ ରଖିଥିଲେ।

# ଯାଜପୁରରେ ଫୁଟିଲା ଗୁଳି, ଯୁବକ ମୃତ

■ହତ୍ୟାର କାରଣ ଅସ୍ପଷ୍ଟ

■ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

■ଖୁବ୍‌ଶୀଘ୍ର ହତ୍ୟାକାରୀଙ୍କୁ ଧରାଯିବ: ପୋଲିସ

ଯାଜପୁରଟାଉନ,୭।୪
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)



ସୌମ୍ୟ ସାଗର ସାମଲ।

ଶାନ୍ତ ଯାଜପୁର ଏବେ ଅଶାନ୍ତ ହେବାରେ ଲାଗିଛି। ସୋମବାର ବିଳମ୍ବିତ ରାତିରେ ଯାଜପୁର ଟାଉନ ଥାନା ଅଧୀନ ଜନଗହଳିପୂର୍ଣ୍ଣ ରାସ୍ତାରେ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ଯାଜପୁର ସହର କୁଆଁସରପୁର ଗ୍ରାମର ସୌମ୍ୟ ସାଗର ସାମଲ(୨୩)। ଏହି ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ମଙ୍ଗଳବାର ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖୁବଶୀଘ୍ର ହତ୍ୟାକାରୀଙ୍କୁ ଧରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାଥମିକ ତଦନ୍ତରୁ ପୋଲିସ ହତ୍ୟାକାରୀଙ୍କୁ ଚିହ୍ନଟ କରିଥିବା ଜଣାପଡ଼ିଛି।

ମୃତ ଯୁବକ ଶୀତଳେଶ୍ୱର ଅଞ୍ଚଳର ଚିକେନ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ସମୟରେ କାଳୀମେଘା ଅଞ୍ଚଳର କେହି ଦୁର୍ବୃତ୍ତ ତାଙ୍କୁ ଗୁଳିମାଡ଼ କରି ପଳାଇ ଯାଇଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପ୍ରାୟ ଭୋର୍ ୪ଟା୩୦ରେ ଚିକିତ୍ସାଧୀନ ଅବସ୍ଥାରେ ସୌମ୍ୟଙ୍କ ସାଗରଙ୍କ ମୃତ୍ୟୁ ହୋଇଥିଲା। ଏନେଇ ସୌମ୍ୟ ସାଗରଙ୍କ ଶାଳକ ଯାଜପୁର ଟାଉନ ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଛନ୍ତି। ସୌମ୍ୟ ସାଗରଙ୍କ ମା' ସୁମିତ୍ରା ସାମଲ ମଧ୍ୟ ଏକ ଅନୁରୂପ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୪୨/୨୬ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଯାଜପୁର ରୋଡ୍ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ଟି ପୋଲିସ ସ୍କାଡ୍ ଗଠନ କରାଯାଇ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରାଯାଇଛି। ଏହି ସ୍କାଡ୍‌ରେ ଯାଜପୁର ଥାନାଧିକାରୀ ଶରତ କୁମାର ନାୟକ, ଅତିରିକ୍ତ ଥାନାଧିକାରୀ ଭୁବନ ମୋହନ ସେଠୀ, ଏସ୍ଆଇ ସଂଯୁକ୍ତା ବେହେରା, ଏସ୍ଆଇ ସୁବାସ ଚନ୍ଦ୍ର ମୁଦୁଲି, ଏସ୍ଆଇ ମହେନ୍ଦ୍ର ସେଠୀ, ଏସ୍ଆଇ ସୌରଭ ମାଝୀ ପ୍ରମୁଖ ସାମିଲ ହୋଇଛନ୍ତି। ଘଟଣା ଘଟିଥିବା ସ୍ଥାନଠାରୁ ମାତ୍ର ୨ଶହ ମିଟର ଦୂରରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଉଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ କିଛି ତଥ୍ୟ ଓ ନମୁନା ସଂଗ୍ରହ କରିଛି। ଫୁଟିଥିବାଗୁଳିର କିଛି ଅଂଶକୁ ପୋଲିସ ଜବତ କରିଛି। ଘଟଣାସ୍ଥଳରୁ ମୃତକଙ୍କ ସ୍କୁଟି ମଧ୍ୟ ଜବତ କରାଯାଇଛି। ପୋଲିସ ଦ୍ୱାରା ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଥିବା ଜଣାପଡ଼ିଛି।

ଏପଟେ ପୋଲିସ ମୃତ ସୌମ୍ୟ ସାଗରଙ୍କ ମା' ଓ ତାଙ୍କ ସ୍ତ୍ରୀଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ଏବେ ବି ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୌମ୍ୟ ସାଗରଙ୍କୁ ବିଳମ୍ବିତ ରାତିରେ ଗୁଳି କରାଯିବା ସମୟରେ ତାଙ୍କ ପାଖରେ କେଉଁମାନେ ଥିଲେ ତା'ର ତଦନ୍ତ ଚଳାଇଛି। ସେମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା କୁହାଯାଉଛି। ସୌମ୍ୟ ସାଗର ୨ ବର୍ଷ ତଳେ ବିବାହ କରି କାଳିମେଘା ଅଞ୍ଚଳରେ ଭଡ଼ା ଘରେ ରହି ଆସୁଥିଲେ।

ସୂଚନାଯୋଗ୍ୟ, ୨୦୧୫ରେ ଯାଜପୁର ଟାଉନ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏକ ଗୁଳିକାଣ୍ଡ ଘଟିଥିଲା। ଏହି ଗୁଳିକାଣ୍ଡରେ ଜଣେ ଯୁବକ ପ୍ରାଣ ହରାଇଥିଲେ। ଯାଜପୁର ଟାଉନ ଥାନାରେ ଏନେଇ ଏକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ବ୍ୟବହୃତ ବନ୍ଧୁକକୁ ଜବତ କରାଯାଇଥିଲା। ଏହି ଗୁଳିକାଣ୍ଡ ଘଟଣା ପରେ ସହରବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ସନ୍ଧ୍ୟାକାଳୀନ ଓ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ ଠିକଣା ଢ଼ଙ୍ଗରେ ହେଉ ନ ଥିବାରୁ ସହରର ମଧ୍ୟ ଭାଗରେ ଜନବସତି ସ୍ଥାନରେ ଏପରି ଘଟଣା ଘଟୁଥିବା ନେଇ ବୁଦ୍ଧିଜୀବୀ ଅଭିଯୋଗ କରିବା ସହ ପୋଲିସର କାର୍ଯ୍ୟଧାରାକୁ ନାପସନ୍ଦ କରିଛନ୍ତି।

# ଛାତ୍ରୀଙ୍କୁ ବଳାତ୍କାର, ଟ୍ୟୁଶନ ସାର୍‌ଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୭।୪(ସୁବାସ ଚନ୍ଦ୍ର ପାଢ଼ୀ)

ଫାଷ୍ଟଟ୍ରାକ୍ ପୋକ୍‌ସୋ ଜଜ୍ ରୋହିତଲାଲ ପଣ୍ଡା ମଙ୍ଗଳବାର ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତ ଟ୍ୟୁଶନ ସାର୍‌ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ସେ ହେଲେ ଖଲ୍ଲିକୋଟ ଅଞ୍ଚଳର କାର୍ତ୍ତିକ ନାୟକ(୨୯)। ଜେଲ ସହ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା ହୋଇଛି। ଏହା ଅନାଦାୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ପାଇଁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଆଦାୟ ଜରିମାନା ଟଙ୍କା ପୀଡ଼ିତାଙ୍କୁ ପ୍ରଦାନ କରାଯିବ। ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ପ୍ରମାଣ ଅଭାବରୁ ଅଭିଯୁକ୍ତ କାର୍ତ୍ତିକଙ୍କ ମା' ମଞ୍ଜୁଲତା ନାୟକଙ୍କୁ ଜଜ୍ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

କାର୍ତ୍ତିକ ଖଲ୍ଲିକୋଟ ଅଞ୍ଚଳରେ ରହି ଟ୍ୟୁଶନ କରନ୍ତି। ୨୦୨୧ ଅଗଷ୍ଟ ୨୩ ତାରିଖରେ ସେ ତୃତୀୟ ଶ୍ରେଣୀର ଛାତ୍ରୀଙ୍କୁ ପଢ଼ାଇ ସାରିବା ପରେ ଘରର ଉପର ମହଲାକୁ ଯିବାକୁ କହିଥିଲେ। ଅନ୍ୟ ପିଲାମାନଙ୍କୁ ନିଜ ନିଜ ଘରକୁ ଯିବାକୁ କହିଥିଲେ। ଏହାପରେ କାର୍ତ୍ତିକ ଉପର ମହଲାକୁ ଯାଇ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର କରିଥିଲେ। ଛାତ୍ରୀ ଜଣଙ୍କ ଚିତ୍କାର କରିବାରୁ ତାଙ୍କୁ ଧମକାଇଥିଲେ। କିଛି ସମୟ ପରେ ଛାତ୍ରୀ ଜଣଙ୍କ କାନ୍ଦି କାନ୍ଦି ଘରକୁ ଆସି ମା'ଙ୍କୁ ସବୁ କଥା କହିଥିଲେ। ଝିଅକୁ ପରିବାର ଲୋକେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରି ସମ୍ପୃକ୍ତ ଶିକ୍ଷକଙ୍କ ଘରକୁ ଯାଇ ପଚାରିବାରୁ କାର୍ତ୍ତିକ ଓ ତାଙ୍କ ମା' ମଞ୍ଜୁଲତା ସେମାନଙ୍କୁ ଗାଳିଗୁଲଜ କରିଥିଲେ। ସେଠାରୁ ଫେରି ପୀଡ଼ିତାଙ୍କ ମା' ଏ ନେଇ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୧୬/୨୧ରେ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ କାର୍ତ୍ତିକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲେ। କାର୍ତ୍ତିକ ଓ ତାଙ୍କ ମା'ଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟରେ ଚାର୍ଜସିଟ ଦାଖଲ କରାଯାଇଥିଲା। ମା' କୋର୍ଟରେ ଆତ୍ମସମର୍ପଣ କରି ଜାମିନରେ ଯାଇଥିଲେ। ମାମଲାର ବିଚାର ବେଳେ ୧୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା କାର୍ତ୍ତିକଙ୍କୁ କୋର୍ଟରେ ହାଜର କରାଯାଇଥିଲା। ମା' ମଞ୍ଜୁଲତା ମଧ୍ୟ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀ ମାନଙ୍କ ବୟାନ ଆଧାରରେ ଜଜ୍ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଡ. ଶିବ ପ୍ରସାଦ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

# ପ୍ରବୀଣା ସାହୁ ମୃତ୍ୟୁ ଘଟଣା: ହତ୍ୟା ନୁହେଁ ଆତ୍ମହତ୍ୟା: ଏସ୍‌ପି

ବୌଦ୍ଧ,୭।୪(ଅଜିତ କୁମାର ବାରିକ)

ବୌଦ୍ଧ ସହର ନୂଆସାହିର ପ୍ରବୀଣା ସାହୁ ମୃତ୍ୟୁ ମାମଲାର ପୋଲିସ ଖୁଲାସା କରିଛି। ଏ ନେଇ ମଙ୍ଗଳବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବୌଦ୍ଧ ଏସ୍‌ପି ରାହୁଲ ଗୋଏଲ ସୂଚନା ଦେଇଛନ୍ତି। ଏହା ହତ୍ୟା ନୁହେଁ ଆତ୍ମହତ୍ୟା ବୋଲି ସେ କହିଛନ୍ତି। ପ୍ରବୀଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଆତ୍ମହତ୍ୟା ବୋଲି ସୂଚନା ଦେବା ସହ ଏହି ଘଟଣାରେ ବୌଦ୍ଧ ଏନ୍ଏସି ଛକର ଶିବ ସାହୁ(୩୫)ଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି କହିଥିଲେ। ଶିବ ଓ ପ୍ରବୀଣାଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ରହିଥିଲା। ଏହି ଘଟଣା ଜଣାପଡିବା ପରେ ପ୍ରବୀଣା ଆତ୍ମହତ୍ୟା କରିଥିଲେ। ମୃତା ମହିଳାଙ୍କ ସ୍ୱାମୀ, ନଣନ୍ଦ, ଦିଅରଙ୍କ ବୟାନ ରେକର୍ଡ କରାଯାଇଛି ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଲରେନ ରାଉତରାୟ ଉପସ୍ଥିତ ଥିଲେ।

ଉଲ୍ଲେଖନୀୟ, ଶାଶୁ ଘର ଲୋକଙ୍କ ମାଡ ଯୋଗୁ ପ୍ରବୀଣାଙ୍କ ମୃତ୍ୟୁ ହୋଇଥିବା ନେଇ ମୃତାଙ୍କ ବାପଘର ଲୋକେ ଗତ ୧୮ ତାରିଖରେ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବୌଦ୍ଧ ପୋଲିସ ଏକ ମାମଲା (ନଂ.୧୩୨/୨୬) ରୁଜୁ କରିଥିଲା। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଥିଲା। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଏହା ହତ୍ୟା ନୁହେଁ ଆତ୍ମହତ୍ୟା ବୋଲି ପୋଲିସ କହିଛି। ଅନ୍ୟପକ୍ଷେ ମୃତା ପ୍ରବୀଣାଙ୍କ ପରିବାର ଲୋକେ ପୋଲିସର ତଦନ୍ତକୁ ଗ୍ରହଣ କରିପାରିନାହାନ୍ତି।

# ଏୟାରଫିଲ୍ଡ ଥାନା, ଘଟଣା ସ୍ଥଳରେ ଏନ୍ଆଇଏର ଛାନ୍‌ଭିନ୍

**ସୁନ୍ଦରପଦା ବୋମା ବିସ୍ଫୋରଣ ଘଟଣା**

**ମୁଫିଙ୍କ ବାନ୍ଧବୀ, ସହଯୋଗୀ ମିଛ କହୁଥିବାରୁ ହେବ ଲାଏ ଡିଟେକଶନ୍ ଟେଷ୍ଟ**

ଭୁବନେଶ୍ୱର,୭।୪
(ତ୍ରିନାଥ ମହାନ୍ତି)

ସୁନ୍ଦରପଦା ଆଜାଦନଗରରେ ଗତ ଜାନୁଆରୀ ୨୭ରେ ହୋଇଥିବା ବିସ୍ଫୋରଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍ଆଇଏ) ଟିମ୍ ମଙ୍ଗଳବାର ଏୟାରଫିଲ୍ଡ ଥାନାକୁ ଯାଇ ଛାନ୍‌ଭିନ ଆରମ୍ଭ କରିଛି। ମାମଲା ନେଇଥିବା ତଦନ୍ତ ଅଧିକାରୀଙ୍କ ସହିତ ଆଲୋଚନା କରିବା ସହ ଆଜାଦ୍‌ନଗରରେ ବିସ୍ଫୋରଣ ହୋଇଥିବା ଘରର ଛାତ ଉପରକୁ ଯାଇ ଯାଞ୍ଚ କରିଛି। ଘର ମାଲିକ ଏବଂ ଅନ୍ୟ ପଡ଼ୋଶୀଙ୍କୁ ଏନ୍ଆଇଏ ଅଧିକାରୀ ପଚରାଉଚରା କରିଛନ୍ତି। ତେବେ ଏନ୍ଆଇଏ ଅଧିକାରୀ ମୃତ ଶେହନଓ୍ୱାଜ୍ ମଲ୍ଲିକ ଓରଫ ମୁଫିଙ୍କ ବାନ୍ଧବୀ ଏବଂ ସହଯୋଗୀଙ୍କୁ ୩ ଥର ପଚରାଉଚରା କରିଥିଲେ ମଧ୍ୟ ସେମାନେ କିଛି ଜାଣି ନ ଥିବା କହୁଛନ୍ତି। ଅନେକ ସମୟରେ ତଦନ୍ତକାରୀ ଟିମ୍‌କୁ ମିଛ କହି ତଦନ୍ତକୁ ବାଟବଣା କରୁଛନ୍ତି। ତେଣୁ ସତ କାଢ଼ିବା ପାଇଁ ସେମାନଙ୍କ ଲାଏ ଡିଟେକଶନ୍ ଟେଷ୍ଟ କରାଯିବ। ଏଥିପାଇଁ କୋର୍ଟରେ ଆବେଦନ କରାଯିବ। କୋର୍ଟ ଅନୁମତି ଦେବା ପରେ ସେମାନଙ୍କୁ ମିଛ ଧରା ପରୀକ୍ଷା କରାଯିବା ପରେ ସତ ପଦାକୁ ଆସିବ ବୋଲି ଜଣେ ଅଧିକାରୀ କହିଛନ୍ତି।

ଏନ୍ଆଇଏକୁ ମିଳିଥିବା ତଥ୍ୟ ଅନୁସାରେ, ମୁଫି ଜଟଣୀ ଏବଂ ରାଜଧାନୀରେ ସିରିଜ୍ ବିସ୍ଫୋରଣ କରିବାର ଯୋଜନା ରହିଥିଲା। ଏଥିପାଇଁ ମୁଫିଙ୍କ ଆକାଉଣ୍ଟକୁ ରାଜ୍ୟ ବାହାରୁ ଟଙ୍କା ଆସିଥିଲା। ଆରଡିଏକ୍ସ ଭଳି କେମିକାଲ ପଦାର୍ଥ ମୁଫିଙ୍କୁ ମିଳିବା ପରେ ସେ ବୋମା ଭିଡୁଥିଲେ। ହେଲେ ଅସାବଧାନତା ବଶତଃ ବୋମା ବିସ୍ଫୋରଣ ଘଟିବାରୁ ୪ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ମୁଫି ଏବଂ ତାଙ୍କ ମା' ଲିଜାତୁନଙ୍କ ମୃତ୍ୟୁ ଘଟିଥିବାବେଳେ ମୁଫିଙ୍କ ବାନ୍ଧବୀ ଏବଂ ସହଯୋଗୀ ବର୍ତ୍ତି ଯାଇଛନ୍ତି। ମୁଫିଙ୍କ ମୃତ୍ୟୁପରେ ତାଙ୍କ ଗ୍ୟାଙ୍ଗ୍‌ର ଫଟୋ ଭାଇରାଲ ହୋଇଥିଲା। ଯେଉଁଥିରେ ଗୋମାଫିଆ, ବାଲି ମାଫିଆ ଏବଂ ହାର୍ଡକୋର ଅପରାଧୀ ରହିଥିଲେ। ଏହି ଅପରାଧୀମାନଙ୍କ ତାଲିକା ମଧ୍ୟ ଏନ୍ଆଇଏ ସଂଗ୍ରହ କରୁଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଉଠାଇ ମୁଫିଙ୍କୁ ଆରଡିଏକ୍ସ ଭଳି ପଦାର୍ଥ କିଏ ଦେଉଥିଲେ, ସେନେଇ ପଚରାଉଚରା କରାଯିବ।


**URGENTLY REQUIRED**

**BHUMISREE CONSULTANCY & MARKETING PVT. LTD.**

Our organization has required Addl. Faculty-cum-Research Associates (1 No.), Addl. District PESA Co-ordinator (1 No.) & Block PESA Coordinator (1 No.) for our client O/o.the CDO-cum-EO, Zilla Parishad, Mayurbhanj. So interested candidates are visit our website **www.jobmart99.com (Click advertisement)** for detail & send their CV with all testimonials accordingly by dt.10.04.2026 (through Postal/ Courier/ E-mail or by hand) to our Regd. Office: 725(P), Lane-6, B.M. Nagar, Gandamunda, Khandagiri, Bhubaneswar-30, E-mail: bcmpl2016@gmail.com. Short listed candidates will call for interview.

**Sd./- Managing Director**

**OFFICE OF THE ROURKELA MUNICIPAL CORPORATION**

Uditnagar, Rourkela, Dist.: Sundargarh (Odisha), PIN - 769012
Website: www.rmc.nic.in, Email Id: rourkelamunicipality@gmail.com
No. 2797 Date: 02.03.2026

**TENDER CALL NOTICE**

No. 13001/84/2627: The Municipal Commissioner on behalf of Rourkela Municipal Corporation invites sealed applications in conformation with Detailed Tender Call Notice from the reputed firms/agencies for **"Open area development with Plantation of Flora and landscape over the area along with establishment of irrigation system and Maintenance for 02 years at Balughat River Front"**.

Detail technical specifications, along with terms & conditions etc. may be seen from the tender Odisha website i.e. **www.tendersorissa.gov.in** and website of Rourkela Municipal Corporation i.e. **www.rmc.nic.in**. Date of issue of tender document 30.03.2026.

**Sd./- Commissioner**
**Rourkela Municipal Corporation**

OIPR-13001/13131/1/26-27/0007

GOVERNMENT OF ODISHA No. 13001/72/2627

**OFFICE OF THE PURI MUNICIPALITY, PURI**

Email: enfpuri.od@gov.in

**NATIONAL COMPETITIVE BIDDING THROUGH e-Procurement**
Identification No. PMC-01/2026-27

Notice No. 3470 Dated: 04.04.26

1. Type of Work : Civil Work
2. Total No. of works : 30 Nos. of individual works
3. Estimate Cost : Rs.369551/- to Rs.4217613/-
4. Period of Completion : 45 to 120 days
5. Date & time of availability of bid document in the portal : From 03 P.M. of 10.04.2026 to 05 P.M. of 28.04.2026
6. Last date/time for receipt of bid in the portal : Upto 05 P.M. of 28.04.2026
7. Date of opening of Bid : 11 A.M. of Dtd.29.04.2026
8. Name & address of the Officer Inviting Bid : Executive Officer, Puri Municipality, Puri.

Further detail can be seen from the e-procurement portal **www.tendersorissa.gov.in**.

**Sd./- Executive Officer**
**Puri Municipality, Puri**

OIPR-13001/13159/1/26-27/0002

**OFFICE OF THE NOTIFIED AREA COUNCIL, TUSURA**

(Dept. of Housing & Urban Development, Govt. of Odisha)
At/P.O./P.S.: Tusura, Dist.: Balangir - 767030, e-mail: nactusura@gmail.com

**e-Tender Notice Details**
**Bid Identification No. Tusura-NAC-02-2026**
**e-tender call notice/DTCN No. 324 .....04.2026**

No. 13001/95/2627: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in**.

1. Name of the work : Civil construction works as mentioned in website
2. No. of works : 04 Nos. of Civil Project
3. Tender Cost : Rs.500000/- to Rs.20,00000/-
4. Period of Completion : 90 days
5. Date & time of availability of bid documents in the portal : From 07.04.2026, 12.00 A.M. to 15.04.2026, 5.00 P.M.
6. Last date & time for receipt of bids in the portal : On 15.04.2026 at 5.00 P.M.
7. Last date & time for deposit of Fees & Documents (in sealed envelope) at office tender box : On 16.04.2026 at 05.00 P.M.
8. Bids received online & offline will be opened on : On 17.04.2026 at 11.00 A.M.
9. Name and address of the Officer Inviting Bid : Executive Officer, Tusura NAC

Further details can be seen from the procurement portal i.e. **https://tendersodisha.gov.in**.

Sd./- Chandan Ku. Satpathy
Executive Officer, Tusura NAC

OIPR-13001/13167/1/26-27/0001

**OFFICE OF THE SUPERINTENDING ENGINEER**
**KHORADHA IRRIGATION DIVISION, KHORADHA**

email: eekhurdairrigationdivision@gmail.com

**NOTICE**

No. 32001/24/2627: It is notified that tender invited vide "e" Procurement Notice No. 06 (KHD) 2025-26 dated 04.02.2026 is hereby cancelled as per DTCN Clause No. 12, due to administrative ground and unavoidable circumstances.

**Sd./- Superintending Engineer**
**Khoradha Irrigation Division,**
**Khoradha**

OIPR-32001/32078/1/26-27/0001

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)

ଉପ ମହାପ୍ରବନ୍ଧକ(ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ, ଅତ୍ୟୁଚ୍ଚ ଶକ୍ତି ସଂପୂର୍ଣ୍ଣ ବିଦ୍ୟୁତ୍ ନିର୍ମାଣ ବିଭାଗ,ଭୁବନେଶ୍ୱର

**ସାର୍ବଜନୀନ ସୂଚନା**

ଏତଦ୍ୱାରା ଭୁବନେଶ୍ୱର ସହରର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ (୧) ୧୩୨/୩୩ କେ.ଭି. ଜିଆଇଏସ୍ ସତ୍ୟନଗର ଠାରୁ ୧୩୨/୩୩ କେ.ଭି. ଜିଆଇଏସ୍ ମଞ୍ଚେଶ୍ୱର-ବି ପର୍ଯ୍ୟନ୍ତ (୨)୧୩୨/୩୩ କେ.ଭି. ଜିଆଇଏସ୍ ମଞ୍ଚେଶ୍ୱର-ବି ଠାରୁ କୁଆଖାଇ ନଦୀ ପର୍ଯ୍ୟନ୍ତ ନିମ୍ନଲିଖିତ ରାସ୍ତା ଦେଇ ୧୩୨ କେ.ଭି. ଭୂତଳ କେବୁଲ୍ ବିଛାଯାଇଛି। ସତ୍ୟନଗର ଗ୍ରୀଡ୍ ର ବାମ ପାର୍ଶ୍ୱ ଠାରୁ ଶିକ୍ଷା ପାଠ୍ୟପୁସ୍ତକ, ଦୃଷ୍ଟିହୀନ ବିଦ୍ୟାଳୟ ରାସ୍ତା ର ବାମ ପାର୍ଶ୍ୱ ଠାରୁ ଆର୍ ଏବଂ ବି ରାସ୍ତା; ତାପରେ ରୋଡ୍ କ୍ରସିଂ, ଆର୍ ଏବଂ ବି ରାସ୍ତାର ବାମ ପାର୍ଶ୍ୱ ସତ୍ୟନଗରରୁ ରେଳଲାଇନ୍ ଅତିକ୍ରମ କରି କଟକ ରୋଡ୍; ତାପରେ ଆଲ୍ଲାବାଦ୍ ବ୍ୟାଙ୍କ ଠାରୁ ନାରାୟଣୀ ମୋଟର୍ସ୍ ରୋଡ୍ କ୍ରସିଂ, ନାରାୟଣୀ ମୋଟର୍ସ୍‌ରୁ ଝାରପଡା ଜେଲ୍ ରୋଡ୍‌ର ବାମ ପାର୍ଶ୍ୱ, ଝାରପଡା ଜେଲ୍ ରୋଡ୍‌ର ବାମ ପାର୍ଶ୍ୱରୁ ଗଣେଶ ମଣ୍ଡପ,ଗଣେଶ ମଣ୍ଡପ ବାମ ପାର୍ଶ୍ୱରୁ ଝାରପଡା କେନାଲ୍ ରୋଡ୍, ଝାରପଡା କେନାଲ୍ ରୋଡ୍‌ରୁ ପଳାଶୁଣୀ କେନାଲ୍ ରୋଡ୍‌ର ବାମ ପାର୍ଶ୍ୱ; ତାପରେ ରୋଡ୍ କ୍ରସିଂ, ପଳାଶୁଣୀ କେନାଲ୍ ରୋଡ୍‌ରୁ ସିପେଟ୍ କଲେଜ୍ ରୋଡ୍ ଦେଇ ମଞ୍ଚେଶ୍ୱର-ବି ଗ୍ରୀଡ୍‌ର ବାମ ପାର୍ଶ୍ୱ ପର୍ଯ୍ୟନ୍ତ, ମଞ୍ଚେଶ୍ୱର-ବି ଜିଆଇଏସ୍ ଠାରୁ ସିପେଟ୍ କଲେଜ୍ ରୋଡ ଦେଇ ପଳାଶୁଣୀ କେନାଲ୍ ରୋଡ୍‌ର ବାମ ପାର୍ଶ୍ୱ; ତାପରେ ଡାଇଗୋନାଲ୍ ରୋଡ୍ କ୍ରସିଂ, ପଳାଶୁଣୀ ଏନ୍.ଏଚ୍ ର ଦକ୍ଷିଣ ପାର୍ଶ୍ୱ ଠାରୁ ସପ୍ତଶତୀ ମନ୍ଦିର ଏବଂ ହାଇଟେକ୍ ଛକ ଦେଇ କୁଆଖାଇ ନଦୀ ପର୍ଯ୍ୟନ୍ତ।

ଉପରୋକ୍ତ ଭୂତଳ କେବୁଲ ଲାଇନ୍ ଗୁଡିକ ଆସନ୍ତା ତା. ୦୬.୦୪.୨୦୨୬ ରିଖ କିମ୍ବା ତା'ପରେ ଯେକୌଣସି ସମୟରେ ଚାର୍ଜିଂ ହୋଇ କାର୍ଯ୍ୟକ୍ଷମ ହେବ। ତେଣୁ, ସୁରକ୍ଷା ନିୟମ ଅନୁଯାୟୀ, ଉକ୍ତ କେବୁଲ ରାସ୍ତାରେ କିମ୍ବା ପାଖରେ କୌଣସି ଖନନ, ଘର ନିର୍ମାଣ କିମ୍ବା ବୃକ୍ଷରୋପଣ କାର୍ଯ୍ୟକଳାପକୁ କଡାକଡି ନିଷେଧ କରିବାକୁ ପରାମର୍ଶ ଦିଆଯାଇଛି।

ଏହାର ଉଲ୍ଲଂଘନ ଫଳରେ ଏକ ମାରାତ୍ମକ ବିଦ୍ୟୁତ୍ ଆଘାତ ହୋଇପାରେ।

ସ୍ୱା/- ଉପ ମହାପ୍ରବନ୍ଧକ (ବିଦ୍ୟୁତ)
ଅତ୍ୟୁଚ୍ଚ ଶକ୍ତି ସଂପୂର୍ଣ୍ଣ ବିଦ୍ୟୁତ୍ ନିର୍ମାଣ ବିଭାଗ,ଭୁବନେଶ୍ୱର

FIPR-04/2026-27

/optcl.odisha /optcl_odisha

**OFFICE OF THE EXECUTIVE ENGINEER**
**SOIL INVESTIGATION DIVISION, ADVANCE PLANNING,**
**ROAD CONSTRUCTION DEPARTMENT,RANCHI**
**NirupanBhawan,3rd Floor,Room No. 403,56-Set,**
**Doranda,Ranchi-834002**

**e-Procurement (National Bidding)**
**Letter of Invitation (LOI) No.-01/2026-27**
**2nd Call**
**e-Tender Ref No:–RCD/SID/AP/RAN/01/2026-27**
**Date:- 06.04.2026**

| | | |
|---|---|---|
| 1 | Name Of Work | Consultancy Services for the Preparation of Detailed Project Report (D.P.R) for construction of Gola Bypass with approach road towards Rajrappa under road division Ramgarh including new proposal of culverts, bridges, ROBs, RUBs, complete Land acquisition plan including ownership details all complete as per latest guidelines, Resettlement and Rehabilitation proposals , Forest Diversion proposal and Utility Shifting proposal in details etc under Ramgarh District in the State of Jharkhand.(total tentative length-12.00 Km) |
| 2 | Period of Completion of Work | 60 Days |
| 3 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 20,000.00 (Twenty Thousand) only as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 4 | Mode of Bid Submission | e-tendering(http://jharkhandtenders.gov.in) |
| 5 | Date/Time of Publication of Tender on Website | 09.04.2026,10:30 AM |
| 6 | Last Date/Time of Bid Submission | 25.04.2026 12:00PM |
| 7 | Last Date/Time of Submission of Tender Fee & EMD | 25.04.2026 12:00PM |
| 8 | Date and Time of Bid opening | 27.04.2026 12:30 PM |
| 9 | Bid validity | 120 days |
| 10 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 11 | Designation and Contact no. of Tender inviting Officer | Executive Engineer, Soil Investigation Division,Advance Planning,RCD, Ranchi Mob-9905660677. |
| 12 | PR. No.- | 374588 Road (25-26)D |

Note:-Only e-Tender shall be accepted.

Sd./-
(Ravi Shankar Pravakar)
Executive Engineer,
Soil Investigation Division, Advance Planning,
Road Construction Department,Ranchi

PR 376852
Road(26-27).D

**ଥାନା ଅଧିକାରୀଙ୍କୁ ଭେଟିଲା ନାଗରିକ କମିଟି**

ରେଢ଼ାଖୋଲ,(ସନ୍ତୋଷ ବଘାର): ରେଢ଼ାଖୋଲ ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ ସନୟ କୁମାର ନାୟକଙ୍କୁ ସ୍ଥାନୀୟ ବୟୋଜ୍ୟେଷ୍ଠ ନାଗରିକ କମିଟି ପକ୍ଷରୁ ସାକ୍ଷାତ୍ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଥାନା ଅଧିକାରୀ ନାୟକ ସହରର ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ବିଶେଷ ଦୃଷ୍ଟି ଦେବେ ବୋଲି କହିଥିଲେ। କମିଟି ପକ୍ଷରୁ ଦେବାନନ୍ଦ ପ୍ରଧାନ, ତୁଷାରକାନ୍ତି ପ୍ରଧାନ, ରାମଲାଲ ଅଗ୍ରୱାଲ, ରମେଶ ପାଣିଗ୍ରାହୀ, ନରେନ୍ଦ୍ର ଦେହୁରୀ, ପ୍ରତାପ ସାହୁ, ସୁନନ୍ଦ ପ୍ରଧାନ, ରୋହିଣୀ ନାୟକ ସାମିଲ ଥିଲେ।

## ସଂକ୍ଷେପରେ

### ପ୍ରଫେସର ରସାନନ୍ଦ ପ୍ରଧାନଙ୍କ ଶ୍ରାଦ୍ଧ ବାର୍ଷିକୀ

ସମ୍ବଲପୁର, ୭।୪(ବି.ଶଙ୍କର)

ପ୍ରଫେସର ରସାନନ୍ଦ ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ସମ୍ବଲପୁର ସହଯୋଗନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ବହୁ ସହର ସମେତ ବିଭିନ୍ନ ଅଞ୍ଚଳରୁ ଶିକ୍ଷାବିତ୍, ପୁରାତନ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ପ୍ରଫେସର ପ୍ରଧାନ ଜଣେ ଛାତ୍ରବତ୍ସଳ ଭୂଗୋଳ ଅଧ୍ୟାପକଭାବେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ ପରିଚିତ ଥିଲେ । ପ୍ରକୃତପକ୍ଷେ ସେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ବିଷ୍ଣୁପ୍ରିୟା ପ୍ରଧାନ, ଦେବାଶିଷ ପ୍ରଧାନ, ଡ. ସୁବାଶିଷ ପ୍ରଧାନ ଓ ଅନ୍ୟାନ୍ୟ ବହୁ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ପ୍ରଫେସର ପ୍ରଧାନଙ୍କ ଗୁଣାବଳୀ ଉପରେ ଆଲୋଚନା କରିଥିଲେ। ଆଇନଜୀବୀ ଅରବିନ୍ଦ ନାୟକ ସୂଚନା ପ୍ରଦାନ କରିଥିଲେ।

### ଲାରସରା ଯାଏ ଆମ ବସ୍ ସେବା ସମ୍ପ୍ରସାରଣ କର

**ଜିଲାପାଳଙ୍କୁ ପତ୍ର ଲେଖିଲେ ବିଧାୟକ**

ସମ୍ବଲପୁର,୭।୪(ପ୍ରମୋଦ ବହିଦାର)

ସମ୍ବଲପୁରରୁ ହୁମା ମଧ୍ୟରେ ନୂତନ ଭାବେ ଚାଳଚଳ ଆରମ୍ଭ ହୋଇଥିବା ଆମ ବସ୍ ସେବାକୁ ଲାରସରା ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବା ପାଇଁ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଜିଲାପାଳଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ସମ୍ବଲପୁରର ପସିଦ୍ଧ ପର୍ଯ୍ୟଟନସ୍ଥଳୀ ଐତିହାସିକ ବକ୍ର ମନ୍ଦିର ପାଇଁ ହୁମାକୁ ବର୍ତ୍ତମାନ ଅଇଁଠାପାଲି ବସ୍ ଟର୍ମିନାଲରୁ ୮ଟି ବାତାନୁକୁଳିତ(ଏସି) ଏବଂ ୨ଟି ସାଧାରଣ(ନନ୍-ଏସି) ବସ୍ ପ୍ରତିଦିନ ଚଳାଚଳ କରୁଛି। ତେବେ ହୁମାଠାରୁ ମାତ୍ର ୪ କିଲୋମିଟର ଦୂରରେ ଥିବା ଧମା ଏକ ପ୍ରମୁଖ ପଞ୍ଚାୟତ ମୁଖ୍ୟାଳୟ ହୋଇଥିବା ବେଳେ ଏଠାରେ ପ୍ରସିଦ୍ଧ ଝାଡେଶ୍ୱରୀ ମନ୍ଦିର, ଏକ ପୁରାତନ ମହାବିଦ୍ୟାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ଏହା ବ୍ୟତୀତ ଧମାଠାରୁ ୮ କିଲୋମିଟର ଦୂରରେ ଅବସ୍ଥିତ ଲାରସରା ଗ୍ରାମର ବହୁ ସଂଖ୍ୟକ ସାଧାରଣ ଜନତା ଓ ଛାତ୍ରୀଛାତ୍ର ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟ ପାଇଁ ପ୍ରତିଦିନ ଧମା ଉପରେ ନିର୍ଭର କରିଥାନ୍ତି। ପର୍ଯ୍ୟଟକ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆମ ବସ୍ ସେବାକୁ କେବଳ ହୁମା ମଧ୍ୟରେ ସୀମିତ ନ ରଖି ଲାରସରା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ବିଧାୟକ ଆଚାର୍ଯ୍ୟ ପ୍ରସ୍ତାବ ଦେଇଛନ୍ତି।

# ବାହାରିଲା ଜନଗଣନା ସଚେତନତା ରଥ

## ଦୁଇଦିନରେ ପରିକ୍ରମା କରିବ ଏସ୍ଏମ୍‌ସିର ୪୧୦ଟି ୱାର୍ଡ

ସମ୍ବଲପୁର, ୭।୪(ପ୍ରମୋଦ ବହିଦାର)



ଏସ୍ଏମ୍‌ସି ଆୟୁକ୍ତ ରେହାନ ଖତ୍ରି ଜନଗଣନା ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ଦେଶର ପ୍ରଥନ ଥର ପାଇଁ ହେଉଥିବା ଡିଜିଟାଲ ଜନଗଣନାକୁ ସଫଳ କରିବା ପାଇଁ ସମ୍ବଲପୁର ମହାନଗର ନିଗମ(ଏସ୍ଏମ୍‌ସି) ପକ୍ଷରୁ ସଚେତନତା ରଥର ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଡିଜିଟାଲ ଜନଗଣନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଏବଂ ସ୍ୱଗଣନା ପ୍ରକ୍ରିୟାରେ ସାମିଲ କରିବା ପାଇଁ ଏକକାଳୀନ ୪ଟି ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏସ୍ଏମ୍‌ସି ଆୟୁକ୍ତ ତଥା ମୁଖ୍ୟ ଜନଗଣନା ଅଧିକାରୀ ରେହାନ ଖତ୍ରି ଅନ୍ୟ ଅଧିକାରୀଙ୍କ ଗହଣରେ ରଥଗୁଡ଼ିକୁ ସବୁଜ ପତାକା ଦେଖାଇ ରୋଡ ଶୋ ମାଧ୍ୟମରେ ଯାତ୍ରା ଶୁଭାରମ୍ଭ କରିଥିଲେ।

ସଚେତନତା ରଥଗୁଡ଼ିକ ଆସନ୍ତା ଦୁଇ ଦିନ ମଧ୍ୟରେ ସହରର ସମସ୍ତ ୪୧ଟି ୱାର୍ଡ ପରିକ୍ରମା କରିବ। ଜନସାଧାରଣଙ୍କୁ ଆକୃଷ୍ଟ କରିବା ପାଇଁ ଏହି ରଥଗୁଡ଼ିକରେ ଜନଗଣନା ସମ୍ପର୍କିତ ସଚେତନତା ଗୀତ ଏବଂ ସୂଚନାପ୍ରଦ ବ୍ୟାନର ଲଗାଯାଇଛି। ବିଶେଷ କରି ସ୍ୱ-ଗଣନା ବା ନିଜେ ନିଜର ବିବରଣୀ ଦାଖଲ କରିବା ଏବଂ ଗୃହ ତାଲିକାଭୁକ୍ତ କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ପୋର୍ଟାଲ ମାଧ୍ୟମରେ ଆସନ୍ତା ୧୫ ତାରିଖ ମଧ୍ୟରେ ନିଜର ନିର୍ଭୁଲ ତଥ୍ୟ ଅପଲୋଡ୍ କରିବାକୁ ନାଗରିକମାନଙ୍କୁ ଅନୁରୋଧ କରାଯାଇଛି। ଡିଜିଟାଲ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଏହି ରଥଗୁଡ଼ିକରେ କ୍ୟୁଆର କୋଡ୍ ପ୍ରଦର୍ଶିତ ହେଉଛି। ଯାହାକୁ ସ୍କାନ୍ କରି ଜଣେ ବ୍ୟକ୍ତି ସିଧାସଳଖ ସରକାରୀ ୱେବସାଇଟ୍‌ରେ ପହଞ୍ଚି ପାରିବେ। ଏହି ପ୍ରକ୍ରିୟାକୁ ସୁବିଧାଜନକ କରିବା ପାଇଁ ରଥରେ ପର୍ଯ୍ୟାୟକ୍ରମେ ମାର୍ଗଦର୍ଶିକା ପ୍ରଦାନ କରାଯାଉଛି। ସମ୍ବଲପୁରର ବିଭିନ୍ନ ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଏହି ସାମାଜିକ ଅଭିଯାନରେ ସାମିଲ କରାଯାଇଛି, ଯେପରି ସହରର କୋଣ ଅନୁକୋଣରେ ଜନଗଣନା ବାର୍ତ୍ତା ପହଞ୍ଚିପାରିବ ଏବଂ ଏହି ଐତିହାସିକ ଡିଜିଟାଲ ପ୍ରକ୍ରିୟାରେ ସମ୍ବଲପୁରବାସୀ ଅଗ୍ରଣୀ ଭୂମିକା ଗ୍ରହଣ କରିବେ।

# ବହୁମୁଖୀ ତାଲିମ ଓ ସାଧନ କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର,୭।୪(ବି.ଶଙ୍କର)

ଆଦିତ୍ୟ ଆଲୁମିନିୟମ ପ୍ରେରଣା ପ୍ରକଳ୍ପର ଅଂଶଭାବେ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ସାଧନ କେନ୍ଦ୍ରକୁ ନବୀକରଣ କରିବା ପାଇଁ ପଦକ୍ଷେପ ନେଇଛି। ରେଙ୍ଗାଲିରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ପାଇଁ ନବୀକରଣ କରାଯାଇଥିବା ବହୁମୁଖୀ ତାଲିମ ଏବଂ ସାଧନ କେନ୍ଦ୍ର ମଙ୍ଗଳବାର ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ହିଣ୍ଡାଲକୋ କ୍ଲଷ୍ଟର ଏଚ୍ଆର ମୁଖ୍ୟ ଡ. କ୍ରିଷ୍ଣା ପାଢ଼ୀ, ଆଦିତ୍ୟ ଆଲୁମିନିୟମ ଲାପାଙ୍ଗା ୟୁନିଟ୍ ମୁଖ୍ୟ ଜେ.ପି.ନାୟକ, ଏଚ୍ଆର ମୁଖ୍ୟ ବିନୋଦ ନନ୍ଦ ଠାକୁର, ହିଣ୍ଡାଲକୋ ଗ୍ରୁପ ସିଏସ୍ଆର ମୁଖ୍ୟ ଅଜିତ, କ୍ଲଷ୍ଟର ସିଏସ୍ଆର ମୁଖ୍ୟ ଶିବା ମହାପାତ୍ର, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ଅନ୍ତର୍ଯ୍ୟାମୀ ପାଣି ଏବଂ ବରିଷ୍ଠ ନାଗରିକ ସଂଘ ପରାମର୍ଶଦାତା ଶଶୀଭୂଷଣ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ସହାୟକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ବିଶେଷ ଆବଶ୍ୟକତା ଥିବା ପିଲାମାନଙ୍କ ପାଇଁ ଉନ୍ନତ ତାଲିମ ଓ ଶିକ୍ଷଣ ସୁବିଧା ପ୍ରଦାନ କରିବା । ଯଦ୍ୱାରା ସେମାନେ ଉତ୍ତମ ଶିକ୍ଷା ଏବଂ ବିକାଶମୂଳକ ସୁଯୋଗ ପାଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।


ଆଦିତ୍ୟ ଆଲୁମିନିୟମ ପକ୍ଷରୁ ରେଙ୍ଗାଲିରେ ବହୁମୁଖୀ ତାଲିମ ଏବଂ ସାଧନ କେନ୍ଦ୍ର ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ।

# ରାସାୟନିକ ପଦାର୍ଥ ବ୍ୟବହାର ମାନବ ଶରୀର ପାଇଁ କ୍ଷତିକାରକ


ସିଦ୍ଧେଶ୍ୱର ବେର୍ଣ୍ଣା ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

ସମ୍ବଲପୁର, ୭।୪(ବି.ଶଙ୍କର)

**ଜ୍ୟୋତି ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ କାର୍ଯ୍ୟକ୍ରମ**

ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥା ଜ୍ୟୋତି ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ମଙ୍ଗଳବାର ସକାଳ ୯ଟାରେ ସମ୍ବଲପୁର ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଏକ ଚକ୍ଷୁ ପରୀକ୍ଷା ଶିବିର ଏବଂ ଚକ୍ଷୁର ଯତ୍ନ ଓ ସୁରକ୍ଷା ଉପରେ ସଚେତନତା ସଭା ହୋଇଥିଲା। ଡାକ୍ତର ପରେଶ ଚନ୍ଦ୍ର ଦାନୀ ଏଥିରେ ସଭାପତିତ୍ୱ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ସୁସ୍ଥ ସ୍ୱାସ୍ଥ୍ୟର ଆବଶ୍ୟକତା ଉପରେ କହିଥିଲେ। ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ ପରିଚୟ ପ୍ରଦାନ କରିଥିଲେ। ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚକ୍ଷୁର ଯତ୍ନ ଓ ସୁରକ୍ଷା ଉପରେ କହିଥିଲେ। ରାସାୟନିକ ପଦାର୍ଥ ବ୍ୟବହାର ମାନବ ଶରୀର ପାଇଁ କେତେ କ୍ଷତିକାରକ ହୋଇପାରେ, ତାହା ଉପରେ କହିଥିଲେ। ଚକ୍ଷୁଦାନ ସମିତି ଆବାହକ ଦୁର୍ଗାଚରଣ ଦାନୀ ଏବଂ ଯୁଗ୍ମ ଆବାହକ ରତନ ବହିଦାର ଚକ୍ଷୁ ପରୀକ୍ଷା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଶିବିରରେ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ।

### ପେ ଆଣ୍ଡ ୱିନ ଯୋଜନା ବିଜେତାଙ୍କ ନାମ ଘୋଷଣା

ସମ୍ବଲପୁର,୭।୪(ବି.ଶଙ୍କର)

ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ପେ ଆଣ୍ଡ ୱିନ ଯୋଜନା ଅଧୀନରେ ବିଜେତାମାନଙ୍କ ନାମ ମଙ୍ଗଳବାର ଘୋଷଣା କରାଯାଇଛି। ତ୍ରୈମାସିକ ପ୍ରମୁଖ ଗ୍ରାହକ ପ୍ରୋତ୍ସାହିତ ପଦକ୍ଷେପ ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୨୩ ହଜାର ୫୦୨ ଜଣ ଗ୍ରାହକ ଯୋଗ୍ୟ ବିବେଚିତ ହୋଇଛନ୍ତି। ଯେଉଁମାନଙ୍କ ମଧ୍ୟରୁ ସ୍ୱୟଂଚାଳିତ କମ୍ପ୍ୟୁଟର ଜେନେରେଟେଡ୍ ଲକି ଡ୍ର ମାଧ୍ୟମରେ ଟିପିଡବ୍ଲ୍ୟୁଓଡିଏଲର ୫୭ଟି ବିଦ୍ୟୁତ ଉପଖଣ୍ଡରୁ ମୋଟ ୯୧୨ ଜଣ ବିଦ୍ୟୁତ ଗ୍ରାହକଙ୍କୁ ବିଜେତା ଭାବରେ ଚୟନ କରାଯାଇଅଛି । ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରତ୍ୟେକ ବିଦ୍ୟୁତ ଉପଖଣ୍ଡରୁ ପ୍ରତି ତ୍ରୈମାସିକରେ ୧୬ଜଣ ଗ୍ରାହକଙ୍କୁ ଚୟନ କରାଯାଇଥାଏ । ପ୍ରଥମ ପୁରସ୍କାର ଭାବେ ଜଣେ ବିଜେତାଙ୍କୁ ସ୍ମାର୍ଟଫୋନ୍ ଉପହାର ମିଳୁଥିବା ବେଳେ ଦ୍ୱିତୀୟ ପୁରସ୍କାର ଭାବେ ୨ଜଣ ବିଜେତାଙ୍କୁ ଦୁଇଟି ବ୍ଲୁଟୁଥ ସ୍ପିକର, ତୃତୀୟ ପୁରସ୍କାର ଭାବେ ୩ଜଣ ବିଜେତାଙ୍କୁ ତିନୋଟି ସ୍ମାଟରୱାଚ ଏବଂ ଚତୁର୍ଥ ପୁରସ୍କାର ଭାବେ ୧୦ଜଣ ବିଜେତାଙ୍କୁ ୧୦ଟି ନେକବ୍ୟାଣ୍ଡ ଇୟର ଫୋନ ଉପହାର ଦିଆଯାଉଛି ବୋଲି ବୁର୍ଲା ସ୍ଥିତ ଟିପିଡବ୍ଲ୍ୟୁଓଡିଏଲ ଜନ ସମ୍ପର୍କ ବିଭାଗ ପକ୍ଷରୁ ମଙ୍ଗଳବାର ସୂଚିତ କରାଯାଇଛି ।

# କେଶାଇବାହାଲ ବିଜିଡି କଲେଜରେ ରକ୍ତଦାନ ଶିବିର

କୁଚିଣ୍ଡା, ୭।୪(ବିରଞ୍ଚି ଦର୍କା)

ଓଡ଼ିଆ ପକ୍ଷ ପାଳନ ଅବସରରେ ସମ୍ବଲପୁର ଜିଲା ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଯୁବ ରେଡକ୍ରସ ଶାଖା ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୁଲ୍ୟରେ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହୁଲପାଲି ଆଇଆଇସି ଇନ୍ଦ୍ରଦେବ ଓରାମ, କଲେଜ ପ୍ରତିଷ୍ଠାତା ସଭାପତି ସଜନ କୁମାର ଖଣ୍ଡେଲୱାଲ, କଲେଜ ଅଧକ୍ଷ ଦୟାସାଗର ପ୍ରଧାନ, ବରିଷ୍ଠ ଅଧ୍ୟାପିକା ମନୋରମା ପଟେଲ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ରକ୍ତଦାନର ମହନୀୟତା ସମ୍ପର୍କରେ ଉପାଦେୟ ତଥ୍ୟ ପ୍ରଦାନ କରିବା ସହ ସମସ୍ତ ସ୍ୱେଚ୍ଛାସେବୀ ରକ୍ତଦାନ କରିବା ପାଇଁ ଆଗଭର ହେବାକୁ ପରାମର୍ଶ କରିଥିଲେ। ଯୁବ ରେଡକ୍ରସ କାଉନସେଲର ହରେଶ କୁମାର ସାହୁ ସମସ୍ତ ଅତିଥି, ରକ୍ତଦାତା ଓ ସ୍ୱେଚ୍ଛାସେବୀମାନଙ୍କୁ ସ୍ୱାଗତ କରିଥିଲେ। ଏନ୍ଏସ୍ଏସ୍ ଅଧିକାରୀ ବିନୋଦ ବିହାରୀ ପୃଷେଠ ଧନ୍ୟବାଦ ଅର୍ପଣ ଥିଲେ। କୁଚିଣ୍ଡା ରକ୍ତଭଣ୍ଡାର ପକ୍ଷରୁ ପ୍ରମୋଦ କୁମାର ପଟେଲ, ଦୁଃଖବନ୍ଧୁ କିଷାନ ଓ ରକ୍ତ ଭଣ୍ଡାର କର୍ମଚାରୀଙ୍କ ସହାୟତାରେ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ନମିତା ନାଏକ, ଅଞ୍ଜଳି ପଟେଲ, ସୁରମା ସାହୁ ରୋଶନ ଶର୍ମା, ମଳୟ ବୁଡ଼ା, ବିକାଶ ପାଣି, ଚନ୍ଦ୍ରିକା ନାଏକ, ଅମିୟ ପଟେଲ, ଆଲୋକ ପଟେଲ, ସୁନୀଲ ପଟେଲ, ଗଗନ ପଟେଲ, ରେଶ୍ମା ପତିଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।



ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି।

### ନାକଟିଦେଉଳ ସ୍ୱାସ୍ଥ୍ୟକେନ୍ଦ୍ର ପାଳିଲା ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ନାକଟିଦେଉଳ,୭।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ମଙ୍ଗଳବାର ବ୍ଲକ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶରତ ଚନ୍ଦ୍ର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ଅମୂଲ୍ୟରତ୍ନ ମହନ୍ତ, ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟାଧର ରାଉତରାୟ, ନୀତି ଆୟୋଗର ବ୍ଲକ ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡା ଯୋଗଦେଇ ସୁସ୍ଥ ଶରୀର ଏବଂ ସୁସ୍ଥ ସ୍ୱାସ୍ଥ୍ୟ ଉପରେ ଆଲୋକପାତ କରିଥିଲେ। ମାନସିକ, ଶାରୀରିକ, ସାମାଜିକ ଏବଂ ଆଧାତ୍ମିକ ସ୍ୱାସ୍ଥ୍ୟ ସୁସ୍ଥ ରହିଲେ ଆମେ ଏକ ସୁସ୍ଥ ସମାଜ ଗଠନ କରି ପାରିବା ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତର ପ୍ରଦୀପ କୁମାର ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଓଡ଼ିଆ ଭାଷା ସାହିତ୍ୟ ପ୍ରତି ସଚେତନତା ଜାଗ୍ରତ ଲକ୍ଷ୍ୟ


ଦୁର୍ଗାପାଲି ୟୁପି ସ୍କୁଲରେ ଅନୁଷ୍ଠିତ ବର୍ଣ୍ଣବୋଧ ଉତ୍ସବରେ ଛାତ୍ରୀଛାତ୍ରଙ୍କୁ ଡିଇଓ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରୁଛନ୍ତି।

ସମ୍ବଲପୁର, ୭।୪(ପ୍ରମୋଦ ବହିଦାର)

- **ସମ୍ବଲପୁରରେ ପାଳିତ ହେଲା ବର୍ଣ୍ଣବୋଧ ଉତ୍ସବ**
- **ଛାତ୍ରୀଛାତ୍ରଙ୍କୁ ବଣ୍ଟନ ହେଲା ବର୍ଣ୍ଣବୋଧ**

ଓଡ଼ିଆ ପକ୍ଷ ପାଳନ ଅବସରରେ ମଙ୍ଗଳବାର ସପ୍ତମ ଦିବସରେ ସମ୍ବଲପୁର ଜିଲାର ବିଭିନ୍ନ ସ୍ଥାନରେ ବର୍ଣ୍ଣବୋଧ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଦୁର୍ଗପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ଜିଲା ଶିକ୍ଷାଧିକାରୀ(ଡିଇଓ) ଲକ୍ଷ୍ମଣ ଭୋଇ ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ଜନସଚେତନତା ଜାଗ୍ରତ ସହ ନୂତନ ପିଢ଼ିର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାଷା ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ସେହିପରି ଓଡ଼ିଆ ଭାଷାର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଭକ୍ତକବି ମଧୁସୂଦନ ରାଓଙ୍କ ଅମର ସୃଷ୍ଟି 'ବର୍ଣ୍ଣବୋଧ'ର ଗୁରୁତ୍ୱ ଅପରିସୀମ। ଏହି ପୁସ୍ତକ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଯେପରି ଓଡ଼ିଆ ଭାଷାର ଶୁଦ୍ଧ ଉଚ୍ଚାରଣ ଓ ଲିଖନ ଶୈଳୀ ଶିଖିପାରିବେ ସେଥିପାଇଁ ଏହି ଦିବସଟିକୁ ସମ୍ପୂର୍ଣ୍ଣଭାବେ ବର୍ଣ୍ଣବୋଧ ନିମନ୍ତେ ଉତ୍ସର୍ଗୀକୃତ କରାଯାଇଛି। ଭାଷାଗତ ଶିକ୍ଷଣ ଓ ବୌଦ୍ଧିକ ବିକାଶ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ଦିଗରେ ଏହି ପ୍ରୟାସ ଏକ ମାଇଲଖୁଣ୍ଟ ବୋଲି ସେ କହିଥିଲେ। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଯୋଗାଇ ଦିଆଯାଇଥିବା ବର୍ଣ୍ଣବୋଧ ପୁସ୍ତକଗୁଡ଼ିକୁ ସମ୍ବଲପୁର ଜିଲା ପ୍ରଶାସନ, ଜିଲା ସଂସ୍କୃତି ବିଭାଗ ଓ ଜିଲା ଶିକ୍ଷା ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ବର୍ଣ୍ଣବୋଧ ଉତ୍ସବ ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଛି।


**बैंक ऑफ़ बड़ौदा Bank of Baroda**

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**

ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ପୋଲିସ୍ ଷ୍ଟେସନ୍ ନିକଟ, ସିଡ଼ିଏ, କଟକ-୭୫୩୦୧୪ ଓଡ଼ିଶା, ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩, E-mail: sarcut@bankofbaroda.bank.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ୍ "ପରିଶିଷ୍ଟ-୪-ଏ [ରୁଲ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ]"
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୬(୨) ଏବଂ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା/ବନ୍ଧକଦାତା/ ଜାମିନ୍‌ଦାର/ସୁରକ୍ଷିତ ସମ୍ପତ୍ତି/ଦେୟ/ସଂରକ୍ଷିତ ମୂଲ୍ୟ/ଅମାନତ ରାଶି/ବିଡ୍ ବର୍ଦ୍ଧିତ ରାଶି/ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।

| କ୍ର. ନଂ. | ଋଣଗ୍ରହୀତା / ଜାମିନ୍‌ଦାର ଏବଂ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନକମ୍ବ୍ରାନ୍‌ସେସ୍, ଯଦି ଥାଏ | ବକେୟା ଦେୟ (ସୁରକ୍ଷିତ ଋଣ) | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଦଖଲ ସମ୍ପତ୍ତିର ସ୍ଥିତି (ଗଠନାତ୍ମକ / ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଓ ସମୟ |
|---|---|---|---|---|---|---|---|
| ୧. | ଋଣଗ୍ରହୀତାମାନେ: ୧) ମେସର୍ସ ଶାନ୍ତି ଆଣ୍ଡ ବଳ ଅଏଲ ଇଣ୍ଡଷ୍ଟ୍ରି, ଗ୍ରାମ: ମାଝୀପଡ଼ା, ପୋ: ଅଚ୍ୟୁତବସନ୍ତ, ଥାନା: ବାଲିଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ପିନ୍-୭୫୪୨୦୫, ୨) ପ୍ରମୋଦ କୁମାର ଶାନ୍ତି, ୩) ଶ୍ରୀ ରଞ୍ଜିତ ଶାନ୍ତି, ଉଭୟଙ୍କ ଠିକଣା- ସା: ଶୁକଳ, ପୋ: ମହାରି, ଗ୍ରାମ: ବରୀ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୦୩ / ଜାମିନ୍‌ଦାରମାନେ: ଶ୍ରୀ ପ୍ରଫୁଲ୍ଲ କୁମାର ଦଲାଇ, ମାର୍ଫତ: ଭାସ୍କର ଦଲାଇ, ୨) ଶ୍ରୀମତୀ ସରସ୍ୱତୀ ଦଲାଇ, ମାର୍ଫତ: ଭାସ୍କର ଦଲାଇ, ଉଭୟଙ୍କ ଠିକଣା- ସା: ବାହାଦୁଲାପାଟଣା, ପୋ: ବହୁଗ୍ରାମ, ଜିଲ୍ଲା: କଟକ, ପିନ୍-୭୫୪୨୦୦ | ଶ୍ରୀ ପ୍ରଫୁଲ୍ଲ ଦଲାଇ ଏବଂ ଶ୍ରୀମତୀ ସରସ୍ୱତୀ ଦଲାଇଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୭୨୩/୩୧୭, ପ୍ଲଟ୍ ନଂ.: ୧୧୨୨/୧୫୭୫ ଏବଂ ୧୧୨୩/୧୫୭୬, ମୌଜା: ସାଲେପୁର, ନଂ. ୫୫୦, ବାହାଦୁଲାପାଟଣା, ପୋ: ବହୁଗ୍ରାମ, ଥାନା: ସାଲେପୁର, ଜିଲ୍ଲା: କଟକ, କ୍ଷେତ୍ର: ଏକର୦.୦୫୫ ଡିସିମିଲି ଏବଂ ଏକର୦.୦୩୮ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୯୩ ଡିସିମିଲି | ଦେୟ: ତା.୧୬.୦୭.୨୦୧୫ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୭୮,୫୯,୫୧୩/- + (ଲାଗୁହୋଇନଥିବା ପ୍ରଯୁଜ୍ୟ ସୁଧ ଏବଂ ଅନ୍ୟାନ୍ୟ ଦେୟ) ଏବଂ ୦୫.୦୪.୨୦୨୬ ସୁଦ୍ଧା ଟ.୨,୫୦,୯୬,୩୬୩.୭୩ ମୁକ୍ତ ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୯.୦୪.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୨୦,୬୧,୦୦୦/- / ଟ.୨,୦୬,୧୦୦/- / ଟ.୧୫,୦୦୦/- | ସାଙ୍କେତିକ | ୨୪.୦୪.୨୦୨୬ (ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା) |
| ୨. | ଋଣଗ୍ରହୀତାମାନେ: ୧) ମେସର୍ସ ହାଇୱେ ଡାଏରୀ, ସ୍ୱତ୍ତ୍ୱାଧିକାରୀ: ଆରତି ବିଜୟ ମଙ୍ଗରାଜ, ପ୍ଲଟ୍ ନଂ. ଏନ୍-୬/୨୩୮, ଜୟଦେବ ବିହାର, ଭୁବନେଶ୍ୱର-୧୫, ଓଡ଼ିଶା, ୨) ଆରତି ବିଜୟ ମଙ୍ଗରାଜ (ସ୍ୱତ୍ତ୍ୱାଧିକାରୀ), ପ୍ଲଟ୍ ନଂ.: ୧୧୩୦, ହାଜିପୁର, ଜଗତସିଂହପୁର, ପିନ୍-୭୫୪୧୧୧ ସମ୍ପତ୍ତିର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୧୨୫, ୧୧୨୬, ୧୧୨୯, ଦକ୍ଷିଣ: ପ୍ଲଟ୍ ନଂ. ୧୧୩୧, ୧୧୩୩, ୧୧୩୪, ୧୧୩୫, ୧୧୪୧, ୧୧୪୨, ପୂର୍ବ: ପ୍ଲଟ୍ ନଂ. ୧୧୨୪, ପଶ୍ଚିମ: ରାସ୍ତା | ଆରତି ବିଜୟ ମଙ୍ଗରାଜଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ କାରଖାନା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୫୦/୨୮୪, ଚକ ନଂ.: ୩୫୫, ପ୍ଲଟ୍ ନଂ.: ୧୧୩୦, ମୌଜା: ହାଜିପୁର, କ୍ଷେତ୍ର: ଏକର୧.୦୩ ଡିସିମିଲି, ତହସିଲ: ତିର୍ତ୍ତୋଲ, ଥାନା/ଜିଲ୍ଲା: ଜଗତସିଂହପୁର, | ଦେୟ: ତା.୨୬.୧୦.୨୦୨୩ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୯୪,୫୮,୮୪୫/- + (ଲାଗୁହୋଇନଥିବା ପ୍ରଯୁଜ୍ୟ ସୁଧ ଏବଂ ଅନ୍ୟାନ୍ୟ ଦେୟ) ଏବଂ ୦୫.୦୪.୨୦୨୬ ସୁଦ୍ଧା ଟ.୯୬,୨୧,୪୨୦.୪୩ ମୁକ୍ତ ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୯.୦୪.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୧,୩୫,୮୪,୦୦୦/- / ଟ.୧୩,୫୮,୪୦୦/- / ଟ.୫୦,୦୦୦/- | ସାଙ୍କେତିକ | ୨୪.୦୪.୨୦୨୬ (ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା) |
| ୩. | ଋଣଗ୍ରହୀତାମାନେ: ୧) ମେସର୍ସ ସାଇ ମୋଟର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦୁର୍ଯ୍ୟୋଧନ ଦାସ, ସା: ସାମରାଏପୁର, ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲ ନିକଟ, ଭଦ୍ରକ, ପିନ୍-୭୫୬୧୮୧, ୨) ଶ୍ରୀ ଦୁର୍ଯ୍ୟୋଧନ ଦାସ (ସ୍ୱତ୍ତ୍ୱାଧିକାରୀ), ପିତା: ଶ୍ରୀ ଗଙ୍ଗାଧର ଦାସ, ସା: ଦାଗମୁଣ୍ଡା, ପୋ: ଉପର ଦାଗୁରାଇ, ଗ୍ରାମ: ମାଧବନଗର, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୮୧ / ଜାମିନ୍‌ଦାର: ଶ୍ରୀମତୀ ମନୋରମା ଦାସ, ସ୍ୱାମୀ: ଶ୍ରୀ ଦୁର୍ଯ୍ୟୋଧନ ଦାସ, ପିତା: ଶ୍ରୀ ଗଙ୍ଗାଧର ଦାସ, ସା: ଦାଗମୁଣ୍ଡା, ପୋ: ଉପର ଦାଗୁରାଇ, ଗ୍ରାମ: ମାଧବନଗର, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୮୧ | ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୩୨୪/୪୬୯୬, ଖାତା ନଂ.: ୬୬୬/୮୪୭, ପରିମିତ ସମୁଦାୟ କ୍ଷେତ୍ର: ଏକର୦.୨୦ ଡିସିମିଲି, ମୌଜା: ଗେଲପୁର, ଥାନା: ଭଦ୍ରକ, ଜିଲ୍ଲା: ଭଦ୍ରକ, ସମ୍ପତ୍ତିର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୩୨୪ର ଅବଶିଷ୍ଟ ଅଂଶ, ଦକ୍ଷିଣ: ପ୍ଲଟ୍ ନଂ. ୩୨୫, ପୂର୍ବ: ପ୍ଲଟ୍ ନଂ. ୩୨୫, ପଶ୍ଚିମ: ପ୍ଲଟ୍ ନଂ. ୩୨୩ | ଦେୟ: ତା.୦୭.୦୯.୨୦୧୫ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୨୨,୦୮,୬୮୪/- + (୦୧.୦୮.୨୦୧୫ ସୁଦ୍ଧା ଲାଗୁହୋଇନଥିବା ପ୍ରଯୁଜ୍ୟ ସୁଧ ଏବଂ ଅନ୍ୟାନ୍ୟ ଦେୟ) ଏବଂ ୦୫.୦୪.୨୦୨୬ ସୁଦ୍ଧା ଟ.୪୪,୭୮,୨୨୨.୪୭ ମୁକ୍ତ ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୯.୦୪.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୬,୩୦,୦୦୦/- / ଟ.୬୩,୦୦୦/- / ଟ.୧୫,୦୦୦/- | ଭୌତିକ | ୨୪.୦୪.୨୦୨୬ (ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା) |
| ୪. | ଋଣଗ୍ରହୀତାମାନେ: ୧) ମେସର୍ସ ଜୟ ଦୁର୍ଗା ପ୍ଲାଷ୍ଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ସାହୁ, ୨) ଶ୍ରୀ ପ୍ରଶାନ୍ତ କୁମାର ସାହୁ (ସ୍ୱତ୍ତ୍ୱାଧିକାରୀ), ଉଭୟଙ୍କ ଠିକଣା- ସା: ଆହାରପସି, ପୋ: କଣ୍ଡରାପସି, ଭାୟା: ଝୁମ୍ପୁରା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୧ ମୌଜା: ଆହାରପସି, କିସମ: ଘରବାରି, ଥାନା: ସଦର, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, ସମ୍ପତ୍ତିର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ.: ୨୨୫, ଦକ୍ଷିଣ: ପ୍ଲଟ୍ ନଂ.: ୨୩୫ ଏବଂ ୨୩୨, ପୂର୍ବ: ପ୍ଲଟ୍ ନଂ.: ୨୨୮ ଏବଂ ୨୨୯, ପଶ୍ଚିମ: ପ୍ଲଟ୍ ନଂ.: ୨୩୬ | ଶ୍ରୀ ପ୍ରଶାନ୍ତ କୁମାର ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୮୨/୬୮, ପ୍ଲଟ୍ ନଂ.: ୨୨୬/୭୫୧, କ୍ଷେତ୍ର: ଏକର୦.୩୦ ଡିସିମିଲି ଅର୍ଥାତ୍ ୧୩୦୬୮ ବର୍ଗଫୁଟ, | ଦେୟ: ତା.୩୧.୦୫.୨୦୧୬ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୬୯,୭୬,୪୧୫/- + (୩୦.୦୧.୨୦୧୬ ସୁଦ୍ଧା ଲାଗୁହୋଇନଥିବା ପ୍ରଯୁଜ୍ୟ ସୁଧ ଏବଂ ଅନ୍ୟାନ୍ୟ ଦେୟ) ଏବଂ ୦୫.୦୪.୨୦୨୬ ସୁଦ୍ଧା ଟ.୧,୮୨,୬୦,୩୧୧.୫୪ ମୁକ୍ତ ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୧୯.୦୫.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୧୦,୫୦,୦୦୦/- / ଟ.୧,୦୫,୦୦୦/- / ଟ.୧୫,୦୦୦/- | ସାଙ୍କେତିକ | ୧୫.୦୫.୨୦୨୬ (ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା) |
| ୫. | ଋଣଗ୍ରହୀତାମାନେ: ୧) ଶ୍ରୀ ନିରଞ୍ଜନ ମଲିକ, ପିତା: ଗଜି ମଲିକ, ୨) ଶ୍ରୀମତୀ ସଞ୍ଜୁଲତା ମଲିକ, ସ୍ୱାମୀ: ନିରଞ୍ଜନ ମଲିକ, ଉଭୟଙ୍କ ଠିକଣା- ସା: ଗତାନଇ, ଥାନା: ପାଟକୁରା, ଭାୟା: କୁଜଙ୍ଗ, ଜିଲ୍ଲା: କେନ୍ଦ୍ରାପଡ଼ା / ଜାମିନ୍‌ଦାର: ଶ୍ରୀ ରବୀନ୍ଦ୍ରନାଥ ବିଶ୍ୱାଳ, ସା: କୋରଟପେଙ୍ଗା, ପୋ: ଗତାନଇ, ଥାନା: ପାଟକୁରା, ଜିଲ୍ଲା: କେନ୍ଦ୍ରାପଡ଼ା ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୧୨ଡିସିମିଲି, ଜିଲ୍ଲା: କେନ୍ଦ୍ରାପଡ଼ା, ସମ୍ପତ୍ତିର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ବାବାଜୀ ମଲ୍ଲିକ, ପୂର୍ବ: ନାରାୟଣ ମଲ୍ଲିକ, ପଶ୍ଚିମ: ଗୁରୁ ମଲ୍ଲିକ | ଶ୍ରୀ ନିରଞ୍ଜନ ମଲିକଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ଗତାନଇ, ସବ-ରେଜିଷ୍ଟ୍ରାର: ମାର୍ଶାଘାଇ, ଥାନା: ପାଟକୁରା, ଖାତା ନଂ.: ୨୬୮/୬୬, ପ୍ଲଟ୍ ନଂ.: ୮୦୨/୧୧୯୬, କ୍ଷେତ୍ର: ଏକର୦.୦୮ ଡିସିମିଲି, ପ୍ଲଟ୍ ନଂ.: ୮୦୪/୧୧୧୮, କ୍ଷେତ୍ର: ଏକର୦.୦୪ | ଦେୟ: ତା.୦୬.୧୧.୨୦୧୫ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୮,୫୮,୪୧୫/- + (ଲାଗୁହୋଇନଥିବା ପ୍ରଯୁଜ୍ୟ ସୁଧ ଏବଂ ଅନ୍ୟାନ୍ୟ ଦେୟ) ଏବଂ ୦୫.୦୪.୨୦୨୬ ସୁଦ୍ଧା ଟ.୧୬,୧୩,୨୩୮.୯୪ ମୁକ୍ତ ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୧୯.୦୫.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୧୨,୯୧,୦୦୦/- / ଟ.୧,୨୯,୧୦୦/- / ଟ.୧୫,୦୦୦/- | ସାଙ୍କେତିକ | ୧୫.୦୫.୨୦୨୬ (ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ www.bankofbaroda.bank.in/eauction.htm ଏବଂ https://baanknet.com ଦେଖନ୍ତୁ। ସମସ୍ତ ସମ୍ଭାବ୍ୟ ନିଲାମଧାରୀମାନେ ମଧ୍ୟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋବାଇଲ ନଂ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ ଏବଂ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ।

ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଏହି କୋଡ୍‌କୁ ସ୍କାନ୍ କରନ୍ତୁ

ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ କ୍ର.ନଂ. ୧, ୨ ଏବଂ ୩ ନିମନ୍ତେ : ୨୯.୦୪.୨୦୨୬ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଏବଂ କ୍ର.ନଂ. ୪ ଏବଂ ୫ ନିମନ୍ତେ : ୧୯.୦୫.୨୦୨୬ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା

ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ବିକ୍ରୟ ନିମନ୍ତେ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍

ସ୍ଥାନ: କଟକ, ତାରିଖ: ୦୭.୦୪.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

**ଉର୍ଲେ ରାମଲୀଳା, ସୀତାଚୋରି**

ବିନିକା,(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ୱାର୍ଡ ନଂ ୧୦ ଉର୍ଲେଠାରେ ଚାଲିଥିବା ରାମଲୀଳା ଉତ୍ସବର ମଙ୍ଗଳବାର କାର୍ଯ୍ୟକ୍ରମରେ ସୀତାଚୋରି ନାଟକ ପରିବେଷଣ ହୋଇଥିଲା। ରାମ ଭୂମିକାରେ ବନମାଳୀ ମିଶ୍ର, ରାବଣ ପ୍ରଦୀପ କୁମାର ପଣ୍ଡା, ସୀତା ବିନୋଦ କୁଅଁର, ଜଟାୟୁ ଶରତ ମିଶ୍ର ପ୍ରମୁଖ ଅଭିନୟ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୀଳା ନାଟକ ଦେଖିବାକୁ ଦର୍ଶକଙ୍କ ଭିଡ ଜମିଥିଲା।

# ସୁବର୍ଣ୍ଣପୁରରେ ୧୦୦୦ ପୁଅରେ ୯୧୪ ଝିଅ

**ସୋନପୁର,୭।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ଶିଶୁ କନ୍ୟା ଜନ୍ମ ହାର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଜିଲାର ବେଆଇନ କ୍ଲିନିକରେ କ୍ୱାକଙ୍କ ଦ୍ୱାରା ଓ ପଡୋଶୀ ଜିଲାରେ ବେଆଇନ ଭାବେ ଲିଙ୍ଗ ନିରୂପଣ କରାଯାଉଥିବା ଅଭିଯୋଗ ହେଉଛି। ଫଳରେ ଜିଲାରେ ପୁଅଙ୍କ ତୁଳନାରେ ଝିଅ ଜନ୍ମ ହାର ହ୍ରାସ ପାଉଛି। ତେଣୁ କୌଣସି ବ୍ୟକ୍ତି ଲିଙ୍ଗ ନିରୂପଣ ସମ୍ପର୍କରେ ସୂଚନା ଦେଲେ ତାଙ୍କୁ ପ୍ରୋତ୍ସାହନ ଦିଆ ଯିବାର ନିଷ୍ପତ୍ତି ହୋଇଛି।

ମଙ୍ଗଳବାର ଜିଲାସ୍ତରୀୟ ଭ୍ରୂଣ ହତ୍ୟା ନିରୋଧ ଆଇନ ଜିଲାସ୍ତରୀୟ ଉପଦେଷ୍ଟା କମିଟି (ପିସିପିଏନଡିଟି) ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଡା.ନୃପରାଜ ସାହୁ ଅଧ୍ୟକ୍ଷତା କରିଥିଲେ। ନୂତନ ଭାବେ ମନୋନୀତ ହୋଇଥିବା ସଭ୍ୟାସଭ୍ୟଙ୍କୁ ପ୍ରଥମେ ସ୍ୱାଗତ କରାଯାଇଥିଲା। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁଯାୟୀ ଜିଲାରେ ୬ବର୍ଷରୁ ଊର୍ଦ୍ଧ୍ୱ ଶିଶୁ କନ୍ୟା ଜନସଂଖ୍ୟା ଅପେକ୍ଷାକୃତ କମ


ବୈଠକରେ ଜିଲାପାଳ ଓ ପରାମର୍ଶଦାତା କମିଟିର ସଭ୍ୟ ବୃନ୍ଦ।

ରହିଥିବାବେଳେ ଲିଙ୍ଗ ହାର ମଧ୍ୟ କମ ରହିଥିବା କହିଥିଲେ। ତେଣୁ ବେଆଇନ ଲିଙ୍ଗ ନିରୂପଣ, କନ୍ୟା ଭ୍ରୂଣ ହତ୍ୟା ରୋକିବା ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଜିଲାପାଳ ଡ. ସାହୁ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ପ୍ରଶାସନିକ ତତ୍ପରତା ସହିତ ଜନସଚେତନତା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଜିଲାରେ ବର୍ତ୍ତମାନ ୧୪ଟି ଅଲଟ୍ରା ସାଉଣ୍ଡ କ୍ଲିନିକ କାର୍ଯ୍ୟକ୍ଷମ ଥିବା ବେଳେ ତନ୍ମଧ୍ୟରୁ ୭ଟି ସରକାରୀ ହସ୍ପିଟାଲ ଗୁଡିକରେ ଅଛି। ଓଡ଼ିଶାରେ ଜନ୍ମ ସମୟରେ ଲିଙ୍ଗର ଅନୁପାତ ୧୦୦୦ ପୁଅରେ ୯୨୩ ଝିଅ ଜନ୍ମ ହେଉଥିବାବେଳେ ସୁବର୍ଣ୍ଣପୁର ଜିଲାରେ ତାହା ୯୧୪ ଅଛି। ଏହା ଜିଲା ପାଇଁ ଏକ ଚିନ୍ତାର ବିଷୟ ହୋଇଥିବାରୁ ଆଗାମୀ ଦିନରେ ବ୍ୟାପକ ସଚେତନତା ପାଇଁ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି। ଏହା ସହିତ ବେଆଇନ କାର୍ଯ୍ୟ ସମ୍ପର୍କରେ କୌଣସି ବ୍ୟକ୍ତି ସୂଚନା ପ୍ରଦାନ କଲେ ୨୫ ହଜାର ଟଙ୍କା ପୁରସ୍କାର ଦିଆଯିବାର ବ୍ୟବସ୍ଥା ସହ ତାଙ୍କର ନାମ ତଥ୍ୟ ଗୋପନ ରଖାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଉକ୍ତ ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଉଷାରଣୀ ଦାଶ, ସୋନପୁର ଉପଜିଲାପାଳ ଡ.ସୌମ୍ୟରୁପା ରଥ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡା. ପ୍ରକାଶ ଦଣ୍ଡସେନା, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୈତ୍ୟ ନାରାୟଣ ପାଢ଼ୀ, ଭେଷଜ ବିଶେଷଜ୍ଞ ଡାକ୍ତର ନରେନ୍ଦ୍ର ମେହେର, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଦିଲ୍ଲୀପ କୁମାର ପୁରୋହିତ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାମେଶ ଚନ୍ଦ୍ର ସ୍ୱାଇଁ, ଏନ୍ଏଚଏମର ଜିଲା କାର୍ଯ୍ୟକମ ପରିଚାଳକ ରୂପକ କୁମାର ମହାପାତ୍ର, ସହକାରୀ ପବ୍ଲିକ ପ୍ରଶିକ୍ୟୁଟର ଅଜିତ ହୋତା, କମିଟି ସଦସ୍ୟ ସମାଜସେବୀ ମନୋରଞ୍ଜନ ତ୍ରିପାଠୀ ଓ ଅଞ୍ଜଳି ନେଗୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଭ୍ରୂଣ ହତ୍ୟା ବିରୋଧ ଆଇନ ପରାମର୍ଶଦାତା ଶୋଭାନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟ ସମ୍ପଦର ସୁରକ୍ଷା ପ୍ରଗତିଶୀଳ ସଭ୍ୟତାର ମୂଳଦୁଆ


ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ବରିଷ୍ଠ ନାଗରିକ ସଙ୍ଗଠନ କର୍ମକର୍ତ୍ତା।

**ବୀରମହାରାଜପୁର,୭।୪(ଯୁଗଳ କିଶୋର ମିଶ୍ର)**

ବରିଷ୍ଠ ନାଗରିକ ସଙ୍ଗଠନ ବୀରମହାରାଜପୁର ଓ ଖଣ୍ଡହତାର ମିଳିତ ଆନୁକୂଲ୍ୟରେ ସଦର କାର୍ଯ୍ୟାଳୟଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ମଙ୍ଗଳବାର ସ୍ୱପାଳିତ ହୋଇଯାଇଛି।ଏହି ଉପଲକ୍ଷେ ଆୟୋଜିତ ସଭାରେ ଅନୁଷ୍ଠାନ ସଭାପତି ଦୟାନିଧି ହୋତା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ସଭାପତି ଡ ପ୍ରଫୁଲ୍ଲ କୁମାର ରଥ, ମୁଖ୍ୟବକ୍ତା ପ୍ରତାପ ଶଙ୍କର ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ଦିଲୀପ ତ୍ରିପାଠୀ, ଘାସିରାମ ମଲ୍ଲିକ ଯୋଗଦାନ କରିଥିଲେ। ସ୍ୱାସ୍ଥ୍ୟ ସମ୍ପଦର ସୁରକ୍ଷା ଏକ ପ୍ରଗତିଶୀଳ ସଭ୍ୟତାର ମୂଳଦୁଆ ଅଟେ । ପରିଣତ ବୟସରେ ସମସ୍ତ ବରିଷ୍ଠ ନାଗରିକ ନିଜ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଯତ୍ନବାନ ହେବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶ୍ୟାମସୁନ୍ଦର ସେଠୀ ଅତିଥି ପରିଚୟ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଡ ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ। ଖଣ୍ଡହତା ସଙ୍ଗଠନ ସଦସ୍ୟ ଗଦାଧର ବାରିକ, ହୃଷୀକେଶ ନାଏକ, ଟିକାଇ କର୍ମୀ, ପ୍ରହଲ୍ଲାଦ ପ୍ରଧାନ, ପ୍ରହଲ୍ଲାଦ ନାଏକ, ବୀରମହାରାଜପୁର ସଙ୍ଗଠନର ସୁରୁ ସାହୁ, ନାରାୟଣ ନାୟକ, ରବି ନାରାୟଣ ବେହେରା, ନାରାୟଣ ପ୍ରସାଦ ନାୟକ, ଧର୍ମ କୁମାର ଶତପଥୀ ଉପସ୍ଥିତ ଥିଲେ।


SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036


## ନିର୍ମାଣାଧୀନ ୨ମହଲା ଛାତରୁ ପଡ଼ି ଶ୍ରମିକ ମୃତ

**ତରଭା, ୭।୪(ମାନଭଞ୍ଜନ ମିଶ୍ର)**

ନିର୍ମାଣାଧୀନ ସୁବର୍ଣ୍ଣପୁର ଜିଲା ତରଭା ଦମକଳ କେନ୍ଦ୍ରର ୨ମହଲା ଛାତରୁ ପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ବଲାଙ୍ଗୀର ଜିଲା ମହିମୁଣ୍ଡା ଗ୍ରାମର ସଞ୍ଜୟ ଧରେଇ(୨୯)। ସୋମବାର ବିଳମ୍ବିତ ରାତି ଯାଏ କାମ କରି ସେ ବିଶ୍ରାମ ନେଉଥିବାବେଳେ କୌଣସି କାରଣବଶତଃ ଛାତରୁ ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ସାଥୀରେ ଥିବା ଅନ୍ୟ ଶ୍ରମିକମାନେ ତାଙ୍କୁ ତରଭା ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତ ତାଙ୍କୁ ମୃତ ଘୋଷଣା କରିଥିଲେ। ତରଭା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ମଙ୍ଗଳବାର ଅପରାହ୍ନରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ତରଭା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪/୨୬)ରୁଜୁ ହୋଇଛି। ତଦନ୍ତଭାର ଏଏସଆଇ ସୁଧୀର ଜେନା ନେଇଥିବା ଆଇଆଇ ସି ଅନିତା କିଡୋ ପ୍ରକାଶ କରିଛନ୍ତି।

## ଉତ୍ତମ ସ୍ୱାସ୍ଥ୍ୟ ମନକୁ ପ୍ରଫୁଲ୍ଲିତ ରଖେ



ସାଗଯୁରୀ ହାଇସ୍କୁଲରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ଅତିଥିମାନେ।

**ଅମରପାଲି,୭।୪(ପୀତାମ୍ବର ସାହୁ)**

**ସାଗଯୁରୀ ଓ ସୁବଲୟା ହାଇସ୍କୁଲରେ ବିଶ୍ୱ ସାସ୍ଥ୍ୟ ଦିବସ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୋଲା ପଞ୍ଚାୟତର ସାଗଯୁରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଭା ହୋଇଥିଲା। ଜେଆରସି କାଉନସେଲର କିଶୋର କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍କୁଲ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଉପରେ ମତବ୍ୟକ୍ତ କରିଥିଲେ। ବିଜ୍ଞାନ ଶିକ୍ଷକ ରୁଦ୍ର ନାରାୟଣ ବରିହା, ବରିଷ୍ଠ ଶିକ୍ଷକ ବ୍ରଜ ମୋହନ ତମଲିଆ ଓ ସୁଶାନ୍ତ ଧରୁଆ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ମତବ୍ୟକ୍ତ କରିଥିଲେ। ରେଖାଚନ୍ଦ୍ର ମେହେର ସଭା ସଂଯୋଜନା କରିଥିବା ବେଳେ ଚିରଞ୍ଜିବୀ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆନନ୍ଦ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସୁବଲୟା ପିଏମ୍ଶ୍ରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସ୍ୱର୍ଣ୍ଣଲତା ବେହେରାଙ୍କ ସଭାପତିତ୍ୱ ଓ ଜୁନିଅର ରେଡ଼କ୍ରସ ପରାମର୍ଶଦାତା ଚନ୍ଦ୍ରମଣି ବାଘଙ୍କ ସଂଯୋଜନାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଉତ୍ତମ ସ୍ୱାସ୍ଥ୍ୟ ମନକୁ ପ୍ରଫୁଲ୍ଲିତ କରିବା ସହିତ କାମ କାରିବାକୁ ପ୍ରେରଣା ଯୋଗାଇଥାଏ । ଏଥିପାଇଁ ଉତ୍ତମ ପୋଷଣ ଆବଶ୍ୟକ। ନିଜ ସ୍ୱାସ୍ଥ୍ୟର ଯତ୍ନ ପୂର୍ବକ ନିୟମିତ ପରିମିତ ହିତକର ଭୋଜନ ଗ୍ରହଣ କରିବା ଆବଶ୍ୟକ। ଆମେ ସମସ୍ତେ ସ୍ୱାସ୍ଥ୍ୟ ପାଇଁ ଏକାଠି ହେବା, ବିଜ୍ଞାନ ସହିତ ଛିଡାହେବା ବୋଲି ଉପସ୍ଥିତ ଶିକ୍ଷକ ଆଶିଶ କୁମାର ରଥ, ସଦାନନ୍ଦ ରଥ, ଶମ୍ପା ବିଶ୍ୱାଳ, ପ୍ରତିମା ବାଘ, ଅରୁଣ କୁମାର ସିଂହ ମତ ପ୍ରକାଶ କରିଥିଲେ। ଶିକ୍ଷକ ଅଜିତ ଗରଡିଆ, ସିଦ୍ଧାର୍ଥ ମିଶ୍ର, ଘନଶ୍ୟାମ ନାଏକ, ଆଭାସ ସାହୁ ଓ ଜୁନିଅର ରେଡ଼କ୍ରସ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ପଦ୍ମନାଭ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୃଦ୍ଧ ମୃତ

**ସୋନପୁର,୭।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ନୂଆବସ୍ତିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମଙ୍ଗଳବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ଜଣକ ହେଲେ ଝାରସୁଗୁଡ଼ା ଜିଲା ବନ୍ଧରପାଲିର ଲିଙ୍ଗରାଜ ଗିରି। ସୂଚନା ଅନୁସାରେ ଲିଙ୍ଗରାଜ ଏବଂ ତାଙ୍କ ସ୍ତ୍ରୀ ଅଞ୍ଜନା ନୂଆବସ୍ତିସ୍ଥିତ ଭାଇ ଘରକୁ ଆସିଥିଲେ। ସକାଳେ ଲିଙ୍ଗରାଜ ଶୌଚ ପାଇଁ ନିକଟ ବିଲକୁ ଯାଇଥିଲେ। ସେହି ସମୟରେ ଖଲିଆପାଲି ଗ୍ରାମର ଜଣେ ଚାଷୀ ବିଲରେ କରିଥିବା ଧାନ ଚାଷକୁ ଗୋରୁ ତଥା ବନ୍ୟଜନ୍ତୁଙ୍କ କବଳରୁ ରକ୍ଷା କରିବା ପାଇଁ ଚାରି ପଟେ ତାର ବିଛାଇବା ସହ ବିଦ୍ୟୁତ୍ ସଂଯୋଗ କରିଥିବା ଅଭିଯୋଗ ହୋଇଛି। ବୃଦ୍ଧ ଜଣକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଘଟଣା ସ୍ଥଳରୁ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଉଲୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ଉଲୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଶିକ୍ଷା ସଚେତନତା ଶୋଭାଯାତ୍ରା


କୋଟସମଲାଇରୁ ବାହାରିଥିବା ଶିକ୍ଷା ସଚେତନତା ଶୋଭାଯାତ୍ରା।

**ଅମରପାଲି,୭।୪(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ଶ୍ରୀ ଜଗନ୍ନାଥ ଏକାଡେମୀ ତରଫରୁ ଶିକ୍ଷା ସଚେତନତାକୁ ଲକ୍ଷ୍ୟ କରି ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆସ ସ୍କୁଲ ଯିବା ସ୍ଲୋଗାନ ଦେଇ ଛାତ୍ରୀଛାତ୍ରମାନେ ଗ୍ରାମ୍ୟ ପରିକ୍ରମା କରି ସମାଜରେ ଶିକ୍ଷା ସଚେତନ କରିଥିଲେ। ଏହି ଅବସରରେ ବ୍ଲକ ଶିକ୍ଷା ପରିବାରର ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ସିଆରସିସି ସୁଧାଂଶୁ ଶେଖର ଲୁହା ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ସୁଧୀର କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋଭାଯାତ୍ରାର ସଫଳ ଆୟୋଜନ ପାଇଁ ଅମିତ ପାତ୍ର ଓ ବିଜୟ ହୋତା ଦାୟିତ୍ୱ ତୁଲାଇଥିଲେ। ସମଗ୍ର କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ଶଙ୍ଖସିନ୍ଧୁ ପୁରୋହିତ ସମ୍ପାଦନ କରିଥିଲେ। ଶେଷରେ ହୃଷୀକେଶ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନିରୁଦ୍ଧ ପାଢ଼ୀ, ପ୍ରଫୁଲ୍ଲ ସାହୁ, ଭଗବତୀ ହୋତା, ରାଜୁ ମିଶ୍ର, ଦାଶରଥୀ ସେଠୀ ସାନ ଡାଙ୍ଗ ପ୍ରମୁଖ ସହଯୋଗ କରିଥିଲେ।

## ଗଞ୍ଜେଇ ବୋଝେଇ କାର୍ ଦୁର୍ଘଟଣାଗ୍ରସ୍ତ

**ସୋନପୁର,୭।୪(ମୃତ୍ୟୁଞ୍ଜୟ ଶତପଥୀ)**

ଗଞ୍ଜେଇ ଚୋରା ଚାଲାଣବେଳେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ମାଟିଖାଇ ନୂଆପଡା ବୁଲାଣି ରାସ୍ତାରେ ମଙ୍ଗଳବାର ଏକ କାର୍‌ରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି। ସୂଚନା ଅନୁସାରେ ସକାଳେ ଏକ କାରରେ ବୌଦ୍ଧ ଜିଲା ମନମୁଣ୍ଡା ପଟୁ ସମ୍ବଲପୁରକୁ ଗଞ୍ଜେଇ ଚାଲାଣ ହେଉଥିଲା। ସୋନପୁର ପଟାଭାଡ଼ି ଛକରେ ଅବକାରୀ ବିଭାଗର ଟିମକୁ ଦେଖି କାର ଡ୍ରାଇଭର ଦ୍ରୁତଗତିରେ ଫେରାର ମାରିଥିଲେ। ସୋନପୁର ମୋବାଇଲ ଟିମ ଏବଂ ବୀରମହାରାଜପୁର ଅବକାରୀ ଟିମ କାରର ପିଛା କରିଥିଲେ। ତେବେ କାର ମାଟିଖାଇ ନୂଆପଡା ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ଭାଙ୍ଗିରୁଜି ଯାଇଥିଲା। ଖବର ପାଇ ଉଲୁଣ୍ଡା ପୋଲିସ ଓ ଅବକାରୀ ଟିମ ପହଞ୍ଚି ଥିଲେ। ତନଖି ପରେ କାରରେ ଥିବା ୧୧୮ ପ୍ୟାକେଟ ଗଞ୍ଜେଇ ଜବତ କରାଯାଇଥିଲା। ଏ ସମ୍ପର୍କରେ ବୀରମହାରାଜପୁର ଅବକାରୀ ଥାନାରେ ଏକ ମାମଲା ରୁଜୁ ହୋଇଛି ।

## ଶୀତତାପ ନିୟନ୍ତ୍ରିତ ସରକାରୀ ବସ୍ ଉଦ୍‌ଘାଟିତ


ବିଧାୟକ ରଘୁନାଥ ଜଗଦଲା ଶୀତତାପ ନିୟନ୍ତ୍ରିତ ବସ୍‌ର ଶୁଭାରମ୍ଭ କରୁଛନ୍ତି।

**ବୀରମହାରାଜପୁର,୭।୪(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଦେଇ ବଲାଙ୍ଗୀରରୁ ଦେବଗଡ଼କୁ ଗଡିବ ଶୀତତାପ ନିୟନ୍ତ୍ରିତ ସରକାରୀ ବସ। ଏ ନେଇ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବିଧାୟକ ରଘୁନାଥ ଜଗଦଲା ବୀରମହାରାଜପୁର ବସ୍‌ଷ୍ଟାଣ୍ଡଠାରେ ବସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବୀରମହାରାଜପୁର ଉପ ଜିଲାପାଳ ସୁରେନ୍ଦ୍ର ମେହେର, ତହସିଲଦାର ଶୁଚିସ୍ମିତା ପାଣିଗ୍ରାହୀ, ବୀରମହାରାଜପୁର ବିଡ଼ିଓ ତଥା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ ହାଁସଦା ପ୍ରମୁଖଙ୍କ ସହ ଓଏସ୍ଆରସିଟିସି କର୍ମଚାରୀ ଉପସ୍ଥିତ ଥିଲେ । ଏହି ବସ୍ ଦୈନିକ ବଲାଙ୍ଗୀରରୁ ସକାଳ ୭ଟା୩୦ରୁ ବାହାରି ସୋନପୁର, ବୀରମହାରାଜପୁର, ରେଢାଖୋଲ ଦେଇ ଦେବଗଡ଼ରେ ପହଞ୍ଚିବ। ସେହିଭଳି ଭାବେ ଦେବଗଡ଼ରୁ ସକାଳ ପାଞ୍ଚଟାରୁ ବାହାରି ବୀରମହାରାଜପୁରରେ ପୂର୍ବାହ୍ନ ୧୦ଟା୨୦ରେ ପହଞ୍ଚି ପୁଣି ସୋନପୁର ଦେଇ ବଲାଙ୍ଗୀର ପହଞ୍ଚିବା କାର୍ଯ୍ୟକ୍ରମ ରହିଥିବା ଓଏସ୍ଆର୍‌ସିଟିସି କର୍ମଚାରୀ ସୂଚନା ଦେଇଛନ୍ତି । ଏହାର ସମସ୍ତ ଟିକେଟ ଓଏସ୍ଆର୍‌ସିଟିସି ୱେବସାଇଟରୁ ଅଗ୍ରୀମ ବୁକ୍ କରିପାରିବେ ବୋଲି ସୂଚନା ଦେଇଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସାମାଜିକ ସମୀକ୍ଷା

**ବୀରମହାରାଜପୁର,୭।୪(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ସାମାଜିକ ସମୀକ୍ଷା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାଗୃହଠାରେ ବିଡ଼ିଓ ରାଜୀବ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ ଯୋଗଦେଇଥିଲେ। ବୀରମହାରାଜପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନାରାୟଣ ଲୁହା, ସାମାଜିକ ସମୀକ୍ଷା ବରିଷ୍ଠ ସଦସ୍ୟ କିଶୋର ହୋତା, ଏନଜିଓ ମେମ୍ବର ପ୍ରଭଞ୍ଜନ କର୍ମୀ ଯୋଗଦେଇ ମିଳିତ ସହଯୋଗ ହେଲେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ଜିଭିଜି ରାମଜୀ ଯୋଜନାର କାର୍ଯ୍ୟ କିଭଳି ସଫଳ ରୂପାୟନ ହୋଇ ପାରିବ ପ୍ରକାଶ କରିଥିଲେ। ସାମାଜିକ ସମୀକ୍ଷା ବ୍ଲକ ସଂଯୋଜକ ଚୈତନ୍ୟ ମଲ୍ଲିକ ବିବରଣୀ ପାଠ କରିଥିବାବେଳେ ସହକାରୀ ଯନ୍ତ୍ରୀ ଦୁଃଶାସନ ସାହୁ ୧୫ ଗୋଟି ଗ୍ରାମ ପଞ୍ଚାୟତର ଭିଆରପିଏପି, ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ, ଜିଆର୍‌ଏସ ଏବଂ ହିତାଧିକାରୀ ଯୋଗ ଦେଇଥିଲେ। ସର୍ବାଧିକ ୧୧ଜଣ ହିଲୁଙ୍ଗ ଗ୍ରାମ ପଞ୍ଚାୟତ ଏବଂ ସର୍ବନିମ୍ନ ଚମ୍ପାମାଲ ଗ୍ରାମ ପଞ୍ଚାୟତର ୧୦୯ଦିନ କାର୍ଯ୍ୟ ସମ୍ପାଦନ କରିଥିବା ୪୮ଜଣ ଶ୍ରମିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ବିଭିନ୍ନ ଅବହେଳା କାରଣରୁ ୩୦ଟି କାର୍ଯ୍ୟରୁ ଫାଇନ ଆଦାୟ କରାଯାଇଛି । ଆଗକୁ ଯେପରି କୌଣସି ତ୍ରୁଟି ନହୁଏ ସେଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ। ଶେଷରେ ବୀରମହାରାଜପୁର ବ୍ଲକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରୋଗ୍ରାମ ଅଫିସର ଅମିତାଂଶୁ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।


ବୀରମହାରାଜପୁର ବ୍ଲକରେ ଅନୁଷ୍ଠିତ ସାମାଜିକ ସମୀକ୍ଷାରେ ମଞ୍ଚାସୀନ ଅତିଥି।

## ୧୧ ଘରୋଇ, ୨ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ଜବତ

**■ତରଭାର ୨ ହୋଟେଲରେ ଯୋଗାଣ ବିଭାଗର ଚଢ଼ାଉ**

**■ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ ଅନୁଯାୟୀ ମାମଲା ରୁଜୁ**

**ସୋନପୁର/ତରଭା,୭।୪ (ମୃତ୍ୟୁଞ୍ଜୟ ଶତପଥୀ/ମାନଭଞ୍ଜନ ମିଶ୍ର)**

ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ପରେ ଭାରତରେ ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍(ଏଲ୍‌ପିଜି) ଅଭାବ ଦେଖାଦେଇଛି। ଏହାର ପ୍ରଭାବ ସୁବର୍ଣ୍ଣପୁର ଜିଲାରେ ମଧ୍ୟ ଦେଖିବାକୁ ମିଳିଛି। ଗ୍ରାହକଙ୍କୁ ଗ୍ୟାସ ସିଲିଣ୍ଡର ମିଳୁ ନ ଥିବା ବେଳେ ଅସାଧୁ ବ୍ୟବସାୟୀମାନେ ଚଞ୍ଚକତା କରି ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ କଳାବଜାରରେ ଚଢା ଦରରେ ଗ୍ୟାସ୍ ସିଲିଣ୍ଡର ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଜିଲାପାଳ ଡ. ନୃପରାଜ ସାହୁଙ୍କ ନିର୍ଦ୍ଦେଶକ୍ରମେ ଯୋଗାଣ ବିଭାଗ ପକ୍ଷରୁ ମାଜିଷ୍ଟ୍ରେଟ୍ ଓ ପୋଲିସ ଉପସ୍ଥିତିରେ ହୋଟେଲ ଓ ଫାଷ୍ଟ ଫୁଡ୍ ଦୋକାନ ଉପରେ ଚଢାଉ କରାଯାଉଛି। ଜିଲା ଯୋଗାଣ ଅଧିକାରୀ କେଦାରନାଥ ନାୟକଙ୍କ ନେତୃତ୍ୱରେ ଗଠିତ ଟିମ୍ ମଙ୍ଗଳବାର ଜିଲାର ତରଭା ସହରରେ ଥିବା ୨ଟି ହୋଟେଲ ଉପରେ ଚଢାଉ କରି ମୋଟ ୧୩ଟି ଗ୍ୟାସ୍ ସିଲିଣ୍ଡର ଜବତ କରିଛି। ତରଭା ସହର ଏସ୍‌ବିଆଇ ଶାଖା ନିକଟରେ ଥିବା ହୋଟେଲ ମହାଦେବ ଓ ହୋଟେଲ ଶ୍ୟାମ ବିରିୟାନି ପଏଣ୍ଟରେ ଏହି ଚଢାଉ ହୋଇଥିଲା। ବେଆଇନ ଭାବେ ବ୍ୟବହାର କରା ଯାଉଥିବା ୧୧ଟି ଘରୋଇ ଗ୍ୟାସ ସିଲିଣ୍ଡର ଓ ୨ଟି ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ଜବତ ହୋଇଛି। ହୋଟେଲ ମହାଦେବର ମାଲିକ ଭରତ ମେହେରଙ୍କ ନିକଟରୁ ଇଣ୍ଡେନ କମ୍ପାନୀର ୪ଟି ଖାଲି ଘରୋଇ ଏଲ୍‌ପିଜି ସିଲିଣ୍ଡର ଓ ୨ଟି ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ଏବଂ ଶ୍ୟାମ ବିରିୟାନି ପଏଣ୍ଟର ମାଲିକ ନିଦ୍ରା ମେହେରଙ୍କଠାରୁ ଇଣ୍ଡେନ୍ କମ୍ପାନୀର ୭ଟି ଖାଲି ଘରୋଇ ଏଲ୍‌ପିଜି ସିଲିଣ୍ଡର ଯୋଗାଣ ବିଭାଗ ଜବତ କରିଛି। ଘରୋଇ ଓ ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ବ୍ୟବହାର କରୁଥିବା ହୋଟେଲ ମାଲିକ ଦ୍ୱୟ କୌଣସି କାଗଜପତ୍ର ଦେଖାଇ ପାରି ନଥିବା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଜିଲାପାଳଙ୍କ କୋର୍ଟରେ ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ ୧୯୫୫ ଅନୁଯାୟୀ ୨ଟି ପୃଥକ ମାମଲା ରୁଜୁ କରାଯାଇଛି। ଜବତ ଗ୍ୟାସ ସିଲିଣ୍ଡରଗୁଡ଼ିକୁ ସମ୍ପୃକ୍ତ କମ୍ପାନୀର ବିତରକଙ୍କୁ ଜିମା ଦିଆଯାଇଛି। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ସୁବର୍ଣ୍ଣପୁର ପୌରପରିଷଦ ସହକାରୀ ଯୋଗାଣ ଅଧିକାରୀ ଜଗନ୍ନାଥ ଭୋଇ, ତରଭା ଏନ୍ଏସି ଯୋଗାଣ ନିରୀକ୍ଷକ ସଙ୍ଗୀତା ମହାପାତ୍ର, ଉଲୁଣ୍ଡା ବ୍ଲକ ଯୋଗାଣ ନିରୀକ୍ଷକ ଦେବାଶିଷ ତ୍ରିପାଠୀ ଓ ବିନିକା ବ୍ଲକ ଯୋଗାଣ ନିରୀକ୍ଷକ ପ୍ରମୋଦ କୁମାର ପଣ୍ଡା ଏହି ଚଢାଉରେ ସାମିଲ ଥିଲେ।



ତରଭା ସହରର ଏକ ହୋଟେଲରୁ ଯୋଗାଣ ବିଭାଗ ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ଜବତ କରୁଛି।

# ଆର୍‌ଏମ୍‌ସି କର୍ମଚାରୀଙ୍କୁ ମାଡ଼, ଥାନାରେ ଏତଲା

ରାଉରକେଲା,୭।୪(ଦିନେଶ ମିଶ୍ର)

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) କର୍ମଚାରୀଙ୍କୁ ଜଣେ ବ୍ୟକ୍ତି ଗାଳିଦେବା ଏବଂ ନିସ୍ତୁକ ପିଟିବା ଘଟଣାକୁ ନେଇ ମଙ୍ଗଳବାର ଉଦିତନଗର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଅଟକ ରଖିବା ସହ ଏକ ମାମଲା (ନଂ.୧୭୦/୨୬) ରୁଜୁ କରି ତଦନ୍ତ କରୁଛି।

ପୋଲିସ ସୂଚନା ଅନୁସାରେ, ମଙ୍ଗଳବାର ଜଣେ ବ୍ୟକ୍ତି କୌଣସି କାର୍ଯ୍ୟ ପାଇଁ ଆର୍‌ଏମ୍‌ସି କମିଶନରଙ୍କୁ ଭେଟିବାକୁ ଯାଇଥିଲେ। ଏହି ସମୟରେ କମିଶନର ତାଙ୍କ କକ୍ଷରେ ଭିଡିଓ କନ୍‌ଫରେନ୍ସରେ ବ୍ୟସ୍ତ ଥିବାରୁ କର୍ମଚାରୀମାନେ ତାଙ୍କୁ ସେଠାକୁ ଯିବାକୁ ବାରଣ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉକ୍ତ ବ୍ୟକ୍ତି ଜଣକ ଆର୍‌ଏମ୍‌ସି କର୍ମଚାରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ଆର୍‌ଏମ୍‌ସି ସୋସିଆଲ ୱେଲ ଫେୟାର ବିଭାଗର କର୍ମଚାରୀ ଚନ୍ଦ୍ରମଣି କର ବିରୋଧ କରିବାରୁ ସେ ତାଙ୍କୁ ମଧ୍ୟ ନିସ୍ତୁକ ମାଡ ମାରିଥିଲେ। ଆର୍‌ଏମ୍‌ସିର ଅନ୍ୟ କର୍ମଚାରୀମାନେ ଚନ୍ଦ୍ରମଣିଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ପରେ ଆର୍‌ଏମ୍‌ସି କମିଶନର ଦୀନା ଦସ୍ତଗୀରି ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ଘଟଣାରେ ଆର୍‌ଏମ୍‌ସି କର୍ମଚାରୀମାନେ ଥାନାରେ ସାମୂହିକ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପଟେ ଚନ୍ଦ୍ରମଣିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଜଣାପଡିଛି। ଏ ସମ୍ପର୍କରେ ଉଦିତନଗର ଥାନାଧିକାରୀ ଜ୍ଞାନରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କହିଲେ, ଆର୍‌ଏମ୍‌ସି ଅଫିସ ଭିତରେ ପଶି ଗାଳିଗୁଲଜ ସହ ମାଡପିଟ୍ କରିଥିବା ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି। ଘଟଣାର ତଦନ୍ତ ପରେ ଉଚିତ ପଦକ୍ଷେପ ନିଆଯିବ ବୋଲି ସାହୁ କହିଥିଲେ।



ଆର୍‌ଏମ୍‌ସି ଅଫିସ୍ ସମ୍ମୁଖରେ ଉତ୍ତେଜନା।

ଇସ୍କନ ପକ୍ଷରୁ ନଗର ସଂକୀର୍ତ୍ତନ

## ହରିନାମ ସଂକୀର୍ତ୍ତନରେ ଶ୍ରଦ୍ଧାଳୁ ବିଭୋର

ରାଉରକେଲା,୭।୪(ଦିନେଶ ମିଶ୍ର)

ରାଉରକେଲା ଇସ୍କନ ପକ୍ଷରୁ ଉଦିତନଗର ଅଞ୍ଚଳରେ ମଙ୍ଗଳବାର ନଗର ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଧାକୃଷ୍ଣଙ୍କ ଫଟୋକୁ ପୁଷ୍ପମାଲ୍ୟରେ ସୁସଜ୍ଜିତ କରି ପ୍ରାତଃ ଭ୍ରମଣ କରାଯାଇଥିଲା। ଏହି ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ଇସ୍କନର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସେମାନେ ଉଦିତନଗର ମେନ୍ ରୋଡ୍ ହୋଇ ଓରାମପଡା ଦେଇ ଛେଣ୍ଡସ୍ଥିତ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ହରିନାମ ସଂକୀର୍ତ୍ତନରେ ଭକ୍ତମାନେ ବିଭୋର ହୋଇଥିଲେ। ପ୍ରଭୁ ନିତ୍ୟାନନ୍ଦ ମହାରାଜ, ବୈଷ୍ଣବ କୁଳମଣି ସାହୁ, ବୈଷ୍ଣବ ଗୋଲକ ନାୟକ, ସୁରେଶ ସାହୁ, ନୀରଞ୍ଜନ ଗୌଡଙ୍କ ସମେତ ଇସ୍କନର ବହୁ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାଜପା କର୍ମୀ ରାଷ୍ଟ୍ର ପାଇଁ ସମର୍ପିତ ହୁଅନ୍ତୁ: ଜୁଏଲ ଓରାମ



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା।

ରାଉରକେଲା, ୭।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୩ସ୍ଥିତ ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ଦଳର ୪୭ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ସୁନ୍ଦରଗଡ ଏମ୍‌ପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଓରାମ ଭାଜପାର ଦୀର୍ଘଦିନର ଯାତ୍ରା ଉପରେ ଆଲୋକପାତ କରିଥିଲେ। କର୍ମୀଙ୍କ କର୍ତ୍ତବ୍ୟ ନିଷ୍ଠା, ରାଷ୍ଟ୍ରପ୍ରେମ, ସାହସିକତା ଓ କଠିନ ପରିଶ୍ରମ ଯୋଗୁ ଆଜି ଭାଜପା ବିଶ୍ୱରେ ଏକ ନମ୍ବର ପାର୍ଟି ଭାବେ ଉଭା ହୋଇପାରିଛି। ମୋଦୀଜିଙ୍କ ଆତ୍ମନିର୍ଭରଶୀଳ ଭାରତ, ବିକଶିତ ଭାରତ ଉପରେ ଆଲୋକପାତ କରି ଯୁବପିଢି ବିକଶିତ ଭାରତର ପ୍ରକୃତ ସାରଥୀ ହୋଇ ତାକୁ କାର୍ଯ୍ୟରେ ପରିଣତ କରିବେ ବୋଲି ସେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ ଓ ରାଜ୍ୟ ସମ୍ପାଦକ ରାମଚନ୍ଦ୍ର ହାଁସଦା ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଉପଲକ୍ଷେ ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ, ବରିଷ୍ଠ ନେତା ରମେଶ ଅଗ୍ରୱାଲ, ଗଙ୍ଗାଧର ଦାଶ ଓ ଅଶୋକ ଲେଙ୍କାଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ନେତା ଶଶାଙ୍କ ଶେଖର ଜେନାଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ମଳୟ ମହାପାତ୍ର, ଉତ୍ତମ ଅଗ୍ରୱାଲ, ତ୍ରିଲୋକ ନାଥ ଶୁକ୍ଳା, ମନୋରଞ୍ଜନ ମୁନି, ବାବୁଲି ମୁର୍ମୁ, ଦିଲ୍ଲୀପ ପଟ୍ଟନାୟକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଜଙ୍ଗଲ ସୁରକ୍ଷା ପାଇଁ ନେଲେ ଶପଥ

**କୁମଝରିଆ ହାଇସ୍କୁଲରେ ସଚେତନତା ଶିବିର**

ରାଉରକେଲା,୭।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବନଖଣ୍ଡ ପକ୍ଷରୁ ବିରମିତ୍ରପୁର ଫରେଷ୍ଟ ରେଞ୍ଜ୍ ଅଧୀନ କୁମଝରିଆ ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟଜିତ ସୁତାର ଅଧ୍ୟକ୍ଷତା କରିଥିଲେ। ବିରମିତ୍ରପୁର ଫରେଷ୍ଟ ରେଞ୍ଜ୍ ଅଫିସର ସୁଦେଷ୍ଣା ଏସ୍. ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଙ୍ଗଲ ସୁରକ୍ଷା ଉପରେ ଆଲୋକପାତ କରିବା ସହ ଜଙ୍ଗଲ ନିଆଁ ଯୋଗୁ କିପରି ଉଭିଦ, ବନ୍ୟଜନ୍ତୁ ଓ ବିଭିନ୍ନ ପ୍ରଜାତି ପ୍ରଭାବିତ ହୁଅନ୍ତି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଜଙ୍ଗଲ ସମ୍ପଦର ସୁରକ୍ଷା ପାଇଁ ସେ ଆହ୍ୱାନ ଦେଇଥିଲେ। ବିରମିତ୍ରପୁର ଫରେଷ୍ଟର କ୍ଷିତି ଭୂଷଣ ମହନ୍ତ, ସମାଜସେବୀ ଅମୂଲ୍ୟ କୁମାର ଜେନା, ବିବେକାନନ୍ଦ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜଙ୍ଗଲ ନିଆଁ ଯୋଗୁ ଜୈବ ବିବିଧତା ହ୍ରାସ ପାଇବା, ମୃତ୍ତିକା କ୍ଷୟ, ଜଳ ସଙ୍କଟ ଓ ବାୟୁ ପ୍ରଦୂଷଣ ଯୋଗୁ ମାନବ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ। ଏଣୁ ଶୁଖିଲା ପତ୍ରରେ ନିଆଁ ନ ଲଗାଇବା, ଯଦି କେଉଁଠି ବନାଗ୍ନି ଘଟେ ତାକୁ ଲିଭାଇବା ଓ ବନ ବିଭାଗକୁ ସୂଚନା ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପରେ ମୁଖ୍ୟ ଅତିଥି ପ୍ରଧାନ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏହାପରେ ସ୍କୁଲର ଛାତ୍ରୀମାନେ ଜଙ୍ଗଲ ସୁରକ୍ଷା ସମ୍ପର୍କିତ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସାଗରିକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସନ୍ତୋଷିନୀ ପତିଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।




କର୍ମଚାରୀମାନେ ନାଟକ ପରିବେଷଣ କରୁଛନ୍ତି।

# ନାଟକରେ ସୁରକ୍ଷା ସଚେତନତା

**ଆର୍‌ଏସ୍‌ପିର ଟ୍ରାଫିକ୍ ଓ କଞ୍ଚାମାଲ ବିଭାଗ**

ରାଉରକେଲା,୭।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଅନ୍ତର୍ଗତ ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗରେ କର୍ମଚାରୀମାନଙ୍କ ମଧ୍ୟରେ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ କାର୍ଯ୍ୟରେ ସୁରକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ସୁରକ୍ଷା ମନ୍ତ୍ର' ଶୀର୍ଷକ ଏକ ସୁରକ୍ଷା ସଚେତନତା ନାଟକ ପରିବେଷିତ ହୋଇଯାଇଛି। ଏଥିରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. ଆର୍. ପଲାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଏ. ସି. ସରକାର, ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଏସ୍. ଏସ୍. ରାୟଚୌଧୁରୀ, ଟ୍ରାଫିକ ବିଭାଗର ସିଜିଏମ୍ କୌଶିକା ସୁନୟାନି, ସୁରକ୍ଷା ଓ ଅଗ୍ନିଶମ ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରାଙ୍କ ସମେତ କାରଖାନାର ବହୁ ସିଜିଏମ୍, ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ବି. ଆର୍. ପଲାଇ ନିଜ ବକ୍ତବ୍ୟରେ ଏହିପରି ସଚେତନତା କାର୍ଯ୍ୟକ୍ରମ ସୁରକ୍ଷା ପ୍ରତି ସଚେତନତାକୁ ମଜବୁତ କରି ସୁରକ୍ଷିତ କାର୍ଯ୍ୟ ପଦ୍ଧତିର ସଂସ୍କୃତିକୁ ପ୍ରସାର କରିବାରେ ପ୍ରଭାବଶାଳୀ ମାଧ୍ୟମ ବୋଲି ଉଲ୍ଲେଖ କରିଥିଲେ। ହୀରାଲାଲ ମହାପାତ୍ର, କୌଶିକ ସୁନ୍ୟାନି ମଧ୍ୟ ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗର ଦୈନନ୍ଦିନ କାର୍ଯ୍ୟରେ ରେଳ ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ନାଟକକୁ ଟି ଆଣ୍ଡ ଆର୍‌ଏମ୍ ବିଭାଗର ଜୁନିୟର ଇଞ୍ଜିନିୟର ରମେଶ ଚନ୍ଦ୍ର ମହାନ୍ତି ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ଟି ଆଣ୍ଡ ଆର୍‌ଏମ୍ ବିଭାଗର ଡିଜିଏମ୍ ତଥା ଡିଏସ୍‌ଓ ଅରବିନ୍ଦ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ। ଟି ଆଣ୍ଡ ଆରଏମ ବିଭାଗର ଜିଏମ୍ ପରମାନନ୍ଦ ଟୁଡୁଙ୍କ ମାର୍ଗଦର୍ଶରେ ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀମନ୍ତ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇସ୍ପାତ ସହରରେ ମା' ମଙ୍ଗଳାଙ୍କ ପନ୍ଥେଇ ପୂଜା



ମହିଳାମାନେ ମା' ମଙ୍ଗଳାଙ୍କ ପୂଜା କରୁଛନ୍ତି।

ରାଉରକେଲା,୭।୪
(ବିପ୍ଳବ ରଞ୍ଜନ ଦାଶ)

ଇସ୍ପାତ ସହରରେ ମଙ୍ଗଳବାର କାକଟପୁର ବାସିନୀ ମା' ମଙ୍ଗଳାଙ୍କ ପନ୍ଥେଇ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଶକ୍ତିନଗର (ଚମ୍ପାଟୋଲି)ରେ ମହିଳାମାନେ ଉପବାସ ରହିବା ସହ ପନ୍ଥେଇ ସ୍ଥାନକୁ ଲିପାପୋଛା କରି ଫୁଲ, ସିନ୍ଦୁର, ମୁରୁଜ ଦ୍ୱାରା ପ୍ରସ୍ତୁତ କରିଥିଲେ। ପରେ ସମବେତ ହୋଇ ଧୂପ, ଝୁଣା, କ୍ଷୀର, ବିଭିନ୍ନ ପ୍ରକାର ଫଳ ତଥା ମା'ଙ୍କ ପ୍ରିୟ ପଣା ପ୍ରସ୍ତୁତ କରି ଭୋଗ ଆକାରରେ ସମର୍ପଣ କରିଥିଲେ। ଗୌରୀବାଳା ମାଝୀ ଓ ଚାନ୍ଦିନୀ ଘୋଷଙ୍କ ତତ୍ତ୍ୱାବଧାନରେ ବହୁ ମହିଳା ପନ୍ଥେଇ ନିକଟରେ ସମବେତ ହୋଇ ରୀତିନିତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ସେଠାରେ ଘଣ୍ଟ, ଘଣ୍ଟି, ଶଙ୍ଖ, ହୁଳହୁଳିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମହିଳାମାନେ ନିଜ ପରିବାରର ସମୃଦ୍ଧି ଓ ନିରାମୟ ଜୀବନ କାମନା କରିବା ସହ ଅଞ୍ଚଳ ତଥା ବିଶ୍ୱ କଲ୍ୟାଣ ନିମନ୍ତେ ମା'ଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବନ୍ଧୁମିଳନ

ରାଉରକେଲା,୭।୪(ବିପ୍ଳବ ରଞ୍ଜନ ଦାଶ)

ପ୍ରାକ୍ତନ ଏନ୍‌ଏସି (ଏସ୍‌ଟି)ର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଶୁକଦେବ କୁଅଁରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆବାହକ ପଦ୍ମନାଭ ଦାଶ, ମନ୍ମଥ ନାଥ ଜେନା, ବିଷ୍ଣୁଚରଣ ରାଉତ ଓ ଗୌରାଙ୍ଗ ଚନ୍ଦ୍ର ପାହାଡୀଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୭ମ ବେତନ କମିଶନଙ୍କ ସୁପାରିଶ କ୍ରମେ ଉପକୃତ ସମସ୍ତ ହିତାଧିକାରୀଙ୍କୁ ୮ମ ବେତନ କମିଶନଙ୍କ ସୁପାରିଶରେ ପେନସନ ଭୋଗୀଙ୍କୁ ଅନ୍ତର୍ଭୁକ୍ତ କରିବା ସହିତ ପୁନଃ ବିଚାର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଜଗବନ୍ଧୁ ଜେନା, ସନ୍ତୋଷ କୁମାର ବେହେରା, ଶାନ୍ତନୁ କୁମାର ମୁଦୁଲି, ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଦିପ୍ତା କୁମାରୀ ଦାସ ଓ ଶୁଭାକାଂକ୍ଷୀ ଚୌଧୁରୀ ଅତୀତର ସ୍ମୃତି ଓ ଅନୁଭୂତି ବିଷୟରେ ଆଲୋଚନା କରିଥିଲେ। ଶିକ୍ଷକ ରାଜକିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରମୋଦ କୁମାର ଦାଶ, ହୃଷୀକେଶ ରାଉତ, ମଞ୍ଜୁଲତା ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ।

# ଓଡ଼ିଆ ପକ୍ଷ ପାଳନରେ ସ୍ୱଚ୍ଛତା ଅଭିଯାନ

ରାଉରକେଲା,୭।୪(ବିପ୍ଳବ ରଞ୍ଜନ ଦାଶ)

ଓଡ଼ିଆ ପକ୍ଷ ପାଳନ ଅବସରରେ ମଙ୍ଗଳବାର ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ଅଭିଯାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପରିସରକୁ ସଫା କରାଯିବା ସହ ସ୍ୱଚ୍ଛତା ବାର୍ତ୍ତା ଦିଆଯାଇଥିଲା। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍, ଏନ୍‌ସିସି, ଜାତୀୟ ସେବା ଯୋଜନା ଏବଂ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ସାମଲ ଶୁଭାରମ୍ଭ କରିଥିଲେ। ଯୁବ ରେଡ୍‌କ୍ରସ୍ ସଂଯୋଜକ ଡ. ସ୍ମୃତିସ୍ନିଗ୍ଧା ମିଶ୍ର, ଜାତୀୟ ସେବା ଯୋଜନା ସଂଯୋଜିକା ଡ. ସୋନିଆ, ଏନ୍‌ସିସିର ଭାରପ୍ରାପ୍ତ ଅଧିକାରୀ ତରଣୀ ମେହେର, କ୍ରୀଡ଼ା ପ୍ରଶିକ୍ଷିକା କ୍ୟାପ୍‌ଟେନ ମୀନା ଦାସ ଏବଂ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସୁଷମା ମୋଦିଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟର ବିଭିନ୍ନ ବିଭାଗ ଓ ଅନ୍ୟାନ୍ୟ ସ୍ଥାନକୁ ସଫେଇ କରିଥିଲେ। ଅଧ୍ୟକ୍ଷା ଡ. ସାମଲ ଛାତ୍ରୀଛାତ୍ରମାନଙ୍କୁ ସ୍ୱଚ୍ଛତା ଅଭିଯାନର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ବାର୍ତ୍ତା ଦେଇ ସବୁବେଳେ ଏବଂ ସବୁ ସମୟରେ ସ୍ୱଚ୍ଛତା ରଖିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏନ୍‌ସିସି, ଏନ୍‌ଏସ୍‌ଏସ୍ ଓ ଯୁବ ରେଡ୍‌କ୍ରସ୍ ସଦସ୍ୟ ଓ ସ୍ୱେଚ୍ଛାସେବୀଙ୍କ ସମେତ ଓଡ଼ିଆ ବିଭାଗର ଅଧ୍ୟାପକ ଶୁଭନାଥ ସା, ଡ. ମାନସ ମୁଖାର୍ଜୀ, ବିଶ୍ୱରଞ୍ଜନ ଦାସ, ଅଧ୍ୟାପିକା ରଜନୀ କିଷାନ, ସୁଚିସ୍ମିତା ମୁଆଳ ଓ ପ୍ରିୟଙ୍କା କଂସାରୀ ପ୍ରମୁଖ ସହଯୋଗ କରିଥିଲେ।




ସ୍ୱଚ୍ଛତା ଅଭିଯାନରେ ସାମିଲ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା ଅଧ୍ୟାପକ।

# ମୂଲ୍ୟାଙ୍କନ ନୋଡାଲ ସେଣ୍ଟରକୁ ପ୍ରମାଣପତ୍ର ପ୍ରଦାନ

**୨ ଦିନ ଭିତରେ ପରୀକ୍ଷା ଫଳ ପ୍ରକାଶ କରିଥିଲା ବିପିୟୁଟି**

ରାଉରକେଲା,୭।୪(ଦିନେଶ ମିଶ୍ର)

ଇସ୍ପାତ ସହର ରାଉରକେଲାର ଛେଣ୍ଡସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ସଫଳତା ସହ ୨୦୨୫-୨୬ ଅଡ୍ ସେମିଷ୍ଟାର ପରୀକ୍ଷା ଫେଜ୍-୨ ଫଳାଫଳ ଅନ୍ତିମ ପରୀକ୍ଷା ଶେଷ ହେବାର ମାତ୍ର ୨ ଦିନ ମଧ୍ୟରେ ପ୍ରକାଶ କରି ଏସିଆ ବୁକ୍ ଅଫ୍ ରେକର୍ଡସ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛି। ଏହି ଅବସରରେ ବିପିୟୁଟି ସ୍ଥିତ ସୁବାଷ ବୋଷ ଅଡିଟୋରୟିମ୍ ପ୍ରେକ୍ଷାଳୟରେ ମଙ୍ଗଳବାର କୁଳପତି ପ୍ରଫେସର ଅମୀୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ରାଉରକେଲା ଅତିରିକ୍ତ ଜିଲାପାଳ ଦୀନା ଦସ୍ତଗୀରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ, ବିପିୟୁଟି ମାତ୍ର ୨ ଦିନ ଭିତରେ ପରୀକ୍ଷା ଫଳ ପ୍ରକାଶ କରିବା ଦିଗରେ ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରଥମ। ଯାହା ଇତିହାସ ରଚିଛି। ବିଶ୍ୱବିଦ୍ୟାଳୟର ଏଭଳି ପ୍ରୟାସ ଓ ବ୍ୟବସ୍ଥିତ କାର୍ଯ୍ୟଶୈଳୀକୁ ଏଡିଏମ୍ ପ୍ରଶଂସା କରିଥିଲେ। ଆର୍‌ଏସ୍‌ପିର ନିର୍ଦ୍ଦେଶକ ଆଲୋକ ବର୍ମା, ଆରଏସ୍‌ପିର ପୂର୍ବତନ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ପ୍ରଫେସର ସଞ୍ଜୟ କୁମାର ଭୋଳ, ପ୍ରଦୀପ୍ତ କୁମାର ନନ୍ଦ, ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୋଥାଳ, ଓମ୍‌ସିଏର ସଭାପତି ଡ. ଆର୍ଯ୍ୟ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପରୀକ୍ଷା ନିୟନ୍ତ୍ରକ ତଥା ଆବାହକ ପ୍ରଫେସର ବିଶ୍ୱ ବିନାୟକ ମଙ୍ଗରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିପିୟୁଟି କୁଳପତି ରଥ ବିଶ୍ୱବିଦ୍ୟାଳୟର ଅଭିନବ ପଦ୍ଧତି, ଡିଜିଟାଲ କୋଡିଙ୍ଗ୍, ସ୍କାନିଙ୍ଗ୍, ଅନ୍‌ଲାଇନ୍ ମୂଲ୍ୟାଙ୍କନ, ଓ ନିରନ୍ତର ତଦାରଖ ବ୍ୟବସ୍ଥା ଯୋଗୁ ଏହି ଅଭୂତପୂର୍ବ ସଫଳତା ସମ୍ଭବ ହୋଇପାରିଛି ବୋଲି କହିଥିଲେ। ଶେଷରେ ମୂଲ୍ୟାଙ୍କନ ନୋଡାଲ ସେଣ୍ଟରଗୁଡିକ ଦ୍ୱାରା ପ୍ରଦାନ କରାଯାଇଥିବା ସେବାକୁ ସ୍ୱୀକୃତି ଦେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ସ୍ମୃତିଫଳକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିପିୟୁଟି ଉପକୁଳସଚିବ ଡ. ଶୁଭେନ୍ଦୁ କୁମାର ରଥ ମଞ୍ଚ ପରିଚାଳନା ଏବଂ ରେଜିଷ୍ଟ୍ରାର ନିଶିପୁନମ୍ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ମିଳନୀରେ ମଞ୍ଚାସୀନ ଅତିଥିଗଣ।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple,
Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

Summon for settlement of issues
(Order 5, Rule 20 CPC)

**In the court of Senior Civil Judge, Rourkela**

C. S. No 289 of 2016

**State Bank of India ...... Plaintiff**
**Versus**
**Francis Khalko ...... Defendant**

To

**Francis Khalko**, aged about 37 years, son of Ghasia Khalko, Prop- M/S. FK Construction at Shop No.3, Jhirpani Market, Near Panchayat Office, Rourkela-42, resident of C-41, Sector-15, P.S-Sector-15, District-Sundargarh, permanent resident of Village-Tumkela, AT/PO-Rourkela-3, P.S-Sector-19, District-Sundargarh, PAN-AWRPK 4536E, Occupation-Construction Business.

Whereas, **State Bank of India**, SMEC , At-Sector-17, Rourkela -3, has instituted a suit against you for **Rs. 4,61,382.00** (Rupees four lakh sixty one thousand three hundred eighty two) only. You are hereby summoned to appear in this court in the person, or by a pleader duly instructed and able to answer all material questions relating to the suit, or who shall accompanied by some person able to answer all such questipns, on the **10th day of April, 2026 at 7.30** AM O'clock in the morning, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or. counter-claim, you shall enter such documents in a list to be annexed to the written statement]. Take notice, that, in default of your appearance on the day before mentioned, the suit will be heard and determined in your absence. Given under my hand and the seal of the court, this **3rd day of January of 2026.**

**Senior Civil Judge, Rourkela**

## ସଂକ୍ଷେପରେ

### ନବନିଯୁକ୍ତ ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

କଣ୍ଟାବାଞ୍ଜି,୭।୪(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମାରୱାଡି ଯୁବା ମଞ୍ଚ ଶାଖା ଓ ଜାଗୃତି ଶାଖା ପକ୍ଷରୁ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଓଡିଶା ସରକାରଙ୍କ ଦ୍ୱାରା ନବ ନିଯୁକ୍ତ ବଲାଙ୍ଗୀର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ଅଗ୍ରୱାଲ ସଭାର ଅଧ୍ୟକ୍ଷ ଅଶୋକ ଛାପଡିଆ, ସମ୍ପାଦକ ଲଳିତ ଅଗ୍ରୱାଲ, ବିକାଶ ଶାଖାର ଅଧ୍ୟକ୍ଷ ମହେଶ ଅଗ୍ରୱାଲ, ସମ୍ପାଦକ ଅଭିଷେକ ଅଗ୍ରୱାଲ, ଜାଗୃତି ଶାଖାର ଅଧ୍ୟକ୍ଷା ଅଙ୍କିତା ଜୈନ ଓ ସମ୍ପାଦିକା ରେଖା ଜୈନ ମଞ୍ଚାସୀନ ଥିଲେ। ମନିଶ ଜୈନ ସଭା ପରିଚାଳନା କରିଥିଲେ। ମାରୱାଡି ଯୁବା ମଞ୍ଚ ଶାଖା ଓ ଜାଗୃତି ଶାଖା ଜନସେବା କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିଧାୟକ ବାଗ ନିଜ ବକ୍ତବ୍ୟରେ କହିଥିଲେ । ଏହାଛଡା କଣ୍ଟାବାଞ୍ଜି ସହର ତଥା ନିର୍ବାଚନମଣ୍ଡଳୀର ସାମୂହିକ ବିକାଶ ହିଁ ମୋର ଲକ୍ଷ୍ୟ ବୋଲି କହିଥିଲେ। ସମ୍ବର୍ଦ୍ଧନା ସଭାରେ ବିକାଶ ଶାଖାର ଆଶିଷ ଖାଇତାନ, ନିଖିଲ ଅଗ୍ରୱାଲ, ନବନୀତ ଅଗ୍ରୱାଲ, ବଜରଙ୍ଗ ଜିନ୍ଦଲ, ମୟଙ୍କ ଜୈନ, ଅନୁପ ଜୈନ, ସୁବାଷ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ବିଧାୟକଙ୍କ ବିଭିନ୍ନ ଗ୍ରାମ ପରିଦର୍ଶନ

ଦେଓଗାଁ,୭।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ଗ୍ରାମକୁ ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂଦେଓ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସାଗରପାଲିସ୍ଥିତ କସ୍ତୁରବାଗାନ୍ଧୀ ଆବାସିକ ବିଦ୍ୟାଳୟର ନବନିର୍ମିତ ହଷ୍ଟେଲ କୋଠାର ଉଦ୍‌ଘାଟନ କରିଥିଲେ। ଏଥିସହ ହାତୀସରା ପଞ୍ଚାୟତ ଅନ୍ତର୍ଗତ ନାଇକେନସିରାରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ କେଲୋ ଡାଙ୍ଗଙ୍କ ପରିଚାଳନାରେ ଶିବିର ହୋଇଥିଲା। ସେହିପରି ସାଲେପାଲି ଗସ୍ତରେ ଯାଇ ନୂତନ ପଞ୍ଚାୟତ କୋଠାର ଶିଳାନ୍ୟାସ କରିଥିଲେ। ପରେ ବଡଡୁଙ୍ଗୁରୀପାଲି, ବରକାନୀ, ବାବିଯୋର, ଶିରାବାହାଲ, ଘୁଟିପାଲି, ଅର୍ଡା, ବହଲି ଓ ପର୍ଶୁପାଲି ଗାଁକୁ ଯାଇ ସେଠାରେ ଲୋକଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ ଗାଁରେ ପାନୀୟଜଳ ସଙ୍କଟ ଲାଗି ରହିଥିବା କେତେକ ଗ୍ରାମର ଲୋକେ ଅଭିଯୋଗ କରିଥିଲେ। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ବିଧାୟକ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୬୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ପ୍ରକଳ୍ପ ନିର୍ମାଣ ଲାଗି ଦେଓଗାଁକୁ ଲାଗି ରହିଥିବା ସରକାରୀ ଜମି ଚିହ୍ନଟ କରିବାକୁ ଅତିରିକ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଜନଗଣନା ତାଲିମ ଶିବିର ଉଦ୍‌ଯାପିତ

ଲୋଇସିଂହା,୭।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟରେ ଜନଗଣନା ପାଇଁ ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ୫୦ ଜଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ୫୦ ଜଣ ଏପରି ମୋଟ ଶହେ ଜଣ ପ୍ରାଥମିକ ଶିକ୍ଷକ ତାଲିମ ନେଇଥିଲେ। ଲୋଇସିଂହା କଲେଜର ପ୍ରାଧ୍ୟାପକ ସନ୍ତୋଷ କୁମାର ମେହେର, ଅଧ୍ୟାପକ ଅବିନାଶ ମିଶ୍ର ଓ କୁଶଙ୍ଗ କଲେଜର ଅଧ୍ୟାପକ ଆଭାସ କୁମାର ସାହୁ ତାଲିମ ପ୍ରଦାନ କରିଥିଲେ। ଶିକ୍ଷକମାନେ ପରବର୍ତ୍ତୀ ସମୟରେ ଗୃହ ଗଣନା କରିବେ। ଜଣେ ଶିକ୍ଷକ ୧୫୦ରୁ ୨୦୦ ଘର ଗଣନା କରିବେ। ଗୃହ ନମ୍ବରିଂ କରିବା ସହିତ ଘରର ସ୍ଥିତି, ଘରେ ବ୍ୟବହୃତ ସାମଗ୍ରୀ ସହ ଏପରି ୩୩ ପ୍ରକାର ତଥ୍ୟ ସଂଗ୍ରହ କରିବେ ବୋଲି ଜଣାପଡିଛି। ପ୍ରଥମ ଥର ପାଇଁ ଡିଜିଟାଲ ମାଧ୍ୟମରେ ଗଣନା କରାଯିବ। ଏହି ତାଲିମ ଶିବିରକୁ ତହସିଲର କର୍ମଚାରୀ ରତିକାନ୍ତ ପୁରୋହିତ, ଅଚ୍ୟୁତାନନ୍ଦ ମିଶ୍ର, ଜ୍ୟୋତିପ୍ରକାଶ ସାହୁ ଓ ସୁନୀଲ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ତହସିଲଦାର ଟିକୁନୁ ପୁଟା ଶିବିର ଉଦଘାଟନ କରି ତାଲିମଦାତା ଓ ତାଲିମ ନେଉଥିବା ଶିକ୍ଷକଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ପାଟଣାଗଡ଼ ୭।୪ (ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଅଞ୍ଚଳରେ ସୋମବାର ମଧ୍ୟାହ୍ନ ସମୟରେ ପ୍ରବଳ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ହେବା ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଅନେକ ଲୋକଙ୍କ କଚ୍ଚା ଘର, ଆଜବେଷ୍ଟସ ଛାତ ନଷ୍ଟ ହୋଇଥିବା ବେଳେ କୁଆପଥର ମାଡ଼ରେ ବିଭିନ୍ନ ଫସଲ କ୍ଷତିଗ୍ରସ୍ତ ହୋଇଛି। ଏଣୁ କ୍ଷତିପୂରଣ ଦାବିରେ ମଙ୍ଗଳବାର ପୂର୍ବାହ୍ନରେ କ୍ଷତିଗ୍ରସ୍ତ ପରିବାରଙ୍କ ପକ୍ଷରୁ ପାଟଣାଗଡ଼ରୁ ପଦ୍ମପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ପାଢେଲ ଗ୍ରାମଠାରେ ଅବରୋଧ କରାଯାଇଥିଲା। ଯଥାଶୀଘ୍ର କ୍ଷତିଗ୍ରସ୍ତ ପରିବାର ଓ ଚାଷୀମାନଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଉ ବୋଲି ରାସ୍ତା ଅବରୋଧକାରୀମାନେ ଦାବି କରିବା ସହ ବିଭିନ୍ନ ନାରାବାଜି କରିଥିଲେ। ଫଳରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଗାଡି ମୋଟର ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅଟକି ରହିଥିଲା। ପାଟଣାଗଡ଼ ବ୍ଲକର ପାଢେଲ ଗାଁ ଏବଂ ଖପ୍ରାଖୋଲ ବ୍ଲକର ଚଗଁରିଆ ,ରେଙ୍ଗାଲଜୁରି ଗ୍ରାମର ଶତାଧିକ କ୍ଷତିଗ୍ରସ୍ତ ପରିବାର, ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ଖବରପାଇ ପ୍ରଥମେ ପାଟଣାଗଡ଼ ଓ ଲରମ୍ବା ପୋଲିସ ସହ ପାଟଣାଗଡ଼ ଓ ଖପ୍ରାଖୋଲ ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ସୁଦ୍ଧା ସେମାନେ ନିଜ ଜିଦରେ ଅଟଳ ଥିଲେ। ପରେ ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀଙ୍କ ସହ ଉପଜିଲାପାଳ ସୁନିଲ ମେହେର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। କ୍ଷୟକ୍ଷତିର ଆକଳନ କରି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ଉପଜିଲାପାଳ ମେହେର ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରି ଯାଇଥିଲେ। ଏହି କାର୍ଯ୍ୟକ୍ରମରେ କୋଶଳ ରାଏଜ ମୁକ୍ତି ମୋର୍ଚ୍ଚାର ପାଟଣାଗଡ଼ ଉପଖଣ୍ଡ ସଭାପତି ଗିରିରାଜ ଭୋଇ, ସୁଶିଲ ଗୁରୁ, ଯୁଗଳ ମେହେରଙ୍କ ସମେତ କ୍ଷତିଗ୍ରସ୍ତ ପରିବାର ଓ ଚାଷୀ ପ୍ରମୁଖ ସାମିଲ ଥିଲେ।



ପାଢ଼େଲଠାରେ କ୍ଷତିଗ୍ରସ୍ତ ଚାଷୀ ଓ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

**ବର୍ଷା, କୁଆପଥର ମାଡ଼ରେ କ୍ଷୟକ୍ଷତି ଘଟଣା**

# ପ୍ରାଥମିକ କୃଷି ସମବାୟ ସମିତିର ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟଅତିଥି ଓ ଅନ୍ୟମାନେ।

ଲୋଇସିଂହା,୭।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ପାଇଁ ସ୍ୱତନ୍ତ୍ର ପ୍ରାଥମିକ କୃଷି ସମବାୟ ସମିତି ଗଠନ ପାଇଁ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଗତ ସେପ୍ଟେମ୍ବର ୬ ତାରିଖରେ ଅନୁମତି ଦେଇଥିଲା। ଏହି କ୍ରମରେ ସୋମବାର ବୁଢୀପଦର ଗ୍ରାମୀଣ ପାର୍କ ନିକଟରେ ପାକ୍ସର ନୂତନ କୋଠା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡା.ମୁକେଶ ମହାଲିଙ୍ଗ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୁଢୀପଦର ସରପଞ୍ଚ ଲକ୍ଷ୍ମୀ ପଧାନ, ଡିଆରସିଏସ ପ୍ରମୋଦ ବରିହା, ପାକ୍ସ ସମ୍ପାଦକ ଘନଶ୍ୟାମ ପୁଟା , ଗୌନ୍ତିଆ ସୁଧାଂଶୁ ଶେଖର ସାହୁ, ସାମାଜିକ କର୍ମୀ ଯୁଧିଷ୍ଠିର ପଧାନ, ପିଇଓ ପ୍ରହ୍ଲାଦ ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବୁଢୀପଦର ଗ୍ରାମବାସୀ ଓ ପଞ୍ଚାୟତ ଅଧୀନ ଗ୍ରାମର ବହୁ ଚାଷୀ ଯୋଗ ଦେଇଥିଲେ। ନୂତନ ସମିତି ସ୍ଥାପନ ହେଲେ ପଞ୍ଚାୟତ ଅଧୀନ ଚାଷୀମାନଙ୍କୁ ଋଣ ସୁବିଧାୟ ମିଳିବ ବୋଲି ଆଶା କରାଯାଉଛି । ଉଲ୍ଲେଖଯୋଗ୍ୟ, ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୬୧୮ ତା ୧୨।୧୧।୨୦୨୫ରୁ ସମିତି ପାଇଁ ସମ୍ପାଦକ ଓ ଡିଇଓ କାର୍ଯ୍ୟ ସମ୍ପାଦନ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି ।

# ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ପରିଭ୍ରମଣ



ପ୍ଲାନେଟାରିୟମ ପରିଦର୍ଶନ ଅବସରରେ ଛାତ୍ରୀଛାତ୍ର।

ଲୋଇସିଂହା,୭।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡାସ୍ଥିତ ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ୯୦ ଜଣ ଛାତ୍ରୀଛାତ୍ର ମଙ୍ଗଳବାର ସମ୍ବଲପୁର ଜିଲାକୁ ଦିନିକିଆ ଶୈକ୍ଷିକ ପରିଭ୍ରମଣରେ ଯାଇଥିଲେ। ସେମାନେ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, ପର୍ଯ୍ୟଟନସ୍ଥଳ ପରିଦର୍ଶନ କରି ଶିକ୍ଷାଲାଭ କରିଥିଲେ। ବିଦ୍ୟାଳୟର ପ୍ରିନ୍ସିପାଲ ଜ୍ୟୋତିର୍ମୟୀ ପଧାନଙ୍କ ନେତୃତ୍ୱରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସମାପ୍ତିକା ପଣ୍ଡା, ତନୁଶ୍ରୀ ନାଏକ, ଶିକ୍ଷକ ପ୍ରଭାତ ନନ୍ଦ, ସତ୍ୟବାନ ମେହେର, ରୋହିତ ରଣା ଏବଂ କାହ୍ନୁଚରଣ ଦର୍ଜି ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଧରି ସମ୍ବଲପୁର ଜିଲା ଗସ୍ତ କରିଥିଲେ । ଛାତ୍ରୀଛାତ୍ରମାନଙ୍କୁ ସମ୍ବଲପୁର ସୈନିକ ସ୍କୁଲ, ସେଣ୍ଟ୍ରାଲ ଲାଇବ୍ରେରି, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଚିପଲିମା ପାୱାର ହାଉସ, ବୁର୍ଲାସ୍ଥିତ ପ୍ଲାନୋଟୋରିୟମ, ନେହେରୁ ମିନାର, ଭୀମସାର ଭିସୁଟ, ସମଲେଇ ମନ୍ଦିର ଆଦି ପରିଦର୍ଶନ କରି ସେଠାକାର ଇତିହାସ, କିମ୍ବଦନ୍ତୀ ସମ୍ପର୍କରେ ଅବଗତ ହୋଇଥିଲେ। ସୈନିକ ସ୍କୁଲ ପରିଦର୍ଶନ ବେଳେ ସ୍କୁଲର ଉପାଧ୍ୟକ୍ଷ ତଥା ୱିଙ୍ଗ କମାଣ୍ଡୋ ବି. ଭବନୀ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି କ୍ୟାରିୟର ମାର୍ଗଦର୍ଶନ କରିଥିବା ଅଧ୍ୟକ୍ଷା ପଧାନ ସୂଚନା ଦେଇଛନ୍ତି।

### କ୍ଷତିଗ୍ରସ୍ତ ଦୋକାନୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ଖପ୍ରାଖୋଲ,୭।୪(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ମୁଖ୍ୟ ରାସ୍ତା ପ୍ରଶସ୍ତି କରଣ ବେଳେ ବର୍ଷେ ତଳେ ରାସ୍ତା କଡ ଦୋକାନ ଘର ପ୍ରଶାସନ ଦ୍ୱାରା ଭଙ୍ଗାଯାଇଥିଲା। ବର୍ଷେ ପରେ ମଧ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଥଇଥାନ କରାଯାଇନାହିଁ। ଦୋକାନ ଘର ଯୋଗାଣରେ ବିଳମ୍ବ ପ୍ରତିବାଦରେ ବଣିକ ସଂଘ ମଙ୍ଗଳବାର ବନ୍ଦ ଡାକରା ଦେଇଥିଲା। ଫଳରେ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ଯାତ୍ରୀବାହୀ ବସକୁ ଆନ୍ଦୋଳନକାରୀ ବନ୍ଦ କରିବା ସହିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ମଧ୍ୟାହ୍ନରେ ଦୋକାନୀଙ୍କ ସହିତ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ତହସିଲଦାର ଆନନ୍ଦ ପଣ୍ଡା, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଥାନା ଅଧିକାରୀ ନରେନ୍ଦ୍ର ଛତର, ସହକାରୀ ଯନ୍ତ୍ରୀ ରାଜକିଶୋର ନାଏକ ପ୍ରମୁଖଙ୍କ ଉପସ୍ଥିତିରେ ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଅବସରରେ ବଣିକ ସଂଘ ତରଫରୁ ସୁଶିଲ ପ୍ରଧାନ , ବାଳଗୋପାଳ ଦାଶ, ବିଜୁ ବାରିକ, ଜଳଧର ତାଣ୍ଡି, ଏଲଡିଏ ମୁଖ୍ୟ ଲବ ସୁନା ଓ ଦୋକାନୀ ଉପସ୍ଥିତ ଥିଲେ।




# କ୍ୱାନ୍ କିଡୋର ବେଲ୍ଟ ଗ୍ରେଡିଂ ଶିବିର



ଶିବିରରେ ଅତିଥିଙ୍କ ଗହଣରେ ଶିକ୍ଷାର୍ଥୀମାନେ।

ଟିଟିଲାଗଡ଼,୭।୪(ଶରତ ମିଶ୍ର)

ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲା କ୍ୱାନ କିଡୋ ଆସୋସିଏଶନ ପକ୍ଷରୁ ଦିନିକିଆ ବେଲ୍ଟ ଗ୍ରେଡିଙ୍ଗ ଶିବିର ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉଭୟ ଜିଲାର ୬୦ରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଯୋଗଦେଇ ଅସି, ନାମଚାକୁ, ଲାଠି ଚାଳନା ଭଳି ଅନେକ ପାରମ୍ପରିକ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଏନେଇ ଆସୋସିଏଶନର ସଭାପତି ଜ୍ୟୋତିପ୍ରକାଶ ଗଡତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ବିକାଶ ସେନା ସଭାପତି ଇଂ ଅମ୍ଳାନ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆମ ଦେଶରେ ପ୍ରାଚୀନ କାଳରେ ଗୁରୁକୁଳଗୁଡିକରେ ଶିକ୍ଷାଦାନ ସହ ସମସ୍ତ ପ୍ରକାର ଅସ୍ତ୍ର ଚାଳନା ଶିକ୍ଷା ଦିଆଯାଉଥିବା କହିଥିଲେ। ବର୍ତ୍ତମାନ ସରକାରଙ୍କ ପ୍ରୟାସରେ ସେହି ପ୍ରାଚୀନ ଯୁଗ ପରମ୍ପରା ପୁଣି ପ୍ରତ୍ୟାବର୍ତ୍ତନ କରିଥିବା ଦେଶ ପାଇଁ ଶୁଭଙ୍କର ବୋଲି ସେ ମତପ୍ରକାଶ କରିଥିଲେ। ସଚ୍ଚିଦାନନ୍ଦ ବିଶାଲ, ଜାତୀୟ ବୈଷୟିକ ନିର୍ଦ୍ଦେଶକ ବିଶ୍ୱଜିତ ବାରିକ, ଉପସଭାପତି ଉମାଶଙ୍କର ଷଡ଼ଙ୍ଗୀ, ସମ୍ପାଦକ ପ୍ରମୋଦ ବଳବନ୍ତରାୟ, ଦିପ୍ତୀରାଣୀ ସିଂ, ମହେଶ ଅଗ୍ରୱାଲ, ବଲାଙ୍ଗୀର ଜିଲା କୋଚ ରାଜେଶ ଛୁରା, କଳାହାଣ୍ଡି ଜିଲା କୋଚ ତଲସ୍ତା ଦୁର୍ଗା ପ୍ରମୁଖ ସଂଗଠନର ବଳିଷ୍ଠ ଭୂମିକା ନେଇ ଆଲୋକପାତ କରିଥିଲେ। ଶେଷରେ ପ୍ରଦୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ନୀତି, ଅନୀତି ଓ ରାଜନୀତିକୁ ନେଇ ଆଲୋଚନାଚକ୍ର

ବଲାଙ୍ଗୀର,୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ଓଡିଶା ସାମ୍ବାଦିକ ସଂଘ ବଲାଙ୍ଗୀର ଜିଲା ଶାଖା ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ 'ନୀତି, ଅନୀତି ଓ ରାଜନୀତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ଜିଲା ସଭାପତି ପ୍ରଦୀପ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ମୁଖ୍ୟବକ୍ତା ଭାବେ ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ, ଆଲୋଚକ ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ଭଟଲି ବିଧାୟକ ଇରାଶିସ ଆଚାର୍ଯ୍ୟ, କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା , ଗଣମାଧ୍ୟମ ପ୍ରତିନିଧି ମନୋରଞ୍ଜନ ଯୋଷୀ ଯୋଗଦାନ କରିଥିଲେ। ଅତିଥି ଏବଂ ଆଲୋଚକମାନେ ସାମ୍ପ୍ରତିକ ରାଜନୀତି କିଭଳି ନୀତିବିହୀନ ହୋଇପଡିଛି କହିଥିଲେ। ଏହାସହିତ ସରକାରୀ ବିଧି ବ୍ୟବସ୍ଥା ଉପରେ ମଧ ଆଲୋଚନା କରିଥିଲେ। କଣ୍ଟାବାଞ୍ଜି ବିଧାୟକ ସାଲୁଜା ସଦ୍ୟ ସମାପ୍ତ ରାଜ୍ୟସଭା ନିର୍ବାଚନର ଘୋଡାବେପାର ଏବଂ ଭାଜପା ସରକାରର ମହାଦୁର୍ନୀତି କଥା କହିଥିଲେ। ବିଧାୟକ ସାହୁ କେନ୍ଦ୍ର ଏବଂ ରାଜ୍ୟ ସରକାରକୁ ସମାଲୋଚନା କରିଥିଲେ। ଏହି ଅବସରରେ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ଦୟାନିଧି ସାହୁ, ନବୀନ ପଶାୟତ, ଦୀପକ ସମାଦାର, ପ୍ରଭାନଜିତ ସିଂ ସାଲୁଜା, ସଦାଶିବ ସରାଫଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଅଭୟ ତ୍ରିପାଠୀ ପରିଚାଳନା କରିଥିଲେ। ସଭାରେ ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

### ବିଜେଡି କର୍ମୀଙ୍କ ମନରେ ଉତ୍ସାହ ଭରିଲେ ଟୁକୁନି

ଟିଟିଲାଗଡ଼,୭।୪(ଶରତ ମିଶ୍ର)

ଟିଟିଲାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ମଙ୍ଗଳବାର ବିଜେଡିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ ଯୋଗ ଦେଇଥିଲେ। ଆଗକୁ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧସଭା ନେଇ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଏଥିସହିତ ଜନଗଣନା କାର୍ଯ୍ୟକ୍ରମକୁ କିଭଳି ସ୍ୱଚ୍ଛ, ମୁକ୍ତ ଏବଂ ଅବାଧରେ ପରିଚାଳନା କରାଯିବ ସେନେଇ କର୍ମୀମାନଙ୍କୁ ସଜାଗ ହେବାକୁ ସାହୁ ଆହ୍ୱାନ କରିବା ସହ ଉତ୍ସାହ ଭରିଥିଲେ। ଟିଟିଲାଗଡ ଟାଉନ ସଭାପତି ଶ୍ୟାମ ପ୍ରସାଦ ଗରିଆ, ବ୍ଲକ ସଭାପତି କୃଷ୍ଣ ହାତୀ ଯୋଗଦେଇ ଭାଜପା ସରକାରର ଆଉ କୌଣସି ରଣନୀତି ଆଗକୁ କାମ ଦେବ ନାହିଁ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ।

# କଣ୍ଟାବାଞ୍ଜି ସିଭିଲ କୋର୍ଟ କମ୍ପ୍ଲେକ୍ସ ଉଦ୍‌ଘାଟିତ

କଣ୍ଟାବାଞ୍ଜି,୭।୪(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସିଭିଲ କୋର୍ଟରେ ନବନିର୍ମିତ କୋର୍ଟ କମ୍ପ୍ଲେକ୍ସ ଆଭାସି ଜରିଆରେ ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ଦ୍ୱାରା ସୋମବାର ଦିନ ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ସ୍ଥାନୀୟ ସିଭିଲ କୋର୍ଟର ଅତିରିକ୍ତ ଜିଲା ଦୌରାଜଜ୍ ରାକେଶ କୁମାର ନାୟାର, ସବ୍‌ଜଜ୍ ସରୋଜିନୀ ସାହୁ, ଜେଏମଏଫସି ରାଜେଶ ବେହେରାଙ୍କ ସହ ସ୍ଥାନୀୟ ଏକଜ୍‌କ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର ବିଶନାଥ ଖାଲକୋ, ପୋଲିସ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଲକ୍ଷ୍ମୀନାରାୟଣ ମାରାଣ୍ଡି ଉପସ୍ଥିତ ଥିଲେ । ନୂତନ କୋର୍ଟ ବିଲଡିଂ ଉଦ୍‌ଘାଟନ ସମୟରେ ଓକିଲ ସଂଘ ସଭାପତି ପ୍ରଫୁଲ୍ଲ କୁମାର ନାୟକ, ସମ୍ପାଦକ ମନୋଜ କୁମାର ଦାଶଙ୍କ ସମେତ ସମସ୍ତ ସରକାରୀ ଓକିଲ, ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ପ୍ରଶାସନ ତରଫରୁ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ ବଣ୍ଟନ

ଖପ୍ରାଖୋଲ,୭।୪(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଚଙ୍ଗରିଆ ପଞ୍ଚାୟତର ଚଙ୍ଗରିଆ ଓ ରେଙ୍ଗାଲଜୁରି ଗାଁରେ କାଳ ବୈଶାଖୀ ଓ କୁଆପଥର ମାଡରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ପ୍ରଶାସନ ତରଫରୁ ମଙ୍ଗଳବାର ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ସୋମବାର ସନ୍ଧ୍ୟାରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା । ସୂଚନାଯୋଗ୍ୟ, ସୋମବାର ଅପରାହ୍ନରେ କାଳବୈଶାଖୀ ସହ କୁଆ ପଥର ବୃଷ୍ଟି ହୋଇଥିଲା । ଫଳରେ ଉପରୋକ୍ତ ଦୁଇଟି ଗାଁରେ ଅଧିକାଂଶ ଚାଳ ଘର ଛପର, ଆଜବେଷ୍ଟସ ଛାତ ନଷ୍ଟ ହେବା ସହିତ ବିଭିନ୍ନ ଫସଲ ନଷ୍ଟ ହୋଇଛି।



କ୍ଷତିଗ୍ରସ୍ତ ପରିବାରକୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଛି।

# ଅତିରିକ୍ତ କାମ ନ କଲେ ମିଳୁଛି ଛଟେଇ ଧମକ

ବଲାଙ୍ଗୀର,୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ସଫେଇ କର୍ମଚାରୀଙ୍କୁ ସେମାନଙ୍କ କାମ ବାହାରେ ଅତିରିକ୍ତ କାର୍ଯ୍ୟ କରିବାକୁ ବାଧ କରାଯାଉଥିବା ଏବଂ ଏହା ନ କଲେ ଛଟେଇ ଧମକ ଦିଆଯାଉଥିବା ସଫେଇ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ଭେଟି ସଫେଇ କର୍ମଚାରୀମାନେ ଏହି ଅଭିଯୋଗ କରିଛନ୍ତି। ସେମାନେ କହିଥିଲେ, ସଫେଇ କର୍ମଚାରୀଙ୍କ ମୂଳ କାମ ହେଲା ହସ୍ପିଟାଲର ସଫେଇ କାମ କରିବା। ଏହି କାମକୁ ସଫେଇ କର୍ମଚାରୀମାନେ ଦାୟିତ୍ୱର ସହ ପାଳନ କରୁଛନ୍ତି। ତେବେ ଏହା ବାହାରେ କର୍ମଚାରୀଙ୍କୁ ହସ୍ପିଟାଲର ଅତିରିକ୍ତ କାମ ଦିଆଯାଉଛି। ରୋଗୀମାନଙ୍କୁ ଗାଧୋଇବା, ସଫା କରିବା, ଓଟି ଭିତର ଡାକ୍ତରମାନଙ୍କ ଚପଲ ସଫେଇ କାମ କରିବା, ବିଭିନ୍ନ ଲୁହା ସାମଗ୍ରୀ ନେବା ଆଣିବା, ପେଟି ବୋହିବା, ରୋଗୀଙ୍କୁ ନେବା ଆଣିବା, ଏପରି କି ମୃତଦେହ ବୋହିବା କାମ କରିବାକୁ କୁହାଯାଉଛି। କୌଣସି ପରିସ୍ଥିତିରେ କେହି ଯଦି କିଛି କାମ କରି ନପାରିଲେ ତେବେ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ଛଟେଇ କରିବାକୁ ଧମକ ଦିଆଯାଉଛି। ଏହି ସମସ୍ୟାର ସମାଧାନ ନ ହେଲେ ଏବଂ ସଫେଇ କର୍ମଚାରୀଙ୍କୁ ଉଚିତ୍ ସମ୍ମାନ ପ୍ରଦର୍ଶନ ନ କଲେ ସେମାନେ ବାଧ ହୋଇ ଆଗକୁ ଆନ୍ଦୋଳନ କରିବେ ବୋଲି କର୍ମଚାରୀ ଗୀତାଞ୍ଜଳି ଦୀପ, ବନିତା କୁମ୍ଭାର, କିଶନ ବଗର୍ତ୍ତି ପ୍ରମୁଖ ଚେତାବନୀ ଦେଇଛନ୍ତି। ସଫେଇ କର୍ମଚାରୀଙ୍କ ଅଭିଯୋଗ ଶୁଣିବା ପରେ ଏ ସଂକ୍ରାନ୍ତରେ ହସ୍ପିଟାଲ ଅଧିକାରୀଙ୍କ ସହ ଆଲୋଚନା କରି ଉଚିତ୍ ପଦକ୍ଷେପ ନେବେ ବୋଲି ବିଧାୟକ ସିଂଦେଓ ପ୍ରତିଶ୍ରୁତି ଦେଇଥିଲେ।



ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ନିକଟରେ ସଫେଇ କର୍ମଚାରୀମାନେ ଅଭିଯୋଗ କରୁଛନ୍ତି।

**ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ**

**ବିଧାୟକଙ୍କୁ ଅଭିଯୋଗ କଲେ ହସ୍ପିଟାଲ ସଫେଇ କର୍ମଚାରୀ**

## ଇନୋଭେଶନ, ଷ୍ଟାର୍ଟ ଅପ୍ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ଯୁକ୍ତ ୩ ସ୍ନାତକ ମହିଳା ମହାବିଦ୍ୟାଳୟରେ ଇନୋଭେଶନ ଏବଂ ଷ୍ଟାର୍ଟ ଅପ୍ ଓଡ଼ିଶା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ତନ୍ମୟୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ସଭାପତି ତଥା ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅଧାପକ ଧୀରେନ୍ଦ୍ର ନାଗ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ, କର୍ମଚାରୀ, ଛାତ୍ରୀମାନେ ସହଯୋଗ କରିଥିଲେ।

# ବଢୁଛି ଗୋଚାଲାଣ, ରୋକିପାରୁନି ପୋଲିସ

ଝାରସୁଗୁଡ଼ା,୭।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ବେଆଇନ ଗୋଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଏହି ଜିଲାର ବିଭିନ୍ନ ସ୍ଥାନରୁ ରାତିବେଳା ଗାଡିରେ ଅତି ଅମାନୁଷିକ ଭାବେ ଗୋରୁଗୁଡ଼ିଙ୍କୁ ଅନ୍ୟ ରାଜ୍ୟକୁ ଚାଲାଣ କରାଯାଉଛି। ଗୋଚାଲାଣବେଳେ ଦ୍ରୁତଗତିରେ ଯାଉଥିବା ଗାଡ଼ିଗୁଡ଼ିକ କେତେକ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ନଜିର ରହିଛି। ଫଳରେ ଗୋରୁମାନେ ମୃତାହତ ହୋଇଛନ୍ତି। ଅପରପକ୍ଷେ ଝାରସୁଗୁଡ଼ା ଜିଲାର ବିଭିନ୍ନ ସ୍ଥାନରେ ଗୋମାଂସ, ଚର୍ମ ଓ ଶିଙ୍ଗକୁ ବେଆଇନ ଭାବେ ବିକ୍ରି କରାଯାଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ହେଲେ ପୋଲିସ ଏହି ବେଆଇନ କାର୍ଯ୍ୟକୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହାକୁ ନେଇ ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଝାରସୁଗୁଡ଼ା ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ରାତିବେଳା ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯିବା ସହ ବେଆଇନ ଗୋଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ କିଛିମାସ ହେବ ଝାରସୁଗୁଡ଼ା ଜିଲାର ଅନେକ ସ୍ଥାନରୁ ଛତିଶଗଡ଼, ଝାଡ଼ଖଣ୍ଡ ଆଦି ରାଜ୍ୟକୁ ବେଆଇନ ଗୋଚାଲାଣ କରାଯାଉଛି। ବିଶେଷକରି ରାତିବେଳା ଗୋରୁବୋଝେଇ ଗାଡ଼ିଗୁଡିକ ଦ୍ରୁତଗତିରେ ଯାଉଥିବାରୁ ଦୁର୍ଘଟଣାଗ୍ରସ୍ତ ହେଉଛି। ୨୦୨୫ ସେପ୍ଟେମ୍ବର ୧୧ରେ ୪୯ ନମ୍ବର ଜାତୀୟ ରାଜପଥରେ ୮ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ନେଇ ଦ୍ରୁତଗତିରେ ଯାଉଥିବା ଏକ ସ୍କର୍ପିଓ ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଟୋଲ୍‌ଗେଟ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୨୫ ସେପ୍ଟେମ୍ବର ୨୦ରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ବେଆଇନ ଭାବେ ଗୋଚାଲାଣ ହେଉଥିଲା। ହେଲେ ରେଙ୍ଗାଲି ନିକଟରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହେବାରୁ ୧୪ ଗୋରୁଙ୍କ ମୃତ୍ୟୁ ଘଟିଥିଲା। ୨୦୨୬ ମାର୍ଚ୍ଚ ୨ରେ ଦୁର୍ବୃତ୍ତମାନେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଝାରସୁଗୁଡ଼ାରୁ ଛତିଶଗଡ଼କୁ ଗୋଚାଲାଣ କରୁଥିଲେ। ହେଲେ ଭୋର ସମୟରେ ଗାଡ଼ିଟି ଭାରସାମ୍ୟ ହରାଇ ୪୯ ନମ୍ବର ଜାତୀୟ ରାଜପଥର କଦମଡିହି ନିକଟରେ ଓଲଟି ପଡିଥିଲା। ଏଥିରେ ୫ଟି ଗୋରୁଙ୍କ ମୃତ୍ୟୁ ଘଟିଥିବାବେଳେ ୧୫ଟି ଆହତ ହୋଇଥିଲେ। ଦୁର୍ଘଟଣା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ବେଆଇନ କାର୍ଯ୍ୟର ଚେର ଝାରସୁଗୁଡ଼ା ଜିଲାରୁ ଆରମ୍ଭ କରି ସୁନ୍ଦରଗଡ଼ ଜିଲା ସମେତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଲମ୍ବିଛି। ଏଥିରେ ସ୍ଥାନୀୟ ଅଞ୍ଚଳର କେତେକ ପ୍ରଭାବଶାଳୀ ବ୍ୟକ୍ତି ଓ ଆନ୍ତଃରାଜ୍ୟ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଥିବା ଜଣାପଡିଛି। ହେଲେ ପୋଲିସ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରିବାରେ ବିଫଳ ହୋଇଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଅପରପକ୍ଷେ କେତେକ ଥାନା ଅଞ୍ଚଳରେ ଗୋମାଂସ ବିକ୍ରି ଓ ଚାଲାଣ ହେଉଥିବା ଖବର ମିଳିବା ପରେ ପୋଲିସ ତାହାକୁ ଜବତ କରୁଛି। ହେଲେ ଏହି ବେଆଇନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବେ ରୋକିପାରୁନାହିଁ। ଏ ସମ୍ପର୍କରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି, ଜିଲାରେ ଅଧିକାଂଶ ମାତ୍ରାରେ ଗୋଚାଲାଣ ରୋକାଯାଇଛି। ଆଗାମୀ ଦିନରେ ଚଢ଼ାଉ ଜୋର୍‌ଦାର କରାଯିବା ସହ ଗୋଚାଲାଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାରେ ଥିବା ବିଭିନ୍ନ ଥାନାର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ଓଏସ୍‌ଏପି ୨ୟ ବାଟାଲିୟନ କମାଣ୍ଡାଣ୍ଟ ଭାବେ ଦାୟିତ୍ୱ ନେଲେ ଭବାନୀ ଶଙ୍କର

ଝାରସୁଗୁଡ଼ା,୭।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଓଏସ୍‌ଏପି ୨ୟ ବାଟାଲିୟନ କମାଣ୍ଡାଣ୍ଟ ଭାବେ ଭବାନୀ



ଶଙ୍କର ସେଠ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଓଏସ୍‌ଏପି ୨ୟ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ଦାୟିତ୍ୱରେ ରହିଥିଲେ। ସେ ୨୦୦୬ରେ ରିଜର୍ଭ ଇନ୍ସପେକ୍ଟର, ୨୦୧୦ରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୨୦୧୯ରେ ଡେପୁଟି କମାଣ୍ଡାଣ୍ଟ ଓ ୨୦୨୪ରେ କମାଣ୍ଡାଣ୍ଟ ଇନ୍‌ଚାର୍ଜ ଭାବେ ଝାରସୁଗୁଡ଼ା ୨ୟ ବାଟାଲିୟନ କାର୍ଯ୍ୟରତ ଥିଲେ। ଏହାପରେ ଓଏସ୍‌ଏପି ୨ୟ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ହୋଇଥିଲେ।

### ଶିବିରରେ ୭୪୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଝାରସୁଗୁଡ଼ା,୭।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବେହେରାମାଲସ୍ଥିତ ନବ ଦାସ ଅଡିଟୋରିୟମଠାରେ ମାଗଣା ସ୍ୱାସ୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୪୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଶକ୍ତି କୁମାର ତ୍ରିପାଠୀ ଓ ଚର୍ମରୋଗ ବିଶେଷଜ୍ଞା ଡା. ଇପ୍‌ସିତା ଦେବତା ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶକ୍ତି ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ଶିବିରରେ ଦାତବ୍ୟ ଆଇଭିଏଫ୍ ପାଇଁ ଚୟନ ପ୍ରକ୍ରିୟା କରାଯାଇଥିଲା।

### ଜ୍ଞାନଦୀକ୍ଷା ମହାଯଜ୍ଞ

ଝାରସୁଗୁଡ଼ା,୭।୪(ଆଶିଷ ରଞ୍ଜନ ଦାଶ)

ସ୍ଥାନୀୟ ଶିଶୁବିକାଶ ବିଦ୍ୟାମନ୍ଦିର ପରିସରରେ ମଙ୍ଗଳବାର ଜ୍ଞାନଦୀକ୍ଷା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୁରୋହିତ ଫକୀର ଚରଣ ମିଶ୍ର ଏବଂ ସୁଭାଷ ଜୟପୁରିଆ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ଖଗେଶ୍ୱର ମେହେର ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ନୂତନ ଶିକ୍ଷାବର୍ଷ ଉପଲକ୍ଷେ ଅନୁଷ୍ଠିତ ଏହି ମହାଯଜ୍ଞରେ ଝାରସୁଗୁଡ଼ା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ, ପଞ୍ଚପଡ଼ା ସିଆର୍‌ସିସି ସୁରଜ ପଟେଲ ଉପସ୍ଥିତ ରହି ବିଦ୍ୟାଳୟରେ ନୂତନ ଭାବରେ ଉପସ୍ଥିତ ଥିବା ଶିଶୁଙ୍କୁ ସ୍ୱାଗତ କରିଥିଲେ। ଯଜ୍ଞରେ ବିଦ୍ୟାଳୟ ସମ୍ପାଦକ ଦିଗାମ୍ବର ମାଝୀ, କୋଷାଧକ୍ଷା ପ୍ରିୟଙ୍କା ସାହୁ, ପ୍ରଧାନ ଆଚାର୍ଯ୍ୟା ମମତା ସିଂହ, ସହ ପ୍ରଧାନ ଆଚାର୍ଯ୍ୟା ମନ୍ଦାକିନୀ ମାକରଙ୍କ ସମେତ ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ। ଜୟ ଜଗନ୍ନାଥ କୀର୍ତ୍ତନ ମଣ୍ଡଳୀ ଯଜ୍ଞ କାର୍ଯ୍ୟରେ ସହଯୋଗ କରିଥିଲେ।

### ପାଠ ପଢ଼ି ଭଲ ମଣିଷ ହେବାକୁ ପରାମର୍ଶ

#### ଡ୍ରଗ୍ସ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୭।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ସୁଗୁଡା ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଦେବଗଡ଼ ଆଦର୍ଶ ଥାନା ପକ୍ଷରୁ ଡ୍ରଗ୍ସ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଖଣ୍ଡ ପୋଲିସ ଅଧିକାରୀ ରମେଶ ଚନ୍ଦ୍ର ମାହାନା ଏବଂ ଏସ୍‌ଆଇ ଅସିତ୍ କୁମାର ପ୍ରମୁଖ ଯୋଗଦେଇ କହିଛନ୍ତି, ବର୍ତ୍ତମାନ ଯୁବପିଢ଼ି ଡ୍ରଗ୍ସଜନିତ ନିଶାସେବନ ଦ୍ୱାରା ପଥଭ୍ରଷ୍ଟ ହୋଇ ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଯଦ୍ୱାରା ସେମାନଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି। ତେଣୁ ସେଥିରୁ ନିବୃତ୍ତ ରହି ପାଠପଢ଼ି ଭଲ ମଣିଷ ହେବାକୁ ଅତିଥିମାନେ ପରାମର୍ଶ ଦେଇଛନ୍ତି। ଏଥିସହ ଯଦି ସେଭଳି ପରିସ୍ଥିତି କେଉଁଠି ସୃଷ୍ଟି ହେବା ନଜରକୁ ଆସେ ତେବେ ୧୧୨ରେ କଲ୍ କରି ଜଣାଇବା ନିମନ୍ତେ ସେମାନେ କହିଛନ୍ତି। ଏଥିରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଲବଣୀକାନ୍ତ ପ୍ରଧାନ, ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚାସୀନ ଥିଲେ। କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟକାନ୍ତ ମହନ୍ତ, ଶିକ୍ଷୟିତ୍ରୀ ସୁନନ୍ଦା ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଫାଷ୍ଟଫୁଡ୍‌ଠାରୁ ଦୂରେଇ ରୁହନ୍ତୁ




କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀ।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ବ୍ରଜରାଜନଗର,୭।୪(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗରସ୍ଥିତ ଓପିଏମ୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ପ୍ରଧାନ ଅଧ୍ୟକ୍ଷତା କରିବା ସହିତ ଉକ୍ତ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଜୁନିୟର ରେଡ୍‌କ୍ରସ୍‌ର ରାଜ୍ୟ ପରାମର୍ଶଦାତ୍ରୀ ପ୍ରତିଭା ମହାପାତ୍ର ଉକ୍ତ ଦିବସର ଥିମ ଟୁଗେଦର ଫର୍ ହେଲ୍‌ଥ ଷ୍ଟାଣ୍ଡ୍ ୱିଥ ସାଇନ୍ସ ବିଷୟରେ ବକ୍ତବ୍ୟ ଦେଇଥିଲେ। ଶିକ୍ଷୟିତ୍ରୀ ସୁଜାତା ପଟେଲ କହିଥିଲେ, ଫାଷ୍ଟଫୁଡ୍ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ତେଣୁ ଫାଷ୍ଟଫୁଡ୍‌ଠାରୁ ଦୂରେଇ ରହିବା ପାଇଁ ସେ କହିଥିଲେ। ଝିଲି ବାରିକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସସ୍ମିତା ଜେନା, ପୂଜା ଚୌଧୁରୀ, ବୁଧୁରାମ ବାଗ୍, ଅଜୟ ପଟେଲ, ପ୍ରଦୀପ ନାୟକ, ଗୌତମ ଟପ୍ପୋ, କାର୍ତ୍ତିକ ସେଠ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଝାରସୁଗୁଡ଼ା ଜିଲାକୁ ଶିଶୁ ଭିକ୍ଷାବୃତ୍ତି ମୁକ୍ତ ଜୋନ୍ ପାଇଁ ପଦକ୍ଷେପ

ଝାରସୁଗୁଡ଼ା, ୭।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଅଡିଟୋରିୟମ ହଲ୍‌ଠାରେ ଜିଲାସ୍ତରୀୟ ଟାସ୍କଫୋର୍ସ ଏବଂ ଏ ଡେ ଫର ଚିଲ୍ଡ୍ରେନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଯୋଗଦେଇ ଜିଲାରେ ଶିଶୁ ଏବଂ ମହିଳାଙ୍କ ସୁରକ୍ଷା ତଥା କଲ୍ୟାଣମୂଳକ ଯୋଜନାର ସମୀକ୍ଷା କରିଥିଲେ। ଏଥିରେ ଉପଜିଲାପାଳ ସବ୍ୟସାଚୀ ପଣ୍ଡା ଉପସ୍ଥିତ ଥିଲେ। ଜିଲା ମହିଳା ସଶକ୍ତୀକରଣ ବିଭାଗ, ଜିଲା ସାମାଜିକ କଲ୍ୟାଣ ବିଭାଗ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ସହଯୋଗରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଜିଲାପାଳ ଚହ୍ୱାଣ ଶିଶୁ ଶ୍ରମିକ ପ୍ରଥାର ସମ୍ପୂର୍ଣ୍ଣ ନିରାକରଣ ଉପରେ ଗୁରୁତ୍ୱ ଦେଇ କହିଛନ୍ତି, ବିଶେଷକରି ୧୫ରୁ ୧୮ ବର୍ଷ ବୟସର କିଶୋରମାନେ ଯେପରି କୌଣସି ମଲ୍, ଦୋକାନ କିମ୍ବା ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ନ ହୁଅନ୍ତି, ସେଥିପ୍ରତି ଜିଲା ଶ୍ରମ କାର୍ଯ୍ୟାଳୟ ତୀକ୍ଷ୍ଣ ନଜର ରଖୁ। ଏଥିସହ ବ୍ଲକ୍, ପଞ୍ଚାୟତ ଏବଂ ଗ୍ରାମ୍ୟସ୍ତରରେ ନିୟମିତ ସମୀକ୍ଷା କରି ତଥ୍ୟ ପ୍ରଦାନ କରିବାକୁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଚାଲୁଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଝାରସୁଗୁଡ଼ା ଜିଲାକୁ ଶିଶୁ ଭିକ୍ଷାବୃତ୍ତି ମୁକ୍ତ ଜୋନ୍ ଭାବେ ଗଢ଼ି ତୋଳିବା ପାଇଁ ପ୍ରଶାସନିକ ସ୍ତରରେ ଦୃଢ଼ ପଦକ୍ଷେପ ନେବାକୁ ସ୍ଥିର କରାଯାଇଛି। ଏଥିସହ ଘରୋଇ ହିଂସା ରୋକିବା, ମାନବ ଚାଲାଣ ନିରୋଧ ଏବଂ ଶିଶୁ ମଙ୍ଗଳ କମିଟିରେ ପଡ଼ି ରହିଥିବା ମାମଲାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଜୁଭେନାଇଲ ଜଷ୍ଟିସ ବୋର୍ଡ, ସ୍ପେଶାଲ ଜୁଭେନାଇଲ ପୋଲିସ ୟୁନିଟ୍ ଏବଂ ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟାର ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ଜିଲାର ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜ କ୍ଷେତ୍ରର କାର୍ଯ୍ୟକାରିତା ସମ୍ପର୍କରେ ତଥ୍ୟ ରଖିଥିଲେ।

# ୩ ସ୍କୁଲରେ ବର୍ଣ୍ଣବୋଧ ବହି ବଣ୍ଟନ



ଦେବଗଡ଼,୭।୪(ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସରେ ପୌର ପରିଷଦ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧ ବହି ବଣ୍ଟନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଓ ବରେଣ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଡେପୁଟି କଲେକ୍ଟର ପ୍ରିୟା ତିର୍କି ଓ ଜିଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରିଥିଲେ। ସେହିପରି ସ୍ଥାନୀୟ ମନ୍ଦାକିନୀ ବାଳିକା ବିଦ୍ୟାଳୟରେ ବର୍ଣ୍ଣବୋଧ ବହି ବଣ୍ଟନ ଉତ୍ସବ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବରେଣ୍ୟ ଅତିଥି ଭାବେ ଜିଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସିଆର୍‌ସିସି ଚୂଡ଼ାମଣି ସାହୁ ଓ ପ୍ରଧାନ ଶିକ୍ଷୟିତ୍ରୀ ସବିତା ନନ୍ଦ ଯୋଗଦେଇଥିଲେ। ଏଥିସହ ଧରଣୀଧର ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧ ବହି ବଣ୍ଟନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ପରକ୍ଷିତ ସାହୁ, ବରେଣ୍ୟ ଅତିଥି ଭାବେ ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ଓ ପ୍ରଧାନ ଶିକ୍ଷକ ସୁଶାନ୍ତ ନନ୍ଦ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଜଙ୍ଗଲକୁ ଯାଇଥିବା ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ

ଦେବଗଡ଼,୭।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅନ୍ତର୍ଗତ ସୁଗୁଡ଼ା ଗ୍ରାମର ପରଦେଶୀ ପାତ୍ର(୭୫)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ସୋମବାର ସକାଳ ୬ଟାରୁ ନିକଟସ୍ଥ ଜଙ୍ଗଲକୁ ବାଉଁଶ କାଟିବା ପାଇଁ ଯାଇଥିଲେ। ହେଲେ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ତାଙ୍କ ପରିବାର ସଦସ୍ୟ ଖୋଜାଖୋଜି କରୁଥିବାବେଳେ ସୁଗୁଡା ନିକଟସ୍ଥ ଜଙ୍ଗଲ ଭିତରେ ତାଙ୍କର ମୃତଦେହ ପଡିଥିବା ଦେଖିଥିଲେ। ଏନେଇ ପରଦେଶୀଙ୍କ ବୋହୂ ଇନ୍ଦ୍ରାଣୀ ପାତ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପରିବାର ଲୋକ ଅଂଶୁଘାତଜନିତ ମୃତ୍ୟୁ ଘଟିଥିବା ସନ୍ଦେହ କରୁଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ସବ୍ୟଶାଚୀ ଶତପଥୀ କହିଛନ୍ତି।

## ଜିଲା ଯୋଗାଣ ଅଧିକାରୀଙ୍କୁ ଘେରିଲେ କଂଗ୍ରେସ କର୍ମୀ

ଦେବଗଡ଼,୭।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାରେ ଚାଷୀଙ୍କ ଧାନ କଟ୍‌ନି ଛଟ୍‌ନି କରି ମିଲର୍ସମାନେ ୬୦ ହଜାର କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବେନିୟମ ଭାବରେ ଗଚ୍ଛିତ ରଖିଛନ୍ତି। ଉକ୍ତ ଧାନକୁ ଜବତ କରି ଚାଷୀଙ୍କୁ ଫେରାଇବା ପାଇଁ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ଯୋଗାଣ ଅଧିକାରୀଙ୍କୁ ମଙ୍ଗଳବାର ଘେରାଉ କରାଯାଇଛି। ଜିଲା ଯୋଗାଣ ଅଧିକାରୀ କିଶୋର ମହାରଣା, ତହସିଲଦାର କର୍ଣ୍ଣ ମଲ୍ଲିକ, ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ପ୍ରମୁଖ ଉପସ୍ଥିତ ରହି ମିଲ୍‌ରେ ଚେକ୍ କରିବେ ବୋଲି ପ୍ରତିଶ୍ରୁତି ଦେବାପରେ ଘେରାଉକୁ ପ୍ରତ୍ୟାହୃତ କରାଯାଇଥିଲା। ଏହି ସମୟରେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ନଗର କଂଗ୍ରେସ ସଭାପତି ରେବତୀ ପଟ୍ଟନାୟକ, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଶ୍ରୀତମ କୁମାର ସାହୁ, ଆକାଶ ଦାସ, ଜିଲା କୋଷାଧ୍ୟକ୍ଷ ଜିତେନ୍ଦ୍ର ବେହେରା, ସମ୍ପାଦକ ସୁମନ୍ତ ବେହେରା, ଆଦିବାସୀ କଂଗ୍ରେସ ସଭାପତି ସୁଶିଲ ଗୁଡିଆ, ଏସି ସେଲ୍ ସଭାପତି ରମେଶ ଚନ୍ଦ୍ର ପାତ୍ର, କୁନା ଦେବ ପ୍ରମୁଖ ଉପସ୍ଥିତ ଥିଲେ।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

## ପ୍ରବେଶିକା ପରୀକ୍ଷାରେ ଦିବ୍ୟାଙ୍ଗ ଛାତ୍ରଙ୍କ କମାଲ

ରିଆମାଳ,୭।୪(ବଦ୍ରିନାରାୟଣ ଅଗ୍ରୱାଲ)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ କୁଣ୍ଡେଇଗୋଳା ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର (ବରଡାନାଳି) ଗ୍ରାମର ଜିଲୁ ମାଝି ଓ ରୀତାଞ୍ଜଳିଙ୍କ ପୁଅ ମୁନା ମାଝି କିଛିବର୍ଷ ପୂର୍ବେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ହାତ ହରାଇଥିଲେ। ତଥାପି ସେ କୌଣସି ପରିସ୍ଥିତିରେ ହାର୍ ମାନି ନ ଥିଲେ। ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ବଳରେ ସେ ସମସ୍ତ କଠିନତାକୁ ମାତ୍ ଦେବାରେ ସକ୍ଷମ ହୋଇଛନ୍ତି। ନିଜ ଚେଷ୍ଟାରେ ସେ ନବୋଦୟ ଏବଂ ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରିବା ପାଇଁ ଦେଇଥିବା ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସୂଚନାଯୋଗ୍ୟ, ମୁନା



ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଲା ପରେ ତାଙ୍କୁ ଦେବଗଡ଼ର ତତ୍କାଳୀନ ଜିଲାପାଳ ୩୦ ହଜାର ଟଙ୍କା ଓ ସରକାରୀ ସ୍ତରରୁ ୭ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ମୁନା ରେଙ୍ଗାଲବେଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀରେ ଅଧ୍ୟୟନରତ ଥିଲେ।

## ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୋଲାବିରା,୭।୪(ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ଅନ୍ତର୍ଗତ ରଘୁନାଥପାଲି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ପ୍ରଧାନ, ସ୍କୁଲ କମିଟି ଅଧ୍ୟକ୍ଷ ନୀଳାଞ୍ଚଳ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ସାହୁ ଏବଂ ମଦନମୋହନ ପଟେଲ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଭୋଳାନାଥ ସାହୁ ବାର୍ଷିକ ବିବରଣୀ ପାଠ, ସହକାରୀ ଶିକ୍ଷୟିତ୍ରୀ ସମୀକ୍ଷା ସାହୁ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଭକ୍ତ ଚରଣ ମାଝୀ ଧନ୍ୟବାଦ ଦେଇଥିଲେ।

## ଭାରିଯାନ ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଯାଉ

ବ୍ରଜରାଜନଗର,୭।୪(ବିଜୟ ବରାଡ଼)

୪୯ ନମ୍ବର ଜାତୀୟ ରାଜପଥରେ କୋଇଲା ବୋଝେଇ ଭାରିଯାନ ଦ୍ରୁତଗତିରେ ଚଳାଚଳ କରୁଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ତେଣୁ ଏହି ଭାରିଯାନ ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ବ୍ରଜରାଜନଗରର ସାମାଜିକକର୍ମୀ ତଥା ଆଇନଜୀବୀ ଦେବେଶ କୁମାର ପଣ୍ଡା ସୋମବାର ଜିଲାପାଳଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି। ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି, କନକତୋରାରୁ ଝାରସୁଗୁଡ଼ା ବିଟିଏମ୍ ବାଇପାସ୍ ପର୍ଯ୍ୟନ୍ତ ରାସ୍ତା ୨ ଲେନ୍ ବିଶିଷ୍ଟ। ଏହି ରାସ୍ତାରେ ପ୍ରତିଦିନ ୧୦୦୦ରୁ ଊର୍ଦ୍ଧ୍ୱ ଭାରିଯାନ ଚଳାଚଳ କରୁଛି। କିଛିଦିନ ତଳେ ୫ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟଣାକୁ ଉଦାହରଣ ଭାବେ ନେଇ ସେ ଏହାକୁ ଗୁରୁତର ଅବହେଳା ବୋଲି କହିଛନ୍ତି। ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ୧୦ ଚକିଆଠାରୁ ଅଧିକ ଭାରି ଯାନଗୁଡ଼ିକର ପ୍ରବେଶ ଉପରେ ତୁରନ୍ତ ପ୍ରତିବନ୍ଧକ ଲଗାଇବାକୁ ଦାବି କରାଯାଇଛି। ଏନେଇ ପଣ୍ଡା କହିଛନ୍ତି, ପ୍ରଶାସନର ଅବହେଳା ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଫଳରେ ସାଧାରଣ ଲୋକଙ୍କ ଜୀବନ ସଙ୍କଟରେ ପଡୁଛି। ଯଦି ଏହା ଉପରେ ଶୀଘ୍ର ପଦକ୍ଷେପ ନ ନିଆଯାଏ, ତେବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବି ବୋଲି ସେ କହିଛନ୍ତି। ଏହି ଅଭିଯୋଗପତ୍ରର ନକଲ ପ୍ରଧାନମନ୍ତ୍ରୀ, କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯାଇଛି।

# ବକେୟା ରାଜସ୍ୱ ଆଦାୟ ପାଇଁ ନିର୍ଦ୍ଦେଶ

ଝାରସୁଗୁଡ଼ା,୭।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍‌ଏଫ୍ ହଲ୍‌ରେ ଜିଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲାର ବିଭିନ୍ନ ବିଭାଗରୁ ଆଦାୟ ହେଉଥିବା ରାଜସ୍ୱର ସ୍ଥିତି ଏବଂ ଆଗାମୀ ସମୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ସରକାରୀ ସ୍ତରରେ ରାଜସ୍ୱ ବୃଦ୍ଧି ସହ ଏଥିରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବା ଏବଂ ସମସ୍ତ ବକେୟା ରାଜସ୍ୱ ଆଦାୟ ପାଇଁ ଜିଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଶେଷକରି ବୁର୍ଲା ଜଳସେଚନ ବିଭାଗ ପକ୍ଷରୁ ଗତ ମାର୍ଚ୍ଚ ମାସ ପାଇଁ ଜଳକର ଆଦାୟର ସ୍ଥିତି ସମୀକ୍ଷା କରାଯାଇଥିଲା। ଏଥିସହ ଖଣି, କୃଷି, ଆର୍‌ଟିଓ, ଜମିଜମା ସଂକ୍ରାନ୍ତୀୟ ରାଜସ୍ୱ ଏବଂ ଅବକାରୀ ବିଭାଗର କାର୍ଯ୍ୟାବଳୀ ଉପରେ ଆଲୋଚନା ହୋଇଥିଲା। ବେଆଇନ ମଦ କାରବାର ଓ ଚୋରାଚାଲାଣ ରୋକିବା ପାଇଁ ଏନ୍‌ଫୋର୍ସମେଣ୍ଟ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ସହ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜିଲାର ପ୍ରଗତି ଓ ସରକାରୀ ପାଣ୍ଠିକୁ ସୁଦୃଢ଼ କରିବା ପାଇଁ ପ୍ରତି ବିଭାଗ ନିଜର ଶତପ୍ରତିଶତ ଚେଷ୍ଟା ଜାରୀ ରଖିବା ଉଚିତ୍ ବୋଲି ଜିଲାପାଳ ମତପ୍ରକାଶ କରିଛନ୍ତି। ଏଥିସହ ସମସ୍ତ ତହସିଲଦାର ଏବଂ ଉପଜିଲାପାଳଙ୍କୁ ବିଭିନ୍ନ ରାଜସ୍ୱ ସଂକ୍ରାନ୍ତରେ ନିୟମିତ ସମୀକ୍ଷା କରିବାକୁ କହିଛନ୍ତି। ରାଜସ୍ୱ ଆଦାୟ କ୍ଷେତ୍ରରେ କୌଣସି ପ୍ରକାର ଶିଥିଳତାକୁ ଗ୍ରହଣ କରାଯିବ ନାହିଁ ଏବଂ ସମସ୍ତ ତଥ୍ୟ ନିୟମିତ ପ୍ରଦାନ କରିବା ପାଇଁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ଜିଲାସ୍ତରୀୟ ରାଜସ୍ୱ ଅଧିକାରୀମାନେ ଉପସ୍ଥିତ ଥିଲେ।




ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

### ଜିଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

# ଏନକ୍ୱାସରେ ସୁବର୍ଣ୍ଣପୁର ରାଜ୍ୟରେ ପ୍ରଥମ




ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାକୁ ପୁରସ୍କୃତ କରାଯାଉଛି।

**ସୋନପୁର,୭।୪(ମୃତ୍ୟୁଞ୍ଜୟ ଶତପଥୀ)**

ଏନକ୍ୱାସରେ ସୁବର୍ଣ୍ଣପୁର ଜିଲା ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏଥିପାଇଁ ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ପୁରସ୍କୃତ ହୋଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମଙ୍ଗଳବାର ଏକ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନର ଗୁଣବତ୍ତା ସୁନିଶ୍ଚିତ କମିଟି ବୈଠକ ଜିଲାପାଳ ଡ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଡ଼ ସାହୁ ଏକାଧିକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏନକ୍ୱାସ ସାର୍ଟିଫିକେଟ ପାଇଁ ଆବଶ୍ୟକ ସହଯୋଗ ଦେବା ପାଇଁ ଆଶ୍ୱାସନା ଦେଇଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଉକ୍ତ ବୈଠକରେ ସୂଚନା ଦିଆଯାଇଥିଲା ଯେ, ୨୦୨୫-୨୬ ବର୍ଷରେ ସାରା ଓଡ଼ିଶାରେ ସୁବର୍ଣ୍ଣପୁର ଜିଲାର ୬୨ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର-ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏନକ୍ୱାସ ପାଇଥିବାରୁ ଓଡ଼ିଶାରେ ପ୍ରଥମ ହୋଇପାରିଛି। ଏହାକୁ ସଫଳ କାର୍ଯ୍ୟକାରୀ କରିବାରେ ପୂର୍ବତନ ଏନ୍ଏଚ୍ଏମ୍ ଡିପିଏମ୍ ବିଶ୍ୱମ୍ଭର ବେହେରାଙ୍କ ଏଥିପାଇଁ ଅବଦାନ ରହିଛି। ଉକ୍ତ ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ, ଡା ପ୍ରକାଶ ଦଣ୍ଡସେନା, ଡିପିଏମ୍ ରୂପକ କୁମାର ମହାପାତ୍ର, ହିତେଶ କୁମାର ତ୍ରିପାଠୀ ଓ ଅନାଦି ଚରଣ ସାହୁ ଉପସ୍ଥିତ ଥିଲେ। ହିତେଶ ତ୍ରିପାଠୀ ଏନକ୍ୱାସର ଜିଲାର ଉପଲବ୍ଧିକୁ ବର୍ଣ୍ଣନା କରିଥିଲେ।

# ନାଟକ 'ଇନ୍ଦ୍ରଜିତ ବଧ' ମଞ୍ଚସ୍ଥ



ରାମଲୀଳା ନାଟକର ଦୃଶ୍ୟ।

## ବୌଦ୍ଧ ରାମଲୀଳା ଦ୍ୱାଦଶ ଦିବସ

**ବୌଦ୍ଧ,୭।୪(ଅଜିତ କୁମାର ବାରିକ)**

ବୌଦ୍ଧ ଗଡଜାତର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରାର ମଙ୍ଗଳବାର ଦ୍ୱାଦଶ ଦିବସରେ ନାଟକ ଇନ୍ଦ୍ରଜିତ ବଧ ମଞ୍ଚସ୍ଥ ହୋଇଛି। ବିଭୀଷଣର ଏକମାତ୍ର ପୁତ୍ର ତରଣୀସେନର ଯୁଦ୍ଧରେ ମୃତ୍ୟୁ ହେବା ପରେ ଲଙ୍କପତି ରାବଣ ଖୁସି ହୋଇ ଅଟ୍ଟହାସ୍ୟ କରିଛି। ନିଜ ଔରସଜାତ ଆଜନ୍ମ ବ୍ରହ୍ମଚାରୀ ବୀରବାହୁକୁ ଯୁଦ୍ଧକୁ ପଠାଇବା ପରେ ଶ୍ରୀରାମ ଲକ୍ଷ୍ମଣଙ୍କ ହାତରେ ତାର ମୃତ୍ୟୁ ହୋଇଛି। ଶେଷରେ ଇନ୍ଦ୍ରଜିତ ଯୁଦ୍ଧ ଭୂମିକୁ ଯାଇଛନ୍ତି। ଦେବୀ ନିକୁମ୍ଭିଳାଙ୍କ ଭକ୍ତ ଭାବେ ପରିଚିତ ଇନ୍ଦ୍ରଜିତ ତାଙ୍କ ଯଜ୍ଞ ସମ୍ପୂର୍ଣ୍ଣ କରିବା ପରେ ଯୁଦ୍ଧ ଯାତ୍ରା କଲେ ବିଜୟ ସୁନିଶ୍ଚିତ ବୋଲି ବିଭୀଷଣଙ୍କଠାରୁ ସୂଚନା ପାଇ ଏହି ଯଜ୍ଞକୁ ଭଣ୍ଡୁର କରିବା ପାଇଁ ବୀର ହନୁମାନଙ୍କୁ ପ୍ରେରଣ କରାଯାଇଛି। ବୀର ହନୁମାନ ନିକୁମ୍ଭିଳା ଦେବୀଙ୍କ ମନ୍ଦିରରେ ପହଞ୍ଚି ଇନ୍ଦ୍ରଜିତ ଯଜ୍ଞ ଭଣ୍ଡୁର କରିଛନ୍ତି। ଏଥିରେ କ୍ରୋଧିତ ହୋଇ ଇନ୍ଦ୍ରଜିତ ଯୁଦ୍ଧ କ୍ଷେତ୍ରକୁ ବାହାରିଛି। ମାୟା ଯୁଦ୍ଧରେ ସିଦ୍ଧ ଇନ୍ଦ୍ରଜିତଙ୍କ ସହିତ ଲକ୍ଷ୍ମଣଙ୍କ ଘୋମାଘୋଟ ଯୁଦ୍ଧ ହୋଇଛି। ଶେଷରେ ଲକ୍ଷ୍ମଣଙ୍କ ଦ୍ୱାରା ଇନ୍ଦ୍ରଜିତର ବଧ ହୋଇଛି। କଳାକାର ଶିରିଶ ବେହେରା, ଜନାର୍ଦ୍ଦନ ମିଶ୍ର, ବିଶ୍ୱାମିତ୍ର ସାହୁ, ଡିଙ୍ଗିର ପ୍ରଧାନ, ଜଗଦୀଶ ବାରିକ୍, ସନ୍ତୋଷ ସାହୁ, ଟୁକୁ ପୁରୋହିତ, ଦିବାକର ଜେନା, ପ୍ରମୋଦ ପ୍ରଧାନ, ଶାନ୍ତନୁ ବେହେରା ଓ ପ୍ରମିଳା ବାରିକ ପ୍ରମୁଖ ଚରିତ୍ରଗୁଡ଼ିକୁ ଅଭିନୟ କରିଥିଲେ।

# ରାବଣ ବଧ ସହ ନାରାୟଣନଗର ରାମଲୀଳା ଉଦ୍‌ଯାପିତ

**ବଘିଆପଡା,୭।୪ (ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗରରେ ଶ୍ରୀ ଶ୍ରୀ ରାମଲୀଳା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଚାଲିଥିବା ରାମଲୀଳା ଉତ୍ସବର ମଙ୍ଗଳବାର ଅନ୍ତିମ ରଜନୀରେ ରାମ-ରାବଣ ଶୋଭାଯାତ୍ରା ସହ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଜହ୍ନାପଙ୍କ ହନୁମାନ ମନ୍ଦିରରୁ ରାମ, ଲକ୍ଷ୍ମଣ, ହନୁମାନ, ସୁଗ୍ରୀବ, ବିଭୀଷଣ ବାନରସେନାକୁ ନେଇ ଏକ ଶୋଭାଯାତ୍ରାରେ ତ୍ରିବେଣୀ ଛକ, ସାହୁ ଗଳି, ଗଙ୍ଗାଧର ଛକ, ଦୈନିକ ବଜାର ଦେଇ ଯାତ୍ରା ପଡ଼ିଆରେ ପହଞ୍ଚିଥିଲେ। ସେହିପରି ରାବଣ ଓ ତାଙ୍କ ସୈନ୍ୟ ଦଳ ଜଗନ୍ନାଥ ମନ୍ଦିରରୁ ବାହାରି ହରିବଂଶ, ଗଙ୍ଗାଧର ଛକ, ସାହୁ ଗଳି, ଦୈନିକ ବଜାର, ଚାଷୀ ସାହି ଦେଇ ଯାତ୍ରା ପଡ଼ିଆରେ ପହଞ୍ଚିଥିଲେ। ବିଭିନ୍ନ ଛକରେ ଉଭୟ ଦାନବ ସୈନ୍ୟ ଓ ବାନର ସୈନ୍ୟ ମଧ୍ୟରେ ଘମାଘୋଟ ଯୁଦ୍ଧ ହୋଇଥିଲା। ଏହି ଅବସରରେ ୩୦ ଫୁଟ୍ ଉଚ୍ଚ ଏକ ରାବଣମୂର୍ତ୍ତି ନିର୍ମାଣ ହୋଇଥିଲା। କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ସହ ରାବଣପୋଡ଼ି ଉତ୍ସବ କରାଯାଇଥିଲା। କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିବା ବେଳେ ଓଡ଼ିଶା ଷ୍ଟେଟ ବ୍ରିଗେଡ ସ୍କୁଲ, ଲକ୍ଷ୍ମୀପ୍ରସାଦ ୟୁ.ପି ସ୍କୁଲ ପକ୍ଷରୁ ନୃତ୍ୟ ପରିବେଷଣ ହୋଇଥିଲା। ଉପଦେଷ୍ଟା ଭୋଳା ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜଗନ୍ନାଥ ସାହୁ ପରିଚାଳନା କରିଥିଲେ। ମଙ୍ଗଳବାର ରାତିରେ ଲକ୍ଷ୍ମଣ ଶକ୍ତିଭେଦ, ମହିରାବଣ ବଧ, ରାବଣ ବଧ, ସୀତାଙ୍କ ଅଗ୍ନିପରୀକ୍ଷା ସହ ଶ୍ରୀରାମଙ୍କ ରାଜାଭିଷେକ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟିର ସମସ୍ତ ସଦସ୍ୟ ସହ ନାରାୟଣନଗର ଗ୍ରାମବାସୀ ସହଯୋଗ କରିଥିଲେ।

# ମନ୍ଦିର ପ୍ରତିଷ୍ଠା ଲାଗି ନୃସିଂହନାଥରୁ ଜଳ ନେଲେ କମିଟି ସଦସ୍ୟମାନେ

**ପାଇକମାଳ, ୭।୪(ବଡ଼ ଶତପଥୀ)**

ବରଗଡ଼ସ୍ଥିତ ୧୦ ନମ୍ବର ୱାର୍ଡରେ ଗଣେଶ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ନୃସିଂହନାଥକୁ ଆସି ପବିତ୍ର ଜଳ ନେଇ ବରଗଡ଼ ଅଭିମୁଖେ ମଙ୍ଗଳବାର ଯାତ୍ରା କରିଛନ୍ତି ମନ୍ଦିର କମିଟିର ମୁଖ୍ୟ ସଦସ୍ୟମାନେ। ଏଥିରେ କମିଟିର ସଭାପତି ପବିତ୍ର କୁମାର ପ୍ରଧାନ, ଆଦିତ୍ୟ ନାରାୟଣ ମିଶ୍ର, ଅନିଲ କୁମାର ହୋତା, ଦିଲୀପ କୁମାର, ଗଜେନ୍ଦ୍ର କୁମାର ବେହେରା, ଦାଶରଥି ଆଚାର୍ଯ୍ୟ, ସତ୍ୟନାରାୟଣ ବହିଦାର, ଅନ୍ତର୍ଯ୍ୟାମୀ ପରିଡ଼ା, କୁନାଲ ଦାସ, ଅରୁଣ ପାଣ୍ଡେ ପ୍ରମୁଖ ଯୋଗଦେଇଥିଲେ।

# ଦୁର୍ଘଟଣାରେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ

**ପାଇକମାଳ,୭।୪(ବଡ଼ ଶତପଥୀ)**

ପାଇକମାଳ ନୃସିଂହନାଥ ରାସ୍ତା ଜର୍ଜଗଡ଼ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍କୁଟି ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ଲକ୍ଷପତି ନେଗୀ (୭୫)। ସୋମବାର ସକାଳେ ନେଗୀ ଚାଲି ଚାଲି ନୃସିଂହନାଥ ଯାଉଥିଲେ। ଆୟୁର୍ବେଦ କଲେଜ ନିକଟରେ ଜଣେ ନାବାଳକ ଗୋଟିଏ ସ୍କୁଟିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ପଦ୍ମପୁର ମେଡିକାଲ ନିଆଯାଇଥିଲା। ସେଠାରୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକଙ୍କ ଏତଲା କ୍ରମେ ପାଇକମାଳ ଥାନାରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏକ ମାସ ମଧ୍ୟରେ ଏହି ରାସ୍ତାରେ ଦୁଇ ଜଣଙ୍କର ଜୀବନ ଗଲାଣି। ନାବାଳକମାନେ ଗାଡ଼ି ଚଳାଉଥିବାରୁ ଲୋକଙ୍କ ଜୀବନ ଯାଉଛି। ପୋଲିସ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଶ୍ରମିକ ବଦଳରେ ମେଶିନ କରୁଛି କାମ

**ହରଭଙ୍ଗା,୭।୪(ନରେନ୍ଦ୍ର କୁମାର ସାହୁ)**



ବଘୁଆକଟା ଗ୍ରାମରେ ମେଶିନ ଦ୍ୱାରା ପୋଖରୀ ଖୋଳା ଯାଉଛି।

କେନ୍ଦ୍ର ସରକାର ଶ୍ରମିକଙ୍କ ଆର୍ଥିକ ଉନ୍ନତି ସକାଶେ ପୂର୍ବରୁ କାର୍ଯ୍ୟକାରୀ ହୋଇଆସୁଥିବା ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ କରି ଭିବିଜି ରାମ ଜି କାର୍ଯ୍ୟକାରୀ କରିଛନ୍ତି। ତେବେ ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକରେ ଏହି ଯୋଜନାରେ ଶ୍ରମିକ ବଦଳରେ ମେଶିନ ଦ୍ୱାରା କାର୍ଯ୍ୟ ହେଉଛି। ହରଭଙ୍ଗା ବ୍ଲକ ଲୁଣିବାହାଲ ଗ୍ରାମପଞ୍ଚାୟତର ବଘୁଆକଟା ଗ୍ରାମରେ ଶ୍ରମିକ ବଦଳରେ ମେଶିନ ଦ୍ୱାରା ଏକ ପୋଖରୀ ଖୋଳା ଯାଉଥିବା ଦେଖିବାକୁ ମିଳିଛି। ସେହିପରି କାର୍ଯ୍ୟସ୍ଥଳରେ ସୂଚନା ଫଳକ ନ ଥିବାରୁ କେଉଁ ସଂସ୍ଥା ଦ୍ୱାରା ଏହି କାର୍ଯ୍ୟ କରାଯାଉଛି ତାହା ଜଣାପଡୁନାହିଁ। ଶ୍ରମିକମାନେ କାମ ନ ପାଇ ବାହାରକୁ ଦାଦନ ଖଟିବାକୁ ଯାଉଥିବାବେଳେ ବୌଦ୍ଧ ଜିଲାରେ ମେଶିନ ଦ୍ୱାରା ବିଭିନ୍ନ ଯୋଜନାର କାମ କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ହରଭଙ୍ଗା ବିଡ଼ିଓ ବିଜୟ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ କାମ ବାବଦରେ ବୋର୍ଡରେ ଉଲ୍ଲେଖ କରାଯାଇଛି। ତେବେ ମେଶିନ ଦ୍ୱାରା କାମ କରାଯାଉଥିବା ନେଇ ମୋ ପାଖରେ ଖବର ନାହିଁ ବୋଲି ସେ କହିଥିଲେ।

# ୨୮କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**ତରଭା,୭।୪(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ପାଟ୍ରୋଲିଂ ପୋଲିସ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଗର୍ଜା ପାର୍କ ଛକ ନିକଟରେ ଏକ କାରରୁ ଗଞ୍ଜେଇ ଜବତ କରିଛି। ଏଥିସହିତ ଗଞ୍ଜେଇ ଚାଲାଣ କରୁଥିବା ଗାଡି ଚାଳକ ବରଗଡ ଜିଲା ଝାରବନ୍ଧ ନିକଟ ଭାଦଲପୁରୀ ନିବାସୀ ଧନରାଜ ସିଂ (୫୦)ଙ୍କୁ ଗିରଫ କରାଯାଇଛି। କାର(ନଂ.ସିଜି ୦୪ଏଚ ଏ ୪୪ ୮୬)କୁ ଜବତ କରାଯାଇଛି। ମାଜିଷ୍ଟ୍ରେଟ ଦୀପ୍ତିମୟୀ ଭୁଏଁଙ୍କ ଉପସ୍ଥିତରେ ଓଜନ କରାଯିବାରୁ ୨୭କେଜି ୬୦୦ ଗ୍ରାମ ଗଞ୍ଜେଇ ଥିବା ଜଣାପଡିଥିଲା। ଏ ନେଇ ତରଭା ଥାନାରେ ଏକ ମାମଲା(ନଂ. ୧୨୧/୨୬) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଅନିତା କିଡୋ କହିଛନ୍ତି। ପାଟ୍ରୋଲିଂ ଟିମ୍‌ରେ ଏସଆଇ ପ୍ରସନ୍ନଜିତ ବେହେରା, ସୁଶୀଲ ଯୋଶୀ, ଜ୍ୟୋତ୍ସ୍ନା ପ୍ରଧାନ, ସଞ୍ଜୟ ନାଗ ପ୍ରମୁଖ ସାମିଲ ଥିଲେ।

# ଏନ୍‌ସିସି ନୌସେନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ଗହଣରେ ଏନ୍‌ସିସି ନୌସେନା ଅଧିକାରୀ।

**ଅତାବିରା, ୭।୪(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକସ୍ଥିତ ଲରମ୍ବା କଲେଜର ଏନ୍.ସି.ସି. ନୌସେନା ଅଧିକାରୀ ସରୋଜ କୁମାର ନାୟକଙ୍କ ନବେ ଦିନର ତାଲିମ ସମାପନରେ କଲେଜ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଅବସରରେ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନାୟକ ମହାରାଷ୍ଟ୍ର ନାଗପୁର କାମଟି ଓ. ଟି. ଏ. ରେ ଜାନୁୟାରୀ ୫ ତାରିଖରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ତାଲିମ ନେଇଥିଲେ। ଏଥିରେ ଭାରତର ବିଭିନ୍ନ ଅନୁଷ୍ଠାନରୁ ୫୭୪ ଜଣଙ୍କୁ ତାଲିମ ଦିଆଯାଇଥିଲା। ସେଥିମଧ୍ୟରୁ ଲରମ୍ବା କଲେଜ ମନୋନୀତ ହୋଇ ସବଲ୍ୟୁଟନାଣ୍ଟ ପଦବୀକୁ ଉନ୍ନୀତ ହୋଇଥିବାରୁ ଅଞ୍ଚଳ ତଥା ଛାତ୍ରୀଛାତ୍ରଙ୍କ ମହଲରେ ଖୁସିର ବାତାବରଣ ଦେଖାଦେଇଛି। ଉତ୍ସବରେ ଲରମ୍ବା ହାଇସ୍କୁଲର ଶିକ୍ଷକ ବିନୟ କୁମାର ନାଏକ, ବରିଷ୍ଠ କିରାଣି ପ୍ରମୋଦ ଚନ୍ଦ୍ର ସେଠ, ଅଧ୍ୟାପକ ପ୍ରଦୀପ କୁମାର ପଣ୍ଡାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମା'ଙ୍କ ମୃତଦେହ ଦେଖି ଝିଅ ମୃତ

**ବୀରମହାରାଜପୁର,୭।୪(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ କେନ୍ଦୁପାଲି ଗାଁର ଅନାଥ ମେହେରଙ୍କ ସ୍ତ୍ରୀ ସାଇବାନି( ନୁରା) ମେହେରଙ୍କ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ୬୬ ବର୍ଷରେ ବିୟୋଗ ଘଟିଥିଲା। ଖବର ପାଇ ବୀରମହାରାଜପୁର ଛକ ରଥ ସାହିରେ ରହୁଥିବା ତାଙ୍କ ଝିଅ ସମାରି (୫୦) ମା'ଙ୍କୁ ଶେଷ ଦର୍ଶନ କରିବାକୁ ଯାଇଥିଲେ। ସେଠାରେ ମା'ଙ୍କୁ ଦେଖି ଦୁଃଖରେ ଭାଙ୍ଗି ପଡି ଅସୁସ୍ଥ ହୋଇଯାଇଥିଲେ ସମାରି। ତାଙ୍କୁ ତୁରନ୍ତ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସୁବର୍ଣ୍ଣପୁର ଜିଲା ସଦର ମହକୁମାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟା ୬ଟାରେ ତାଙ୍କର ପରଲୋକ ଘଟିଥିଲା। ଗୋଟିଏ ଦିନରେ ମା'ଝିଅଙ୍କର ମୃତ୍ୟୁ ଘଟିଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ଫୁଲଚରା ଗାଁରେ ଗୋଷ୍ଠୀ ସଂଘର୍ଷ, ୫ ଗୁରୁତର

**ବୀରମହାରାଜପୁର,୭।୪(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ବାଗବର ପଞ୍ଚାୟତ ଅନ୍ତର୍ଗତ ଫୁଲଚରା ଗାଁରେ ମଙ୍ଗଳବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଗୋଟିଏ ଗୋଷ୍ଠୀର ଦୁଇ ବୃଦ୍ଧା ମହିଳାଙ୍କ ସମେତ ୫ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ମାଳିଆ ଭୋଇ(୭୫), ଅନୁରୀ ଭୋଇ(୬୫), ଅଭାଗିନୀ ଭୋଇ(୭୦), ଉପେନ୍ଦ୍ର ଭୋଇ(୩୮) ଓ ପୀତବାସ ଭୋଇ(୨୬)। ଆହତ ଉପେନ୍ଦ୍ରଙ୍କ ଅଭିଯୋଗ ଅନୁସାରେ ଗାଁରେ ରାମଲୀଳା ଉତ୍ସବ ଚାଲିଛି। ପାଣି ଦିଆ ନିଆକୁ କେନ୍ଦ୍ର କରି ସେମାନଙ୍କର ଅନ୍ୟ ଗୋଷ୍ଠୀର କତେଜଣଙ୍କ ସହ କଥା କଟାକଟି ହୋଇଥିଲା। କ୍ରମେ ଏହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଅପର ଗୋଷ୍ଠୀର ୧୫ରୁ ୨୦ ଜଣ ତାଙ୍କ ଘରକୁ ପଶି ଆସି ମୋର ବୃଦ୍ଧ ମା', ବାପା ଓ ଅନ୍ୟ ପରିବାର ସଦସ୍ୟଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏଥିରେ ଉପେନ୍ଦ୍ରଙ୍କ ମୁଣ୍ଡ ପିଠି ଓ ହାତରେ ଗଭୀର କ୍ଷତ ହୋଇଛି। ସେହିଭଳି ଭାବରେ ଅନୁରି, ମାଳିଆ, ଅଭାଗିନୀ ଓ ପୀତବାସ ସମସ୍ତଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଛି। ଖବର ପାଇ ଘଟଣାସ୍ଥଳରେ ବୀରମହାରାଜପୁର ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ପୋଲିସ ଫୋର୍ସ ସହିତ ପହଞ୍ଚି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।


**ODISHA HYDRO POWER CORPORATION LTD.**
**O/o. Sr. GENERAL MANAGER, HIRAKUD, HYDRO ELECTRIC PROJECT**
POST Box No.5, Burla-768017, District: Sambalpur (Odisha) India
Phone:0663-2910721 (O), 2950765 (R) E-Mail: srgmhps_burla@yahoo.co.in
CIN:U40101OR1995SGC003963

NO.HHEP/Tech-W-199/2190 Date:04.04.2026

**TENDER CALL NOTICE NO. HHEP-31/2026**

**No.4001/9/2627:** Sealed Tenders are invited in two parts i.e. (i) Techno Commercial bid & (ii) Price Bid in separate sealed envelopes from reputed manufacturers/ authorized dealers / supplies for supply of following materials to HHEP, Burla as mentioned below.

| Discription of Work | Cost of tender Paper (non-ferundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply of Electrical consumable items for Residential and Non-Residential Buildings of HHEP, Burla | Rs.4720/-, (Rs.4000 + GST@ 18%) | 6200/- |

• Sale of tender paper: 09.04.2026 (10.00 AM) to 21.04.2026 upto 11.30 AM • Receipt of tender paper: 21.04.2026 upto 12.00 Noon • 3. Date & time of opening of tender.: 21.04.2026 at 12.30 PM. • Further details of tender documents, terms & conditions, corrigendum etc to the tender call notice. Please visit our website **www.ohpcltd.com**

OIPR-4001/4007/1/26-27/0001 Sd./- C&P Head, HHEP, Burla



**ROURKELA DEVELOPMENT AUTHORITY**
UDITNAGAR: ROURKELA-769012
No. 495/RDA., dated 31/03/26

**PROCLAMATION**

**No.13001/57/2627** : It is hereby informed to the General public that **Smt. Santilata Panda**, W/o- Late Niranjan Panda, has applied for permission for transfer of **House site No.-E/81, under CHP-I, Chhend, Rourkela-15** in favour of **Sri Biswajit Das, S/o- Bibhuti Bhusan Das**, Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd./- Secretary
Rourkela Development Authority
OIPR-13001/13250/1/26-27/0005



**OFFICE OF THE ROURKELA MUNICIPAL CORPORATION**
Udit Nagar, Rourkela Dist.-Sundargarh (Odisha) Pin-769012
Website:www.rmc.nic.in, EmailId:rourkelamunicipality@gmail.com
No. 3932 Date : 30.03.2026

**Tender Call Notice**

**No.13001/60/2627** : The Municipal Commissioner on behalf of Rourkela Municipal Corporation invites sealed applications in conformation with detailed Quotation call notice from the reputed firms /Agencies for **"Supply of 100 Nos. of Tricycle & 100 Nos. Wheelbarrow to Rourkela Municipal Corporation"**.
For detail technical specifications along with Terms & Conditions etc. may be seen from the Website of www.tendersorissa.gov.in

Sd./- Commissioner
OIPR-13001/13131/1/26-27/0003 Rourkela Municipal Corporation



**OFFICE OF THE UTKAL BALASHRAM, BALASORE SAKHA**
Letter No. 713/UBBS/Date: 04.04.2026

**TENDER CALL NOTICE**

**No.27001/6/2627** : The sealed Tenders are invited from the intending Registred firm/ Registred supplier for supply of (A) Grocery, (B) Vagetables, (C) Non-Veg Item, (D) Sanitary Item, (E) Study Material, (F) Electrical Item, (G) Bedding, (H) Clothing, (I) Miscellaneous, (J) Baby Food & Sanitary Item, (K) Sports Item, (L) Office Stationary, (M) Cleaning Accessories For the use of inmates of Utkal Balashram, Balasore Sakha for the year 2026-27. The same can be purchased from the Honorary Secretary, Utkal Balashram, Sahadevkhunta, Balasore, 756001 on any Working day till 5 P.M. of 20.04.2026 on payment as per specification. The tender document can also be downloaded from the website https://balasore.odisha.gov.in/

The last date submission of Tender paper by Registred/ Speed post is on or before 21.04.26 till 5 P.M.

Sd./- DSWO-cum-Hon. Secretary
OIPR-27001/27196/1/26-27/0001 Utkal Balashram, Balasore



**PANCHAYAT SAMITI, GUMMA, DIST-GAJAPATI (ODISHA) PIN-761207**
AdvNo-01/ 2026-27 Dt:06.04.2026

**Tender Call Notice**

**No.19001/14/2627** : Sealed tenders (Percentage rate) are invited for 04 nos of works from the interested "B"/"C"/"D" Class Contractors registered with the Govt. for execution of civil works under Panchayat Samiti, Gumma, Dist- Gajapati. The details notification is available at official website **www.Gajapati.odisha.gov.in**. Interested bidders fulfilling the eligibility criteria may submit their proposal(s) to the Panchayat Samiti, Gumma, Gajapati, Proposal(s) complete in all respect should reach the undersigned on or before **3.00PM of 21.04.2026** through Regd/Speed post and the same will be opened on **11.00 AM of 22.04.2026**. The undersigned reserves the right to reject any or all the tender(s) without assigning any reason thereof.

Sd./- Block Development Officer,
OIPR-19001/19347/1/26-27/0001 Gumma, Gajapati



GOVERNMENT OF ODISHA
**OFFICE OF THE SUPERINTENDING ENGINEER PHULBANI (R&B) DIVISION, PHULBANI**
e-Procurement Notice / Invitation for Bids (IFB)
Bid Identification No. SE-(R&B)-PLB- 16/ 2025 - 26
Letter No. 2439 /Dtd.30.03.2026

**No.34001/27/2627** : The Superintending Engineer, Phulbani (R&B) Division, Phulbani on behalf of the Governor of Odisha invites Percentage rate bids in online mode for the following work:

- Name of the Work: PROVISION FOR ANNUAL COMPREHENSIVE ANNUAL MAINTENANCE OF FIRE FIGHTING AND ALARM SYSTEM AT M.C.H BUILDING, DHH PHULBANI IN THE DISTRICT OF KANDHAMAL.
- Value of Work : **Rs. 24,11,379.00**
- **Class of Contractor :** "MV"or "HT" or Above
- **Period of Completion :** 12 (Twelve) Calendar Months
- **Availability of Bid Documents in Portal :** From 10.00 AM of 04.04.2026 to 5.00 PM of 18.04.2026
- **Date of Opening of Bids :** 11.30 Hours on 20.04.2026

Further details, addendums, corrigendums or cancellations can be seen from the e- procurement portal website: http://tendersodisha.gov.in.

Sd./- Superintending Engineer
OIPR-34001/34066/1/26-27/0002 Phulbani (R&B) Division



Canara Bank | Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଖୁଣ୍ଟକଟା ଶାଖା** (୧)ଶ୍ରୀ ସ୍ୱରୂପ ଖଟୁଆ (ଋଣଗ୍ରହୀତା/ ବନ୍ଧକଦାତା), ପିତା: ପ୍ରହଲାଦ ଖଟୁଆ, ସା: ବଡଭୂଇଁଦେଶ, ପୋ: ବଡଭୂଇଁ, ଥାନା: ଆଠଗଡ, ଜିଲ୍ଲା: କଟକ, ଓଡିଶା, ପିନ୍- ୭୫୪୦୨୯ । | (କ)ଟ.୨୨,୯୯,୦୦୦/- / (ଖ) ୩୦.୦୩.୨୦୨୬ / (ଗ) ୦୨.୦୪.୨୦୨୬ | ୨୬.୦୩.୨୦୨୬ ସୁଦ୍ଧା ଟ.୧୬,୨୫,୨୪୭.୮୧ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ସ୍ୱରୂପ ଖଟୁଆ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.୩୬୯/୮୨୧, ମୌଜା: ବଡଭୂଇଁଦେଶ, ଥାନା/ ତହସିଲି: ଆଠଗଡ, ଥାନା ନଂ.୧୧, ଜିଲ୍ଲା: କଟକ, (୧) ପ୍ଲଟ ନଂ.୭୪୯/୨୯୯୩, ଏରିଆ: ଏ୦.୦୩୦ ଡିସିମିଲି, କିସମ: ଘରବାରୀ, ଚାରିପାର୍ଶ୍ୱରେ: ଉତ୍ତର- ଭ୍ରମରବର ଚୌଧୁରୀ, ଦକ୍ଷିଣ- ରଙ୍ଗବତି ଖଟୁଆ, ପୂର୍ବ- ଶତୃଘ୍ନ ଡାଳୁଆ, ପଶ୍ଚିମ- ଭ୍ରମରବର |

ଚୌଧୁରୀ, (୨) ପ୍ଲଟ ନଂ.୭୫୦, ଏରିଆ: ଏ୦.୦୯୦ ଡିସିମିଲି, କିସମ: ଘରବାରୀ, ଚାରିପାର୍ଶ୍ୱରେ: ଉତ୍ତର- ଭ୍ରମରବର ଚୌଧୁରୀ, ଦକ୍ଷିଣ-ଧ୍ରୁବ ପଣ୍ଡା, ପୂର୍ବ- ରଙ୍ଗବତି ଖଟୁଆ, ପଶ୍ଚିମ- ରାସ୍ତା, (୩) ପ୍ଲଟ ନଂ.୭୫୨, ଏରିଆ: ଏ୦.୦୮୦ ଡିସିମିଲି, କିସମ: ଘରବାରୀ, ଚାରିପାର୍ଶ୍ୱରେ: ଉତ୍ତର- ଭ୍ରମରବର ଚୌଧୁରୀ, ଦକ୍ଷିଣ- ଗୋବର୍ଦ୍ଧନ ପଣ୍ଡା, ପୂର୍ବ- ଶତୃଘ୍ନ ଡାଳୁଆ, ପଶ୍ଚିମ- ସୁକୁମାରୀ ବେଓ୍ୱା ।

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୦୬.୦୪.୨୦୨୬, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ପ୍ରଥମ କରି ନୂଆପଡ଼ା ଜିଲାରୁ ଆସିଲା ପୋଥି

ଭବାନୀପାଟଣା,୭।୪(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପୋଥି ସଂଗ୍ରହ ଅଭିଯାନ ଜାରି ରହିଛି। ପ୍ରାଚୀନ ପୋଥିର ଉଦ୍ଧାର ଓ ସଂରକ୍ଷଣ, ମୂଳପାଠ ନିର୍ଣ୍ଣୟ ସହିତ ଛାତ୍ରୀଛାତ୍ରଙ୍କୁ ପୋଥି ବିଷୟରେ ଅବଗତ କରିବା ହେଉଛି ଏହି ଅଭିଯାନର ଲକ୍ଷ୍ୟ। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ, ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗର ସହକାରୀ ପ୍ରଫେସର ଡୋଲାମଣି ଧରୁଆ ଓ ଡ. ଦାଶରଥି ଆଚାର୍ଯ୍ୟ ଏହି ପୋଥି ସଂଗ୍ରହ କ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି। ପ୍ରଥମଥର ପାଇଁ ନୂଆପଡ଼ା ଜିଲାରୁ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟକୁ ପୋଥି ଆସିଛି। ଏହି ପୋଥିଗୁଡ଼ିକ ଡ. ଦାଶରଥି ଆଚାର୍ଯ୍ୟ ନୂଆପଡ଼ା ଜିଲାର ଡୁକଲା ଗ୍ରାମରେ ଅରୁଣ କୁମାର ଦାଶଙ୍କ ଘରେ ଠାବ କରିଥିଲେ।


ପୋଥି ସଂଗ୍ରହ କରାଯାଉଛି।

ଦାଶ ଜଣେ ଶିକ୍ଷକ ହୋଇଥିବାରୁ ତାଙ୍କ ଘରେ ଅନେକ ଦୁର୍ଲଭ ପୋଥି ସାଇତି ରଖିଥିଲେ। ସେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ହସ୍ତରେ ୮ଟି ଦୁର୍ଲଭ ପୋଥି ଅର୍ପଣ

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପୋଥି ସଂଗ୍ରହ ଅଭିଯାନ**

କରିଛନ୍ତି। ଏହି ପୋଥି ପ୍ରଦାନକରି ଶିକ୍ଷକ ଦାଶ, ତାଙ୍କ ମା' ଓ ଧର୍ମପତ୍ନୀ ଖୁସି ବ୍ୟକ୍ତ କରିଛନ୍ତି। ସମସ୍ତ ପୋଥିକୁ ବିଶ୍ୱବିଦ୍ୟାଳୟର ପୋଥି ସଂଗ୍ରହାଳୟରେ ସାଇତି ରଖାଯାଉଛି। ପୋଥିଗୁଡ଼ିକ ଓଡ଼ିଆ ଓ ସଂସ୍କୃତର ଛାତ୍ରୀଛାତ୍ର ତଥା ଗବେଷକ-ଗବେଷିକାଙ୍କ ଗବେଷଣା ପାଇଁ ଏକ ନୂତନ ଦିଗ ଉନ୍ମୋଚନ କରିବ ବୋଲି ସେମାନେ ସ୍ୱେଚ୍ଛାରେ ପ୍ରଦାନ କରିଛନ୍ତି। ଭାଷା ଓ ସାହିତ୍ୟ ବିଷୟକ ଦୁର୍ଲଭ ପୋଥି ପ୍ରଦାନ କରିଥିବାରୁ କୁଳପତି ଡ. ନିବେଦିତା ନାଥ ତଥା ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ପ୍ରଶଂସା କରିଛନ୍ତି।

# ନାଟକ 'ଇନ୍ଦ୍ରଜିତ ବଧ' ମଞ୍ଚସ୍ଥ


ରାମଲୀଳା ନାଟକର ଦୃଶ୍ୟ।

ବୌଦ୍ଧ,୭।୪(ଅଜିତ କୁମାର ବାରିକ)

**ବୌଦ୍ଧ ରାମଲୀଳା ଦ୍ୱାଦଶ ଦିବସ**

ବୌଦ୍ଧ ଗଡଜାତର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରାର ମଙ୍ଗଳବାର ଦ୍ୱାଦଶ ଦିବସରେ ନାଟକ ଇନ୍ଦ୍ରଜିତ ବଧ ମଞ୍ଚସ୍ଥ ହୋଇଛି। ବିଭୀଷଣର ଏକମାତ୍ର ପୁତ୍ର ତରଣୀସେନର ଯୁଦ୍ଧରେ ମୃତ୍ୟୁ ହେବା ପରେ ଲଙ୍କପତି ରାବଣ ଖୁସି ହୋଇ ଅଟ୍ଟହାସ୍ୟ କରିଛି। ନିଜ ଔରସଜାତ ଆଜନ୍ମ ବ୍ରହ୍ମଚାରୀ ବୀରବାହୁକୁ ଯୁଦ୍ଧକୁ ପଠାଇବା ପରେ ଶ୍ରୀରାମ ଲକ୍ଷ୍ମଣଙ୍କ ହାତରେ ତାର ମୃତ୍ୟୁ ହୋଇଛି। ଶେଷରେ ଇନ୍ଦ୍ରଜିତ ଯୁଦ୍ଧ ଭୂମିକୁ ଯାଇଛନ୍ତି। ଦେବୀ ନିକୁମ୍ଭିଳାଙ୍କ ଭକ୍ତ ଭାବେ ପରିଚିତ ଇନ୍ଦ୍ରଜିତ ତାଙ୍କ ଯଜ୍ଞ ସମ୍ପୂର୍ଣ୍ଣ କରିବା ପରେ ଯୁଦ୍ଧ ଯାତ୍ରା କଲେ ବିଜୟ ସୁନିଶ୍ଚିତ ବୋଲି ବିଭୀଷଣଙ୍କଠାରୁ ସୂଚନା ପାଇ ଏହି ଯଜ୍ଞକୁ ଭଣ୍ଡୁର କରିବା ପାଇଁ ବୀର ହନୁମାନଙ୍କୁ ପ୍ରେରଣ କରାଯାଇଛି। ବୀର ହନୁମାନ ନିକୁମ୍ଭିଳା ଦେବୀଙ୍କ ମନ୍ଦିରରେ ପହଞ୍ଚି ଇନ୍ଦ୍ରଜିତ ଯଜ୍ଞ ଭଣ୍ଡୁର କରିଛନ୍ତି। ଏଥିରେ କ୍ରୋଧିତ ହୋଇ ଇନ୍ଦ୍ରଜିତ ଯୁଦ୍ଧ କ୍ଷେତ୍ରକୁ ବାହାରିଛି। ମାୟା ଯୁଦ୍ଧରେ ସିଦ୍ଧ ଇନ୍ଦ୍ରଜିତଙ୍କ ସହିତ ଲକ୍ଷ୍ମଣଙ୍କ ଘୋମାଘୋଟ ଯୁଦ୍ଧ ହୋଇଛି। ଶେଷରେ ଲକ୍ଷ୍ମଣଙ୍କ ଦ୍ୱାରା ଇନ୍ଦ୍ରଜିତର ବଧ ହୋଇଛି। କଳାକାର ଶିରିଶ ବେହେରା, ଜନାର୍ଦ୍ଦନ ମିଶ୍ର, ବିଶ୍ୱାମିତ୍ର ସାହୁ, ଡିଙ୍ଗିର ପ୍ରଧାନ, ଜଗଦୀଶ ବାରିକ୍, ସନ୍ତୋଷ ସାହୁ, ଟୁକୁ ପୁରୋହିତ, ଦିବାକର ଜେନା, ପ୍ରମୋଦ ପ୍ରଧାନ, ଶାନ୍ତନୁ ବେହେରା ଓ ପ୍ରମିଳା ବାରିକ ପ୍ରମୁଖ ଚରିତ୍ରଗୁଡ଼ିକୁ ଅଭିନୟ କରିଥିଲେ।

# ସାଇଟ୍ କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ

ବଲାଙ୍ଗୀର,୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ସଦାଇପାଲି ପଲ୍ଲୀଶ୍ରୀ ବିହାରସ୍ଥିତ ସାଇଟ୍ ନର୍ସିଂ କଲେଜ ସଭାଗୃହରେ ମଙ୍ଗଳବାର ରାମଜୀ ଯୁବକ ସଂଘ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଥିଲା। ସଂଘ ସଭାପତି ଡା. ପ୍ରମୋଦ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭୀମଭୋଇ ମେଡିକାଲ କଲେଜ ଆନାସ୍ଥେଶିଆ ବିଭାଗର ଡା. ମନମୋହନ ବାଗ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଇଟ୍ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ଏବଂ କଲେଜ ଅଧ୍ୟକ୍ଷା ସ୍ନିଗଧା ମିନତି ଦାନୀ ଯୋଗ ଦେଇଥିଲେ। ବର୍ଜ୍ୟବସ୍ତୁ ପରିଚାଳନା ଉପରେ ମୁଖ୍ୟଅତିଥି ଡା. ବାଗ ବକ୍ତବ୍ୟ ରଖିଥିଲେ। ସଭାକୁ ପ୍ରଜ୍ଞା ପରମିତା ଚାନ୍ଦ ପରିଚାଳନା



ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

କରିଥିଲେ। ସହଅଧ୍ୟକ୍ଷା ଲୋପାମୁଦ୍ରା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅଧ୍ୟାପିକା ଲକ୍ଷ୍ମୀ ମେହେରଙ୍କ ନିର୍ଦ୍ଦେଶନାରେ ସ୍ୱାସ୍ଥ୍ୟ ସଚେତନ ଉପରେ ପର୍ଯ୍ୟବେଶିତ ଏକ ନାଟକ ପରିବେଷଣ କରାଯାଇଥିଲା। ଏଥିରେ ନର୍ସିଂ ଛାତ୍ରୀ ପ୍ରଜ୍ଞା ପଧାନ, ପଙ୍କଜିନୀ ବାରିକ, ମଧୁସ୍ମିତା ମାଝି, ଭାରତୀ ବିଭାର, ପ୍ରୀତି ମହାନନ୍ଦ, ସ୍ମୃତି ଛତ୍ରିଆ, ଜୁଲିଆନ ନାଗ, ଦୀପା ଦୀପ, ମିତାଲୀ ଜେନା, କିଶୋରୀ ମହାନନ୍ଦ, ଅର୍ପିତା ସା, ନେହା ମାଝି, ମାନସୀ ମଲ୍ଲିକ, ସ୍ୱିଟି ରାଉତ, ସଞ୍ଜନା ମିଶ୍ର, ମହମ୍ମଦ କାଜିମ ଅଭିନୟ କରିଥିଲେ।

# ୫୦ ୟୁନିଟ୍ ରକ୍ତ ସଂଗ୍ରହ

ବଲାଙ୍ଗୀର,୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ରକ୍ତଭଣ୍ଡାରରେ ରକ୍ତ ସଙ୍କଟକୁ ଦୂର କରିବା ଲକ୍ଷ୍ୟ ନେଇ ସହରର ମେହେଫିଲ ରେଷ୍ଟୁରାଣ୍ଟ ଏବଂ ସାମାଜିକ ଅନୁଷ୍ଠାନ ବିଙ୍ଗ ହ୍ୟୁମାନ ଫାଉଣ୍ଡେଶନର ମିଳିତ ସହାଭାଗିତାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ କ୍ଷୀରୋଦ୍ର ମିଶ୍ରଙ୍କ ସ୍ମୃତିରେ ଆୟୋଜିତ ରକ୍ତଦାନ ଶିବିରକୁ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପୁଷ୍ପାଞ୍ଜଳି ମିଶ୍ର ଯୋଗଦାନ କରିଥିଲେ। ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଜିଲା ଓକିଲ ସଂଘ ସଭାପତି ବାସୁଦେବ ରଥ ଓ ଗଣମାଧ୍ୟମ ପ୍ରତିନିଧି ଅଖିଳ ଚନ୍ଦ୍ର ହୋତା ଯୋଗଦାନ କରିଥିଲେ। ଏହି ଶିବିରକୁ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ସୋମନାଥ ମିଶ୍ର ପରିଚାଳନା କରିଥିଲେ। ମେହେଫିଲର ସତ୍ତ୍ୱାଧିକାରୀ ସୁଧାଂଶୁ ଶେଖର ମିଶ୍ର ମଞ୍ଚାସୀନ ଥିଲେ। ଶିବିରରେ ବଲାଙ୍ଗୀର କଲେଜ ଅଫ ନର୍ସିଂର ଛାତ୍ରୀଛାତ୍ର, ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେଶନ, ସ୍ୱେଚ୍ଛାସେବୀ ସଙ୍ଗଠନ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁ ମିଶ୍ର, ତପସ୍ୱିନୀ ମହାପାତ୍ର, ଗୋବିନ୍ଦ ଶତପଥୀ, ଅନିଲ ନାଏକ, ପ୍ରମିତ ବଢ଼ିଆ, ଶ୍ରୀପତି ସିଂ, ସୁନୀଲ ନାଏକ, ସୁଦାମ ସାହୁ, ଗୋକୁଳା ମିଶ୍ର, ବନବିହାରୀ ମିଶ୍ର, ସ୍ୱସ୍ତିକ ମିଶ୍ର, କଲ୍ୟାଣୀ ନନ୍ଦ, ରାଜା ନନ୍ଦଙ୍କ ସମେତ ୫୦ ରକ୍ତଦାତା ରକ୍ତଦାନ କରିଥିଲେ।

# ଶ୍ରମିକ ବଦଳରେ ମେଶିନ କରୁଛି କାମ

ହରଭଙ୍ଗା,୭।୪(ନରେନ୍ଦ୍ର କୁମାର ସାହୁ)

କେନ୍ଦ୍ର ସରକାର ଶ୍ରମିକଙ୍କ ଆର୍ଥିକ ଉନ୍ନତି ସକାଶେ ପୂର୍ବରୁ କାର୍ଯ୍ୟକାରୀ ହୋଇଆସୁଥିବା ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ କରି ଭିବିଜି ରାମ ଜି କାର୍ଯ୍ୟକାରୀ କରିଛନ୍ତି। ତେବେ ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକରେ ଏହି ଯୋଜନାରେ ଶ୍ରମିକ ବଦଳରେ ମେଶିନ ଦ୍ୱାରା କାର୍ଯ୍ୟ ହେଉଛି। ହରଭଙ୍ଗା ବ୍ଲକ ଲୁଣିବାହାଲ ଗ୍ରାମପଞ୍ଚାୟତର ବଘୁଆକଟା ଗ୍ରାମରେ ଶ୍ରମିକ ବଦଳରେ ମେଶିନ ଦ୍ୱାରା ଏକ ପୋଖରୀ ଖୋଳା ଯାଉଥିବା ଦେଖିବାକୁ ମିଳିଛି। ସେହିପରି କାର୍ଯ୍ୟସ୍ଥଳରେ ସୂଚନା


ବଘୁଆକଟା ଗ୍ରାମରେ ମେଶିନ ଦ୍ୱାରା ପୋଖରୀ ଖୋଳା ଯାଉଛି।

ଫଳକ ନ ଥିବାରୁ କେଉଁ ସଂସ୍ଥା ଦ୍ୱାରା ଏହି କାର୍ଯ୍ୟ କରାଯାଉଛି ତାହା ଜଣାପଡୁନାହିଁ। ଶ୍ରମିକମାନେ କାମ ନ ପାଇ ବାହାରକୁ ଦାଦନ ଖଟିବାକୁ ଯାଉଥିବାବେଳେ ବୌଦ୍ଧ ଜିଲାରେ ମେଶିନ ଦ୍ୱାରା ବିଭିନ୍ନ ଯୋଜନାର କାମ କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ହରଭଙ୍ଗା ବିଡ଼ିଓ ବିଜୟ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ କାମ ବାବଦରେ ବୋର୍ଡରେ ଉଲ୍ଲେଖ କରାଯାଇଛି। ତେବେ ମେଶିନ ଦ୍ୱାରା କାମ କରାଯାଉଥିବା ନେଇ ମୋ ପାଖରେ ଖବର ନାହିଁ ବୋଲି ସେ କହିଥିଲେ।

# ସିଟିଜେନ୍ ଫୋରମର ବାର୍ଷିକ ଅଧିବେଶନ

କୋକସରା,୭।୪(ଦୁଷ୍ମନ୍ତ କୁମାର ପାଇଯୋଷୀ)

ପ୍ରାଚୀନ ଶ୍ରୀ କାଳେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ସୋମବାର କୋକସରା ବ୍ଲକ ସିଟିଜେନ ଫୋରମର ବାର୍ଷିକ ସାଧାରଣ ଅଧିବେଶନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ବ୍ୟୋମକେଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ସିଟିଜେନ ଫୋରମର ଉପଦେଷ୍ଟା ବଜେନ୍ଦ୍ର କୁମାର ପାଇଯୋଷୀ ମୁଖ୍ୟ ଅତିଥି, ଜିଲା ସଭାପତି ରାମଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା, ସାମାଜିକ କର୍ମୀ କୁମୁଦ ଚନ୍ଦ୍ର ବେହେରା, ଧର୍ମଗଡ଼ ବିଧାୟକଙ୍କ ବ୍ଲକ ପ୍ରତିନିଧି ତ୍ରିନାଥ ଶବର, ବ୍ଲକ ସମ୍ପାଦକ ମିନ କେତନ ପ୍ରଧାନୀ ପ୍ରମୁଖ


ବାର୍ଷିକ ଅଧିବେଶନରେ ଉପସ୍ଥିତ ଅତିଥିମାନେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧିବେଶନରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, କୋକସରାର ଐତିହ୍ୟ, ସଂସ୍କୃତି, ବଡକେନ୍ଦୁଗୁଡା ଝାରବନ୍ଧସ୍ଥିତ ଶ୍ରୀ କାଳେଶ୍ୱର ଶୈବପୀଠ, ଆମପାଣି ବୁଢ଼ାରଜା ମନ୍ଦିର, ପର୍ଯ୍ୟଟନ ସ୍ଥଳୀ ଡୋକରୀ ଚଞ୍ଚରାର ଉନ୍ନତି ଆଦି ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଫୋରମ ପକ୍ଷରୁ ବରିଷ୍ଠ ଶିକ୍ଷକ ସୁଧୀର କୁମାର ପଣ୍ଡା, ଅଧ୍ୟାପକ ମୋହନ ଚରଣ ବିଷି, ବରିଷ୍ଠ ଖବରଦାତା ଜତିନ୍ଦ୍ର ପଟ୍ଟନାୟକ ଓ ବରିଷ୍ଠ ନାଟ୍ୟଗୁରୁ ଚିନ୍ତାମଣି ପଟେଲ ପ୍ରମୁଖଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ODISHA HYDRO POWER CORPORATION LTD.
O/o. Sr. GENERAL MANAGER, HIRAKUD, HYDRO ELECTRIC PROJECT
POST Box No.5, Burla-768017, District: Sambalpur (Odisha) India
Phone:0663-2910721 (O), 2950765 (R) E-Mail: srgmhps_burla@yahoo.co.in
CIN:U40101OR1995SGC003963

NO.HHEP/Tech-W-199/2190 Date:04.04.2026

TENDER CALL NOTICE NO. HHEP-31/2026

No.4001/9/2627: Sealed Tenders are invited in two parts i.e. (i) Techno Commercial bid & (ii) Price Bid in separate sealed envelopes from reputed manufacturers/ authorized dealers / supplies for supply of following materials to HHEP, Burla as mentioned below.

| Discription of Work | Cost of tender Paper (non-ferundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply of Electrical consumable items for Residential and Non-Residential Buildings of HHEP, Burla | Rs.4720/-, (Rs.4000 + GST@ 18%) | 6200/- |

• Sale of tender paper: 09.04.2026 (10.00 AM) to 21.04.2026 upto 11.30 AM • Receipt of tender paper: 21.04.2026 upto 12.00 Noon • 3. Date & time of opening of tender.: 21.04.2026 at 12.30 PM. • Further details of tender documents, terms & conditions, corrigendum etc to the tender call notice. Please visit our website www.ohpcltd.com

OIPR-4001/4007/1/26-27/0001 Sd./- C&P Head, HHEP, Burla

# ପୀଡ଼ିତ ଶିଶୁର ଚିକିତ୍ସା ପାଇଁ ପ୍ରଶାସନର ସହାୟତା

ନୂଆପଡ଼ା,୭।୪(ମକାରୁ ବେମାଲ)

ମାଂସପେଶୀ ଦୁର୍ବଳତା (ଡିଏମ୍‌ଡି) ଭଳି ରୋଗରେ ପୀଡ଼ିତ ଏକ ଶିଶୁର ଚିକିତ୍ସା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପରିବାରକୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ସହାୟତା ମଞ୍ଜୁର କରାଯାଇଛି। ମଙ୍ଗଳବାର ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟାଳୟଠାରେ ପୀଡ଼ିତ ଶିଶୁର ପିତା ପ୍ରେମଲାଲ କେଉଟଙ୍କୁ ସହାୟତା ରାଶିର ଚେକ୍ ପ୍ରଦାନ କରିଛନ୍ତି। ଏହି ସମୟରେ ଡେପୁଟି ଜିଲାପାଳ (ଜରୁରିକାଳୀନ) ଲଲାଟେନ୍ଦୁ ଦଣ୍ଡସେନା ଉପସ୍ଥିତ ଥିଲେ। ପୂର୍ବରୁ ସିଡିଏମ୍ ଓ ପିଏଚ୍‌ଓ ନୂଆପଡ଼ାଙ୍କ ମେଡିକାଲ ବୋର୍ଡ ରିପୋର୍ଟ ଆଧାରରେ ଜିଲାପାଳ ରାଜ୍ୟ ସରକାରଙ୍କ ନିକଟରେ ସହାୟତା ପାଇଁ ସୁପାରିଶ କରିଥିଲେ। ତଦନୁସାରେ ସରକାରଙ୍କ ପକ୍ଷରୁ ଏହି ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ଏହି ଅର୍ଥ ପୀଡ଼ିତ ଶିଶୁର ଚିକିତ୍ସାରେ ବ୍ୟୟ କରାଯିବ। ସୂଚନାଯୋଗ୍ୟ ଯେ, ଡିଏମ୍‌ଡି ଏକ ଗୁରୁତର ଜନ୍ମଜାତ ରୋଗ, ଯହିଁରେ ଶରୀରର ମାଂସପେଶୀ ଧୀରେ ଧୀରେ ଦୁର୍ବଳ ହେଇଯାଏ।

# ଫୁଲଚରା ଗାଁରେ ଗୋଷ୍ଠୀ ସଂଘର୍ଷ, ୫ ଗୁରୁତର

ବୀରମହାରାଜପୁର,୭।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ବାଗବର ପଞ୍ଚାୟତ ଅନ୍ତର୍ଗତ ଫୁଲଚରା ଗାଁରେ ମଙ୍ଗଳବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଗୋଟିଏ ଗୋଷ୍ଠୀର ଦୁଇ ବୃଦ୍ଧା ମହିଳାଙ୍କ ସମେତ ୫ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ମାଳିଆ ଭୋଇ(୭୫), ଅନୁରୀ ଭୋଇ(୬୫), ଅଭାଗିନୀ ଭୋଇ(୭୦), ଉପେନ୍ଦ୍ର ଭୋଇ(୩୮) ଓ ପୀତବାସ ଭୋଇ(୨୬)। ଆହତ ଉପେନ୍ଦ୍ରଙ୍କ ଅଭିଯୋଗ ଅନୁସାରେ ଗାଁରେ ରାମଲୀଳା ଉତ୍ସବ ଚାଲିଛି। ପାଣି ଦିଆ ନିଆକୁ କେନ୍ଦ୍ର କରି ସେମାନଙ୍କର ଅନ୍ୟ ଗୋଷ୍ଠୀର କତେଜଣଙ୍କ ସହ କଥା କଟାକଟି ହୋଇଥିଲା। କ୍ରମେ ଏହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଅପର ଗୋଷ୍ଠୀର ୧୫ରୁ ୨୦ ଜଣ ତାଙ୍କ ଘରକୁ ପଶି ଆସି ମୋର ବୃଦ୍ଧ ମା', ବାପା ଓ ଅନ୍ୟ ପରିବାର ସଦସ୍ୟଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏଥିରେ ଉପେନ୍ଦ୍ରଙ୍କ ମୁଣ୍ଡ ପିଠି ଓ ହାତରେ ଗଭୀର କ୍ଷତ ହୋଇଛି। ସେହିଭଳି ଭାବରେ ଅନୁରି, ମାଳିଆ, ଅଭାଗିନୀ ଓ ପୀତବାସ ସମସ୍ତଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଛି। ଖବର ପାଇ ଘଟଣାସ୍ଥଳରେ ବୀରମହାରାଜପୁର ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ପୋଲିସ ଫୋର୍ସ ସହିତ ପହଞ୍ଚି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

ROURKELA DEVELOPMENT AUTHORITY
UDITNAGAR: ROURKELA-769012
No. 495/RDA., dated 31/03/26

PROCLAMATION

No.13001/57/2627 : It is hereby informed to the General public that **Smt. Santilata Panda**, W/o- Late Niranjan Panda, has applied for permission for transfer of **House site No.-E/81, under CHP-I, Chhend, Rourkela-15** in favour of **Sri Biswajit Das, S/o- Bibhuti Bhusan Das**, Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd./- Secretary
OIPR-13001/13250/1/26-27/0005 Rourkela Development Authority

PANCHAYAT SAMITI, GUMMA, DIST-GAJAPATI (ODISHA) PIN-761207

AdvNo-01/ 2026-27 Dt:06.04.2026

Tender Call Notice

No.19001/14/2627 : Sealed tenders (Percentage rate) are invited for 04 nos of works from the interested "B"/"C"/"D" Class Contractors registered with the Govt. for execution of civil works under Panchayat Samiti, Gumma, Dist- Gajapati. The details notification is available at official website **www.Gajapati.odisha.gov.in**. Interested bidders fulfilling the eligibility criteria may submit their proposal(s) to the Panchayat Samiti, Gumma, Gajapati, Proposal(s) complete in all respect should reach the undersigned on or before **3.00PM of 21.04.2026** through Regd/Speed post and the same will be opened on **11.00 AM of 22.04.2026**. The undersigned reserves the right to reject any or all the tender(s) without assigning any reason thereof.

Sd./- Block Development Officer,
OIPR-19001/19347/1/26-27/0001 Gumma, Gajapati

GOVERNMENT OF ODISHA
OFFICE OF THE SUPERINTENDING ENGINEER
PHULBANI (R&B) DIVISION, PHULBANI
e-Procurement Notice / Invitation for Bids (IFB)
Bid Identification No. SE-(R&B)-PLB- 16/ 2025 - 26
Letter No. 2439 /Dtd.30.03.2026

No.34001/27/2627 : The Superintending Engineer, Phulbani (R&B) Division, Phulbani on behalf of the Governor of Odisha invites Percentage rate bids in online mode for the following work:
• Name of the Work: PROVISION FOR ANNUAL COMPREHENSIVE ANNUAL MAINTENANCE OF FIRE FIGHTING AND ALARM SYSTEM AT M.C.H BUILDING, DHH PHULBANI IN THE DISTRICT OF KANDHAMAL.
• Value of Work : **Rs. 24,11,379.00**
• **Class of Contractor** : "MV"or "HT" or Above
• **Period of Completion** : 12 (Twelve) Calendar Months
• **Availability of Bid Documents in Portal** : From 10.00 AM of 04.04.2026 to 5.00 PM of 18.04.2026
• **Date of Opening of Bids** : 11.30 Hours on 20.04.2026
Further details, addendums, corrigendums or cancellations can be seen from the e- procurement portal website: http://tendersodisha.gov.in.

Sd./- Superintending Engineer
OIPR-34001/34066/1/26-27/0002 Phulbani (R&B) Division

OFFICE OF THE ROURKELA MUNICIPAL CORPORATION
Udit Nagar, Rourkela Dist.-Sundargarh (Odisha) Pin-769012
Website:www.rmc.nic.in, EmailId:rourkelamunicipality@gmail.com
No. 3932 Date : 30.03.2026

Tender Call Notice

No.13001/60/2627 : The Municipal Commissioner on behalf of Rourkela Municipal Corporation invites sealed applications in conformation with detailed Quotation call notice from the reputed firms /Agencies for **"Supply of 100 Nos. of Tricycle & 100 Nos. Wheelbarrow to Rourkela Municipal Corporation"**.
For detail technical specifications along with Terms & Conditions etc. may be seen from the Website of www.tendersorissa.gov.in

Sd./- Commissioner
OIPR-13001/13131/1/26-27/0003 Rourkela Municipal Corporation

OFFICE OF THE UTKAL BALASHRAM, BALASORE SAKHA
Letter No. 713/UBBS/Date: 04.04.2026

TENDER CALL NOTICE

No.27001/6/2627 : The sealed Tenders are invited from the intending Registred firm/ Registred supplier for supply of (A) Grocery, (B) Vagetables, (C) Non-Veg Item, (D) Sanitary Item, (E) Study Material, (F) Electrical Item, (G) Bedding, (H) Clothing, (I) Miscellaneous, (J) Baby Food & Sanitary Item, (K) Sports Item, (L) Office Stationary, (M) Cleaning Accessories For the use of inmates of Utkal Balashram, Balasore Sakha for the year 2026-27. The same can be purchased from the Honorary Secretary, Utkal Balashram, Sahadevkhunta, Balasore, 756001 on any Working day till 5 P.M. of 20.04.2026 on payment as per specification. The tender document can also be downloaded from the website https://balasore.odisha.gov.in/
The last date submission of Tender paper by Registred/ Speed post is on or before 21.04.26 till 5 P.M.

Sd./- DSWO-cum-Hon. Secretary
OIPR-27001/27196/1/26-27/0001 Utkal Balashram, Balasore

केनरा बैंक Canara Bank
सिंडिकेट Syndicate

କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁକ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

ଡିମାଣ୍ଡ ନୋଟିସ୍
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଖୁଣ୍ଟକଟା ଶାଖା** (୧)ଶ୍ରୀ ସ୍ୱରୂପ ଖଟୁଆ (ଋଣଗ୍ରହୀତା/ବନ୍ଧକଦାତା), ପିତା: ପ୍ରହଲାଦ ଖଟୁଆ, ସାଃ: ବଡଭୂଇଁଦେଶ, ପୋ: ବଡଭୂଇଁ, ଥାନା: ଆଠଗଡ, ଜିଲ୍ଲା: କଟକ, ଓଡ଼ିଶା, ପିନ୍- ୭୫୪୦୨୯ । | (କ)ଟ.୨୨,୯୯,୦୦୦/- / (ଖ) ୩୦.୦୩.୨୦୨୬ / (ଗ) ୦୨.୦୪.୨୦୨୬ | ୨୬.୦୩.୨୦୨୬ ସୁଦ୍ଧା ଟ.୧୬,୨୫,୨୪୭.୮୧ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ସ୍ୱରୂପ ଖଟୁଆ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.୩୬୯/୮୨୧, ମୌଜା: ବଡଭୂଇଁଦେଶ, ଥାନା/ତହସିଲି: ଆଠଗଡ, ଥାନା ନଂ.୧୧, ଜିଲ୍ଲା: କଟକ, (୧) ପ୍ଲଟ ନଂ.୭୪୯/୨୯୯୩, ଏରିଆ: ଏ୦.୦୩୦ ଡିସିମିଲି, କିସମ: ଘରବାରୀ, ଚାରିପାର୍ଶ୍ୱରେ: ଉତ୍ତର- ଭ୍ରମରବର ଚୌଧୁରୀ, ଦକ୍ଷିଣ- ରଙ୍ଗବତି ଖଟୁଆ, ପୂର୍ବ- ଶତ୍ରୁଘ୍ନ ଡାଳୁଆ, ପଶ୍ଚିମ- ଭ୍ରମରବର |

ଚୌଧୁରୀ, (୨) ପ୍ଲଟ ନଂ.୭୫୦, ଏରିଆ: ଏ୦.୦୯୦ ଡିସିମିଲି, କିସମ: ଘରବାରୀ, ଚାରିପାର୍ଶ୍ୱରେ: ଉତ୍ତର- ଭ୍ରମରବର ଚୌଧୁରୀ, ଦକ୍ଷିଣ-ଧ୍ରୁବ ପଣ୍ଡା, ପୂର୍ବ- ରଙ୍ଗବତି ଖଟୁଆ, ପଶ୍ଚିମ- ରାସ୍ତା, (୩) ପ୍ଲଟ ନଂ.୭୫୨, ଏରିଆ: ଏ୦.୦୮୦ ଡିସିମିଲି, କିସମ: ଘରବାରୀ, ଚାରିପାର୍ଶ୍ୱରେ: ଉତ୍ତର- ଭ୍ରମରବର ଚୌଧୁରୀ, ଦକ୍ଷିଣ- ଗୋବର୍ଦ୍ଧନ ପଣ୍ଡା, ପୂର୍ବ- ଶତ୍ରୁଘ୍ନ ଡାଳୁଆ, ପଶ୍ଚିମ- ସୁକୁମାରୀ ବେଓ୍ୱା ।

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୦୬.୦୪.୨୦୨୬, ସ୍ଥାନ: କଟକ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ




# ଲୁହାପଥର ଉତ୍ପାଦନ ବୃଦ୍ଧି କରିବାକୁ ନିର୍ଦ୍ଦେଶ

- **ଖଣି ବହୁଳ ଜିଲାରେ ଶିଳ୍ପ ସଂଖ୍ୟା ବହୁତ କମ୍**
- **ଶିଳ୍ପପତି ସ୍ଥାନୀୟ ବାସିନ୍ଦାଙ୍କ ମୌଳିକ ଆବଶ୍ୟକତା ପ୍ରତି ସ୍ୱତନ୍ତ୍ର ଧ୍ୟାନଦିଅନ୍ତୁ**

ଭୁବନେଶ୍ୱର, ୭।୪(ସୁନିତ୍ ମିଶ୍ର)

ରାଜ୍ୟରେ ଲୁହାପଥର ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଖଣି ଲିଜ୍‌ଧାରୀ ଓ ଶିଳ୍ପପତିମାନଙ୍କ ସହ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନଠାରେ ଆୟୋଜିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଶିଳ୍ପାୟନ ଏବଂ ଦେଶରେ ଲୁହାପଥରର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଉତ୍ପାଦନ କ୍ଷମତା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ରହିବ ବୋଲି ଶିଳ୍ପପତି ଓ ସେମାନଙ୍କ ପ୍ରତିନିଧିମାନଙ୍କୁ ଆଶ୍ୱାସନା ଦିଆଯାଇଛି। ଉତ୍ପାଦନ ଓ ଡେସ୍‌ପାଚ୍ ପ୍ରତି ଗୁରୁତ୍ୱ ଦେଇ ଏମ୍‌ଡିପିଏ ଅନୁଯାୟୀ ସର୍ବନିମ୍ନ ବାଧ୍ୟତାମୂଳକ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକତା ଅନୁଯାୟୀ ଏହାକୁ ବୃଦ୍ଧି କରାଯିବ। ରାଜ୍ୟରେ ଖଣି ବହୁଳ ଜିଲାଗୁଡ଼ିକରେ ଶିଳ୍ପ ସଂଖ୍ୟା ବହୁତ କମ୍ ରହୁଛି। ତେଣୁ ସେସବୁ ଜିଲାରେ ଶିଳ୍ପାନୁଷ୍ଠାନ ଗଢ଼ିବା ପାଇଁ ଶିଳ୍ପପତିମାନଙ୍କୁ ସେ ଆହ୍ୱାନ କରିଛନ୍ତି। ସେ ଆହୁରି କହିଛନ୍ତି, ଲୁହାପଥର ଉତ୍ପାଦନ ବୃଦ୍ଧି କରିବା ପାଇଁ ଆବଶ୍ୟକୀୟ ସମସ୍ତ ସୁବିଧା ସୁଯୋଗ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ। ଏଥିସହ ଶିଳ୍ପପତିମାନେ ସ୍ଥାନୀୟ ବାସିନ୍ଦାଙ୍କ ମୌଳିକ ଆବଶ୍ୟକତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବା ଦରକାର। ଶିଳ୍ପ ପ୍ରତିଷ୍ଠା ଲାଗି ବାଧ୍ୟତାମୂଳକ ବନୀକରଣ କ୍ଷେତ୍ରରେ ବିଭିନ୍ନ ଜିଲାରେ ଅଧିକୃତ ଜମି ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ଏକ ଡାଟାବେସ୍ ପ୍ରସ୍ତୁତ କରାଯାଉଛି, ଯାହା ମାଧ୍ୟମରେ କେଉଁ ଜିଲାରେ କେତେ ଜମି ଉପଲବ୍ଧ ଅଛି ଖଣି ଲିଜ୍‌ଧାରୀ ଓ ଶିଳ୍ପପତିମାନେ ସେ ସମ୍ପର୍କରେ ଅବଗତ ହୋଇପାରିବେ। ଖଣି ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୬-୨୭ ବର୍ଷ ପାଇଁ ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି। ସେହି ଅନୁଯାୟୀ ଖଣିଜ ବ୍ଲକ୍‌ର ନିଲାମ ପ୍ରକ୍ରିୟା କରାଯିବ ବୋଲି ସେ କହିଛନ୍ତି।ଏହି ଅବସରରେ ଇଣ୍ଡିଆନ ଷ୍ଟିଲ୍ ଆସୋସିଏସନ ଅଧ୍ୟକ୍ଷ ତଥା ଏମ୍‌ପି ନବୀନ ଜିନ୍ଦଲ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ଓ ପ୍ରତିବଦ୍ଧତା ଭାବ ପାଇଁ ଧନ୍ୟବାଦ ଦେଇଛନ୍ତି। ନବୀନ କହିଛନ୍ତି ଓଡ଼ିଶାରେ ୧୦୦ ମିଲିୟନ ଟନ୍ ଇସ୍ପାତ ଉତ୍ପାଦନ ହେବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ତାଙ୍କ ସହ ଆଲୋଚନା କଲେ। ମୁଖ୍ୟମନ୍ତ୍ରୀ ରାଜ୍ୟରେ ମାଇନିଂ କ୍ଷେତ୍ରରେ ଭଲ କାମ କରୁଥିବା ସେ କହିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଟାଟା ଷ୍ଟିଲ୍ ସିଇଓ ଟି.ଭି. ନରେନ୍ଦ୍ରନ, ଇଣ୍ଡିଆନ ଷ୍ଟିଲ୍ ଆସୋସିଏସନର ମହାସଚିବ ଆଲୋକ ସହାୟ, ଜେଏସ୍‌ଡବ୍ଲ୍ୟୁ ସଭାପତି ଅନୀଲ କପମାର ସିଂ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ନିର୍ଦ୍ଦେଶକ ଆଲୋକ କୁମାର ମେହେଟ୍ଟା, ଓଏମ୍‌ସି ଅଧ୍ୟକ୍ଷ ଗିରିଶ ଏସ୍.ଏନ୍., ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ସାମଲ ଏବଂ ଅନ୍ୟାନ୍ୟ ପ୍ରମୁଖ ଶିଳ୍ପ ପ୍ରତିନିଧିମାନେ ଯୋଗଦେଇଥିଲେ।


ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ।

# ଷ୍ଟିଲ୍ ପ୍ଲାଣ୍ଟ, ଏୟାରପୋର୍ଟ ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା ହୋଇଛି: ଜୁଏଲ

ଭୁବନେଶ୍ୱର, ୭।୪(ସୁନିତ୍ ମିଶ୍ର)

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ୩ଟି ବିଷୟ ଉପରେ ସେ ଆଲୋଚନା କରିଥିବା ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜୁଏଲ କହିଛନ୍ତି। ସେ କହିଛନ୍ତି, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଯେଉଁ ସମ୍ପ୍ରସାରଣ ହେବ ସେନେଇ ଜମି ଅଧିଗ୍ରହଣ ଏବଂ ତାହା ଶୀଘ୍ର କିପରି ହେବ ସେ ସମ୍ପର୍କରେ ଆଲୋଚନା ହୋଇଛି। ସେହି କାର୍ଯ୍ୟ କେତେ ଆଗକୁ ବଢ଼ିଛି ସେନେଇ ପୂର୍ବରୁ ଉଚ୍ଚସ୍ତରୀୟ ବୈଠକ ହୋଇଥିଲାବେଳେ ଏବେ ପୁଣିଥରେ ସେ ସମ୍ପର୍କରେ ଆଲୋଚନା ହେଲା। ଏଥିସହ ରାଉରକେଲା ଏୟାରପୋର୍ଟର ସମ୍ପ୍ରସାରଣ କାର୍ଯ୍ୟ ନେଇ ଆଲୋଚନା ହୋଇଛି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ପାଖରେ ଯେଉଁ ଜମି ଏୟାରପୋର୍ଟର ରହିଛି ତାକୁ କେମିତି ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବ ସେ ବିଷୟ ଆଲୋଚନା ହୋଇଛି। ସେହି କାର୍ଯ୍ୟରେ ମଧ୍ୟ ଅଗ୍ରଗତି ଘଟିଛି। ଆସନ୍ତା ୨୧ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଉରକେଲା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ସେହି କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ କ୍ୟାବିନେଟ୍ ବୈଠକରେ ଏସ୍‌ସି, ଏସ୍‌ଟି ଏବଂ ଓବିସି ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ପୂର୍ବାପେକ୍ଷା ଅଧିକ ସଂରକ୍ଷଣ ଦେବା ସମ୍ପର୍କିତ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି ଜୁଏଲ କହିଛନ୍ତି।

## ଅବଶିଷ୍ଟାଂଶ

### ଗୋଚାଲାଣକାରୀଙ୍କ ...

ସୋର ଥାନା ୨ଟି ଅଞ୍ଚଳ ଓ ଖଇରା ଥାନା ଅଞ୍ଚଳର ଗୋଟିଏ ସ୍ଥାନରେ ପୋଲିସ ଚଢ଼ାଉ କରିଥିଲା। ୯ ଗୋରୁ ମାଫିଆଙ୍କ ଘରୁ ନଗଦ ୨୧ ଲକ୍ଷ ୮୦ ହଜାର ୯ଶହ ଟଙ୍କା, ୫୦ ଗ୍ରାମ ସୁନା, ୧ କି.ଗ୍ରା. ୨୦ ଗ୍ରାମ ରୁପା ଅଳଙ୍କାର ଜବତ ହୋଇଛି। ଏଥିସହ ୧୩ଟି ଭ୍ୟାନ୍, ୪ଟି ବାଇକ୍, ୧୦ଟି ମୋବାଇଲ ଓ ୫ଟି ଜମିପଟ୍ଟା ଜବତ ହେବା ସହ ୩୨ଟି ଗୋରୁ ଉଦ୍ଧାର କରାଯାଇଥିବା ଏସ୍‌ପି ପ୍ରତ୍ୟୁଷ ଦିବାକର ସୂଚନା ଦେଇଛନ୍ତି। ଭଦ୍ରକର ପୁରୁଣାବଜାର ଓ ଗୁଜିଦରଡ଼ାର ମୋଟ ୯ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ନଗଦ ୧୨ଲକ୍ଷ ୧୩ହଜାର ୪୧୦ ଟଙ୍କା ସହ ୧.୫୯୫ କି.ଗ୍ରା. ସୁନା, ୪.୨୩୦ କି.ଗ୍ରା. ରୁପା ଜବତ କରାଯାଇଛି। ଏହାସହ ୫ଟି ଚାରିଚକିଆ, ୬ଟି ଦୁଇଚକିଆ ଗାଡ଼ି, ୧୭ଟି ବ୍ୟାଙ୍କ ପାସ୍‌ବୁକ୍, ଚେକ୍‌ବୁକ୍, ଜମିଜମା କାଗଜପତ୍ର, ଏଟିଏମ୍, ଡେବିଟ୍ କାର୍ଡ, ବନ୍ଧୁକ, ଭୁଜାଲି, ଖଣ୍ଡା, ଛୁରି ଆଦି ବିଭିନ୍ନ ମାରଣାସ୍ତ୍ର ଜବତ ହୋଇଛି। ୬ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩ଜଣ ଫେରାର ଥିବା ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମନୋଜ ରାଉତ ସୂଚନା ଦେଇଛନ୍ତି। ଭଦ୍ରକ ଟାଉନ ଥାନା ଅଧୀନ ନୀଳକଣ୍ଠପୁରରେ ସେକାବତ୍ ଖାଁ, ସରଫରାଜ ଖାଁ, ରୋହିତ ଖାଁ, ପୁରୁଣାବଜାର ଥାନା ଅଧୀନ ସନ୍ଥିଆ ଜେନାସାହିର ଜାହିଦ ଖାଁ, ଅଲାଲପୁରର ମହମ୍ମଦ ଅଜମିର୍ ଅଲ୍ଲୀ, ମିର୍ଜାପୁର ତିଣପଟିର ନାସିର ହୋସେନ ଖାଁ, ଶେଖ୍ ଆସିଦୁଲ୍ କାଦ୍ରୀ, ଗୁଜିଦରଡ଼ାର ଗୁଲାମ ଅଲ୍ଲୀ ଅଖତର୍ ଖାଁ ଓ ଗୁଲ୍ ମହମ୍ମଦ ଖାଁଙ୍କ ଘରେ ଚଢ଼ାଉ କରାଯାଇଥିଲା। ପୂର୍ବରୁ ଏମାନଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିଲା। ଫେରାର ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ। ଜିଲାରେ ଗୋଚାଲାଣ ସମ୍ପୂର୍ଣ୍ଣ ବନ୍ଦ ପାଇଁ ନାକାବନ୍ଦୀ କରାଯିବା ସହ ସୀମାନ୍ତ ଅଞ୍ଚଳକୁ ସିଲ୍ କରାଯାଇଛି। ରାସ୍ତାପାର୍ଶ୍ୱରେ ଥିବା ଥାନାଗୁଡ଼ିକୁ ଆଲର୍ଟ କରାଯାଇଛି ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଅନୀଲ କୁମାର ପ୍ରଧାନ ଉପସ୍ଥିତ ଥିଲେ। ମୟୂରଭଞ୍ଜ ଜିଲାର ୧୫ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ବାରିପଦା ସଦରର ୯ଟି, ରାଇରଙ୍ଗପୁରର ୨ଟି ଏବଂ ବେତନଟୀର ୪ଟି ସ୍ଥାନରେ ଚଢ଼ାଉ ହୋଇଥିଲା। ଚଢ଼ାଉରେ ୪ ଅତିରିକ୍ତ ଏସ୍‌ପି, ୩ ଡିଏସ୍‌ପି, ୧୫ ଇନ୍ସପେକ୍ଟର, ୧୫ ଏସ୍‌ଆଇ ଓ ୧୫ ଏଏସ୍‌ଆଇଙ୍କ ସମେତ ୬ ପ୍ଲାଟୁନ ପୋଲିସ ଫୋର୍ସ ସାମିଲ ହୋଇଥିଲେ। ଚଢ଼ାଉ ସମୟରେ ପୋଲିସ ମୋଟ ୧୨,୦୭,୭୬୧ ଟଙ୍କା, ୨୧୨ ଗ୍ରାମ ସୁନା ଅଳଙ୍କାର, ୨ କେଜି ୬୪୩ ଗ୍ରାମ ରୁପା ଅଳଙ୍କାର, ୭ଟି ଚାରିଚକିଆ ଗାଡ଼ି, ୨ଟି ତିନିଚକିଆ ଗାଡ଼ି, ୨୩ଟି ମୋଟରସାଇକେଲ ଏବଂ ବିଭିନ୍ନ ବ୍ୟାଙ୍କର ୪୦ଟି ପାସବୁକ୍ ଜବତ କରିଛି। ଜବତ ସମ୍ପତ୍ତିର ଉତ୍ସ ସମ୍ପର୍କରେ ଅଭିଯୁକ୍ତମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ କି କୌଣସି ଦଲିଲ ପ୍ରଦର୍ଶନ କରି ନ ଥିଲେ। ଏହି ସମସ୍ତ ଜବତ ସମ୍ପତ୍ତି ଗୋ-ଚୋରାଚାଲାଣ ଦ୍ୱାରା ଉପାର୍ଜିତ ବୋଲି ସନ୍ଦେହ କରାଯାଉଛି। ଏହାର ଯାଞ୍ଚ ଚାଲୁ ରହିଛି ଓ ୬ ଜଣଙ୍କୁ ଅଟକ ରଖାଯାଇଥିବା ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲି ସୂଚନା ଦେଇଛନ୍ତି।

### 'ଅମୃତ ୨.୦' କାର୍ଯ୍ୟକାରିତା...

ସହରାଞ୍ଚଳ ଭିତ୍ତିଭୂମି ଓ ଜଳଯୋଗାଣ କ୍ଷେତ୍ରରେ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଉଛି। ପ୍ରତିଟି ପରିବାରକୁ ନିରାପଦ ଜଳ ଯୋଗାଇବା ଏବଂ ସହରଗୁଡ଼ିକୁ ସକ୍ଷମ କରିବା ପ୍ରାଥମିକତା ବିକଶିତ ଓଡ଼ିଶା ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ 'ପେ' ଜଳ ସର୍ବେକ୍ଷଣ' ଏବଂ 'ଜୟ ହୋ ଅମୃତ' ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଜଳ ପରିଚାଳନାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିସହ 'ଅମୃତ ମିତ୍ର' ଏବଂ 'ଓମେନ୍ ଫର୍ ଟ୍ରି' ଭଳି ସାମାଜିକ ଅଭିଯାନ ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସାମିଲ କରାଯାଇ ଜଳାଶୟର ପୁନରୁଦ୍ଧାର ଏବଂ ପରିବେଶ ସୁରକ୍ଷା କାର୍ଯ୍ୟ ଜାରି ରହିଛି। ସେହିପରି 'କ୍ରେଡିଟ୍ ଏନ୍‌ହାନ୍ସମେଣ୍ଟ' ଭଳି ଅଭିନବ ଆର୍ଥିକ ବ୍ୟବସ୍ଥା ମାଧ୍ୟମରେ ଛୋଟ ସହରାଞ୍ଚଳରେ ଭିତ୍ତିଭୂମି ବିକାଶ ପାଇଁ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରାଯାଉଛି।

### ବିଧାନସଭା ଭୋଟ ....

ଜଣାଇଥିଲେ। ବିଭିନ୍ନ କାରଣକୁ ନେଇ କାର୍ଯ୍ୟସୂଚୀରେ ବାରମ୍ବାର ପରିବର୍ତ୍ତନ ହୋଇଥିଲା। ବିହାର ନିର୍ବାଚନ ପୂର୍ବରୁ ଏସ୍‌ଆଇଆର୍ ଚାଲିଥିବାବେଳେ ରାଜନୈତିକ ଦଳଗୁଡ଼ିକ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେହିପରି ତାମିଲନାଡୁ ଓ ପଶ୍ଚିମବଙ୍ଗରେ ଅନୁରୂପ ସ୍ଥିତି ସୃଷ୍ଟି ହୋଇଥିଲା। ବିହାରରେ ଏସ୍‌ଆଇଆର୍ ପ୍ରସ୍ତୁତି ଚାଲିଥିବାବେଳେ ବହୁସଂଖ୍ୟାରେ ବାଂଲାଦେଶୀ, ନେପାଳୀ ଏବଂ ମ୍ୟାନ୍‌ମାର ନାଗରିକ ଭୋଟର ତାଲିକାରେ ସାମିଲ ଥିବା ଜଣାପଡ଼ିଥିଲା। ଅନ୍ୟପକ୍ଷରେ ବିରୋଧୀ ଦଳଗୁଡ଼ିକ ଇସିଙ୍କ ଏହି ଦାବିକୁ ଭାଜପା ଏବଂ ଏହାର ସହଯୋଗୀ ଦଳ ସହ ଜଡ଼ିତ ନ ଥିବା ଭୋଟରଙ୍କୁ ଟାର୍ଗେଟ କରିବା ପାଇଁ ଏକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଥିଲେ।

### ପୋଖରୀରେ ବୁଡ଼ିଗଲେ ....

ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଞ୍ଜଳି ଓ ମାନିନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ହେବାପରେ ଆଇଆଇସି କିଶୋର କୁମାର ସାମଲ ନଂ.୧୮/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ଦିଗପହଣ୍ଡି ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ୨ଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗାଁ ଶ୍ମଶାନରେ ଶୋକାକୁଳ ପରିବେଶ ମଧ୍ୟରେ ଉଭୟଙ୍କ ଅନ୍ତିମ ସଂସ୍କାର କରାଯାଇଛି।

# ଭିସା କୋକ୍ ଲିଃକୁ ଜବାବ ଦାଖଲ ନୋଟିସ

**ଭିସା ନାମରେ ୩ କାରଖାନାର ଜମି ସମ୍ବନ୍ଧୀୟ ରିପୋର୍ଟ ଦାଖଲ କର : ଏସ୍‌ପିସିବି**

ଯାଜପୁର,୭।୪
(ହର୍ଷବର୍ଦ୍ଧନ ବେହେରା)



ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ କଳିଙ୍ଗନଗର ଭିସା ଷ୍ଟିଲ୍ କାରଖାନା କର୍ତ୍ତୃପକ୍ଷଙ୍କୁ ନିୟମିତ ଭାବେ ବାୟୁ ଓ ଜଳ ପ୍ରଦୂଷଣ, ଜମି ଅଧିଗ୍ରହଣ ସଂକ୍ରାନ୍ତୀୟ ଅନିୟମିତତା ଆଦିକୁ ନେଇ କାରଣ ଦର୍ଶାଅ ନୋଟିସ ଜାରି ହୋଇଆସୁଛି। ଏଥିରେ ଏସ୍‌ପିସିବିର ବିଭିନ୍ନ ନିୟମ ଓ ସର୍ତ୍ତାବଳୀଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ପାଳନ କରିବାକୁ ପରାମର୍ଶ ଦିଆଯାଉଛି। ଏପରି କି ଏହାର ପାଳନ ନ କଲେ କାରଖାନା ବନ୍ଦ କରିବାକୁ ଏସ୍‌ପିସିବି ପକ୍ଷରୁ ଚେତାବନୀ ଦିଆଯାଉଛି। କିନ୍ତୁ ଏହି ପ୍ରକ୍ରିୟା ଦୀର୍ଘବର୍ଷ ହେଲା ଚାଲି ଆସୁଥିଲେ ହେଁ ସେଭଳି ଆଖିଦୃଶିଆ ସଫଳତା ମିଳି ପାରୁ ନ ଥିବା ଏସ୍‌ପିସିବିର ବିଭିନ୍ନ ପଦକ୍ଷେପରୁ ସ୍ପଷ୍ଟ ହେଉଛି। ଏହିକ୍ରମରେ ଏସ୍‌ପିସିବି ପକ୍ଷରୁ ପୁଣି ଭିସା କୋକ ଲିଃକୁ ୧।୪।୨୦୨୬ରେ ଜବାବ ଦାଖଲ ନୋଟିସ ଜାରି କରାଯାଇଛି। ୩୦।୯।୨୦୨୬ ସୁଦ୍ଧା ନିର୍ଦ୍ଦେଶଗୁଡିକର ପାଳନ ନ କଲେ ପରିଚାଳନା ଅନୁମତି ବା କନ୍‌ସେଣ୍ଟ ଟୁ ଅପରେଟ(ସିଟିଓ)କୁ ପ୍ରତ୍ୟାହାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଉକ୍ତ ନୋଟିସ୍‌ରେ ଦର୍ଶାଯାଇଛି, କଳିଙ୍ଗନଗର ଯଖପୁରା ନିକଟରେ ଭିସା କୋକ ଲିମିଟେଡ ନାମରେ କୋକ ଓଭନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ପାଇଁ ବୋର୍ଡ ପକ୍ଷରୁ ସମ୍ମତି ପ୍ରଦାନ କରାଯାଇଛି। ବୋର୍ଡର ଅନୁମତି ଅନୁସାରେ ବାର୍ଷିକ ୪ ଲକ୍ଷ ଟନ ଲୋ ଆଶ ମେଟାଲର୍ଜିକାଲ(ଏଲଏଏମ୍) କୋକ ଉତ୍ପାଦନ ପାଇଁ ଏହି କାରଖାନାକୁ ୩୧।୩।୨୦୨୯ ପର୍ଯ୍ୟନ୍ତ ଅନୁମତି ମିଳିଛି। ଏହାବାଦ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ(ଏମଓଇଏଫ୍) ପକ୍ଷରୁ ୯।୩।୨୦୨୬ରେ ଭିସା ଷ୍ଟିଲ ଲିଃ, ଭିସା ସ୍ପେଶିଆଲ ଷ୍ଟିଲ ଲିଃ ଓ ଭିସା କୋକ ଲିଃକୁ ବିଭିନ୍ନ ସର୍ତ୍ତ ରଖି ପରିବେଶଗତ ଅନୁମତି ଦିଆଯାଇଛି। ଉକ୍ତ ସର୍ତ୍ତଗୁଡ଼ିକ ହେଲା ଏହି ତିନୋଟି ସଂସ୍ଥାର ଜମି ସମ୍ବନ୍ଧୀୟ ପ୍ରାସଙ୍ଗିକ ଅନୁମତି ରହିଥିବା ସହ ସମସ୍ତ ସଂସ୍ଥାକୁ ପରିଚାଳନା କରିବା ପାଇଁ ଅନୁମତି ଆବଶ୍ୟକ ହୋଇଛି। ଏହାବାଦ ଭିସା ନାମରେ ହୋଇଥିବା ଉକ୍ତ ୩ଟି ସଂସ୍ଥାର ଜମି ସୀମା ନିର୍ଦ୍ଧାରଣ କରାଯିବ। କିନ୍ତୁ ଏହିସବୁ ସର୍ତ୍ତଗୁଡିକ ଭିସା ଷ୍ଟିଲ ପକ୍ଷରୁ ପାଳନ କରାଯାଇନାହିଁ। ଫଳରେ ଏସ୍‌ପିସିବି ପକ୍ଷରୁ ସମସ୍ତ ସଂସ୍ଥାର ନିଜ ନାମରେ ଜମି ଆବଣ୍ଟନ ଏବଂ ରେକର୍ଡ ସହିତ ଜଡ଼ିତ ସମସ୍ତ ଔପଚାରିକତା ପୂରଣ କରିବା, ୟୁନିଟ ପାଖରେ ପ୍ରାସଙ୍ଗିକ ଆଇନ/ନିୟମ ଅନୁଯାୟୀ ବୈଧାନିକ ମଞ୍ଜୁରୀ ଏବଂ ପରିଚାଳନା ପାଇଁ ଅନୁମତି ପତ୍ର, ଭିସା ଷ୍ଟିଲ ଲିମିଟେଡ ଓ ଭିସା ସ୍ପେଶାଲ ଷ୍ଟିଲ ଲିମିଟେଡ ତୁଳନାରେ ଏହାର ଜମି/ସୀମାକୁ ସ୍ପଷ୍ଟ ଭାବେ ନିର୍ଦ୍ଧାରଣ କରିବା, ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ପରିବେଶଗତ ଅନୁମତି ଉପରେ ସର୍ତ୍ତାବଳୀ ପାଳନ, ସମସ୍ତ ସଂସ୍ଥାର ବାୟୁ ଏବଂ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି।

ଏହା ପୂର୍ବରୁ ଭିସା କାରଖାନା ପରିସରରୁ ଅମ୍ଳଯୁକ୍ତ ପଦାର୍ଥ(ପିଏଚ୍) ସହ ଫେନୋଲିକ କମ୍ପାଉଣ୍ଡ ଏବଂ ସାଇନାଇଡ ପାଣି ବାହାରକୁ ଛଡାଯାଉଥିବା ନେଇ ଏପିସିବି ପକ୍ଷରୁ ବହୁବାର କାରଣ ଦର୍ଶାଅ ନୋଟିସ ହୋଇଛି। ଦ୍ରୁତ ଶିଳ୍ପାୟନ ସହ ପରିବେଶ ସୁରକ୍ଷା ଉପରେ ବହୁ ଗୁରୁତ୍ୱ ଦିଆଯାଉଥିବା ସରକାର ଦାବି କରିଛନ୍ତି। କିନ୍ତୁ ଭିସା ଷ୍ଟିଲ କାରଖାନା ପରିସରରୁ ନିର୍ଗତ ବର୍ଜ୍ୟ ଜଳ ପ୍ରଦୂଷଣକୁ ଭୋଗୁଥିବା ଯଖପୁରା, ବାଲୁଙ୍ଗାବନ୍ଧି, ରୁଙ୍ଗୁରୁଙ୍ଗା, ଅଁଳାପାଳ, ମଙ୍ଗଳପୁର, ଖରଡ଼ି, ତେଲିବାହାଲି ଆଦି ଗ୍ରାମବାସୀଙ୍କ ଦୁଃଖ ଯେମିତିକୁ ସେମିତି ରହିଛି। ଜଳ ପ୍ରଦୂଷଣ ପ୍ରଭାବରେ ଗାଁର ପାଣି, ପବନ, ମୃତ୍ତିକା ସବୁ ବିଷ ପାଲଟିଛି ବୋଲି ଅଭିଯୋଗ ହୋଇ ଆସୁଛି। ଏବେ ଭିସା ନାମରେ ୩ଟି କାରଖାନା ପ୍ରତିଷ୍ଠା କରାଯାଇ ବିଭିନ୍ନ ଅନିୟମିତତା ହୋଇଥିବା ଏସ୍‌ପିସିବିର କାରଣଦର୍ଶାଅ ନୋଟିସରେ ଜଳଜଳ ଦିଶୁଛି ବୋଲି ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଭିସା ଷ୍ଟିଲ କାରଖାନାର ନିର୍ଦ୍ଦେଶକ ମନୋଜ କୁମାରଙ୍କୁ ପଚାରିବାରେ ସେ କହିଛନ୍ତି, ୨୦୧୭ରୁ ଭିସା କୋକକୁ ସ୍ୱତନ୍ତ୍ର ଭାବେ ଜମି ମିଳି ସାରିଛି। କୌଣସି ଭୁଲ ବୁଝାମଣା ଯୋଗୁ ଏସପିସିବି ପକ୍ଷରୁ ନୋଟିସ ହୋଇଛି। ଏଥିପାଇଁ କମ୍ପାନୀ ପକ୍ଷରୁ ଠିକ ଭାବେ ଉତ୍ତର ଦିଆଯିବ ଏବଂ ଅନ୍ୟ ସମସ୍ତ ପରାମର୍ଶଗୁଡିକୁ ପାଳନ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ।

# ସ୍ତ୍ରୀଙ୍କୁ ହତ୍ୟାକରି ସ୍ୱାମୀଙ୍କ ଆତ୍ମହତ୍ୟା

ବେଲଗୁଣ୍ଠା/ଭଞ୍ଜନଗର,୭।୪
(କୃଷ୍ଣଚନ୍ଦ୍ର ପଟ୍ଟନାୟକ/ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ତନରଡା ପଞ୍ଚାୟତ ଅନ୍ତର୍ଗତ ସରନୂଆଁପଲ୍ଲୀ ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମ ବିବାହ କରିଥିବା ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀ ମଧ୍ୟ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କୁମର ନାଇକଙ୍କ ପୁଅ ଚିତ୍ରସେନ ନାଇକ(୨୮) ଓ ତାଙ୍କ ସ୍ତ୍ରୀ ନନ୍ଦିନୀ (ପୂଜା,୨୬)। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଖବରରୁ ପ୍ରକାଶ, ଚିତ୍ରସେନ ୭ ବର୍ଷ ତଳେ ତାଙ୍କ ସରନୂଆଁପଲ୍ଲୀ ଗ୍ରାମ ନିକଟସ୍ଥ ତନରଡା ଗ୍ରାମର ଅନ୍ୟ ଏକ ଜାତିର ଝିଅ ନନ୍ଦିନୀଙ୍କୁ ପ୍ରେମ ବିବାହ କରିଥିଲେ। ଝିଅ ଅନ୍ୟ ଜାତିରେ ବିବାହ କରିଥିବାରୁ ବିବାହ ପରେ ବାପଘର ଲୋକେ ଝିଅଘରକୁ ଆସୁ ନ ଥିଲେ। ତେବେ ଚିତ୍ରସେନ କରିଥିବା ଚିକେନ ଦୋକାନରୁ ଯାହା ରୋଜଗାର କରୁଥିଲେ ଖୁସିରେ ଦୁଇ ସନ୍ତାନଙ୍କୁ ନେଇ ତାଙ୍କ ପରିବାର ଭଲରେ ଚାଲୁଥିଲା। ହଠାତ୍ ନନ୍ଦିନୀଙ୍କ ବ୍ୟବହାରରେ ପରିବର୍ତ୍ତନ ହେଲା। ଅନ୍ୟଜଣକ ସହ ନନ୍ଦିନୀଙ୍କ ସମ୍ପର୍କ ଚିତ୍ରସେନଙ୍କୁ ସନ୍ଦେହରେ ପକାଇଥିଲା। ଧୀରେ ଧୀରେ ତାଙ୍କ ମନରେ ଏହି ସନ୍ଦେହ ବଢ଼ିବାକୁ ଲାଗିଲା। ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ଟିକେଟିକେ କଥାରେ ଝଗଡ଼ା ହେଉଥିଲା। ପରେ ନନ୍ଦିନୀ ଦୁଇ ଛୁଆଙ୍କୁ ଧରି କିଛିମାସ ହେବ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ଭୁବନେଶ୍ୱରରେ ଆସି ରହୁଥିଲେ। ଛୁଆଙ୍କୁ ଭୁବନେଶ୍ୱରରେ ଛାଡ଼ି ଦୁଇଦିନ ତଳେ ନନ୍ଦିନୀ ସରନୂଆଁପଲ୍ଲୀ ଗ୍ରାମକୁ ଆସିଥିଲେ। ସୋମବାର ରାତିରେ ନନ୍ଦିନୀ ଓ ଚିତ୍ରସେନଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଚିତ୍ରସେନ ଏକ ଧାରୁଆ ଅସ୍ତ୍ରରେ ନନ୍ଦିନୀଙ୍କୁ ହାଣି ହତ୍ୟା କରିଥିଲେ। ପରେ ଲୋକଲଜ୍ଜା ଭୟରେ ଚିତ୍ରସେନ ଘର ନିକଟରେ ଥିବା ଏକ ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ମଙ୍ଗଳବାର ଜଣାପଡିବା ପରେ ଘଟଣା ସ୍ଥଳରେ ଲୋକେ ଜମା ହୋଇଯାଇଥିଲେ। ଖବରପାଇ ଭଞ୍ଜନଗର ଏସ୍‌ଡିପିଓ ଡା. ଦୀପକ ମିଶ୍ର, ବେଲଗୁଣ୍ଠା ଆଇଆଇସି ରେବତୀ ଶବର ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଉଭୟ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛନ୍ତି। ଏନେଇ ନଂ. ୧୪୬/୨୬ରେ ଏକ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।


ମୃତ ନନ୍ଦିନୀ ନାଇକ

# ତାଣ୍ଡବ ରଚିଲା କାଳବୈଶାଖୀ


ଡିଆନାଳୀ ଛକଠାରେ ରାସ୍ତାରୋକୋ କରିଥିବା ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

- **ଅନେକ ଘର କ୍ଷତିଗ୍ରସ୍ତ**
- **କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ**
- **କୁଆପଥର ମାଡ଼ରେ ମା' ଓ ପୁଅ ଗୁରୁତର**

ପାଟଣା,୭।୪ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳରେ ମଙ୍ଗଳବାର କାଳବୈଶାଖୀର କରାଳରୂପ ଦେଖିବାକୁ ମିଳିଛି। ଅନେକ ଟାଇଲ, ଆଜ୍‌ବେଷ୍ଟସ୍ ଓ ଖପରଘର କ୍ଷତିଗ୍ରସ୍ତ ହେବା ସହ ଶତାଧିକ କାର୍ କାଚ ଭାଙ୍ଗିଛି। ପରିବା ଓ ତରଭୁଜ ଚାଷ ଉଜୁଡ଼ିଯାଇଛି। ବଡ଼ପାଟଣା, ମୂଷାଖୋରୀ, ଏରେଣ୍ଡେଇ, ସରାସକୋଲା, ପାଲାଣଘାଟି, ମିରିଗିଖୋଜି, ଡୁମୁରିଆ ପଞ୍ଚାୟତରେ କାଳବୈଶାଖୀ ତାଣ୍ଡବ ରଚିଛି। ଏହାର ପ୍ରଭାବରେ ଅନେକ ଲୋକ ବାସହୀନ ହୋଇଛନ୍ତି। ବଡ଼ ବଡ଼ କୁଆପଥର ମାଡ଼ରେ ମଲ୍ଲୀପୋଷି ଗ୍ରାମର କୁଳମଣି ଷଡ଼ଙ୍ଗୀ ଓ ତାଙ୍କ ମା' ଲକ୍ଷ୍ମୀଙ୍କ ମୁଣ୍ଡ ଫାଟି ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ଣରେ ପବନ ସାଙ୍ଗକୁ କୁଆପଥର ବୃଷ୍ଟି ହୋଇଥିଲା। ବଡ଼ ବଡ଼ ଆକାରର କୁଆପଥର ପଡ଼ିବା ଯୋଗୁ ପାଟଣା ମୁଖ୍ୟାଳୟରେ ଥିବା ସର୍ବ ପୁରାତନ ଜିଏନ୍ ହାଇସ୍କୁଲର ୯ଟି ଶ୍ରେଣୀଗୃହ ଓ ଷ୍ଟାଫ୍ କମନରୁମ୍ କ୍ଷତିଗ୍ରସ୍ତ ହୋଇଛି। ବୁଧବାର ଶିକ୍ଷାଦାନ ବାଧାପ୍ରାପ୍ତ ହେବାନେଇ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ନାୟକ ଆଶଙ୍କା ପ୍ରକାଶ କରିଛନ୍ତି। କ୍ଷତିଗ୍ରସ୍ତ ଲୋକେ ତୁରନ୍ତ ସରକାରୀ ସହାୟତା ଦାବିକରି ତହସିଲ ଅଫିସରେ ଧସେଇ ପଶିବା ସହ ଡେଙ୍କିକୋଟ-ପାଟଣା ୨୨୦ନଂ. ଜାତୀୟ ରାଜପଥର ମଲ୍ଲୀପୋଷି ହାଟ ଛକ, ଡିଆନାଳୀ ଛକ, ସାଧୁପଡ଼ା ଛକରେ ଦୀର୍ଘ ସମୟଧରି ରାସ୍ତାରୋକୋ କରିଥିଲେ। ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି,ମୋଟର ଅଟକି ରହିଥିଲା। ଖବରପାଇ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ପାଟଣା ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ତହସିଲଦାର ଅଶ୍ୱିନୀ କୁମାର ନାଏକ, ବିଡିଓ ମାନସ କୁମାର ଦଣ୍ଡପାଟ, ଥାନା ଅଧିକାରୀ କିରଣ ପ୍ରସାଦ ସାହୁ ଲୋକଙ୍କୁ ରନ୍ଧାଖାଦ୍ୟ, ପାଲ ଏବଂ କ୍ଷତିପୂରଣ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା। ଏନେଇ ଜିଲାପାଳ ବିଶାଳ ସିଂଙ୍କୁ ପଚାରିବାରୁ ଯୁଦ୍ଧକାଳୀନ ଭିତ୍ତିରେ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ କର୍ମଚାରୀମାନେ ଲାଗିଛନ୍ତି। ତହସିଲଦାର ନାଏକ କହିଛନ୍ତି, ସ୍କୁଲଗୁଡ଼ିକୁ ସେଲ୍ଟର ରୁମ୍ ଭାବେ ବ୍ୟବହାର କରାଯାଉଛି। ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ। ଯୁଦ୍ଧକାଳୀନ ଭିତ୍ତିରେ ପଲିଥିନ୍ ବଣ୍ଟନ ହେଉଛି। ବଡ଼ପାଟଣା ସରପଞ୍ଚ ବିନତୀ ବାନାରା, ମୂଷାଖୋରୀ ସରପଞ୍ଚ ଭାମାମଣି ଦାସ, ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, କେନ୍ଦୁଝର ଏମ୍‌ପିଙ୍କ ପାଟଣା ବ୍ଲକ ପ୍ରତିନିଧି ପ୍ରହ୍ଲାଦ ପଲେଇ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ନାୟକ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ପାଟଣା ବ୍ଲକ୍ ମୁଖ୍ୟାଳୟ ଶଂରାପୋଷି, ବଡ଼ପାଟଣା, ସ୍ୱାମ ଶାସନ, ନୂଆସାହି, ମୁଣ୍ଡାସାହି, ଖସାପିଟା ସାହି, ସାଧୁପଡ଼ା, ଝାଟିପଡ଼ା, ଗୁଲୁଦିପୋଷି, ମଲ୍ଲୀପୋଷି, ମୂଷାଖରି, ଭାଲୁଘର, ପଡ଼ିଆପଶି, ରୁଡ଼ିଆପଡ଼ା, ମୂଷାନାଳି, ଦକ୍ଷିଣ ପୋଷି ଆଦି ଗ୍ରାମ ବିଶେଷ ଭାବରେ ପ୍ରଭାବିତ ହୋଇଛି। ଡୁମୁରିଆ ପଞ୍ଚାୟତ କୋଠଘର ଗ୍ରାମର ଲମ୍ବୋଦର ମହାନ୍ତଙ୍କ ୮ ଏକର ତରଭୁଜ ଚାଷ ଉଜୁଡ଼ିଯାଇଛି।



ଇସ୍ରାଏଲ୍‌ର ତେଲ୍ ଆଭିଭ୍ ଜିଲା ଅନ୍ତର୍ଗତ ରମତ୍ ଗାନ୍ ସହରରେ ଇରାନ କ୍ଷେପଣାସ୍ତ୍ର ମାଡ଼ରେ ଧ୍ୱଂସ ହୋଇଥିବା ଆପାର୍ଟମେଣ୍ଟ ବିଲ୍ଡିଂ ଓ କାର୍‌ଗୁଡ଼ିକୁ ଜଣେ ବ୍ୟକ୍ତି ଦେଖୁଛନ୍ତି।

## ଆନ୍ତଃ ରାଜ୍ୟ ଲଶ୍କର ର୍ୟାକେଟ୍ ପର୍ଦ୍ଦାଫାଶ: ୫ ଆତଙ୍କବାଦୀ ଗିରଫ

ଶ୍ରୀନଗର,୭।୪ (ପି.ଟି.)

ଶ୍ରୀନଗର ପୋଲିସ ଏକ ବୃହତ୍ ଆନ୍ତଃ ରାଜ୍ୟ ଲଶ୍କର ମଡ୍ୟୁଲ୍‌ର ପର୍ଦ୍ଦାଫାଶ କରିବା ସହ ୫ ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ପାକିସ୍ତାନୀ ଆତଙ୍କବାଦୀ ଅବଦୁଲ୍ଲା ଓରଫ ଅବୁ ହୁରେଇରା ଅଛନ୍ତି। ସେ ୧୬ ବର୍ଷ ହେଲା ସୁରକ୍ଷା ବଳ ଆଖିରେ ଧୂଳିଦେଇ କଶ୍ମୀର ବାହାରେ ଆତଙ୍କବାଦୀ ବେସ୍ ସ୍ଥାପନ କରିବାରେ ସଫଳ ହୋଇଥିଲେ ବୋଲି ଜଣେ ଅଧିକାରୀ ମଙ୍ଗଳବାର କହିଛନ୍ତି। ଦ୍ୱିତୀୟ ପାକିସ୍ତାନୀ ଆତଙ୍କବାଦୀ ଉସ୍‌ମାନ ଓରଫ ଖୁବୈବ୍‌ଙ୍କୁ ମଧ୍ୟ ସୋମବାର ଗିରଫ କରାଯାଇଛି। ଫରିଦାବାଦର ଅଲ୍ ଫଲାହ ୟୁନିଭର୍ସିଟିରେ ନିଜର କେନ୍ଦ୍ର କରିଥିବା ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍‌ର ପର୍ଦ୍ଦାଫାଶ କରିଥିବା ଜମ୍ମୁ-କଶ୍ମୀର ପୋଲିସ ୬ ମାସ ପରେ ଆନ୍ତଃରାଜ୍ୟ ଟେରର ମଡ୍ୟୁଲକୁ ଠାବ କରିଛି। ଗତ କିଛିଦିନ ମଧ୍ୟରେ ତଦନ୍ତକାରୀ ଅଧିକାରୀମାନେ ଜମ୍ମୁ-କଶ୍ମୀର, ରାଜସ୍ଥାନ ଓ ହରିୟାଣାର ୧୯ଟି ସ୍ଥାନରେ ତଲାସି ନେଇଥିଲେ। ସେଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଆପରାଧିକ ସାମଗ୍ରୀ ଜବତ ହୋଇଥିଲା। ତଦନ୍ତରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସାମିଲ ଥିଲେ। ଲଶ୍କର ଆତଙ୍କବାଦୀଙ୍କୁ ଲଜିଷ୍ଟିକ୍ସ ଓ ଆର୍ଥିକ ସହାୟତା ଯୋଗାଇବାରେ ଏକ ବଡ଼ ନେଟ୍‌ୱର୍କ ଚାଲିଥିବା ତଦନ୍ତରୁ ଜଣାପଡ଼ିଛି।

ଗିରଫ ୫ ଜଣଙ୍କ ମଧ୍ୟରୁ ମହମ୍ମଦ ନକିବ୍ ଭଟ, ଆଦିଲ ରଶିଦ ଭଟ ଏବଂ ଗୁଲାମ ମହମ୍ମଦ ମିର୍ ଶ୍ରୀନଗର ବାସିନ୍ଦା। ସେମାନେ ପାକିସ୍ତାନୀ ଆତଙ୍କବାଦୀଙ୍କୁ ଖାଦ୍ୟ, ଆଶ୍ରୟ ଓ ଲଜିଷ୍ଟିକ୍ସ ଯୋଗାଉଥିଲେ। ଜମ୍ମୁ-କଶ୍ମୀର ପୋଲିସ ଡିଜି ନଳିନ ପ୍ରଭାତ ବ୍ୟକ୍ତିଗତ ଭାବେ ଅଭିଯାନର ତଦାରଖ କରୁଥିଲେ।

ଗିରଫ ହୋଇଥିବା ୨ ପାକିସ୍ତାନୀ ଆତଙ୍କବାଦୀ ଏ+ ଗ୍ରେଡ୍‌ର। ସେମାନେ ୧୬ ବର୍ଷ ପୂର୍ବେ ଭାରତ ମଧ୍ୟକୁ ଅନୁପ୍ରବେଶ କରିବା ପରେ କଶ୍ମୀର ଉପତ୍ୟକାର ବିଭିନ୍ନ ଜିଲାରେ ସକ୍ରିୟ ରହିଥିଲେ। ବହୁବର୍ଷ ଧରି ସେମାନଙ୍କ ନିର୍ଦ୍ଦେଶରେ ୪୦ ଜଣ ବିଦେଶୀ ଆତଙ୍କବାଦୀ କାମ କରୁଥିଲେ। ଉକ୍ତ ଆତଙ୍କବାଦୀଙ୍କ ମଧ୍ୟରୁ ଅଧିକାଂଶ ନିହତ ହୋଇଥିବା ଜଣେ ପୋଲିସ ଅଫିସର କହିଛନ୍ତି। ଅବଦୁଲ୍ଲା ଏବଂ ଉସ୍ମାନଙ୍କଠାରୁ ବିଭିନ୍ନ ରାଜ୍ୟର ଠିକଣା ଥିବା ଜାଲ୍ କାଗଜପତ୍ର ଜବତ ହୋଇଛି। ଉପତ୍ୟକା ବାହାରେ ଯାତାୟାତ ପାଇଁ ସେମାନେ ଜାଲ୍ ପରିଚୟ ବ୍ୟବହାର କରୁଥିଲେ। ଜାଲ୍ ଦସ୍ତାବିଜ୍‌ରେ ପ୍ରସ୍ତୁତ ଏକ ବୈଧ ପାସ୍‌ପୋର୍ଟ ସହାୟତାରେ ଜଣେ ବିଦେଶୀ ଆତଙ୍କବାଦୀ ଦେଶ ବାହାରକୁ ଯିବାକୁ ସକ୍ଷମ ହୋଇଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।

## ମାଲଦା ଘଟଣାର ଏନ୍‌ଆଇଏ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ,୭।୪(ପି.ଟି.)

ପଶ୍ଚିମବଙ୍ଗର ମାଲଦାରେ ନ୍ୟାୟିକ ଅଧିକାରୀମାନଙ୍କୁ ଘେରାଉ ଘଟଣାର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କରିବାକୁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗ ସଚିବାଳୟ ଏବଂ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ରାଜନୀତି ପ୍ରବେଶ କରିବା ସହ ପ୍ରଶାସନର ବିଶ୍ୱସନୀୟତା ହ୍ରାସ ପାଉଥିବା ଲକ୍ଷ୍ୟକରି ସର୍ବୋଚ୍ଚ ଅଦାଲତ ଏନ୍‌ଆଇଏକୁ ତଦନ୍ତ ଭାର ଦେଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୪୨ରେ ଦିଆଯାଇଥିବା କ୍ଷମତାର ଉପଯୋଗ କରି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏପ୍ରିଲ ୧ ଘଟଣା ସମ୍ପର୍କିତ ୧୨ଟି ମାମଲାକୁ ଏନ୍‌ଆଇଏକୁ ସ୍ଥାନାନ୍ତର କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟ ସଚିବ ଦୁଷ୍ୟନ୍ତ ନରିଆଲା କୋଲକାତା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କଲ୍‌କୁ ଗ୍ରହଣ କରି ନ ଥିବାରୁ ତାଙ୍କୁ କ୍ଷମା ମାଗିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନ୍ୟାୟିକ ଅଧିକାରୀଙ୍କୁ ଘେରାଉ କରାଗଲାବେଳେ ସ୍ଥିତିକୁ ନିୟନ୍ତ୍ରଣ କରିବାରେ ସ୍ଥାନୀୟ ପୋଲିସ ଓ ପ୍ରଶାସନ ବିଫଳ ହୋଇଥିଲା। ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଥିଲେ। ଘେରାଉ ସ୍ଥଳରେ ଶତାଧିକ ଲୋକଙ୍କୁ ଏକାଠି ହେବାକୁ କିଏ ଅନୁମତି ଦେଲା ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

# ଖାର୍ଗ ଦ୍ୱୀପରେ ଆମେରିକାର ଆକ୍ରମଣ

ୱାଶିଂଟନ,୭।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନକୁ ଯୁଦ୍ଧବିରତି ପାଇଁ ଡିଲ୍ କରିବା ଏବଂ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଖୋଲିଦେବା ପାଇଁ ୪୮ ଘଣ୍ଟିଆ ମହଲତ ଦେଇଥିବାବେଳେ ଏହି ସମୟସୀମା ଶେଷ ହେବାର ଅନେକ ଘଣ୍ଟା ପୂର୍ବରୁ ଆମେରିକା ସେନା ମଙ୍ଗଳବାର ଜୋର୍‌ଦାର ଆକ୍ରମଣ କରିଛି। ଇରାନର ରଣନୈତିକ ତୈଳ ହବ୍ ଭାବେ ପରିଚିତ ଖାର୍ଗ ଦ୍ୱୀପର ୫୦ଟି ମିଲିଟାରି ଟାର୍ଗେଟ ଉପରେ ଆମେରିକା ଆକ୍ରମଣ କରିଥିବା ସେଠାର ଏକ ଗଣମାଧ୍ୟମ ପ୍ରକାଶ କରିଛି। ଯୁଦ୍ଧବିରତି ଡିଲ୍ ପାଇଁ ଟ୍ରମ୍ପ୍ ଦେଇଥିବା ମହଲତ ମଙ୍ଗଳବାର ରାତି ୮ଟା (ଇଷ୍ଟର୍ନ ଟାଇମ୍) ତଥା ଭାରତୀୟ ସମୟ ବୁଧବାର ସକାଳ ୫ଟା ୩୦ ମିନିଟ୍‌ରେ ଶେଷ ହେବ।

ଇରାନକୁ ଟ୍ରମ୍ପ୍ ଧମକ ଦେଇ କହିଛନ୍ତି, ଯୁଦ୍ଧବିରତି ଡିଲ୍ ନ କରିବାର ଭୟାନକ ପରିଣାମ ହେବାକୁ ଯାଉଛି। ଦିବସ ଶେଷ ସୁଦ୍ଧା ଇରାନ ସଭ୍ୟତା ସମ୍ପୂର୍ଣ୍ଣ ଲୋପ ପାଇଯାଇପାରେ ବୋଲି ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଛନ୍ତି। ସେ ଲେଖିଛନ୍ତି, ମଙ୍ଗଳବାର ରାତିରେ ସମ୍ପୂର୍ଣ୍ଣ ସଭ୍ୟତା ମରିଯିବ ଓ ଆଉ କେବେ ଫେରିବ ନାହିଁ। ତେବେ ସେ ତାହା ହେବାକୁ ଚାହୁଁ ନାହାନ୍ତି, କିନ୍ତୁ ସମ୍ଭବତଃ ଘଟିବାକୁ ଯାଉଛି ବୋଲି କହିଛନ୍ତି। ସ୍ଥିତିକୁ ଦେଖି ଶେଷ ମୁହୂର୍ତ୍ତରେ ଆକ୍ରମଣକୁ ସ୍ଥଗିତ ରଖାଯାଇପାରେ। ବିଶ୍ୱର ଦୀର୍ଘ ତଥା ଜଟିଳ ଇତିହାସରେ ମଙ୍ଗଳବାର ରାତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ଟ୍ରମ୍ପ୍ କହିଛନ୍ତି।



ଖାର୍ଗ ଦ୍ୱୀପ।

ଟ୍ରମ୍ପ୍‌ଙ୍କ ଅସ୍ତ୍ରବିରତି ଯୋଜନାକୁ ତେହରାନ ପ୍ରତ୍ୟାଖ୍ୟାନ କରିଦେବା ପରେ ସେ ବହୁତ କ୍ଷୁବ୍ଧ। ଯଦି ଡିଲ୍ କରିବାରେ ଇରାନ ବିଫଳ ହୁଏ, ତେବେ ଏହାକୁ ବହୁତ ବଡ଼ ମୂଲ୍ୟ ଦେବାକୁ ପଡ଼ିବ ବୋଲି ଟ୍ରମ୍ପ୍ ଚେତାବନୀ ଦେବାର ଦିନକ ପରେ ଏହି ଆକ୍ରମଣ ଆରମ୍ଭ ହୋଇଛି। ଷଷ୍ଠ ସପ୍ତାହରେ ପହଞ୍ଚିଥିବା ଯୁଦ୍ଧର ସ୍ଥାୟୀ ଅବସାନ ଇରାନ ଚାହୁଁଥିବାବେଳେ ଏଥିପାଇଁ ଅନେକ ସର୍ତ୍ତ ରଖିଛି। ଖାର୍ଗରେ ଆମେରିକାର ଆକ୍ରମଣ ପରେ ଇରାନର ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ଚେତାବନୀ ଦେଇ କହିଛି, ସଂଯମର ସୀମା ସରିଯାଇଛି ଏବଂ ଆଞ୍ଚଳିକ ଅଶୋଧିତ ତୈଳ ଯୋଗାଣରେ ଗୁରୁତର ବାଧା ସୃଷ୍ଟି କରିବାର ନୂଆ ଆଶଙ୍କା ସୃଷ୍ଟି ହୋଇଛି। ଆମେରିକା ଏବଂ ଏହାର ସହଯୋଗୀଙ୍କ ଶକ୍ତି ଭିତ୍ତିଭୂମିକୁ ପାଉଁଶରେ ପରିଣତ କରିଦେବ ବୋଲି ଆଇଆର୍‌ଜିସି ଚେତାବନୀ ଦେଇଛି।

ଖାର୍ଗ ଦ୍ୱୀପ ଇରାନର ମୁଖ୍ୟ ତୈଳ ରପ୍ତାନି ଟର୍ମିନାଲ ଭାବେ କାର୍ଯ୍ୟ କରିଥାଏ ଏବଂ ସେଠାରୁ ଦେଶର ୯୦ ପ୍ରତିଶତ ଅଶୋଧିତ ତୈଳ ବିଦେଶକୁ ପଠାଯାଇଥାଏ। ଗତ ମାସରେ ଆମେରିକା ଖାର୍ଗ ଦ୍ୱୀପର ସାମରିକ ଟାର୍ଗେଟ ଉପରେ ଆକ୍ରମଣ କରିବାରୁ ଇରାନର ନାଭାଲ ମାଇନ୍ ଷ୍ଟୋରେଜ୍ ଏବଂ ମିଶାଇଲ୍ ବଙ୍କର ଧ୍ୱଂସ ହୋଇଥିଲା।

## ଇସ୍ରାଏଲୀ କନ୍‌ସୁଲେଟ୍ ନିକଟରେ ଗୁଳିମାଡ଼: ୩ ମୃତ

ଇସ୍ତାନବୁଲ୍,୭।୪

ତୁର୍କୀର ଇସ୍ତାନବୁଲ୍ ସହରରେ ଥିବା ଇସ୍ରାଏଲ୍‌ର ବାଣିଜ୍ୟିକ ଦୂତାବାସ ବିଲ୍ଡିଂ ନିକଟରେ ମଙ୍ଗଳବାର ଗୁଳିମାଡ଼ ହୋଇଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୨ ଜଣ ପୋଲିସ ଅଫିସର ଆହତ ହୋଇଛନ୍ତି। ତୁର୍କୀ ପୋଲିସ ଗୁଳିରେ ୩ ବନ୍ଧୁକଧାରୀ ନିହତ ହୋଇଥିବା ଅଲ୍ ଜଜିରା ରିପୋର୍ଟରେ କୁହାଯାଇଛି। ଇସ୍ରାଏଲୀ ବାଣିଜ୍ୟିକ ଦୂତାବାସ ଥିବା ଅଞ୍ଚଳ ଅତ୍ୟନ୍ତ ଜନବହୁଳ ସ୍ଥାନ ହୋଇଥିବାବେଳେ ସେଠାରେ ବିଭିନ୍ନ ଅନ୍ତର୍ଜାତୀୟ କାର୍ଯ୍ୟାଳୟ ଓ ବିଜ୍‌ନେସ୍ ହାଉସ୍ ରହିଛି, ଯେଉଁଠି ଅନେକ ହଜାର ଲୋକ କାମ କରିଥାନ୍ତି। ଏକ ଇସ୍ତାନବୁଲ୍‌ର ବେସିକ୍‌ଟାସ୍ ଜିଲାର ୟାପି ପ୍ରେଡି ପ୍ଲାଜାରେ ଥିବା ସୁଉଚ୍ଚ ବିଲ୍ଡିଂର ୭ମ ମହଲାରେ ଇସ୍ରାଏଲୀ କନ୍‌ସୁଲେଟ୍ ରହିଛି।

## ଆମେରିକା ସହ ଯୋଗାଯୋଗ ବିଚ୍ଛିନ୍ନକଲା ଇରାନ

ଟ୍ରମ୍ପ୍‌ଙ୍କ ଡେଡ୍‌ଲାଇନ୍ ଶେଷ ହେବା ପୂର୍ବରୁ ଇରାନ ଆମେରକା ସହ ସମସ୍ତ କୂଟନୈତିକ ଓ ପରୋକ୍ଷ ଯୋଗାଯୋଗ ଚ୍ୟାନେଲ୍‌କୁ ବନ୍ଦ କରିଦେଇଛି। ୨ ଦେଶ ମଧ୍ୟରେ ସମସ୍ତ ବାର୍ତ୍ତା ବିନିମୟ ବନ୍ଦ ରହିଥିବା ତେହରାନ୍ ଟାଇମ୍ସ ପ୍ରକାଶ କରିଛି। ଅନ୍ୟପକ୍ଷରେ ଯୁଦ୍ଧ ବନ୍ଦ ପାଇଁ ଆଲୋଚନା ଜାରି ରହିଥିବା ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ କିଛି ଘଣ୍ଟା ପୂର୍ବରୁ କହିଥିଲେ। ଇତିମଧ୍ୟରେ ଅନେକ ବୁଝାମଣା ହେଲାଣି ଏବଂ ଏକ ଭଲ ସଂକଳ୍ପ ନେଇ ସେ ଆଶାବାଦୀ ବୋଲି କହିଥିଲେ। ଆଲୋଚନା ସକାରାତ୍ମକ ରହିଥିବା କେତେଜଣ ଆମେରିକୀୟ ଅଧିକାରୀ ମଧ୍ୟ ଫକ୍ସ ନ୍ୟୁଜ୍‌କୁ କହିଛନ୍ତି।

## ପଓ୍ୱନ ଖେରାଙ୍କ ଘରେ ଆସାମ ପୋଲିସ

**ହିମନ୍ତ ବିଶ୍ୱଶର୍ମା ସ୍ତ୍ରୀଙ୍କ ପାସ୍‌ପୋର୍ଟକୁ ନେଇ ବିବାଦ**



ନୂଆଦିଲ୍ଲୀ,୭।୪

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସ୍ତ୍ରୀ ରିନିକି ଭୂୟାଁ ଶର୍ମା ୩ଟି ପାସ୍‌ପୋର୍ଟ ରଖିଥିବା ନେଇ କଂଗ୍ରେସ ନେତା ପଓ୍ୱନ ଖେରା ରବିବାର ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ। ରିନିକି ଏତଲା ଦେବା ପରେ ଆସାମ ପୋଲିସର ଏକ ଟିମ୍ ଦିଲ୍ଲୀ ପୋଲିସ ସହ ମିଶି ମଙ୍ଗଳବାର ସକାଳେ ଖେରାଙ୍କ ଦିଲ୍ଲୀର ନିଜାମୁଦ୍ଦିନ୍ ଇଷ୍ଟସ୍ଥିତ ଘରେ ପହଞ୍ଚିଥିଲେ। ସେହି ସମୟରେ କଂଗ୍ରେସର ଗଣମାଧ୍ୟମ ଓ ପ୍ରଚାର ବିଭାଗ ମୁଖ୍ୟ ଖେରା ଘରେ ନ ଥିବାରୁ ପୋଲିସ ଖୋଜାଖୋଜି କରି ଫେରିଯାଇଥିଲା। ଖେରାଙ୍କ ଘରୁ କେତେକ ଆପତ୍ତିଜନକ କାଗଜପତ୍ର ମିଳିଥିବା ପୋଲିସ କହିଛି। ସେ ହାଇଦ୍ରାବାଦରେ ଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଖେରା ସୋମବାର ଗୁଆହାଟୀରୁ ପଳାଇଥିଲେ। ଏବେ ସେ ହାଇଦ୍ରାବାଦ ପଳାଇଯାଇଛନ୍ତି। ଆଇନ ତା' ବାଟରେ ଯିବ ବୋଲି ଆସାମ ମୁଖ୍ୟମନ୍ତ୍ରୀ କହିଛନ୍ତି।

# ୪୨.୫% ଭାରତୀୟ ସ୍ୱାସ୍ଥ୍ୟକୁ ଅଣଦେଖା କରନ୍ତି



ନୂଆଦିଲ୍ଲୀ,୭।୪(ପି.ଟି.)

କାର୍ଯ୍ୟବ୍ୟସ୍ତତା କାରଣରୁ ୪୨.୫ ପ୍ରତିଶତ ଭାରତୀୟ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରୁଥିବା ସ୍ୱୀକାର କରିଛନ୍ତି। ୫୭.୮ ପ୍ରତିଶତ କହିଛନ୍ତି, ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କ'ଣ ଭଲ ତାହା ସେମାନେ ଜାଣନ୍ତି, କିନ୍ତୁ ତାହାକୁ କାର୍ଯ୍ୟକାରୀ କରିବା କଷ୍ଟ ହୋଇଥାଏ। ସଚେତନତା ଏବଂ ଏହାକୁ କାର୍ଯ୍ୟକାରୀ କରିବା ମଧ୍ୟରେ ବ୍ୟବଧାନ ବଢୁଥିବା ମଙ୍ଗଳବାର ପ୍ରକାଶିତ ଏକ ସର୍ଭେରୁ ଏହା ଜଣାପଡ଼ିଛି।

ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ହାବିଲ୍ଡ ନାମକ ଆରୋଗ୍ୟ ମଞ୍ଚ ପକ୍ଷରୁ ମେଟ୍ରୋ ସମେତ ବିଭିନ୍ନ ସହରର ୫,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମତାମତ ନିଆଯାଇ ଏହି ତଥ୍ୟ ଆଧାରିତ ଅଧ୍ୟୟନ କରାଯାଇଥିଲା। ଅଧ୍ୟୟନ ଅନୁଯାୟୀ, ୪୬ ପ୍ରତିଶତ ଲୋକ ନିଜକୁ ଫିଟ୍ ରଖିବା ପାଇଁ ସକ୍ରିୟ ଉଦ୍ୟମ କରୁଥିଲେ ମଧ୍ୟ ଏହାକୁ ନିୟମିତ ଜାରି ରଖିବାରେ ବିଫଳ ହେଉଛନ୍ତି। ଏଥିରୁ ସୂଚିତ ହେଉଛି ଯେ, ସଚେତନତାକୁ ନେଇ ନୁହେଁ, ବରଂ ଦୈନନ୍ଦିନ ଜୀବନରେ ସ୍ୱାସ୍ଥ୍ୟକର ଅଭ୍ୟାସଗୁଡ଼ିକୁ ସାମିଲ କରିବାକୁ ନେଇ ଚ୍ୟାଲେଞ୍ଜ ରହିଥିବା ରିପୋର୍ଟରେ କୁହାଯାଇଛି। ମତାମତ ଦେଇଥିବା ଲୋକଙ୍କ ମଧ୍ୟରୁ ପ୍ରାୟ ୯୦ ପ୍ରତିଶତ ମହିଳାଙ୍କ ବୟସ ୪୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ଥିଲା।

ସର୍ଭେରୁ ସ୍ପଷ୍ଟ ହୋଇଛି ଯେ, ଦୈନନ୍ଦିନ ଜୀବନରେ ବ୍ୟାୟାମ ଛାଡ଼ିଦେବା, ପରିବାରର ଦାୟିତ୍ୱ ଯୋଗୁ ଚାଲିବା ପାଇଁ ସମୟ ନ ଦେବା ଏବଂ ଅଧିକ ସମୟ ଶୋଇବାରେ ସାଲିସ୍ କରିବା ଯୋଗୁ ସ୍ୱାସ୍ଥ୍ୟ ପ୍ରତି ପ୍ରାଥମିକତା ଦିଆଯାଇପାରୁନାହିଁ। ଶାରୀରିକ କାର୍ଯ୍ୟକଳାପରେ ସ୍ଥିରତା ବଜାୟ ରଖିବାରେ ଲିଙ୍ଗଗତ ପ୍ରତିବନ୍ଧକ ମଧ୍ୟ ରହିଥିବା ସର୍ଭେରୁ ଜଣାପଡ଼ିଛି। ପରିବାର ଏବଂ ଘରର ଦାୟିତ୍ୱ ଯୋଗୁ ମହିଳାମାନେ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଅଧିକ ଅଣଦେଖା କରିଥାନ୍ତି। ଅନ୍ୟପକ୍ଷରେ ପୁରୁଷମାନେ ଇଚ୍ଛାଶକ୍ତି ଥିବା ସତ୍ତ୍ୱେ ନିୟମିତ ନିୟମ ମାନି କାର୍ଯ୍ୟ କରିବାରେ ଅସୁବିଧା ହୋଇଥାଏ। ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବାରେ ଜୀବନଶୈଳୀ ଚାପ ମୁଖ୍ୟ ପ୍ରତିବନ୍ଧକ ଭାବେ ଦେଖାଦେଇଛି। ପରିବାରର ଦାୟିତ୍ୱ ସବୁଠୁ ବଡ଼ ପ୍ରତିବନ୍ଧକ ବୋଲି ୨୮ ପ୍ରତିଶତ ମତ ଦେଇଥିବାବେଳେ କାର୍ଯ୍ୟଜନିତ ଚାପକୁ ୧୯.୬% ଏବଂ ପ୍ରେରଣାର ଅଭାବକୁ ୧୭.୫% ଦାୟୀ କରିଛନ୍ତି।

ଆଗାମୀ ଦଶକରେ ଜୀବନଶୈଳୀ ରୋଗ ଭାରତରେ ସ୍ୱାସ୍ଥ୍ୟ ପ୍ରତି ସବୁଠୁ ବଡ଼ ଆହ୍ୱାନ ହେବ ବୋଲି ୫୧.୫ ପ୍ରତିଶତରୁ ଊର୍ଦ୍ଧ୍ୱ ବିଶ୍ୱାସ କରୁଥିବା କହିଛନ୍ତି। ମାନସିକ ସ୍ୱାସ୍ଥ୍ୟକୁ ନେଇ ଚିନ୍ତା ବଢୁଥିବା ୨୭.୪ ପ୍ରତିଶତ ମତ ଦେଇଛନ୍ତି। ଏ ସମ୍ପର୍କିତ ସଚେତନତା ସ୍ଥାୟୀ ଆଚରଣରେ ପରିଣତ ହୋଇପାରିନାହିଁ। ସ୍ୱାସ୍ଥ୍ୟକୁ ଅଧିକ ଗୁରୁତ୍ୱର ସହ ନେବା ପାଇଁ ଗଠନମୂଳକ କାର୍ଯ୍ୟକ୍ରମ ସହାୟକ ହେବ ବୋଲି ୫୮.୭ ପ୍ରତିଶତ ମତ ଦେଇଛନ୍ତି। ପ୍ରତିବେଶୀଙ୍କ ସହଭାଗିତାରେ ସ୍ୱାସ୍ଥ୍ୟ ସଚେତନତା ନିୟମିତତାରେ ଉନ୍ନତି ଘଟିବ ବୋଲି ୭୧ ପ୍ରତିଶତ ବିଶ୍ୱାସ କରୁଥିବା କହିଛନ୍ତି।

# ଅଜିତ ଯୋଗୀଙ୍କ ପୁଅଙ୍କୁ ଆଜୀବନ ଜେଲ

**ଏନ୍‌ସିପି ନେତାଙ୍କୁ ହତ୍ୟା ମାମଲା**

ରାୟପୁର,୭।୪

୨୦୦୩ରେ ଏନ୍‌ସିପି ନେତାଙ୍କୁ ହତ୍ୟା ମାମଲାରେ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀଙ୍କ ପୁଅ ଅମିତ୍ ଯୋଗୀଙ୍କୁ ଛତିଶଗଡ଼ ହାଇକୋର୍ଟ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଜନତା କଂଗ୍ରେସ ଛତିଶଗଡ଼ (ଜେ) ସଭାପତି ଥିବା ଅମିତ୍‌ଙ୍କୁ ୨୦୦୭ରେ ତଳକୋର୍ଟ କ୍ଲିନ୍‌ଚିଟ୍ ଦେଇଥିବାବେଳେ ମୁଖ୍ୟ ବିଚାରପତି ରମେଶ ସିହ୍ନା ଏବଂ ଜଷ୍ଟିସ୍ ଅରବିନ୍ଦ କୁମାର ବର୍ମାଙ୍କ ଖଣ୍ଡପୀଠ ଏହାକୁ ଖାରଜ କରିଦେଇଛନ୍ତି। ସମାନ ତଥ୍ୟ ପ୍ରମାଣ ଆଧାରରେ ଅନ୍ୟ ୨୮ ଅଭିଯୁକ୍ତ ଦୋଷୀସାବ୍ୟସ୍ତ ହୋଇଥିବାବେଳେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଅମିତ୍‌ଙ୍କୁ ଦୋଷମୁକ୍ତ କରାଯିବା ଅନ୍ୟାୟ ବୋଲି ଖଣ୍ଡପୀଠ କହିଛନ୍ତି।

ସୂଚନାଯୋଗ୍ୟ, ୨୦୦୩ ଜୁନ୍ ୪ରେ ବିଦ୍ୟାଚରଣ ଶୁକ୍ଲାଙ୍କ ଘନିଷ୍ଠ ସହଯୋଗୀ ତଥା ବରିଷ୍ଠ ଏନ୍‌ସିପି ନେତା ରାମାବତାର ଜଗିଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହାକୁ ନେଇ ରାଜନୀତିରେ ତୁମ୍ବିତୋଫାନ ହୋଇଥିଲାବେଳେ ପୋଲିସ ୩୧ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ରାୟପୁରର ଏକ ଅଦାଲତ ୨୦୦୭ରେ ୨୮ ଜଣଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ପ୍ରମାଣ ଅଭାବରୁ ଅମିତ୍‌ଙ୍କୁ ଦୋଷମୁକ୍ତ କରିଥିଲେ।

## ଅରୁଣାଚଳ ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କୀୟଙ୍କୁ ଠିକା କାମର ସିବିଆଇ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ,୭।୪(ପି.ଟି.)

ଅରୁଣାଚଳପ୍ରଦେଶ କେତେକ ସରକାରୀ କାମକୁ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁଙ୍କ ପରିବାର ସଦସ୍ୟଙ୍କ ମାଲିକାନାରେ ଥିବା କମ୍ପାନୀକୁ ଠିକା ଦିଆଯିବା ଅଭିଯୋଗର ସିବିଆଇ ତଦନ୍ତ ପାଇଁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ୨ ସପ୍ତାହ ମଧ୍ୟରେ ଏତଲା ଦାଏର କରିବାକୁ ଜଷ୍ଟିସ୍ ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ରାଜ୍ୟ ଓ ସରକାରୀ ସଂସ୍ଥା କୌଣସି ରାଜନେତା କିମ୍ବା ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛାରେ କାହାକୁ ସୁବିଧା ଦେଇପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିବା ସହ ଏଭଳି ମାମଲାର ନିରପେକ୍ଷ ତଦନ୍ତ ଜରୁରୀ ବୋଲି କହିଛନ୍ତି।

## ଚର୍ଚ୍ଚାରେ ସଲମାନଙ୍କ ଫଟା ଜୋତା



ମୁମ୍ବାଇ

ଫ୍ୟାଶନ ହେଉ କି ଫିଲ୍ମ ସବୁଠି ଚର୍ଚ୍ଚାରେ ଥାଆନ୍ତି ବଲିଉଡ୍ ସୁପରଷ୍ଟାର ସଲମାନ ଖାନ୍। ନିକଟରେ ସେ ପିନ୍ଧିଥିବା ଜୋତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ସଲମାନଙ୍କ ଏକ ଫଟୋ ଭାଇରାଲ ହେଉଛି। ଏହି ଫଟୋରେ ସେ ଏକ ଫଟା ଜୋତା ପିନ୍ଧିଥିବା ଦେଖିବାକୁ ମିଳିଛି। ଏହା ଦେଖି ପ୍ରଶଂସକମାନେ ମଧ୍ୟ ତାଙ୍କୁ ଟ୍ରୋଲ୍ କରିବାକୁ ପଛାଉନାହାନ୍ତି। ସଲମାନଙ୍କ ଜୋତାର ଡିଜାଇନ ଏପରି ଯେ, ଯାହା ଫଟା ଏବଂ ପଲିସ ହୋଇ ନ ଥିବା ପରି ଦେଖାଯାଉଛି। କିନ୍ତୁ ଏହା ଲୋକପ୍ରିୟ ଲଗ୍‌ଜୁରି ବ୍ରାଣ୍ଡ 'ବାଲେନସିଆଗା'ର ଏକ ଉତ୍ପାଦ, ଯାହାର ମୂଲ୍ୟ ୧ଲକ୍ଷ ୨୦ ହଜାରରୁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି।



ବିଏସ୍ଇ ସେନ୍‌ସେକ୍ସ
୭୪,୬୧୬.୫୮(+୫୦୯.୭୩)



୧ ଡଲାର = ୯୨.୮୬ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୧୧୦.୫୦ ଡଲାର

# ଆଜି ଆସିବ ଆର୍‌ବିଆଇ ମୁଦ୍ରାନୀତି କମିଟି ନିଷ୍ପତ୍ତି

ମୁମ୍ବାଇ,୭।୪

୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ବୁଧବାର ଶେଷହେବା ସହ ଏହାର ନିଷ୍ପତ୍ତି ଘୋଷଣା ହେବ। ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱାଧୀନ ୬ ସଦସ୍ୟ ବିଶିଷ୍ଟ ଏହି କମିଟି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କି ନିଷ୍ପତ୍ତି ନେବେ ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିଥିଲାବେଳେ ସାମ୍ପ୍ରତିକ ସ୍ଥିତିରେ ଏହି କମିଟି ବ୍ୟାଙ୍କ ସୁଧ ହାର (ରେପୋ), ମୁଦ୍ରାସ୍ଫୀତି ଏବଂ ଆର୍ଥିକ ଅଭିବୃଦ୍ଧିକୁ ନେଇ କିଭଳି ପଦକ୍ଷେପ ନେଉଛନ୍ତି ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରହିଛି। ବର୍ତ୍ତମାନ ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିସ୍ଥିତିକୁ ନେଇ ତୈଳ ଦରରେ ବୃଦ୍ଧି ଏବଂ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟରେ ସର୍ବାଧିକ ଅବମୂଲ୍ୟାୟନ ଜାତୀୟ ଅର୍ଥନୀତି ପାଇଁ ସବୁଠୁ ଆହ୍ୱାନପୂର୍ଣ୍ଣ ସ୍ଥିତି ଉପୁଜାଇ କରିଛି। ତୈଳଦର ବୃଦ୍ଧିକୁ ନେଇ ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିବା ଆଶଙ୍କା ରହିଥିବାରୁ ଏହାକୁ ମଧ୍ୟ ନିୟନ୍ତ୍ରଣରେ ରଖିବା ଜରୁରୀ ହୋଇପଡ଼ିଛି। ସମସ୍ତ ବିଷୟକୁ ବିଚାରକୁ ନେଇ ଏମ୍‌ପିସି କି ଆଭିମୁଖ୍ୟ ଗ୍ରହଣ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ରେପୋକୁ ନେଇ ଉତ୍କଣ୍ଠା ଲାଗି ରହିଛି। ଚଳିତ ବର୍ଷ ପ୍ରଥମ ଦ୍ୱିମାସିକ ବୈଠକରେ ଆର୍‌ବିଆଇ ରେପୋ ହାର ଅପରିବର୍ତ୍ତିତ ରଖିଥିଲାବେଳେ ବର୍ତ୍ତମାନ ଏହା ୫.୨୫ % ରହିଛି। ୨୦୨୫ରେ ସୁଧ ହାରରେ ୧୨୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଥିଲାବେଳେ ଏଥିରେ ପରବର୍ତ୍ତୀ ସମୟରେ କୌଣସି ପରିବର୍ତ୍ତନ କରା ନ ଯାଇ ଅପରିବର୍ତ୍ତିତ ରଖାଯାଇଥିଲା।



ସଞ୍ଜୟ ମାଲହୋତ୍ରା

# ଓଡ଼ିଶୀ ଅଳଙ୍କାରର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ବଜାୟ ରଖୁ

**ଝାରସୁଗୁଡ଼ାରେ ପ୍ରତିଷ୍ଠିତ 'ଓଡ଼ିଶୀ ଜୁଏଲେରି' ପଶ୍ଚିମ ଓଡ଼ିଶା ଗ୍ରାହକଙ୍କ ପାଇଁ ବେଶ୍ ଉପଯୋଗୀ ହୋଇପାରିଛି। ଏହାର ପ୍ରତିଷ୍ଠାତା ଶୈଳେଶ ସରାଓ୍ୱଗୀଙ୍କ ନେତୃତ୍ୱରେ ଏହି ସଂସ୍ଥା ଗ୍ରାହକଙ୍କ ଚାହିଦା ପୂରଣକରି ସଫଳତା ସାଉଁଟିବାରେ ଲାଗିଛି। ଅଳଙ୍କାର ବଜାରଠାରୁ ଆରମ୍ଭକରି ଶୈଳେଶଙ୍କ ବ୍ୟକ୍ତିଗତ ଓ ବୃତ୍ତିଗତ ଯାତ୍ରା ସମ୍ପର୍କରେ ସ୍ୱତନ୍ତ୍ର ସାକ୍ଷାତ୍‌କାର...**



ଶୈଳେଶ ସରାଓ୍ୱଗୀ




**ପ୍ର- ପଶ୍ଚିମ ଓଡ଼ିଶାରେ ଓଡ଼ିଶୀ ଜୁଏଲେରିର ସୁଦୃଢ଼ ଉପସ୍ଥିତି ପଛରେ ମୁଖ୍ୟ କାରଣ କ'ଣ ରହିଛି?**
ଉ- ପାରମ୍ପରିକ କାରିଗରି ପ୍ରତି ଆମର ପ୍ରତିବଦ୍ଧତା, ଗୁଣାତ୍ମକ ଉତ୍ପାଦ ଏବଂ ଗ୍ରାହକଙ୍କ ଗଭୀର ବିଶ୍ୱାସ ହିଁ ପଶ୍ଚିମ ଓଡ଼ିଶାରେ ଓଡ଼ିଶୀ ଜୁଏଲେରିର ଉପସ୍ଥିତିକୁ ସୁଦୃଢ଼ କରିଛି। ଓଡ଼ିଶୀ ଅଳଙ୍କାରର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ବଜାୟ ରଖିବା ସହ ଆଧୁନିକ ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଆକର୍ଷଣୀୟ ଡିଜାଇନ ପ୍ରଦାନ କରିବା ଉପରେ ଆମେ ଗୁରୁତ୍ୱ ଦେଇଥାଉ। ଏହା ସହିତ ନିରନ୍ତର ଗ୍ରାହକ ସେବା, ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ ଏବଂ ଅଫ୍‌ଲାଇନ ଓ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ମାଧ୍ୟମରେ ସକ୍ରିୟ ପ୍ରଚାର ଏହି ଅଞ୍ଚଳରେ ଏକ ବିଶ୍ୱସ୍ତ ଗ୍ରାହକ ଗୋଷ୍ଠୀ ଗଠନ କରିବାରେ ସାହାଯ୍ୟ କରିଛି।

**ପ୍ର- ଭୂ-ରାଜନୈତିକ ଉତ୍ତେଜନା ଏବଂ ମୁଦ୍ରାସ୍ଫୀତି ଯୋଗୁ ବହୁମୂଲ୍ୟ ଧାତୁର ଦର ବୃଦ୍ଧି ଗ୍ରାହକଙ୍କ କିଣିବା ଆଚରଣକୁ କିଭଳି ପ୍ରଭାବିତ କରିଛି?**
ଉ- ଭୂ-ରାଜନୈତିକ ସ୍ଥିତି ଏବଂ ମୁଦ୍ରାସ୍ଫୀତି ଯୋଗୁ ବଢୁଥିବା ଦର ଗ୍ରାହକଙ୍କୁ ସେମାନଙ୍କ କ୍ରୟ ନିଷ୍ପତ୍ତି କ୍ଷେତ୍ରରେ ଅଧିକ ସତର୍କ କରିଦେଇଛି। ଅନେକ ଗ୍ରାହକ ଏବେ ହାଲୁକା ଓଜନର ଅଳଙ୍କାର, ଡିଜିଟାଲ ଗୋଲ୍ଡ କିମ୍ବା ସୁନା ଦର କମିବା ସମୟରେ ପୁଞ୍ଜି ବିନିଯୋଗକୁ ପସନ୍ଦ କରୁଛନ୍ତି। କିଛି ଗ୍ରାହକ କ୍ରୟ ପ୍ରକ୍ରିୟାକୁ କିଛିଦିନ ଘୁଞ୍ଚାଇ ଦେଉଛନ୍ତି କିମ୍ବା ଅଧିକ ମୂଲ୍ୟର ପରିଚାଳନା ପାଇଁ କିସ୍ତି ଏବଂ ସଞ୍ଚୟ ଯୋଜନାର ସହାୟତା ନେଉଛନ୍ତି। ଫଳରେ ଗୁରୁତ୍ୱପୂର୍ଣ୍ଣ ଅବସର ଏବଂ ପର୍ବପର୍ବାଣି ସମୟରେ ଚାହିଦା ବଜାୟ ରହୁଛି।

**ପ୍ର- ପ୍ରତିଯୋଗୀ ବ୍ୟବସାୟୀମାନଙ୍କ ତୁଳନାରେ ଆପଣଙ୍କର ସୁନା, ହୀରା ଏବଂ ଟେମ୍ପଲ ଜୁଏଲେରି କଲେକ୍ସନ୍‌ରେ କ'ଣ ସ୍ୱତନ୍ତ୍ରତା ରହିଛି?**
ଉ- ଅନନ୍ୟ ପାରମ୍ପରିକ ଡିଜାଇନ୍ ଓ ଉଚ୍ଚମାନର କାରିଗରି ମାଧ୍ୟମରେ ଆମେ ଆମର ଅଳଙ୍କାର କଲେକ୍ସନକୁ ଭିନ୍ନ କରିପାରିଛୁ। ଆମର କଲେକ୍ସନଗୁଡ଼ିକରେ ଓଡ଼ିଶୀ ସାଂସ୍କୃତିକ ଐତିହ୍ୟ ସହ ଆଧୁନିକ ଶୈଳୀର ସମନ୍ୱୟ ରହିଥାଏ, ଯାହା ସ୍ଥାନୀୟ ବଜାରରେ ସାଧାରଣତଃ ମିଳିନଥାଏ। ଆମେ ଗ୍ରାହକଙ୍କ ବିଶ୍ୱାସ, ସ୍ୱଚ୍ଛ ମୂଲ୍ୟ ଏବଂ ବ୍ୟକ୍ତିଗତ ସେବା ଉପରେ ଧ୍ୟାନ ଦେଇଥାଉ, ଯାହା ଆମକୁ ପ୍ରତିଯୋଗୀଙ୍କଠାରୁ ଆଗରେ ରଖିବାରେ ସାହାଯ୍ୟ କରେ।

**ପ୍ର- ସୁନା, ହୀରା ଏବଂ ରୁପା ଅଳଙ୍କାର ମଧ୍ୟରେ ଗ୍ରାହକଙ୍କ ପସନ୍ଦରେ କିଛି ପରିବର୍ତ୍ତନ ଦେଖୁଛନ୍ତି କି? ସାମୟିକ ବିକ୍ରୟ ବୃଦ୍ଧିରେ ଆପଣଙ୍କର ପାର୍ବଣ ଅଫର ଏବଂ ରିହାତି କେତେ ପ୍ରଭାବଶାଳୀ ହୋଇଛି?**
ଉ- ହଁ, ଆମେ ଗ୍ରାହକଙ୍କ ପସନ୍ଦରେ ଏକ ଛୋଟ ପରିବର୍ତ୍ତନ ଦେଖୁଛୁ। ପୁଞ୍ଜି ବିନିଯୋଗ ଏବଂ ପାରମ୍ପରିକ ଅବସର ପାଇଁ ସୁନା ଅଳଙ୍କାର ଏବେ ମଧ୍ୟ ପ୍ରଥମ ପସନ୍ଦ ହୋଇ ରହିଥିବାବେଳେ ଅନେକ ଗ୍ରାହକ ଦୈନନ୍ଦିନ ବ୍ୟବହାର ଏବଂ ଉପହାର ଦେବା ପାଇଁ ହୀରା ଏବଂ ରୁପା ଅଳଙ୍କାର ପ୍ରତି ଆଗ୍ରହ ଦେଖାଉଛନ୍ତି। ଆମର ପାର୍ବଣ ଅଫର୍ ଏବଂ ରିହାତିଗୁଡ଼ିକ ସାମୟିକ ବିକ୍ରୟ ବୃଦ୍ଧିରେ ବହୁତ ପ୍ରଭାବଶାଳୀ ହୋଇଛି। ପର୍ବପର୍ବାଣି ସମୟରେ ସ୍ୱତନ୍ତ୍ର ଯୋଜନା ଏବଂ ପ୍ରଚାର ଅଭିଯାନ ଗ୍ରାହକଙ୍କୁ କିଣିବା ପାଇଁ ଉତ୍ସାହିତ କରିଥାଏ। ଓଡ଼ିଶୀ ଜୁଏଲର୍ସ ମୋବାଇଲ୍ ଆପ୍ ଗ୍ରାହକଙ୍କ ନିକଟରେ ପହଞ୍ଚିବାରେ ଅଧିକ ସହାୟକ ହେଉଛି।

**ପ୍ର- ଏହି ବ୍ୟବସାୟ କ୍ଷେତ୍ରକୁ ଆସିବା ପାଇଁ ଆପଣଙ୍କୁ କିଏ ଅନୁପ୍ରାଣିତ କରିଥିଲା ଏବଂ ନୂତନ ଉଦ୍ୟୋଗୀମାନଙ୍କୁ ଆପଣ କ'ଣ ପରାମର୍ଶ ଦେବେ?**
ଉ- ଅଳଙ୍କାର କାରିଗରିର ସମୃଦ୍ଧ ପରମ୍ପରା ଏବଂ ସମାଜରେ ଏକ ବିଶ୍ୱସନୀୟ ବ୍ରାଣ୍ଡ ଗଠନ କରିବାର ସୁଯୋଗ ମୋତେ ଏହି ବ୍ୟବସାୟ ପାଇଁ ଅନୁପ୍ରାଣିତ କରିଥିଲା। ଅଳଙ୍କାର ଶିଳ୍ପରେ ଗ୍ରାହକଙ୍କ ସହ ସୁସମ୍ପର୍କ ସ୍ଥାପନକରି ଦୀର୍ଘକାଳୀନ ଅଭିବୃଦ୍ଧି ହାସଲ କରିବାର ସମ୍ଭାବନା ରହିଛି। ନୂତନ ଉଦ୍ୟୋଗୀମାନଙ୍କୁ ମୋର ପରାମର୍ଶ ହେଉଛି ସର୍ବଦା ଗୁଣବତ୍ତା ଉପରେ ଧ୍ୟାନ ଦିଅନ୍ତୁ, ସ୍ୱଚ୍ଛତା ବଜାୟ ରଖନ୍ତୁ, ଗ୍ରାହକଙ୍କ ବିଶ୍ୱାସ ଜିତନ୍ତୁ ଏବଂ ବଜାରର ନୂତନ ଧାରା ଓ ପ୍ରଯୁକ୍ତି ସହ ଅପ୍‌ଡେଟ୍ ରୁହନ୍ତୁ। ଏହି କ୍ଷେତ୍ରରେ ସଫଳତା ପାଇଁ ପରିଶ୍ରମ ଏବଂ ନିରନ୍ତର ସେବା ହେଉଛି ମୂଳମନ୍ତ୍ର।

# ମଧ୍ୟପ୍ରାଚ୍ୟ ସ୍ଥିତି ସତ୍ତ୍ୱେ ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୭।୪

ଇରାନ୍ ବିରୋଧରେ ଆମେରିକାର ଶକ୍ତ ଚେତାବନୀକୁ ନେଇ ବୈଶ୍ୱିକ ସ୍ତରରେ ନାନା କଳ୍ପନାଜଳ୍ପନା ଲାଗି ରହିଛି। ସର୍ତ୍ତ ପୂରଣ ନ କଲେ ଇରାନ୍‌କୁ ସମୂଳେ ଧ୍ୱଂସ କରିଦେବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ଉପରେ ଏବେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ରହିଛି। ଏହାସତ୍ତ୍ୱେ ମଙ୍ଗଳବାର ଭାରତୀୟ ଶେୟାର ବଜାର ପୂର୍ବ ତୁଳନାରେ ଉତ୍ସାହଜନକ ରହିବା ସହ ଉଭୟ ବିଏସ୍ଇ ଏବଂ ଏନ୍ଏସ୍ଇ ତାଲିକାଭୁକ୍ତ କମ୍ପାନୀଙ୍କ କାରବାରରେ ଉନ୍ନତି ପରିଲକ୍ଷିତ ହୋଇଛି। ମଙ୍ଗଳବାର କାରବାର ଆରମ୍ଭ ହେବା ପରେ ଆଇଟି ସେକ୍ଟର ଶେୟାର କାରବାରରେ ଅଧିକ ଉନ୍ନତି ପରିଲକ୍ଷିତ ହୋଇଥିଲା। ଏହାକୁ ନେଇ ମଧ୍ୟାହ୍ନ କାରବାର ସୁଦ୍ଧା ସେନ୍‌ସେକ୍ସରେ ୧୩୦୦ ପଏଣ୍ଟ ବୃଦ୍ଧିହେବା ସହ ଏନ୍ଏସ୍ଇ ସୂଚକାଙ୍କ ନିଫ୍ଟିରେ ମଧ୍ୟ ୪୪୦ ପଏଣ୍ଟ ବୃଦ୍ଧି ଘଟିଥିଲା। ତେବେ କାରବାର ଶେଷ ବେଳକୁ ସେନ୍‌ସେକ୍ସ ୫୦୯ ପଏଣ୍ଟ ବୃଦ୍ଧିରେ ୭୪,୬୧୬ରେ ବନ୍ଦ ରହିଥିଲାବେଳେ ନିଫ୍ଟି ୧୫୫ ପଏଣ୍ଟ ବୃଦ୍ଧିରେ ୨୩,୧୨୩ରେ ବନ୍ଦ ରହିଛି। ଗୋଟିଏ ପର୍ଯ୍ୟାୟ କାରବାର ଦିବସରେ ନିବେଶକଙ୍କ ଲାଭରେ ୧.୭ ଲକ୍ଷ କୋଟି ଟଙ୍କା ବୃଦ୍ଧି ହୋଇଛି। ବିଏସ୍ଇ ବଜାର ପୁଞ୍ଜି (ଏମ୍-କ୍ୟାପ୍) ପରିମାଣରେ ୧.୭୧ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି।

**ସେନ୍‌ସେକ୍ସରେ ୫୦୯ ପଏଣ୍ଟ ବୃଦ୍ଧି**



# ବେସାମରିକ ବିମାନସେବା ପାଇଁ ବଡ଼ ଆହ୍ୱାନ

## ୨ ବୃହତ୍ ଏୟାରଲାଇନ୍ସ ସିଇଓଙ୍କ ଇସ୍ତଫା

ନୂଆଦିଲ୍ଲୀ,୭।୪

ଏୟାର ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ କ୍ୟାମ୍ପବେଲ୍ ୱିଲସନ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ଘୋଷଣାକୁ ଏୟାର ଇଣ୍ଡିଆ ମଙ୍ଗଳବାର ନିଶ୍ଚିତ କରିଛି। ଏୟାର ଇଣ୍ଡିଆର ପରବର୍ତ୍ତୀ ସିଇଓ ନିଯୁକ୍ତି ପର୍ଯ୍ୟନ୍ତ କ୍ୟାମ୍ପବେଲ୍ ତାଙ୍କ ସ୍ଥାନରେ କାର୍ଯ୍ୟ କରିବେ ବୋଲି କୁହାଯାଇଛି। ତେବେ ସ୍ୱଳ୍ପ ବ୍ୟବଧାନରେ ଭାରତର ୨ ବୃହତ୍ ଏୟାରଲାଇନ୍ସର ସିଇଓଙ୍କ ଇସ୍ତଫା ଭାରତୀୟ ବେସାମରିକ ବିମାନ ଚଳାଚଳ କ୍ଷେତ୍ର ପ୍ରତି ବଡ଼ ଆହ୍ୱାନ ସୃଷ୍ଟି କରିଛି। ୨୦୨୨ରେ ଏୟାର ଇଣ୍ଡିଆର ଘରୋଇକରଣ କରାଯିବା ପରେ ଏହା ଟାଟା ଗ୍ରୁପ୍ ହାତକୁ ଯାଇଥିଲା ଏବଂ କ୍ୟାମ୍ପବେଲ୍ ଏହାର ସିଇଓ ଭାବେ ନିଯୁକ୍ତ ହୋଇଥିଲେ। ଏୟାର ଇଣ୍ଡିଆର ସମ୍ପ୍ରସାରଣ ଏବଂ ଜାତୀୟ ତଥା ଅନ୍ତର୍ଜାତୀୟ ରୁଟ୍‌ରେ ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ କ୍ୟାମ୍ପବେଲ୍‌ଙ୍କ ନେତୃତ୍ୱ ଖୋରାକ ଯୋଗାଇବ ବୋଲି କୁହାଯାଇଥିଲା। କିନ୍ତୁ ୨୦୨୨ ପରେ ବିଭିନ୍ନ ଘଟଣାକୁ ନେଇ ଏୟାର ଇଣ୍ଡିଆର କ୍ଷତି ବଢ଼ିଚାଲିଛି। ଗତବର୍ଷ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନ ଉଡାଣ ଭରିବାର ମାତ୍ର କିଛି ମୁହୂର୍ତ୍ତ ପରେ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିବା ଏବଂ ଏହି ଘଟଣାରେ ୨୬୦ ଯାତ୍ରୀଙ୍କ ମୃତ୍ୟୁ ହେବା ଘଟଣା ଏୟାର ଇଣ୍ଡିଆ ପାଇଁ ସବୁଠୁ ଖରାପ ସ୍ଥିତି ଉପୁଜାଇ କରିଥିଲା। ବିଶେଷକରି ଏୟାର ଇଣ୍ଡିଆର ଯାତ୍ରୀ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନ ଉଠିଥିଲା। ଏହାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଫ୍ଲାଇଟ୍ ଅପରେଶନ ଏବଂ ରେଗୁଲେଶନ ପ୍ରୋଟୋକଲ ଦୃଷ୍ଟିରୁ ଏୟାର ଇଣ୍ଡିଆର ଛବି ଖରାପ ହେବା ପରେ କମ୍ପାନୀର ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା। ଏହା ପୂର୍ବରୁ ପାକିସ୍ତାନ-ଭାରତ ଯୁଦ୍ଧକୁ ନେଇ ମଧ୍ୟ କମ୍ପାନୀ କ୍ଷତିଗ୍ରସ୍ତ ହୋଇଥିଲା। ବିଶେଷକରି ପାକିସ୍ତାନ ଏହାର ଏୟାରସ୍ପେସ୍ ବନ୍ଦ କରିଦେବାରୁ ଏୟାର ଇଣ୍ଡିଆର କ୍ଷତି ବଢ଼ିଚାଲିଥିଲା। ଏହାକୁ ନେଇ ୨୦୨୪-୨୫ ଆର୍ଥିକ ବର୍ଷରେ ଏୟାର ଇଣ୍ଡିଆର ସାମୂହିକ କ୍ଷତି ୯୮ ବିଲିୟନ ଟଙ୍କାରେ ପହଞ୍ଚିଥିଲା। ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବୃଦ୍ଧିକୁ ନେଇ ବିମାନ ଇନ୍ଧନ ମୂଲ୍ୟ ଦୁଇ ଗୁଣ ବୃଦ୍ଧି ପାଇଥିବାରୁ କମ୍ପାନୀର କ୍ଷତି ଆହୁରି ବଢ଼ିଚାଲିଛି। ଏହି କ୍ରମରେ କ୍ୟାମ୍ପବେଲ୍ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। କ୍ୟାମ୍ପବେଲ୍‌ଙ୍କ ପୂର୍ବରୁ ମାତ୍ର କିଛିଦିନ ତଳେ ଭାରତର ଅନ୍ୟତମ ବୃହତ୍ ଏୟାରଲାଇନ୍ସ ଇଣ୍ଡିଗୋର ସିଇଓ ପିଟର ଏଲବର୍ସ ମଧ୍ୟ ଇସ୍ତଫା ଦେଇଥିଲେ। ତାଙ୍କ ଇସ୍ତଫାର କାରଣ ମଧ୍ୟ ଏୟାର ଇଣ୍ଡିଆ ଭଳି ସମାନ ରହିଥିଲା। ତେବେ ସ୍ୱଳ୍ପ ସମୟ ବ୍ୟବଧାନରେ ଭାରତର ଦୁଇ ବୃହତ୍ ଏୟାରଲାଇନ୍ସ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଇସ୍ତଫା ଭାରତୀୟ ବେସାମରିକ ବିମାନ ଚଳାଚଳ କ୍ଷେତ୍ର ପ୍ରତି ବଡ଼ ଆହ୍ୱାନ ସୃଷ୍ଟି କରିଛି ବୋଲି ଏକ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞମାନେ କହିଛନ୍ତି।



ପିଟର ଏଲବର୍ସ ଓ କ୍ୟାମ୍ପବେଲ୍ ୱିଲସନ

### ଆଜିଠୁ ବଢ଼ିବ ଏୟାର ଇଣ୍ଡିଆ ଭଡ଼ା

ନୂଆଦିଲ୍ଲୀ,୭।୪

ବିମାନ ଇନ୍ଧନ(ଏଟିଏଫ୍) ମୂଲ୍ୟ ବୃଦ୍ଧିକୁ ନେଇ ଏୟାର ଇଣ୍ଡିଆ ଏହାର ଘରୋଇ ଏବଂ ଅନ୍ତର୍ଜାତୀୟ ରୁଟ୍‌ରେ ସମସ୍ତ ବିମାନ ଯାତ୍ରା ପାଇଁ ମୂଲ୍ୟବୃଦ୍ଧି ଘୋଷଣା କରିଛି। ପ୍ରତି ବିମାନ ଯାତ୍ରା ପାଇଁ ବୁଧବାର ଠାରୁ ୨୯୯ ଟଙ୍କାରୁ ୮୯୯ ଟଙ୍କା ପର୍ଯ୍ୟନ୍ତ ଏୟାର ସରଚାର୍ଜ ଲାଗୁହେବ। ପେଟ୍ରୋଲିୟମ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଘରୋଇ ରୁଟ୍‌ରେ ଅଧିକ ସରଚାର୍ଜ ଲାଗୁ ନ କରିବାକୁ କୁହାଯିବା ପରେ ଏହାକୁ ଏୟାର ଇଣ୍ଡିଆ ପକ୍ଷରୁ ୨୫ ପ୍ରତିଶତ ମଧ୍ୟରେ ସୀମିତ ରଖାଯାଇଛି। ତେବେ ୫୦୦ ରୁ ୨୦୦୦ କି.ମି. ଦୂର ଯାତ୍ରା ପାଇଁ ବିମାନ ଭଡ଼ା ୨୯୯ ରୁ ୭୯୯ ଟଙ୍କା ଅଧିକ ରହିବ ବୋଲି ଏୟାର ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି। ୨୦୦୦ କି.ମି.ରୁ ଅଧିକ ଦୂର ଯାତ୍ରା ପାଇଁ ଭଡ଼ାରେ ୮୯୯ ଟଙ୍କାର ଅତିରିକ୍ତ ସରଚାର୍ଜ ଲାଗୁହେବ ବୋଲି କୁହାଯାଇଛି।

# ତାଳଚେର ବଜାରରେ ରୟାଲ ଏନ୍‌ଫିଲ୍ଡର ନୂଆ ମଡେଲ

ତାଳଚେର,୭।୪(ମନୋଜ ନନ୍ଦ)

ଟୁ ହୁଇଲର ନିର୍ମାତା ରୟାଲ ଏନ୍‌ଫିଲ୍ଡର ନୂଆ ବାଇକ୍ ହଣ୍ଟର ୩୫୦ ତାଳଚେର ବଜାରରେ ପ୍ରବେଶ କରିଛି। ତାଳଚେର ବାଇପାସ୍‌ଠାରେ ରୟାଲ ଏନ୍‌ଫିଲ୍ଡର ଡିଲର ଥିବା ଶ୍ରୀରାମ ମୋଟର୍ସରେ ସୋମବାରଠାରୁ ଏହାର ଶୁଭାରମ୍ଭ ହୋଇଛି। ଏହା ମୁମ୍ବାଇ ୟୋଲ, ଟର୍ମାକ ବ୍ଲାକ୍, ମୁନ୍‌ସଟ୍ ହ୍ୱାଇଟ ଆଦି ୩ଟି କଲରରେ ଉପଲବ୍ଧ ଥିବାବେଳେ ଏହାର ଏକ୍ସ ଶୋ'ରୁମ୍ ପ୍ରାଇସ୍ ୧ ଲକ୍ଷ ୪୯ ହଜାର ୯୦୦ ଟଙ୍କାରୁ ଆରମ୍ଭ ବୋଲି ସେଲ୍ସ ମ୍ୟାନେଜର ଆଲୋକ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଶ୍ରୀରାମ ମୋଟର୍ସର ନିର୍ଦ୍ଦେଶକ ସୁନୀଲ କୁମାର ପଟ୍ଟନାୟକ ଏହି ବଜାର ପ୍ରବେଶ କରାଇଥିବାବେଳେ ସେଲ୍ସ ପରାମର୍ଶଦାତା ଅଶ୍ୱିନୀ କୁମାର ବେହେରା, ଗ୍ରାହକ ସମ୍ପର୍କ ଅଧିକାରୀ ରଶ୍ମିପ୍ରଭା ସାହୁ, ଶୁଭଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ରୟାଲ ଏନ୍‌ଫିଲ୍ଡର ନୂଆ ବାଇକ୍ ହଣ୍ଟର ୩୫୦ର ବଜାର ପ୍ରବେଶ କରାଯାଉଛି।

# ନିର୍ମାଣ ହେବ ୧୦୦ ବିମାନବନ୍ଦର, ୨୦୦ ହେଲିପୋର୍ଟ

ଭୁବନେଶ୍ୱର,୭।୪(ଅନୁରାଧା ମହାରଣା)

ଭାରତର ବିମାନ ଯାତାୟାତ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ସ୍ୱରୂପ କେନ୍ଦ୍ର କ୍ୟାବିନେଟ୍ ଆଞ୍ଚଳିକ ସଂଯୋଗତା ଯୋଜନା – ସଂଶୋଧିତ ଉଡାନ୍ ଯୋଜନାକୁ ମଞ୍ଜୁରୀ ଦେଇଛି। ଏହି ଯୋଜନା ଦେଶର ସାଧାରଣ ନାଗରିକଙ୍କ ପାଇଁ ବିମାନ ଯାତ୍ରାକୁ ଅଧିକ ସହଜ, ଶସ୍ତା ଏବଂ ଅନ୍ତର୍ଭୁକ୍ତିମୂଳକ କରିବାରେ ସହାୟକ ହେବ। ଯୋଜନା ଅନୁଯାୟୀ, ଦେଶର ବିଭିନ୍ନ ପ୍ରାନ୍ତରେ ୧୦୦ଟି ବିମାନବନ୍ଦର ଏବଂ ପାର୍ବତ୍ୟାଞ୍ଚଳରେ ଥିବା ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ, ଦ୍ୱୀପପୁଞ୍ଜ, ଉତ୍ତର-ପୂର୍ବାଞ୍ଚଳ ଓ ଆକାଂକ୍ଷୀ ଜିଲାଗୁଡ଼ିକରେ ୨୦୦ଟି ହେଲିପୋର୍ଟ ନିର୍ମାଣ କରାଯିବ। ଏଥିରେ ଚ୍ୟାଲେଞ୍ଜ ମୋଡ୍ ମାଧ୍ୟମରେ ବିମାନବନ୍ଦର ନିର୍ମାଣ କରାଯିବ, ଯେଉଁଥିରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଚାହିଦା ଓ ପ୍ରସ୍ତୁତି ଅନୁଯାୟୀ ପ୍ରସ୍ତାବ ଦେବେ। ବିମାନବନ୍ଦରଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ୩ ବର୍ଷ ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯିବ। ଏହା ସହ ରାଜ୍ୟଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ପାଇଁ ରାଜ୍ୟ-ସମର୍ଥିତ ଢାଞ୍ଚା ପ୍ରସ୍ତୁତ କରାଯାଇଛି। ଟିୟର-୨ ଓ ଟିୟର-୩ ସହରଗୁଡ଼ିକରୁ ଅଧିକ ସଂଖ୍ୟକ ଯାତ୍ରୀଙ୍କ ପାଇଁ ବଡ଼ ବିମାନରେ ଭଡ଼ା କମ୍ ରହିବ। ବିମାନ ରୁଟ୍‌ଗୁଡ଼ିକୁ ବାଣିଜ୍ୟିକ ଭାବେ ଲାଭପ୍ରଦ କରିବା ପାଇଁ ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ (ଭିଜିଏଫ୍) ସହାୟତାର ଅବଧିକୁ ୩ ବର୍ଷରୁ ବଢ଼ାଇ ୫ ବର୍ଷ କରାଯାଇଛି। ଏହା ସହ ଆତ୍ମନିର୍ଭର ଭାରତ ଅଭିଯାନ ଅନ୍ତର୍ଗତ ଦେଶୀୟ ବିମାନ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ପାଇଁ ବିମାନ କ୍ରୟ ସହାୟତା ମଧ୍ୟ ପ୍ରଦାନ କରାଯିବ। ଏହି ଯୋଜନା ମାଧ୍ୟମରେ ନୂତନ ବିମାନବନ୍ଦର, ହେଲିପୋର୍ଟ ଏବଂ ଜଳ ବିମାନବନ୍ଦର ନିର୍ମାଣ କରାଯିବ।

# ୨୦୨୫-୨୬ ବର୍ଷରେ ଟାଟା ଷ୍ଟିଲ୍ ଉତ୍ପାଦନ ୨୩.୪୮ ନିୟୁତ ଟନ୍




ମୁମ୍ବାଇ,୭।୪

୨୦୨୫-୨୬ ଆର୍ଥିକ ବର୍ଷରେ ଟାଟା ଷ୍ଟିଲ୍‌ର ମୋଟ କ୍ରୁଡ୍ ଷ୍ଟିଲ୍ ଉତ୍ପାଦନ ୨୩.୪୮ ନିୟୁତ ଟନ୍‌ରେ ପହଞ୍ଚିଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି। ଏହି ବର୍ଷର ୪ର୍ଥ ତ୍ରୈମାସରେ ବାର୍ଷିକ ୧୫ ପ୍ରତିଶତ ଅଭିବୃଦ୍ଧିରେ କ୍ରୁଡ୍ ଷ୍ଟିଲ୍ ଉତ୍ପାଦନ ୬.୨୫ ନିୟୁତ ଟନ୍ ରହିବା ସହ ୨୦୨୫-୨୬ ବର୍ଷରେ ୮ ପ୍ରତିଶତ ଅଭିବୃଦ୍ଧିରେ ମୋଟ ଉତ୍ପାଦନ ଉପରୋକ୍ତ ପରିମାଣ ହୋଇଥିବା କୁହାଯାଇଛି। କମ୍ପାନୀର ଜାମଶେଦପୁରସ୍ଥିତ ୟୁନିଟ୍‌ରେ 'ଜି' ବ୍ଲାଷ୍ଟଫର୍ନେସ୍ ବନ୍ଦ ରହିବା ସତ୍ତ୍ୱେ ବାର୍ଷିକ ଉତ୍ପାଦନରେ ଅଭିବୃଦ୍ଧି ହାସଲ କରାଯାଇଛି। କଥିତ ଆର୍ଥିକ ବର୍ଷର କ୍ରୁଡ୍ ଷ୍ଟିଲ୍ ଉତ୍ପାଦନ ହାରାହାରି ସର୍ବୋତ୍ତମ ରହିଛି ବୋଲି କମ୍ପାନୀ କହିଛି। କ୍ରୁଡ୍ ଷ୍ଟିଲ୍ ବ୍ୟତୀତ ଅଟୋମୋଟିଭ୍ ଆଣ୍ଡ ସ୍ପେଶାଲ ପ୍ରଡକ୍ଟ, ବ୍ରାଣ୍ଡେଡ୍ ପ୍ରଡକ୍ଟ ଏବଂ ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ଟ ଆଦି ଉତ୍ପାଦନ ଓ ବିତରଣ କ୍ଷେତ୍ରରେ ମଧ୍ୟ ଏହି ବର୍ଷରେ କମ୍ପାନୀ ଭଲ ପ୍ରଦର୍ଶନ କରିଥିବା କୁହାଯାଇଛି।

# ୧୦ରୁ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

ଭୁବନେଶ୍ୱର,୭।୪(ଅନୁରାଧା ମହାରଣା)

ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ଜନତା ମଇଦାନରେ ତ୍ରୟୋଦଶ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୬ ଏପ୍ରିଲ୧୦ରୁ ଆରମ୍ଭ ହେବାକୁ ଯାଉଛି। ଏପ୍ରିଲ ୨୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମଲ୍ଟିସେକ୍ଟର ବି୨ବି ଏବଂ ବି୨ସି ପ୍ରଦର୍ଶନୀ ୨୨ଟି ରାଜ୍ୟ ଏବଂ ୧୦ଟି ଦେଶ ଅଂଶ ଗ୍ରହଣ କରିଛନ୍ତି। ୧ଲକ୍ଷରୁ ଅଧିକ ଜାତୀୟ ଏବଂ ଅନ୍ତର୍ଜାତୀୟ ଉତ୍ପାଦ ଏଠାରେ ଉପଲବ୍ଧ ହେବ। କଶ୍ମୀରର ଆସବାବପତ୍ର, ସୋଫାସେଟ୍, ଡାଇନିଂ ସେଟ୍ ଏବଂ କାର୍ଡିଂ ଖୁଲା, ଆଫଗାନିସ୍ତାନର ୧୦୦ ପ୍ରକାର ଡ୍ରାଏ ଫ୍ରୁଟ୍ସ, ବାଂଲାଦେଶ ହ୍ୟାଣ୍ଡଲୁମ୍‌ର ଜମ୍‌ଦାନୀ ଶାଢ଼ି, ଇରାନ୍‌ରୁ ଇରାନୀ ଖଜୁରି, ଜୁଏଲେରି ଏବଂ ହର୍ବାଲ ତେଲ, ଦୁବାଇର ଅତର, ଥାଇଲାଣ୍ଡର ଗହଣା, ଜୋତା ଏବଂ ପୋଷାକ, କୋରିଆର ମହିଳା ପ୍ରସାଧନ ସାମଗ୍ରୀ, ଭାରତୀୟ ହସ୍ତତନ୍ତ ଆଣ୍ଟିକ୍ ମେଟାଲ ଏବଂ ବିଭିନ୍ନ ପଥରର ଗହଣା ଉତ୍ତରପ୍ରଦେଶର ଇରାନୀ, କଂସା ଓ ପିତ୍ତଳର ପଦାର୍ଥ, ଦୁବାଇର ପରିଧାନ, ଆଣ୍ଟିକ୍ ଘରସଜ୍ଜା ଓ କାନ୍ଥସଜ୍ଜା ଫ୍ରେମ୍ ପଶ୍ଚିମବଙ୍ଗ ଗ୍ରାହକ ପାଇପାରିବେ। ଚମ୍ପାରନ ମଟନ ସହ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟର ମଜା ନେଇପାରିବେ। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରି ଲିମିଟେଡ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟ ଗୁପ୍ତା ମଙ୍ଗଳବାର ସ୍ଥାନୀୟ ରେଡ୍‌କ୍ରସ୍ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରଶ୍ମିରଞ୍ଜନ କାନୁନ୍‌ଗୋ, ବୀର ବାହାଦୁର ସିଂହ ଏବଂ ଶୋନାଲିଶା ମହାପାତ୍ର ଉପସ୍ଥିତ ଥିଲେ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।




# 'ଗ୍ରାଣ୍ଡ ବିରିୟାନୀ ଆଣ୍ଡ କବାବ୍' ଉଦ୍‌ଘାଟିତ



ଭୁବନେଶ୍ୱର,୭।୪(ଅନୁରାଧା ମହାରଣା)

ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନସ୍ଥିତ ସ୍ୱସ୍ତି ଗ୍ରାଣ୍ଡଠାରେ ଏକ ନୂଆ ଟେକ୍ ଆୱେ ଏବଂ ଅନ୍‌ଲାଇନ ଅର୍ଡରିଂ ଆଉଟ୍‌ଲେଟ୍ 'ଗ୍ରାଣ୍ଡ ବିରିୟାନୀ ଆଣ୍ଡ କବାବ୍' ମଙ୍ଗଳବାର ଉଦ୍‌ଘାଟନ ହୋଇଯାଇଛି। ମଟକା ବିରିୟାନୀ ପାଇଁ ପ୍ରସିଦ୍ଧ ଏହି ଆଉଟ୍‌ଲେଟ୍‌ରେ ୨୦ରୁ ଅଧିକ ପ୍ରକାର ବରିୟାନୀ ଓ କବାବ୍ ଉପଲବ୍ଧ ହୋଇଛି। ଉଦ୍‌ଘାଟନ ଅବସରରେ ସ୍ୱସ୍ତି ଗ୍ରୁପ୍‌ର ଏରିଆ ଭାଇସ୍ ପ୍ରେସିଡେଣ୍ଟ ଅଭିଷେକ ନାଥ କହିଛନ୍ତି, ଘରେ ବସି ସ୍ୱସ୍ତିର ସ୍ୱାଦ ଚାଖିବାକୁ ଚାହୁଁଥିବା ବ୍ୟକ୍ତିମାନଙ୍କ ପାଇଁ ଏହି ଟେକ୍ ଆୱେ ଆଉଟ୍‌ଲେଟ୍ ମାଧ୍ୟମରେ ଏହି ସେବା ପାଇପାରିବେ। ସେଫ୍ ଉମେଶ ଦାଶ ଓ ଟିମ୍ ଦ୍ୱାରା ପ୍ରସ୍ତୁତ ହେଉଥିବା ଏହି ବ୍ୟଞ୍ଜନଗୁଡ଼ିକର ଦାମ୍ ୨୦୦ ଟଙ୍କାରୁ ଆରମ୍ଭକରି ୪୯୯ ଟଙ୍କା ପର୍ଯ୍ୟନ୍ତ ରହିଛି। ସ୍ୱିଗି ଓ ଜୋମାଟୋରେ ମଧ୍ୟ ଏହି ଏହାର ଉତ୍ପାଦ ଉପଲବ୍ଧ ରହିଛି। ମଟକା ବିରିୟାନୀ, ଆଚାରୀ ପନିର ଟିକ୍କା, ଆଚାରୀ ଚିକେନ୍ ଟିକ୍କା, ଚିକେନ୍ ଶିଖ୍ କବାବ, ଫିସ୍ ଅଜୱାଇନ୍ ଟିକ୍କା ଓ ମଟନ ସିଖ୍ ଟିକ୍କା ଆଦି ଗ୍ରାହକଙ୍କୁ ପସନ୍ଦ ଆସିବ ବୋଲି ଆଶା କରାଯାଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଶ୍ୱରେକର୍ଡ ସହ ସ୍ୱର୍ଣ୍ଣ ଜିତିଲେ ପଲକ-ମୁକେଶ

**ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡକପ୍**

ଗ୍ରାନାଡା (ସ୍ପେନ), ୭।୪ (ପି.ଟି.)

ଭାରତୀୟ ଶୁଟର ପଲକ ଓ ମୁକେଶ ନିଲାଭାଲି ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡକପ୍ ମିକ୍ସଡ ଟିମ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ନୂଆ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଭାରତୀୟ ଯୋଡ଼ି ମୋଟ ୪୮୭.୭ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିବା ସହ ଏକ ଜୁନିୟର ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଫାଇନାଲରେ ଚାଇନାର କ୍ୱିଆନଜୁନ୍ ୟାଓ ଏବଂ କାଇ ହୁ ୪୮୪.୮ ସହ ରୌପ୍ୟ ପଦକ ହାସଲ କରିଥିବାବେଳେ ହଙ୍ଗେରୀର ଭେରୋନିକା ମେଜର ଓ ଆକୋସ କାରୋଲି ନେଗି ମିଳିତ ଭାବେ ୪୧୪.୯ ପଏଣ୍ଟ ସ୍କୋର କରି ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ପଲକ ଫାଇନାଲରେ ୨୪୩.୦ ସ୍କୋର କରିଥିବା ବେଳେ ମୁକେଶ ୨୪୪.୭ ସ୍କୋର କରିଥିଲେ। ପଲକ ଓ ମୁକେଶ କ୍ୱାଲିଫିକେଶନରେ ଚାଇନିଜ ଯୋଡ଼ିଙ୍କଠାରୁ ପଛରେ ରହିଥିଲେ, ଯେଉଁ ଦୁଇଜଣ ୫୮୬-୨୩x ସ୍କୋର କରିଥିଲେ। ସୂଚନାଯୋଗ୍ୟ, ୧୮ ବର୍ଷୀୟା ପଲକ ୨୦୨୩ ଏସିଆନ ଗେମ୍ସ ବ୍ୟକ୍ତିଗତ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ୨୪୨.୧ ପଏଣ୍ଟ ସହ ଏସିଆନ ଗେମ୍ସ ରେକର୍ଡ କରିଥିଲେ। ସେ ଆହୁରି ମଧ୍ୟ ୨୦୨୪ ପ୍ୟାରିସ ଅଲିମ୍ପିକ କୋଟା ହାସଲ କରିଥିଲେ। ମୁକେଶ ମଧ୍ୟ ଅନ୍ୟ ଜଣେ ଉଦୀୟମାନ ଷ୍ଟାର ଶୁଟର। ସେ ଜଣେ ଜୁନିୟର ବିଶ୍ୱ ଚାମ୍ପିୟନ।


ସ୍ୱର୍ଣ୍ଣ ପଦକ ବିଜୟରେ ଉଲ୍ଲସିତ ପଲକ ଓ ମୁକେଶ ନିଲାଭାଲି।

# ଏସିଆନ୍ ବକ୍ସିଂ: ଫାଇନାଲରେ ୮ ଭାରତୀୟ



ଉଲାନବାଟାର, ୭।୪(ପି.ଟି.)

ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଯସ୍ମିନ୍ ଲାମ୍ବୋରିଆ ଓ ମୀନାକ୍ଷୀ ହୁଡା ଅନ୍ୟ ଦୁଇଜଣଙ୍କ ସହିତ ଏସିଆନ୍ ବକ୍ସିଂ ଚାମ୍ପିୟନଶିପ୍ ସ୍ୱର୍ଣ୍ଣପଦକ ମୁକାବିଲାକୁ ଉନ୍ନୀତ ହୋଇଛନ୍ତି। ଫଳରେ ଭାରତର ମୋଟ୍ ଫାଇନାଲିଷ୍ଟ ସଂଖ୍ୟା ୮ରେ ପହଞ୍ଚିଛି। ବିଶ୍ୱନାଥ ସୁରେଶ(୫୦କେଜି) ଓ ସଚିନ ସିୱାଚ(୬୦କେଜି) ମଧ୍ୟ ପ୍ରଭାବୀ ପ୍ରଦର୍ଶନ ସହ ସେମାନଙ୍କ ସେମିଫାଇନାଲରେ ବିଜୟଲାଭ କରିଛନ୍ତି। ଅନ୍ୟପକ୍ଷରେ ଆକାଶ(୭୫କେଜି), ଲୋକେଶ(୮୫କେଜି), ନରେନ୍ଦର ବରୱାଲ(୯୦+କେଜି) ଓ ହର୍ଷ ଚୌଧାରୀ (୯୦କେଜି) ପ୍ରମୁଖ ବ୍ରୋଞ୍ଜ୍ ପଦକ ସହ ସେମାନଙ୍କ ଅଭିଯାନ ଶେଷ କରିଛନ୍ତି। ଫାଇନାଲରେ ପ୍ରବେଶ କରିଥିବା ଭାରତର ୮ ବକ୍ସରଙ୍କ ମଧ୍ୟରେ ୬ ମହିଳା ଓ ୨ ପୁରୁଷ ରହିଛନ୍ତି। ମହିଳା ୪୮କେଜି ସେମିଫାଇନାଲରେ ଥାଇଲାଣ୍ଡର ଥିପ୍‌ସାତ୍‌ଚା ୟୋଦୱାରିଙ୍କ ବିପକ୍ଷରେ ୪-୧ରେ ବିଜୟ ହାସଲକରି ମୀନାକ୍ଷୀ ସ୍ୱର୍ଣ୍ଣ ପଦକ ବାଉଟ୍‌କୁ ଉନ୍ନୀତ ହୋଇଛନ୍ତି। ବର୍ତ୍ତମାନ ସେ ସ୍ଥାନୀୟ ଫେଭରାଇଟ୍ ନୋମୁନ୍ଦାରୀ ଏଙ୍ଖ-ଅମଗାଲାନଙ୍କୁ ଭେଟିବେ। ଯସ୍ମିନ ୫୭ କେଜିରେ ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲ ବାଉଟ୍‌ରେ ଉଜ୍‌ବେକିସ୍ତାନର ନିଜିନା ଉକ୍‌ତାମୋଭାଙ୍କୁ ୩-୨ରେ ପରାସ୍ତକରି ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ୍ ବିଜେତା ଟାଇଟଲ ମୁକାବିଲାରେ ଥାଇଲାଣ୍ଡର ପୁନ୍‌ରାୱିଙ୍କୁ ଭେଟିବେ। ପୁରୁଷ ବିଭାଗରେ ବିଶ୍ୱନାଥ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଜୋର୍ଡାନ୍‌ର ହୁଆଇପା ଏଶିଷ୍‌ଙ୍କ ବିପକ୍ଷରେ ୫-୦ରେ ବିଜୟଲାଭ କରି ଫାଇନାଲରେ ପ୍ରବେଶ କରିଛନ୍ତି।

**ଜାତୀୟ ସବ୍‌ଜୁନିୟର ହକି**

# ଓଡ଼ିଶାର ବଡ଼ ବିଜୟ

ରାଜଗିର(ବିହାର), ୭।୪(ପି.ଟି.)

ଏଠାରେ ଚାଲିଥିବା ୧୬ତମ ହକି ଇଣ୍ଡିଆ ସବ୍‌ଜୁନିୟର ପୁରୁଷ ଜାତୀୟ ଚାମ୍ପିୟନଶିପ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ବଡ଼ ବିଜୟ ହାସଲ କରିଛି। ପୁଲ୍-ଡି' ମ୍ୟାଚ୍‌ରେ ଓଡ଼ିଶା ୮-୦ ଗୋଲ୍‌ରେ କେରଳକୁ ପରାସ୍ତ କରିଛି। ଦଳ ପାଇଁ ମୋହନ ମାଝୀ ଦୁଇଟି(୧୮ ଓ ୪୮ତମ ମିନିଟ୍) ଗୋଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ ପ୍ରକାଶ ଟପ୍ପୋ(୧୩ତମ), ଅମନଦୀପ ଡାଙ୍ଗ(୩୮ତମ), ମନେଶ ନାଏକ (୪୧ତମ), ବିକାଶ ମାଝୀ(୪୫ତମ), ମିଥଲେଶ କେର୍କେଟା(୫୨ତମ) ଓ ବିପୁଳ ତିର୍କୀ (୫୭ତମ) ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲେ। ସେହିଭଳି ପୁଲ୍-ଏ'ର ଏକ ମ୍ୟାଚ୍‌ରେ ଚଣ୍ଡିଗଡ଼ ୫-୩ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଥିବା ବେଳେ ପୁଲ୍-ସି' ମ୍ୟାଚ୍‌ରେ ହକି ହରିୟାଣା ୩-୦ ଗୋଲରେ ହକି ମଣିପୁରକୁ ପରାସ୍ତ କରିଦେଇଛି।

# ମଦ୍ୟପାନ କରି ଗାଡ଼ିଚାଳନା: ୱାର୍ନର ଗିରଫ

ସିଡ୍‌ନୀ,୭।୪

ଅଷ୍ଟ୍ରେଲିଆର ପୂର୍ବତନ ଓପନର ଡେଭିଡ୍ ୱାର୍ନର ମଦ୍ୟପାନ କରି ଗାଡ଼ି ଚଳାଇବା ଅଭିଯୋଗରେ ଗିରଫ ହୋଇଛନ୍ତି। ଗତ ରବିବାର ରାତିରେ ମାରୌବ୍ରାଠାରେ ହେଉଥିବା ଗାଡ଼ି ଯାଞ୍ଚ ବେଳେ ବ୍ରେଥ ଟେଷ୍ଟରେ ୱାର୍ନର ନିର୍ଦ୍ଧାରିତ ସୀମାଠାରୁ ଅଧିକ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ତାଙ୍କୁ ଆସନ୍ତା ମାସରେ କୋର୍ଟରେ ହାଜର କରାଯିବ।

ଏକ ରିପୋର୍ଟ ମୁତାବକ, ମାରୌବ୍ରା ପୋଲିସ ୱାର୍ନରଙ୍କର ବ୍ରେଥ ଟେଷ୍ଟ କରିଥିଲା, ଯାହାର ରିପୋର୍ଟ ପଜିଟିଭ ଆସିଥିଲା। ତାଙ୍କୁ ସେଠାରୁ ସ୍ଥାନୀୟ ପୋଲିସ ଥାନା ନିଆଯାଇଥିଲା। ସେଠାରେ ପୁଣି ଥରେ କରାଯାଇଥିବା ବ୍ରେଥ ଟେଷ୍ଟର ରିପୋର୍ଟ ମଧ୍ୟ ପଜିଟିଭ ଆସିଥିଲା। ପରେ ତାଙ୍କୁ ଛାଡ଼ି ଦିଆଯାଇଥିଲା। ତେବେ ଆଇନଗତ ପ୍ରକ୍ରିୟା ଯୋଗୁ ୱାର୍ନରଙ୍କ ଟ୍ରାଭେଲରେ କୌଣସି ଅସୁବିଧା ହେବ ନାହିଁ। ୩୯ ବର୍ଷୀୟ ୱାର୍ନର ପିଏସ୍‌ଏଲ୍‌ରେ କରାଚୀ କିଙ୍ଗ୍ସର ନେତୃତ୍ୱ ନେଉଥିବା ବେଳେ ସେ ଏପର୍ଯ୍ୟନ୍ତ ୩ ମ୍ୟାଚ୍‌ରେ ଏକ ଅର୍ଦ୍ଧଶତକ ସହ ୯୩ ରନ କରିଛନ୍ତି।

# ଭିନିଲ, ରଘୁରାମଙ୍କୁ ଭେଟିଲେ ଅଭିଜିତ୍


ଭିନିଲ କ୍ରିଷ୍ଣାଙ୍କୁ ଭେଟିବା ଅବସରରେ ଅଭିଜିତ ପାଲ୍।

କଟକ, ୭।୪(କୁମାରଶ୍ରୀ)

କ୍ରୀଡ଼ା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଆର୍. ଭିନିଲ କ୍ରୀଷ୍ଣା ଏବଂ ଭାରତୀୟ ଅଲିମ୍ପିକ୍ ମହାସଂଘ (ଆଇଓଏ)ର ସିଇଓ ରଘୁରାମ ଆୟାରଙ୍କୁ ଦିଲ୍ଲୀଠାରେ ଭେଟି ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଦିଗରେ ଆଲୋଚନା କରିଛନ୍ତି ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ୍ ପାଲ୍। ଏହି ଅବସରରେ ବାରବାଟୀ ଷ୍ଟାଡିୟମ ପରିସରରେ ଥିବା ସାଇ କେନ୍ଦ୍ର ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏହି କେନ୍ଦ୍ରଟି ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ ସହଯୋଗରେ ପରିଚାଳିତ ହେଉଥିଲେ ମଧ୍ୟ ଏଠାରେ ଖେଳାଳି ସଂଖ୍ୟା କମ୍ ଥିବାରୁ ସମସ୍ତ ବ୍ୟବସ୍ଥାର ସଦୁପଯୋଗ ହେଉନାହିଁ। ଖେଳାଳି ସଂଖ୍ୟା ବୃଦ୍ଧି କରିବା ସହ ଫୁଟ୍‌ବଲ୍, ଆଥ୍‌ଲେଟିକ୍ ଓ କୁସ୍ତି ପରି କ୍ରୀଡ଼ାର ବିକାଶ ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ନୂତନ ସାଇ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ପାଇଁ ଅଭିଜିତ୍ ପ୍ରସ୍ତାବ ଦେଇଥିଲେ। ଭାରତୀୟ ଅଲିମ୍ପିକ ମହାସଂଘର ସିଇଓ ରଘୁରାମଙ୍କ ସହ ଆଲୋଚନାରେ ପ୍ରଥମଥର ପାଇଁ ଓଡ଼ିଶାରେ ଜାତୀୟ ଯୁବ କ୍ରୀଡ଼ା ଆୟୋଜନ ଉପରେ ଚର୍ଚ୍ଚା ହୋଇଥିଲା। କ୍ରୀଡ଼ା ପ୍ରଶାସନକୁ ଶକ୍ତିଶାଳୀ କରିବା ପାଇଁ ଅନ୍ତର୍ଜାତୀୟ ଖେଳାଳି ଓ ପୂର୍ବତନ ଖେଳାଳିଙ୍କୁ କ୍ରୀଡ଼ା ସଂଘ ଓ ମହାସଂଘର ପ୍ରଶାସନିକ ଗଠନରେ ଅନ୍ତର୍ଭୁକ୍ତ କରିବା, ଆଥ୍‌ଲେଟିକ କମିଶନ ଗଠନ କରିବା ପ୍ରସଙ୍ଗରେ ଆଲୋଚନା ହୋଇଥିବା ଓଡ଼ିଶା ଅଲିମ୍ପିକ୍ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ଫୁଟ୍‌ବଲରୁ ରାମ୍‌ସେଙ୍କ ଅବସର

କାର୍ଡିଫ(ୱେଲ୍ସ),୭।୪(ଏପି)

ପୂର୍ବତନ ୱେଲ୍ସ ଓ ଆର୍ସେନାଲ ମିଡ୍‌ଫିଲ୍ଡର ଆରୋନ ରାମ୍‌ସେ ମଙ୍ଗଳବାର ପେସାଦାର ଫୁଟ୍‌ବଲରୁ ଅବସର ଘୋଷଣା କରିଛନ୍ତି। ଗତ ବର୍ଷ ମେକ୍ସିକାନ କ୍ଲବ ପୁମାସ ଛାଡ଼ିବା ପରଠାରୁ ୩୫ ବର୍ଷୀୟ ରାମ୍‌ସେ କୌଣସି କ୍ଲବ ସହ ଜଡ଼ିତ ନ ଥିଲେ। ଇଞ୍ଜୁରି ଜନିତ ସମସ୍ୟା କାରଣରୁ ଗତବର୍ଷ ସେ ଅନେକ ମ୍ୟାଚ୍ ଓ ଟ୍ରେନିଂ ସେସନ ମିସ୍ କରିଥିଲେ। 'ଅବସର ନିଷ୍ପତ୍ତି ନେବା ସହଜ ନୁହେଁ। ଅନେକ ବିଚାରବିମର୍ଶ ପରେ ମୁଁ ଫୁଟ୍‌ବଲରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି' ବୋଲି ରାମ୍‌ସେ କହିଛନ୍ତି।

ରାମ୍‌ସେଙ୍କୁ ୱେଲ୍ସର ସର୍ବକାଳୀନ ଖେଳାଳି ଭାବେ ବିବେଚନା କରାଯାଏ। ସେ ୮୬ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୨୧ ଗୋଲ କରିବା ସହ ୩ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରେ ଦେଶର ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ୱେଲ୍ସ ୨୦୧୬ରେ ୟୁରୋପିଆନ ଚାମ୍ପିୟନଶିପ୍ ସେମିଫାଇନାଲରେ ପହଞ୍ଚିଥିଲା। ସେ ଅନ୍ତିମଥର ୨୦୨୪ରେ ଜାତୀୟ ଦଳ ପାଇଁ ଖେଳିଥିଲେ। ନିକଟରେ ବୋସ୍‌ନିଆ ଆଣ୍ଡ ହରଜେଗୋଭିନା ବିପକ୍ଷ ବିଶ୍ୱକପ୍ ପ୍ଲେ-ଅଫ୍ ମ୍ୟାଚ୍ ବେଳେ ତାଙ୍କୁ ଅଣଦେଖା କରାଯାଇଥିଲା। ଏହି ମ୍ୟାଚ୍‌ରେ ୱେଲ୍ସ ଦଳର ପରାଜୟ ଯୋଗୁ ଚଳିତବର୍ଷ ଜୁନ୍‌ରେ ହେବାକୁଥିବା ଫିଫା ବିଶ୍ୱକପ୍‌ରେ ତାଙ୍କ ଖେଳିବା ସ୍ୱପ୍ନ ମଧ୍ୟ ଧୂଳିସାତ୍ ହୋଇଛି। କାର୍ଡିଫରେ କ୍ୟାରିୟର ଆରମ୍ଭ କରିଥିବା ରାମ୍‌ସେ ୨୦୦୮ରେ ଆର୍ସେନାଲରେ ଯୋଗଦେଇଥିଲେ। ୧୧ ସିଜନରେ ତାଙ୍କ ପ୍ରତିନିଧିତ୍ୱରେ ଦଳ ୩ ଏଫ୍‌ଏ କପ୍ ଜିତିଥିଲା। ୨୦୨୩ରେ କାର୍ଡିଫକୁ ଫେରିବା ପୂର୍ବରୁ ସେ ଜୁଭେଣ୍ଟସ ଓ ନାଇସ୍ ପାଇଁ ଖେଳିଥିଲେ।

# ଆର୍ଜେଣ୍ଟିନା ଟୁର୍‌ରେ ଯିବ ମହିଳା ହକି ଦଳ

ନୂଆଦିଲ୍ଲୀ, ୭।୪(ପି.ଟି.)

ଭାରତର ସିନିୟର ମହିଳା ହକି ଦଳ ଏକ ୪ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଖେଳିବା ଲାଗି ଆର୍ଜେଣ୍ଟିନା ଟୁର୍‌ରେ ଯିବ। ବୁଏନ୍ସଆୟର୍ସସ୍ଥିତ ସେନାର୍ଡଠାରେ ଏପ୍ରିଲ ୧୩ରୁ ୧୭ ପର୍ଯ୍ୟନ୍ତ ଏହି ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଭାରତୀୟ ଦଳ ଏହାର ମ୍ୟାଚ୍‌ଗୁଡ଼ିକ ଆର୍ଜେଣ୍ଟିନାର ନ୍ୟାଶନାଲ ସେଣ୍ଟର ଅଫ୍ ହାଇପରଫର୍ମାନ୍ସ ଆଇଲେଟିକ୍ସ(ସେନାର୍ଡ)ଠାରେ ଏପ୍ରିଲ ୧୩, ୧୪, ୧୬ ଓ ୧୭ରେ ଖେଳାଯିବ। ଏଇ କିଛିବର୍ଷ ମଧ୍ୟରେ ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଛି। ଗତ ଜୁନ୍‌ରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୨୦୨୪-୨୫ର ଏକ ମ୍ୟାଚ୍ ୨-୨ ଗୋଲ୍‌ରେ ଅମୀମାଂସିତ ରହିବା ପରେ ଶୁଟ୍‌ଆଉଟ୍‌ରେ ଫଳାଫଳ ନିରୂପିତ ହୋଇଥିଲା। ଭାରତ ପାଇଁ ପ୍ରସ୍ତୁତି ଦୃଷ୍ଟିରୁ ଏହି ସିରିଜ୍ ଗୁରୁତ୍ୱପୂର୍ଣ୍ଣ। ଭିନ୍ନ ଭିନ୍ନ କମ୍ବିନେଶନ ଓ କୌଶଳର ପରୀକ୍ଷା ନିରୀକ୍ଷା କରିବା ଲାଗି ଏହା ଏକ ସୁଯୋଗ। ସୂଚନାଯୋଗ୍ୟ, ଉଭୟ ପୁରୁଷ ଓ ମହିଳା ବିଶ୍ୱକପ୍ ଏକାସାଙ୍ଗେ ଅଗଷ୍ଟ ୧୫ରୁ ୩୦ ପର୍ଯ୍ୟନ୍ତ ବେଲ୍‌ଜିୟମ ଓ ନେଦରଲାଣ୍ଡ୍ସରେ ହେବ। ସେହିପରି ଏସିଆନ୍ ଗେମ୍ସ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନର ଆଇଚିଆ ନାଗୋୟାଠାରେ ଖେଳାଯିବ।

# Classified Everyday
0674-2580101, 9692975378


MATRIMONIAL

**BRIDE WANTED**

Odia Brahmin bride wanted for groom continuing PHD in USA. Contact: 7008808250. D-32

Suitable Karan/ Khandayat bride for dental surgeon. 1993 born, currently working with FORTIS OP JINDAL HOSPITAL, Raigarh, Chhattisgarh. Contact: 9938820147. D-305

**GROOM WANTED**

A suitable match required for Karan girl, height 5'3", born 1995. MSC Microbiology working as a Microbiologist at WATCO (contractual) Preferably State/ Central Government employee. Karan or Khandayat Groom. Contact- 6371692768, 9437244075. D-64


REAL ESTATE
SALE

କଟକ ଭୁବନେଶ୍ୱର ମଧ୍ୟଭାଗରେ ଥିବା Sum Hospital-2 ଏବଂ Grand Bazar NH-16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି Sc/ General Plot କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249422604. D-03

Farm house measuring 30 acres in two adjacent patches near Devkund (Mayurbhanj) having Cashew Plantation, Ponds, Three Phase connection with all establishment and machinery for sale. Contact: 8328903885. D-52




Newly open SPA health benefits relax refresh good therapist. 8658466886. D-76959

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly open spa positively health benefits (Expert therapist). Kalpana - 8984846329. D-76957

All types of physiotherapy and massage contact 9556924059 / 7656969134. D-06

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

ମୁଁ, ମିଳନ କୁମାର ସାମନ୍ତ, ପିତା- ରବୀନ୍ଦ୍ର କୁମାର ସାମନ୍ତ, ବାସସ୍ଥାନ- ରଥଗଡ଼ା, ଆଠଗଡ଼, ଜିଲ୍ଲା- କଟକ ଜଣାଉଛି ଯେ, ତା୨୯।୦୩।୨୦୨୬ରିଖ ସକାଳ ୧୧ ଘଣ୍ଟିକା ସମୟରେ ଘରୁ ବ୍ୟାଙ୍କ କାମରେ ଯାଉଥିବା ବେଳେ ମୋର ଜମି ପଟ୍ଟା ହଜିଯାଇଛି। ଉକ୍ତ ଜମିର ବିବରଣୀ ନିମ୍ନରୂପ: ଖାତା ନମ୍ବର: ୬୦୪/୬୩, ପ୍ଲଟ୍ ନମ୍ବର: ୧୫୩୦/୨୮୬୩, ଜମି ପରିମାଣ: ୫ ଡେସିମିଲ (ଘରବାଡ଼ି), ମୌଜା: ନିଜିଗଡ, ଥାନା: ଆଠଗଡ଼, ତହସିଲ: ଆଠଗଡ଼। ଏହି ପଟ୍ଟାଟି ଅନେକ ଖୋଜାଖୋଜି କରିଲେ ମଧ୍ୟ ମିଳିନାହିଁ। ଯଦି କେହି ସହୃଦୟ ବ୍ୟକ୍ତି ଏହି ପଟ୍ଟାଟି ପାଆନ୍ତି, ଦୟାକରି ନିମ୍ନୋକ୍ତ ଫୋନ୍ ନମ୍ବରରେ ଯୋଗାଯୋଗ କରିବେ। ଯୋଗାଯୋଗ: 9437317849, 8328822522. ଧ-୪୭

**AFFIDAVIT**

I, "Binaya Kujur", father and natural guardian of my minor daughter "Evanshi Kujur", resident of At- Sarberna, P.O.- Panchpara, P.S./Dist.- Jharsuguda, Odisha, PIN- 768204, hereby declare that my daughter's name has been spelling corrected from "Evanshi Kujur" to "Evvyanshi Kujur" for all purposes vide affidavit dated 06.04.2026 sworn before Executive Magistrate, Jharsuguda. Henceforth, she shall be known as "Evvyanshi Kujur" in all records and documents. D-62

By virtue of an affidavit sworn before Executive Magistrate, Loisingha, No.40 Dated- 06.04.2026, I, Sri Satyabrata Barik, At/P.O.- Jogisarda, P.S.- Loisingha, Dist.- Balangir, Odisha, PIN No.- 767020 declare that I have changed the name of my daughter from PARIDHI BARIK to NITU BARIK. Henceforth, she shall be known as NITU BARIK for all purposes.
Satyabrata Barik D-60

By virtue of an affidavit sworn before the Executive Magistrate, Sohela, No.04, Dtd.- 29.01.26, I, Baikuntha Duduka, S/o.- Mukteswar Duduka, R/o. Village/ P.O.- Petupali, P.S.- Melchhamunda, Dist.- Bargarh declare that I have changed the name of my son from Samir Duduka to Manikya Lal Duduka. Henceforth he shall be known as Manikya Lal Duduka for all purposes.
Baikuntha Duduka D-61

By virtue of an affidavit sworn before the Notary Public, Saintala, dtd.- 07.04.2026, I, Abhiram Budek, S/o.- Late Biranchi Budek, R/o. Village- Saintala (Girigobardhan Pada), P.O.- Saintala, P.S.- Saintala, Dist.- Balangir (Odisha), PIN- 767032 declare that now I have changed my son's name from Lipun Budek to Hemraj Budek. Henceforth, he shall be known as Hemraj Budek for all purposes.
Abhiram Budek D-59

By virtue of an affidavit sworn before the Executive Magistrate, Boudh, No.302, Dtd.- 07.04.26, I, Purastam Dehuri, R/o. Village- Pipalakata, P.O.- Kelakata, P.S./ Dist.- Boudh (Odisha), PIN- 762024, declare that I have changed the name of my son from Surhyakanti Dehury to Amit Dehuri. Henceforth he shall be known as Amit Dehuri for all purposes.
Purastam Dehuri D-58

**LEGAL NOTICE**

IN THE COURT OF THE HON'BLE DISTRICT JUDGE, BOUDH
R.F.A. No. 04 of 2025
(From the Judgment/ Decree dt. 07.12.2024/ 19.12.2024 in C.S. No. 69/2021 of the Court of Civil Judge (S.D.), Boudh)
Om Prakash Agrawala .....Appellant
-Versus-
Ranjan Kumar Sahu & Others .....Respondents

NOTICE

To,
Geetanjali Sahu, D/o- Late Ranjan Kumar Sahu,
R/o-N.A.C. Chhak, Boudh, P.O./P.S./ District.- Boudh
.....Respondent No. 1 (iii)

Take notice that an appeal from the decree of Civil Judge (S.D.), Boudh in Civil Suit No. 69/2021 has been presented by Sri S.C. Meher, Advocate, Boudh on behalf of the appellant and registered in this Court as R.F.A. No. 04/2025 and the 30th day of April, 2026 has been fixed by this Court for hearing of the appeal.

You are hereby directed to appear in person or through your pleader on the said 30th day of April, 2026 at 7.30 a.m. positively.

If no appearance is made on your behalf either by yourself or by your pleader, the appeal shall be heard and decided in your absence.

Given under my hand and seal of Court, this the 31st. day of March, 2026.
Sd./- District Judge, Boudh D-63

## ମଲ୍ଲୀ ଗଛରେ ଅଧିକ ଚେର ହେବା ପାଇଁ...

**ମ**ଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହର୍‌ମୋନ୍ ପାଉଡର ସଂଗ୍ରହ କରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣକରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ଜୁଲାଇ ମାସରେ ପଟାଳି କରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ।



## ସଅଳ ମୁଗ କିସମ

**ଆ**ଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇପିଏମ୍ ୦୨-୩, ଆଇପିଏମ୍ ୦୨-୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶୀ), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶୀ କାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣିଦିଅନ୍ତୁ। ବିହନକୁ ଫିମ୍ପନାଶକ ବିଷ ଓ ଜୀବାଣୁ କଲ୍‌ଚର ଉପଚାରକରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପି.ଏସ୍.ବି.) ସହିତ ଗୋଳାଇ ବୁଣନ୍ତୁ। ଘାସମରା ବିଷ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ। ଘାସମରା ବିଷ ପ୍ରୟୋଗକରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ା ଖୋସାକରି ଘାସ ବାଛିଦିଅନ୍ତୁ।



# ମାଟିର ମହକ



ପ୍ର. ସୁବୋଧ କୁମାର ସାହୁ

**ମା**ଟିର ଅନେକ ଗୁଣ ଅଛି । ସେଥିମଧ୍ୟରୁ ଏହାର ମହକ ଏକ ବିଶିଷ୍ଟ ଗୁଣ । ମାଟିର ମହକ କହିଲେ ଏହାର ବାସ୍ନା ଗୁଣକୁ ବୁଝାଏ । ମାଟିର ବାସ୍ନା, ମାଟି ଭିତରେ ଥିବା ଶିଳା , ଖଣିଜ ପଦାର୍ଥ , ପ୍ରାଣୀ ଏବଂ ଉଦ୍ଭିଦ ଦ୍ୱାରା ସୃଷ୍ଟି ହୋଇଥାଏ । ଶିଳା ମଧ୍ୟରେ ଆଗ୍ନେୟ, ସ୍ତରିକୃତ ଏବଂ ରୂପାନ୍ତରିତ ମୁଖ୍ୟ।

ଆଗ୍ନେୟ ଶିଳା, ଆଗ୍ନେୟଗିରି ଉଦ୍‌ଗିରଣରୁ ସୃଷ୍ଟି । ଉକ୍ତ ପ୍ରକ୍ରିୟା ଦ୍ୱାରା ନିର୍ଗତ ବିଭିନ୍ନ ବାଷ୍ପ ଯଥା: ସଲ୍‌ଫର ଡାଇଅକ୍ସାଇଡ୍, ଆମୋନିଆ ଏବଂ ଅଙ୍ଗାରକାମ୍ଳ ଆଦି ମୁଖ୍ୟ । ଉକ୍ତ ବାଷ୍ପ ସବୁ ବାୟୁମଣ୍ଡଳକୁ ଦୂଷିତକରେ। ସ୍ତରିକୃତ ଶିଳା ମଧ୍ୟରେ ନିସ୍ ଓ କ୍ୟାଲ୍‌ସିୟମ କାର୍ବୋନେଟ୍ ଅନ୍ତର୍ଭୁକ୍ତ । ଉକ୍ତ ଶିଳା ସହ ଜଳୀୟ ବାଷ୍ପ ସଂସ୍ପର୍ଶରେ ଆସିଲେ ଅଙ୍ଗାରକାମ୍ଳ ବାଷ୍ପ ବାହାରେ । ରୂପାନ୍ତରିତ ଶିଳା ମଧ୍ୟରେ ମାର୍ବଲ ଓ ସ୍ଲେଟ୍ ଦ୍ୱୟ ମୁଖ୍ୟ। ସ୍ତରିକୃତ ଶିଳା ପରି ଉକ୍ତ ଶିଳା ମାଟିରେ ଏବଂ ଅଧିକ ଦ୍ୱାରା ପ୍ରଭାବିତ ହୋଇ ଅଙ୍ଗାରକାମ୍ଳ ବାଷ୍ପ ସୃଷ୍ଟି କରି ମାଟିରେ ଜୈବିକ କାର୍ବୋନିକ୍ ଅମ୍ଳ ସୃଷ୍ଟିକରେ । ଏହାଦ୍ୱାରା ମାଟିରୁ ଅମ୍ଳ ବାସ୍ନା ବାହାରେ। ମାଟି ଭିତରେ ଥିବା ଖଣିଜ ଧାତୁ ମଧ୍ୟରେ ଲୁହାପଥର, ବକ୍ସାଇଟ, ସିସା, ତମ୍ବା, କ୍ରୋମାଇଟ୍, କୋଇଲା ଆଦି ମୁଖ୍ୟ। ଲୁହା ଜଳ ସଂସ୍ପର୍ଶରେ ଆସିଲେ ମାଟି ଲାଲ ହୋଇ ଫେରସ ଗନ୍ଧ ଦିଏ । ଏହାଦ୍ୱାରା ମାଟି ଲୁହା ବିଷାକ୍ତ ହୋଇ ଫସଲ ନଷ୍ଟ ହୁଏ । ବକ୍ସାଇଟ ମାଟିରେ ଜାରିତ ହୋଇ ଜଳ ସହ ମିଶି ଜଳକୁ ପ୍ରଦୂଷଣକରେ।

କୋଇଲା ମାଟିରେ ଜଳ ଏବଂ ସଂସ୍ପର୍ଶରେ ଆସିଲେ ସେଥିରୁ ଅଙ୍ଗାରକାମ୍ଳ ସହ ପୋଡ଼ାଳିଆ ଗନ୍ଧ ନିର୍ଗତ ହୁଏ । ଖଣିଜ ଦ୍ରବ୍ୟର ବିଭିନ୍ନ ଗନ୍ଧ ବା ବାସ୍ନାରୁ ଭୂବିଜ୍ଞାନୀମାନେ ଭୂଗର୍ଭରେ ଥିବା ଧାତୁ ବିଷୟରେ ଜ୍ଞାନ ଲାଭକରି ଖଣିଜ ଧାତୁ କରିବାରେ ବିଶେଷ ସୁବିଧା ହୁଏ । ମାଟି ଭିତରେ ବହୁବିଧ ବୃହତ୍ ଏବଂ କ୍ଷୁଦ୍ର ଜୀବ ବାସକରନ୍ତି । ବୃହତ୍ ଜୀବମାନଙ୍କ ମଧ୍ୟରେ ମୂଷା, ଚୁଚୁନ୍ଦ୍ରା, ବେଙ୍ଗ, କଇଁଚ଼, ଗେଣ୍ଡା ଆଦି ମୁଖ୍ୟ। ଏମାନେ ମାଟିରେ ଥିବା କ୍ଷୁଦ୍ର ପ୍ରାଣୀ ଏବଂ ଉଦ୍ଭିଦ ଖାଇ ବଞ୍ଚନ୍ତି । ଉକ୍ତ ପ୍ରାଣୀ ସବୁ ମାଟିକୁ ଖୋଳି ଏବଂ ଓଲଟପାଲଟ କରି ମାଟିରେ ବାୟୁ ଚ଼ଳାଚଳରେ ସାହାଯ୍ୟ କରନ୍ତି। ଏମାନଙ୍କ ଶରୀରରୁ ନିର୍ଗତ ବାସ୍ନାରୁ ପ୍ରାଣୀଙ୍କର ସ୍ଥିତି ଜଣାପଡ଼େ । ମାଟିରେ ଥିବା କ୍ଷୁଦ୍ର ଜୀବମାନଙ୍କ ମଧ୍ୟରେ ପିମ୍ପୁଡ଼ି, ଜନ୍ଦା,ଉଇ ଆଦିଙ୍କ ଶରୀରରୁ ଏକ ପ୍ରକାର ଲାଳ ନିର୍ଗତ ହୁଏ । ଉକ୍ତ ଲାଳ ଦ୍ୱାରା ମାଟିର ସାଜସଜ୍ଜାରେ ଉନ୍ନତି ଘଟି ମାଟି ଉର୍ବରତା ବଢ଼େ । ମାଟିରେ ନିମାଟୋଡ୍, ପ୍ରୋଟୋଜୋଆ, ରୋଟିଫେରସ୍ ଆଦି ଖାଲି ଆଖିକୁ ଦିଶୁ ନ ଥିବା ପରଜୀବୀ, ବୀଜାଣୁଙ୍କ ଶରୀରରୁ ନିର୍ଗତ ବାସ୍ନା ଏବଂ ଲାଳ ଦ୍ୱାରା କେତେକ ଫସଲର ଚ଼େରରେ ଗଣ୍ଠି ସୃଷ୍ଟି ହୁଏ । କଦଳୀ ଏବଂ ଅନେକ ପନିପରିବା ଫସଲ, ଏହାଦ୍ୱାରା ମାଟିରୁ ଖାଦ୍ୟ ସଂଗ୍ରହକରି ନ ପାରି ରୋଗାକ୍ରାନ୍ତ ହୁଅନ୍ତି । ଏହାଦ୍ୱାରା ଫସଲ ଉତ୍ପାଦନରେ ବାଧା ସୃଷ୍ଟି ହୁଏ । ମାଟିରେ ଅନେକ ବଡ଼, କ୍ଷୁଦ୍ର ଏବଂ ଖାଲି ଆଖିକୁ ଦେଖାଯାଉ ନ ଥିବା ଅତି କ୍ଷୁଦ୍ର ଉଦ୍ଭିଦ ଥାଆନ୍ତି । ବୃହତ୍ ଉଦ୍ଭିଦମାନଙ୍କ ଚ଼େରରୁ ଏସିଟିକ୍ , ସାଇଟ୍ରିକ୍, ଟାଟାରିକ୍ ଆଦି ଜୈବିକ ଅମ୍ଳ ନିର୍ଗତ ହୋଇ ମାଟିକୁ ଅମ୍ଳ ବାସ୍ନା ଦିଏ । ଉକ୍ତ ବାସ୍ନା ଦ୍ୱାରା ମାଟିରେ ଥିବା ଅନେକ ଉପକାରୀ ବୀଜାଣୁର ବଂଶ ବୃଦ୍ଧି ଘଟି ମାଟିକୁ ଉର୍ବର କରନ୍ତି ।

> "ମାଟି ଭିତରେ ବହୁବିଧ ବୃହତ୍ ଏବଂ କ୍ଷୁଦ୍ର ଜୀବ ବାସକରନ୍ତି । ବୃହତ୍ ଜୀବମାନଙ୍କ ମଧ୍ୟରେ ମୂଷା, ଚୁଚୁନ୍ଦ୍ରା, ବେଙ୍ଗ, କଇଁଚ଼, ଗେଣ୍ଡା ଆଦି ମୁଖ୍ୟ। ଏମାନେ ମାଟିରେ ଥିବା କ୍ଷୁଦ୍ର ପ୍ରାଣୀ ଏବଂ ଉଦ୍ଭିଦ ଖାଇ ବଞ୍ଚନ୍ତି । ଉକ୍ତ ପ୍ରାଣୀ ସବୁ ମାଟିକୁ ଖୋଳି ଏବଂ ଓଲଟପାଲଟ କରି ମାଟିରେ ବାୟୁ ଚ଼ଳାଚଳରେ ସାହାଯ୍ୟ କରନ୍ତି । ଏମାନଙ୍କ ଶରୀରରୁ ନିର୍ଗତ ବାସ୍ନାରୁ ପ୍ରାଣୀଙ୍କର ସ୍ଥିତି ଜଣାପଡ଼େ । ମାଟିରେ ଥିବା କ୍ଷୁଦ୍ର ଜୀବମାନଙ୍କ ମଧ୍ୟରେ ପିମ୍ପୁଡ଼ି, ଜନ୍ଦା,ଉଇ ଆଦିଙ୍କ ଶରୀରରୁ ଏକ ପ୍ରକାର ଲାଳ ନିର୍ଗତ ହୁଏ । ଉକ୍ତ ଲାଳ ଦ୍ୱାରା ମାଟିର ସାଜସଜ୍ଜାରେ ଉନ୍ନତି ଘଟି ମାଟି ଉର୍ବରତା ବଢ଼େ ।"



ଅନେକ ଗଛର ସୂକ୍ଷ୍ମ ଚ଼େର ମାଟିର କେତେକ ରୋଗ ବୀଜାଣୁ ଦ୍ୱାରା ଆକ୍ରାନ୍ତ ହୋଇ ମାଟିକୁ ଦୁର୍ଗନ୍ଧ ବାସ୍ନା ଦିଅନ୍ତି। ଉକ୍ତ ବାସ୍ନା ସଲଫର ଡାଇଅକ୍ସାଇଡ୍, ହାଇଡ୍ରୋଜେନ୍ ସଲ୍‌ଫାଇଡ୍ ଏବଂ ଆମୋନିଆ ବାଷ୍ପ ଯୋଗୁ ହୋଇଥାଏ । ଓଦା ଏବଂ ସନ୍ତସନ୍ତିଆ ମାଟିରେ କିଛି ଶୈବାଳଜାତୀୟ କ୍ଷୁଦ୍ର ଉଦ୍ଭିଦ ଥାନ୍ତି । ସେମାନଙ୍କ ମଧ୍ୟରୁ ନୀଳହରିତ ଶୈବାଳ ମୁଖ୍ୟ। ଉକ୍ତ ଉଦ୍ଭିଦ ବାୟୁମଣ୍ଡଳରୁ ନାଇଟ୍ରୋଜେନ୍ ଧରି ରଖି ମାଟିକୁ ଉର୍ବର କରନ୍ତି। ସେମାନଙ୍କର ଅବଶିଷ୍ଟାଂଶ ବିଘଟନ ଘଟି ମାଟିରେ ମିଥେନ ଏବଂ ଆମୋନିଆ ବିଷାକ୍ତ ବାଷ୍ପ ବାୟୁମଣ୍ଡଳକୁ ନିର୍ଗତ ହୁଏ । ଏହାଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହୁଏ । ମାଟିରେ ବିଭିନ୍ନ ପ୍ରକାର ମସୃମ ବା ଛତୁ, ଇଷ୍ଟ, ମୋଲଡ ଆଦି କବକଜାତୀୟ ଉଦ୍ଭିଦ ଥାଆନ୍ତି। ଉପଯୁକ୍ତ ପରିବେଶରେ ଏମାନଙ୍କର ବିକାଶ ଘଟିଲେ ଏଥିରୁ ଏକ ପ୍ରକାର ସୁଗନ୍ଧିତ ବାସ୍ନା ନିର୍ଗତହୁଏ । ଖାଦ୍ୟ ଉପଯୋଗୀ ଛତୁ ଏମାନଙ୍କ ମଧ୍ୟରୁ ଅନ୍ୟତମ । ଆମେ ଖାଉଥିବା ଛତୁର ବାସ୍ନା ଅତି ରୁଚ଼ିକର । ଶୁଷ୍କ ସୂକ୍ଷ୍ମ କର୍ଦ୍ଦମ ମାଟିରେ ଖାଲି ଆଖିକୁ ଦେଖାଯାଉ ନ ଥିବା ଏକ ପ୍ରକାର ଅତି ସୂକ୍ଷ୍ମ ବୀଜାଣୁ ବହୁ ସଂଖ୍ୟାରେ ଥାନ୍ତି । ଏମାନେ କବକ ନୁହନ୍ତି କି ବୀଜାଣୁ ଶ୍ରେଣୀଭୁକ୍ତ ନୁହନ୍ତି । ଏମାନଙ୍କୁ ଆକ୍ଟିନୋମାଇସେଟିସ୍ କୁହାଯାଏ । ଏମାନଙ୍କ ଶରୀରରେ ବହୁ ସଂଖ୍ୟାରେ ସୂତା ପରି ସୂକ୍ଷ୍ମ ପଦାର୍ଥ ଥାଏ। ଏମାନେ ଶୁଷ୍କ ମାଟିରେ ନିଷ୍କ୍ରିୟ ଥାନ୍ତି । ବର୍ଷା ଯୋଗୁ ମାଟି ସ୍ୱଳ୍ପ ଓଦା ହେଲେ ଆକ୍ଟିନୋମାଇସେଟିସ୍ ସକ୍ରିୟ ହୁଅନ୍ତି । ଏହି ସମୟରେ ଏମାନଙ୍କ ଶରୀରରୁ ଏକ ପ୍ରକାର ଧୂଳିଆ ବାସ୍ନା ବାହାରେ । ଉକ୍ତ ବାସ୍ନା ଉଚ୍ଚତ୍ତର ପ୍ରାଣୀଙ୍କ ପାଇଁ କିଛି କ୍ଷତିକାରକ ହୋଇ ନ ଥାଏ। ବିଶେଷଭାବରେ ଗୋରୁମାନେ ଉକ୍ତ ବାସ୍ନା ଦ୍ୱାରା ଚାଷ କାର୍ଯ୍ୟରେ ଅଧିକ ସକ୍ରିୟ ହୁଅନ୍ତି । ମାଟିର ମହକରୁ ମାଟି ଭିତରେ ଥିବା ଶିଳା ଏବଂ ଖଣିଜ ପଦାର୍ଥ ସମ୍ବନ୍ଧରେ ପ୍ରଥମ ସୂଚନା ପାଇଥାନ୍ତି । ସମୟ ସମୟରେ ଭୂଗର୍ଭକୁ ଖନନକରି ବିବିଧ ଖଣିଜ ପଦାର୍ଥ ସନ୍ଧାନ କରନ୍ତି । ମାଟିର ମହକ ମାଟିର ଉର୍ବରତାର ମାନରେ କିଛି ମାତ୍ରାରେ ସୂଚନା ଦିଏ । ଏହାଦ୍ୱାରା ଚାଷୀ କେଉଁ ଫସଲରେ କେତେ ପରିମାଣର ଖତ ଓ ରାସାୟନିକ ସାର ପ୍ରୟୋଗ କରିବେ ଏହାର ଏକ ଆନୁମାନିକ ଧାରଣା ପାଇ ପାରନ୍ତି ।

-ଶୈଳଶ୍ରୀ ବିହାର,ଭୁବନେଶ୍ୱର
ମୋ: ୯୫୫୬୨୬୬୦୮୫

## ଚାଷୀଙ୍କ ପାଇଁ...



**ବା**ଇଗଣ ମଞ୍ଜି ହେକ୍ଟର ପ୍ରତି ୨୫୦ ଗ୍ରାମ୍ ଏବଂ ଲଙ୍କାମରିଚ ମଞ୍ଜି ହେକ୍ଟର ପ୍ରତି ୩୫୦ ଗ୍ରାମ୍ ଆବଶ୍ୟକ। ଯଦି ସଙ୍କର କିସମର ବିହନ ବ୍ୟବହାର କରୁଥାନ୍ତି ତେବେ ବାଇଗଣ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଓ ଲଙ୍କାମଞ୍ଜି ୩୦୦ ଗ୍ରାମ୍ ବ୍ୟବହାର କରନ୍ତୁ। ବାଇଗଣର ଉନ୍ନତ କିସମଗୁଡ଼ିକ ହେଲା - ମୁକ୍ତକେଶୀ, ପୁଷାକ୍ରାନ୍ତି, ଉତ୍କଳ ମାଧୁରୀ, ଉତ୍କଳ ତାରିଣୀ, ବ୍ଲୁଷ୍ଟାର୍, ଗ୍ରୀନ୍ ଷ୍ଟାର୍ । ସଙ୍କର ଜାତୀୟ କିସମ ହିସାବରେ ଜେକେ-୮୦୩୧, ଜେକେ-୮୦୩୫, ତାରିଣୀ, ଅଖିତା, ସୁଗ୍ରୋ-୧୩୨, ସୁଗ୍ରୋ-୩୮, ଭି.ଏନ୍.ଆର୍.-୦୦୫ ଆଦି ଚାଷକଲେ ଭଲ ଅମଳ ମିଳିପାରିବ । କଖାରୁ, ଜହ୍ନି, କାକୁଡ଼ି, କଲରା, ପୋଟଳ, ଛଚିନ୍ଦ୍ରା ଆଦି ଲଗା ସରିଥିଲେ କୋଡ଼ାଖୁସା କରି ପ୍ରଥମ କିସ୍ତି ସାର ଦେଇ ହୁଡ଼ା ଟେକି ରଞ୍ଜା ଦିଅନ୍ତୁ। ଭେଣ୍ଡି ଫସଲ କୋଡ଼ାଖୁସାକରି ସାର ଦେଇ ହୁଡ଼ା ଟେକନ୍ତୁ।

## ନୂଆ ଫସଲ ଯୋଜନା



**ବ**ର୍ଷାଧାର ଜମିରେ ଧାନ ବଦଳରେ ବିଭିନ୍ନ ଅଣଧାନ ଫସଲ ଯଥା - ମକା, ମାଣ୍ଡିଆ, ମୁଗ, ବିରି, ଝୁଡ଼ଙ୍ଗ, ହରଡ଼, ଚିନାବାଦାମ, ରାଶି, ପନିପରିବା ଇତ୍ୟାଦି ଚାଷକରନ୍ତୁ। ମରୁଡ଼ିପ୍ରବଣ ଡିପଜମିରେ ଧାନ କିମ୍ବା ହରଡ଼ ସହ ବିଭିନ୍ନ ଅନ୍ତଃଫସଲ (ପନିପରିବା, ମକା, ଡାଲିଜାତୀୟ ଫସଲ)ଚାଷ କରନ୍ତୁ। ଗୋଟିଏ ଜମିରେ ବାରମ୍ବାର ଗୋଟିଏ ଫସଲ ନ କରି ଫସଲ ପର୍ଯ୍ୟାୟ ଅବଲମ୍ବନ କରନ୍ତୁ। ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ। ଏହା ମହୁମାଛି ତଥା ପରାଗ ସଙ୍ଗମକୁ କ୍ଷତି କରିବ। ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ। ପରାଶ୍ରୟୀ ପୋକମାନଙ୍କୁ ପ୍ରୟୋଗକରି କୀଟ ନିୟନ୍ତ୍ରଣ କରିବା ପାଇଁ କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର ସହ ଯୋଗାଯୋଗ କରନ୍ତୁ।

## ପନିପରିବା ତଳି ପଟାଳିରେ ସାର ପ୍ରୟୋଗ



**ପ**ନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜ କରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼ାଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ। ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ। ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ ।

# ସଘନ ମାଛଚାଷ

**ମା**ଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲା ପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଏହାଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ଭଲଭାବେ ବଢ଼ିଥାନ୍ତି । ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାରହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ୧ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ।





## ଆଖୁ କିଆରିରେ ଭେଳାବନ୍ଧା କାମ

**ଜ**ମିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଫସଲ ୪-୫ ମାସର ହୋଇଗଲେ ଭେଳାବନ୍ଧା କାମ କରନ୍ତୁ। ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ। ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକର ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍ x ଇଣ୍ଡକ୍ସାକାର୍ବ ୫୦୦ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ। ସଅଳ କାଣ୍ଡବିନ୍ଧା କୀଟ ଦମନକରିବା ପାଇଁ ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ । ପ୍ରତି କନ୍ଦାରେ ଫିପ୍ରୋନିଲ୍ ଦାନାଦାର ବିଷର ୩-୪ଟି ଦାନା ପ୍ରୟୋଗ କରନ୍ତୁ। ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ। ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୮/୨୦୨୬ Bhubaneswar, Wednesday, April 8/ 2026




# ବାଳିକାରେ ଓଡ଼ିଶା, ବାଳକରେ ବିହାର ଚାମ୍ପିୟନ




ବାଳିକା ବିଭାଗରେ ଚାମ୍ପିୟନ ଓଡ଼ିଶା ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୭।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ୧୭ ବର୍ଷରୁ କମ୍ ଜାତୀୟ ବିଦ୍ୟାଳୟ ସମୂହ (ଏସ୍‌ଜିଏଫ୍‌ଆଇ) ରଗ୍‌ବୀ ଚାମ୍ପିୟନଶିପ୍ ମଙ୍ଗଳବାର ଶେଷ ହୋଇଛି। ଏହାର ବାଳିକା ବର୍ଗରେ ଓଡ଼ିଶା ଚାମ୍ପିୟନ ହୋଇଥିବାବେଳେ ବାଳକରେ ବିହାର ଟାଇଟଲ ହାସଲ କରିଛି। ବାଳିକା ବର୍ଗରେ ମହାରାଷ୍ଟ୍ର ଏବଂ ଦିଲ୍ଲୀ ଦଳ ଯଥାକ୍ରମେ ତୃତୀୟ ଏବଂ ଚତୁର୍ଥ ସ୍ଥାନ ହାସଲ କରିଛି। ସେହିପରି ବାଳକ ବର୍ଗରେ ଓଡ଼ିଶା କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି। ମହାରାଷ୍ଟ୍ର ଏବଂ ରାଜସ୍ଥାନ ଦଳ ଯଥାକ୍ରମେ ତୃତୀୟ ଏବଂ ଚତୁର୍ଥ ସ୍ଥାନ ଅଧିକାର କରିଛି। ଆସନ୍ତା ୯ ଓ ୧୦ରେ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ ପ୍ରତିଯୋଗିତା ହେବ। ୧୭ ବର୍ଷରୁ କମ୍ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଯେଦୁଲା ବିଜୟ ମୁଖ୍ୟ ଅତିଥି ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କରକରା, ସହକାରୀ ନିର୍ଦ୍ଦେଶକ (ପିଇଟି) ଜ୍ୟୋତି ପ୍ରସାଦ ପରିଡ଼ା, ଟୁର୍ନାମେଣ୍ଟ ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଯେଦୁଲା ବିଜୟ ଯୁବ ଖେଳାଳିମାନଙ୍କୁ ସେମାନଙ୍କର ସମର୍ପଣ, ଶୃଙ୍ଖଳା ଏବଂ କ୍ରୀଡା ମନୋଭାବ ପାଇଁ ପ୍ରଶଂସା କରିଥିଲେ। ସେ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଆଗକୁ ବିଭିନ୍ନ କ୍ଷେତ୍ରର ପ୍ରତିଯୋଗିତାରେ ଭାଗନେବାକୁ ଉତ୍ସାହିତ କରିଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କରକରା ବ୍ୟକ୍ତିତ୍ୱ ଗଠନରେ ବିଦ୍ୟାଳୟ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଟୁର୍ନାମେଣ୍ଟ ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ ସଫଳତାର ସହିତ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଓଡ଼ିଶାକୁ ପ୍ରଶଂସା କରିଥିଲେ। ଏହିପରି ଚାମ୍ପିୟନଶିପ୍ ତୃଣମୂଳ ସ୍ତରରେ ରଗ୍‌ବୀକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ।

**ଜାତୀୟ ୧୭ ବର୍ଷରୁ କମ୍ ବିଦ୍ୟାଳୟ ସମୂହ ରଗ୍‌ବୀ**

# ସର୍ବଭାରତୀୟ ପବ୍ଲିକ୍ ସେକ୍ଟର ବ୍ୟାଡ୍‌ମିଣ୍ଟନ ଆରମ୍ଭ

**ଭୁବନେଶ୍ୱର, ୭।୪(ତପନ ସ୍ୱାଇଁ)**

ନାଲ୍‌କୋ ଆନୁକୂଲ୍ୟରେ ସର୍ବଭାରତୀୟ ପବ୍ଲିକ୍ ସେକ୍ଟର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମଙ୍ଗଳବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ସର୍ବଭାରତୀୟ ପବ୍ଲିକ୍ ସେକ୍ଟର ବୋର୍ଡର କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟା ଥିବା ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଏହି ପ୍ରତିଯୋଗିତା ପାଇଁ ନାଲ୍‌କୋର ଟିମ୍ ମ୍ୟାନେଜର ନିଯୁକ୍ତ ହୋଇଛନ୍ତି। ନାଲ୍‌କୋ ପ୍ରଥମଥର ପାଇଁ ଏହି ସମ୍ମାନ୍‌ଜନକ ପ୍ରତିଯୋଗିତା ଆୟୋଜନ କରୁଛି। ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ପାଖାପାଖି ୩୦୦ ଆଥ୍‌ଲେଟ୍ ଓ ଅଫିସିଆଲ ଅଂଶଗ୍ରହଣ କରିଛନ୍ତି। ଅଂଶଗ୍ରହଣକାରୀ ଦଳଗୁଡ଼ିକ ହେଲେ ଏଏଆଇ, ବିଏଚ୍‌ଇଏଲ୍, କୋଲ୍ ଇଣ୍ଡିଆ, ସିଏଜି, ଇଏସ୍‌ଆଇସି, ଏଫ୍‌ସିଆଇ, ଏଲ୍‌ଆଇସି, ମାଜାଗନ ଡକ୍, ନାଲ୍‌କୋ, ଏନ୍‌ଏଲ୍‌ସି, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ, ଆର୍‌ବିଆଇ ଓ ସେଲ୍।




ଉଦ୍‌ଘାଟନୀ ସମାରୋହରେ ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂ ଓ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ।

# ବିସିବି ସଭାପତି ପଦରୁ ଅମିନୁଲ ବହିଷ୍କୃତ, ତମିମଙ୍କୁ ଦାୟିତ୍ୱ

**ଢାକା, ୭।୪(ପି.ଟି.)**

**ବିସିସିଆଇ-ବିସିବି ଦ୍ୱିପାକ୍ଷିକ ସମ୍ପର୍କ ପୁନଃ ସ୍ଥାପନ ପ୍ରସଙ୍ଗ**

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହିତ ଦ୍ୱିପାକ୍ଷିକ ସମ୍ପର୍କ ପୁନଃ ସ୍ଥାପନ ପାଇଁ ବାଂଲାଦେଶ କ୍ରିକେଟ୍ ବୋର୍ଡ(ବିସିବି) ତରଫରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଦେଶର ନ୍ୟାଶନାଲ ସ୍ପୋର୍ଟ୍ସ କାଉନ୍‌ସିଲ (ଏନ୍‌ଏସ୍‌ସି) ମଙ୍ଗଳବାର ବିସିବିର ସଭାପତି ପଦରୁ ଅମିନୁଲ ଇସ୍‌ଲାମ ବୁଲ୍‌ବୁଲ୍‌ଙ୍କୁ ବହିଷ୍କାର କରିଛି। ଏଥିସହିତ ସାନି ନିର୍ବାଚନ ହେବା ପର୍ଯ୍ୟନ୍ତ ଦୈନନ୍ଦିନ ବ୍ୟାପାର ବୁଝାଶୁଝା କରିବା ଲାଗି ଏକ ଆଡହକ୍ କମିଟି ଗଠନ କରିଛି। ବିସିବି ସୂତ୍ରରୁ ପ୍ରକାଶ, ଟି୨୦ ବିଶ୍ୱକପ୍ ସମୟରେ ହୋଇଥିବା ଗଡ଼ବଡ଼ କାରଣରୁ କାମଚଳା ସରକାରଙ୍କ ପରାମର୍ଶଦାତା ଅସିଫ ନଜରୁଲ୍‌ଙ୍କ ନିର୍ଦ୍ଦେଶକ୍ରମେ ବୁଲ୍‌ବୁଲ୍ ଗ୍ଲୋବାଲ ଇଭେଣ୍ଟରେ ଭାଗ ନେବାଲାଗି ଭାରତ ଗସ୍ତ ପାଇଁ ଅନୁମତି ଦେଇ ନ ଥିଲେ। ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍‌ରୁ ବହିଷ୍କାର କରିବା ଘଟଣାର ପ୍ରତିବାଦସ୍ୱରୂପ ମୁମ୍ବାଇ ଓ କୋଲ୍‌କାତାରେ ଖେଳାଯିବାକୁଥିବା ବାଂଲାଦେଶ ମ୍ୟାଚ୍‌ଗୁଡ଼ିକୁ ଶ୍ରୀଲଙ୍କା ସ୍ଥାନାନ୍ତର କରିବା ଲାଗି ମନ୍ତ୍ରଣା ଦେଇଥିଲେ। ନଜରୁଲ୍ ଜଣେ ଭାରତବିରୋଧୀ କଠୋରପନ୍ଥୀ ଭାବେ ଜଣାଶୁଣା। ଏହି ସମସ୍ତ ପ୍ରସଙ୍ଗରେ ବୁଲ୍‌ବୁଲ୍ କେବଳ ଜଣେ ଦର୍ଶକ ସାଜିଥିଲେ। ତାଙ୍କ ପାଇଁ ଗତ କିଛିଦିନ ମଧ୍ୟରେ ୬ ଜଣ ନିର୍ଦ୍ଦେଶକ ବିସିବିରୁ ଇସ୍ତଫା ଦେଇ ସାରିଛନ୍ତି। ବାଂଲାଦେଶର ପୂର୍ବତନ ଅଧିନାୟକ ଏବଂ ଦେଶର ମହାନ୍ ଓପ୍‌ନର ତମିମ୍ ଇକ୍‌ବାଲଙ୍କୁ ୧୧ ଜଣିଆ ଆଡହକ୍ କମିଟିର ମୁଖ୍ୟ କରାଯାଇଛି। ଆସନ୍ତା ୯୦ ଦିନ ମଧ୍ୟରେ କ୍ରିକେଟ୍ ବୋର୍ଡ ନିର୍ବାଚନ କରାଇବା ତାଙ୍କର ମୁଖ୍ୟ କାର୍ଯ୍ୟ ହେବ। ବର୍ତ୍ତମାନର ବିସିବି ବୋର୍ଡକୁ ଭଙ୍ଗ କରାଯିବା ସହ ଏହାର ଦୈନନ୍ଦିନ କାର୍ଯ୍ୟ ଦେଖାଚାହାଁ କରିବା ଲାଗି ଏକ ଆଡହକ୍ କମିଟି ଗଠନ କରାଯାଇଥିବା ସମ୍ପର୍କରେ ଏନ୍‌ଏସ୍‌ସି ନିର୍ଦ୍ଦେଶକ ଅମିନୁଲ ଏହେସାନ ଇତିମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି)କୁ ଅବଗତ କରାଇସାରିଛନ୍ତି।




# ସୂର୍ଯ୍ୟବଂଶୀ–ଜୟସ୍ୱାଲଙ୍କ ବିସ୍ଫୋରକ ବ୍ୟାଟିଂ

**ଗୁଆହାଟୀ, ୭।୪**

ଚଳିତ ଆଇପିଏଲ୍‌ରେ ମଙ୍ଗଳବାର ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିଛନ୍ତି। ଯଶସ୍ୱୀ ଜୟସ୍ୱାଲଙ୍କ ଅପରାଜିତ ୭୭ ରନର ଇନିଂସ ବଳରେ ରାଜସ୍ଥାନ ପ୍ରତିପକ୍ଷ ମୁମ୍ବାଇ ଆଗରେ ୧୫୧ ରନର ଟାର୍ଗେଟ ଛିଡ଼ା କରିଛି। ଲଗାଣ ବର୍ଷା କାରଣରୁ ମ୍ୟାଚ୍‌କୁ ୧୧ ଓଭର ମଧ୍ୟରେ ସୀମିତ ରଖାଯାଇଥିଲା। ଟସ୍ ଜିତି ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ପାଇଁ ଯଶସ୍ୱୀ ଜୟସ୍ୱାଲ ଓ ବୈଭବ ସୂର୍ଯ୍ୟବଂଶୀ ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଦୀପକ ଚହରଙ୍କ ପ୍ରଥମ ଓଭରରେ ଜୟସ୍ୱାଲ ୧ ଛକା ଓ ୪ ଚୌକା ସହ ୨୨ ରନ ଆଦାୟ କରିଥିବା ବେଳେ ଦ୍ୱିତୀୟ ଓଭରରେ ଯଶପ୍ରୀତ ବୁମରାଙ୍କୁ ୨ଟି ଛକା ମାରିବା ସହ ସୂର୍ଯ୍ୟବଂଶୀ ୧୪ ରନ କରିଥିଲେ। ମାତ୍ର ୨.୪ ଓଭରରେ ଦଳୀୟ ସ୍କୋର ୫୫ରେ ପହଞ୍ଚିଥିଲା, ଯାହାକି ଆଇପିଏଲ୍ ଇତିହାସରେ ଅନ୍ୟତମ ଦଳଗତ ଦ୍ରୁତତମ ଅର୍ଦ୍ଧଶତକ ଥିଲା। ଦୁହେଁ ୫ ଓଭରରେ ୮୦ ରନ ଯୋଡ଼ିଥିଲେ। ସୂର୍ଯ୍ୟବଂଶୀ ୧୪ ବଲରେ ୧ ଚୌକା ଓ ୫ ଛକା ସହିତ ୩୯ ରନ କରି ପ୍ରଥମ ବ୍ୟାଟର ଭାବେ ପାଭିଲିଅନ ଫେରିଥିଲେ। ନଂ-୩ରେ ଆସିଥିବା ଧ୍ରୁବ ଜୁରେଲ (୨) ଫେଲ ହୋଇଥିବା ବେଳେ ଅଧିନାୟକ ରିୟାନ ପରାଗ ୧୦ ବଲରେ ୨୦ (୧ ଚୌକା ଓ ୨ ଛକା) ରନ କରିଥିଲେ। ଶେଷ ଆଡ଼କୁ ଶିମରନ ହେଟମାୟର ମାତ୍ର ୬ ରନ କରିଥିଲେ। ଫଳରେ ରାଜସ୍ଥାନ ୧୧ ଓଭରରେ ୩ ଉଇକେଟ ହରାଇ ୧୫୦ ରନ କରିବାକୁ ସକ୍ଷମ ହୋଇଥିଲା।




ଅର୍ଦ୍ଧଶତକ ହାସଲ ପରେ ଯଶସ୍ୱୀ ଜୟସ୍ୱାଲ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ: ୧୧ ଓଭରରେ ୧୫୦/୩(ଯଶସ୍ୱୀ ଜୟସ୍ୱାଲ-୭୭*, ବୈଭବ ସୂର୍ଯ୍ୟବଂଶୀ-୩୯, ରିୟାନ ପରାଗ-୨୦, ଏ ଘଜନଫର-୨/୨୧, ଶାର୍ଦ୍ଦୂଳ ଠାକୁର-୧/୩୬)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଦିଲ୍ଲୀ ବନାମ ଗୁଜରାଟ
ସ୍ଥାନ: ନୂଆଦିଲ୍ଲୀ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଦିଲ୍ଲୀ ବିପକ୍ଷରେ ଖେଳିବେ ଗିଲ୍

**ନୂଆଦିଲ୍ଲୀ,୭।୪(ପି.ଟି.)**

ଗୁଜରାଟ ଟାଇଟନ୍ସ ଅଧିନାୟକ ଶୁବମନ ଗିଲ୍ ମାଂସପେଶୀ ଜନିତ ସମସ୍ୟାରୁ ରିକଭର କରିଛନ୍ତି। ଏହି ଆହତ ସମସ୍ୟା ଯୋଗୁ ସେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରୁ ବାଦ୍ ପଡ଼ିଥିଲେ। ତାଙ୍କ ଅନୁପସ୍ଥିତିରେ ଲେଗ୍ ସ୍ପିନର ରସିଦ୍ ଖାନ୍ ଦଳର ନେତୃତ୍ୱ ଦାୟିତ୍ୱ ତୁଲାଇଥିବା ବେଳେ କୁମାର କୁଶାଗ୍ର ଓପନିଂ ଭାର ସମ୍ଭାଳିଥିଲେ। ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ହେବାକୁ ଥିବା ମ୍ୟାଚ୍‌ରେ ସେ ଖେଳିବେ। ଏ ନେଇ ତାଙ୍କ ସାଥି ଓପନର ସାଇ ସୁଦର୍ଶନ ମ୍ୟାଚ୍ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ